# ଉତ୍କଳ ଗୌରବ
# Utkal Gauraba

2018

Oriya Cultural & Welfare Association, New Delhi



# PROTASAHAN



**Name :** Shruti Samal

**D/o :** Shri Bimal Prasad Samal & Smt. Itishree Samal

**School :** Hans Raj Model School

**Achievements :** Secured 96% in Class X (CBSE) in 2018



**Name :** Saksham Mohanty

**S/o :** Shri Ajay Mohanty & Smt. Sasmita Mohanty

**Achievements :** Received Silver Medal in Show Jumping in the Junior National Equestrian Championship held in MP State Equestrian Academy, Bhopal in Dec'17

# ଉତ୍କଳ ଗୌରବ
# Utkal Gauraba

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃଭାଷା"
(ସ୍ୱଭାବ କବି ଗଙ୍ଗାଧର ମେହେର)

Oriya Cultural & Welfare Association TM
OCWA

**Oriya Cultural and Welfare Association (OCWA)** is voluntary organization incepted in the year 1992, formally incorporated on 31st October 2005 under the Societies Registration Act, 1860, dedicated to the pursuit of excellence in the promotion and propagation of Odia Culture & Language in Delhi and NCR through socio-cultural events and developmental activities.

We work with wide range of professionals from all walks of life to upkeep the culture of Odisha in terms of literature, arts & crafts and contemporary life.

## Our Mission :

To preserve, perpetuate and promote the odia culture and communities with a mission statement.

**"Eka mana, Eka Prana**
**Eka Pranta, Eka Chinha,**
**Which means getting Odias together"**

## Our Vision :

To promote, team spirit, transparency and building trust among our fellow Odias.

With the stated mission and vision, we have been successful in reaching out to our youth and several of them have come forward to become active members of the OCWA society.

Cover art by :
Jhas Ketan Sahoo
Class - VII, Modern Convent School, Delhi

Published by
**Oriya Cultural & Welfare Association (Regd.)**
Registration No. : S-54118 of 2005
BD-11, Janakpuri, New Delhi-110058
E-mail : info@ocwa.in , ocwa.regd@gmail.com
Website : www.ocwa.in

**Editorial Board**

Bijay Mohanty
Prakash Prusty

## Activities Undertaken

The forum is very active throughout the year with various kind of activities which bring together Odias from all aspects of life. Some of the activities undertaken are :

- Celebrating Sri Ganesh Puja on Ganesh Chaturthi. We (OCWA) host a gathering of large number of people and serve ethnic odia culinary to all invitees, participants and members every year.
- Publishing " Utkal Gauraba", an odia magazine from New Delhi. What best could be promote the Odia language other than to publish and distribute the magazine to all members and non-members.
- Blood Donation Camps are organized every year in association with Indian Red Cross Society.
- Health Camps are also organized time and again to spread the awareness amongst the people.
- OCWA does not lack behind in contributing towards the upliftment of the children of lower income group Odia people in Delhi. Time and again, we distribute study materials to needy children.
- OCWA organizes picnics and get-together on the occasion of Odia festivals to strengthen the bond amongst the associated family members.

## Forthcoming Objective :

The OCWA members realize the need to awaken the spirits of Odia people and simultaneously understand the utmost necessity to keep alive the Odia lingo.

With this noble thought in mind and zeal at heart, OCWA members aspire to establish a library and cultural center which will help in its own way to contribute towards the up-keep of Odia language, culture, heritage and literature.

The main purpose of setting up the library is to help the interested children to learn and grasp the culture and language of Odisha during their leisure and vacation period and to provide Odia literature, fiction, and newspaper to all strata of the Odia fraternity.

## ସୂଚୀପତ୍ର CONTENTS

Activities Undertaken ........ 02
Messages ........ 04
ସଭାପତିଙ୍କ କଲମରୁ ........ ୦୭
Executive Body........ 08
Members ........ 09
Sponsors for Ganesh Puja ........ 10
Membership Form ........ 105

### ❑ କବିତା ❑

ଅନେକ ଦିନ ପରେ ........ ୧୧
ନୀଳ କଇଁ ........ ୧୧
ବର୍ଷା ଆସିଲେ ଆସୁ ........ ୧୨
ଶବ୍ଦର ସମ୍ପର୍କ ମାନ ........ ୧୪
ଏବେ ବଂଚିବାର ବେଳ ........ ୧୫
ମା' ତୁ ଫେରିଯାଆ ........ ୧୫
ମାଟିର କବିତା ........ ୧୬
ସ୍ମୃତିର ଚାରି ରୂପ ........ ୧୬
ମୁଁ କାହିଁକି ପାଗଳ ହେବିନି........ ୧୭
' ମୁଁ ଗଣେଶ କହୁଛି ' ........ ୧୮
ମୁଠାଏ ବିଶ୍ୱାସ ........ ୧୯
ସାତ ସପନ ........ ୧୯
'ବାକି ଥାଉ କିଛି କଥା' ........ ୨୦
ସେ ପ୍ରୀତି ପସରା ........ ୨୦
ସେଠି ପହଁଚିଲା ପରେ ........ ୨୦
ହେ ପାଷାଣ ଦେବତା ........ ୨୧
ରାମ ଦାସ ତୁମେ ଜିତି ଗଲ ........ ୨୧
ସୁନ୍ଦରତାର ଆସର ........ ୨୨
ଅକ୍ଷୟ ତୃତୀୟା ........ ୨୨
ଶାଶୁସଂଘର ଦାବି ! ........ ୨୩

### ❑ ଗଳ୍ପ/ପ୍ରବନ୍ଧ ❑

ଅସ୍ତ ସୂର୍ଯ୍ୟର ରଙ୍ଗ ........ ୨୪
ପାନେ ପାଇଥା ଗୁଣ ଗାଉଥା ........ ୩୦
'ଓଁକାର ପରଂବ୍ରହ୍ମ ଶ୍ରୀ ଜଗନ୍ନାଥ ........ ୩୩
ଆକାଶର ଛତା ତଳେ ଜୀବନ ........ ୩୫
ଭୂତ ........ ୩୫
ବଣ ମାଳତୀ ........ ୩୭
'ଶିମିଳିପାଳ' ପ୍ରକୃତିର ଗନ୍ତାଘର ........ ୪୨
ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଆମ କର୍ତ୍ତବ୍ୟ ........ ୪୬
ସୌଭାଗ୍ୟବତୀ ........ ୪୭
ମୁଖ ନଫିଟିଲେ ଦୁଃଖ ନଯାଏ ........ ୪୮
'ତିର୍ତ୍ତୋଲ ଆଉ କ'ଣ ଥିବ' ........ ୫୩
ଉତ୍କଳର ନିଆରା ପରଂପରା'ପିଠା' ........ ୫୫
ପରିବେଶ ପ୍ରଦୂଷଣ, କାରଣ ଓ ପରିଣାମ ........ ୫୮
ଶାନ୍ତିନିକେତନରୁ ଦାର୍ଜିଲିଂ ........ ୬୨
ଛୁଟି ........ ୬୮
ପ୍ରତାରଣା ଦେଇ ଚାଲିଗଲା ସିଏ........ ୭୦
ଆମ ଗାଁ...ଆମ ମା ........ ୭୪

### ❑ Photographs ❑

Ganesh Puja 2017 ........ 83
Blood Donation Camp ........ 86

### ❑ English Articles ❑

My Visit to Ice Continent Antarctica ........ 89
Shree Jagannatha–The Symbol of Conjugal Bliss.. 93
Utkalamani Gopabandhu Das as the Protagonist of Social Modernisation ........ 97
Debasnana Purnima ........ 104
Act of hopping the Deers ........ 104

ନବୀନ ପଟ୍ଟନାୟକ
ମୁଖ୍ୟ ମନ୍ତ୍ରୀ, ଓଡିଶା



सत्यमेव जयते

ରାଜ୍ୟ ସଚିବାଳୟ
ଭୁବନେଶ୍ୱର

# ବାର୍ତ୍ତା

ନୂଆ ଦିଲ୍ଲୀର ଓଡ଼ିଆ କଲ୍ଚରାଲ ଆଣ୍ଡ ୱେଲଫେୟାର ସଂଘ ପକ୍ଷରୁ ଉତ୍କଳ ଗୌରବ ନାମକ ଏକ ଦ୍ୱିଭାଷୀ ସ୍ମରଣିକା ପ୍ରକାଶିତ ହେଉଥିବା ଜାଣି ମୁଁ ଆନନ୍ଦିତ।

ଏହି ଅବସରରେ ସଂଘର ସଦସ୍ୟ ମାନଙ୍କୁ ମୋର ଶୁଭେଚ୍ଛା ଜଣାଇବା ସହିତ ପ୍ରକାଶନର ସଫଳତା କାମନା କରୁଛି ।

(ନବୀନ ପଟ୍ଟନାୟକ)

ଦୂରଭାଷ : 0674 -2531100 ( କାର୍ଯ୍ୟାଳୟ ) 0674 -2591099 (ବାସଭବନ), ଫାକ୍ସ: 0674 -୧୫୩୧୧୦୦ ( କାର୍ଯ୍ୟାଳୟ ) 0674 -25910833 ଇ-ମେଲ: cmo@nic.in



**Dr. S. C. JAMIR**
Governor, Odisha

सत्यमेव जयते

RAJ BHAVAN
BHUBANESWAR - 751 008

February 07, 2018

## MESSAGE

I am glad to know that Oriya Cultural & Welfare Association, New Delhi is bringing out the 12th edition of Souvenir named ' Utkal Gauraba' in Odia/English language.

For a Cultural & Welfare Association main objectives are to develop, encourage and promote cultural, welfare and social activities. I would like to urge upon Oriya Cultural & Welfare Association to stay focused, dedicated and devoted and render best service upholding the spirit of Odisha and Odias. The Souvenir would be enlightening on many many facets of pride of Odisha.

I wish the publication all success.

(S.C. Jamir)

Tel. : 91-674-2536111/2536222, Fax : 91-674-2536582, E-mail : govodisha@nic.in, Website : www.rajbhavanodisha.gov.in

# Indian Red Cross Society NHQ Blood Bank

1, Ring Cross Road, New Delhi, Central Delhi
Phone : 011-23711551, Fax : 011-23717454, E-mail : drvanshree2002@yahoo.co.in

## Oriya Cultural and Welfare Association
## Camp Blood Donor List

Camp Date : 25-FEB-2018

| Sl.No. | Name of Donor | Mobile No. |
|---|---|---|
| 1. | B. Ravi Shankar | 9940674952 |
| 2. | Subhrajit Parida | 9560896633 |
| 3. | Sandip Kumar Sahoo | 7008708287 |
| 4. | Sanjay Kumar | 9560650652 |
| 5. | Surendra Kumar Baxi | 9437222407 |
| 6. | Nayan Kishore Das | 8851639898 |
| 7. | Sharad Kumar Jha | 9971215545 |
| 8. | Sanjit Mohanty | 9871146773 |
| 9. | Amit Shekhar | 9953438213 |
| 10. | Pradeepta Bhuyan | 9868357661 |
| 11. | Naveen Sharma | 9871909525 |
| 12. | Prashant Kumar Das | 9868090272 |
| 13. | Prabhat | 8076523438 |
| 14. | Rahul Gola | 9873553624 |
| 15. | Rajeev Pal | 9717346127 |
| 16. | Sanjaay Panchal | 7827149330 |
| 17. | Amit | 9540664740 |
| 18. | Soubhagya Kumar Bhol | 9868206495 |
| 19. | Hruday Ranjan Bhuyan | 9868783777 |
| 20. | Sunil Kumar Das | 9437970588 |
| 21. | Sanjay Bal | 9650994545 |
| 22. | Sandeep Kumar Subudhi | 9711275978 |
| 23. | Ashwani Samantaray | 9311508066 |
| 24. | Animesh Roul | 9871321997 |
| 25. | Surajit Patnaik | 9910050084 |
| 26. | Gagan Deep Singh | 8802424529 |
| 27. | Suresh Kumar Swain | 9868945771 |
| 28. | Rashmi Sharma | 8447861385 |
| 29. | Amit Anand | 7042200491 |
| 30. | Deepak Kumar Bhuyan | 7894571014 |
| 31. | Prabhat Kumar Bhuyan | 9968783788 |
| 32. | Jeetendra Kumar Sahoo | 9899124290 |
| 33. | Kapil Bansal | 7042950781 |
| 34. | Bhupinder Singh | 9560907673 |
| 35. | Prashant Kumar Nayak | 9811319764 |
| 36. | Baruna Sahoo | 9310084488 |
| 37. | Basant Kumar Sahoo | 9891948232 |
| 38. | Bhupinder Singh | 9953139827 |
| 39. | Hatish Goswami | 9971962597 |
| 40. | Sanjay Kumar | 9711915702 |
| 41. | Pradipt Kumar Bhuyan | 8658878546 |
| 42. | Manmeet Singh | 9899337070 |
| 43. | Vijay Thakur | 9971448400 |
| 44. | Prabhat Kumar | 9971079973 |

# ସଭାପତିଙ୍କ କଲମରୁ

ପ୍ରିୟ ବନ୍ଧୁ

"ଉତ୍କଳ ଗୌରବ" ର ଦ୍ୱାଦଶ ସଂସ୍କରଣକୁ ଆପଣଙ୍କ ହାତରେ ଅର୍ପଣର ଏହି ଶୁଭଲଗ୍ନ ବେଶ୍ ଉଲ୍ଲାସଦାୟକ । OCWAର ଏହି ଉଦ୍ୟମ ଆପଣଙ୍କ ଆନ୍ତରିକ ସ୍ନେହ ସଦିଚ୍ଛା ଲଭି ଏଗାରଟି ଶିଶିର-ବସନ୍ତକୁ ବିତେଇ ପାରିଛି- ଏହା କେବଳ ଗୌରବର ବିଷୟ ନୁହେଁ ଅଧିକନ୍ତୁ କର୍ତ୍ତବ୍ୟ ପାଳନର ନିଚ୍ଛକ ସ୍ୱାକ୍ଷର ମାତ୍ର ... ।



ସାରା ପୃଥିବୀରେ ଓଡ଼ିଆ ଏକ ଅପରିଚିତ ନାଁ ହୋଇ ରହିନାହିଁ ; ବରଂ ବିଶ୍ୱନିର୍ମାଣ ଯଜ୍ଞର ଅନନ୍ୟ ଅର୍ଘ୍ୟ ରୂପେ ବିବେଚିତ ହେଲାଣି, ଏହାହିଁ ଉତ୍କଳ ଜନନୀଙ୍କ ପାଇଁ ସାନ୍ତ୍ୱନା, ଆଉ କଷ୍ଟଲବ୍ଧ ପୁରସ୍କାର । ଅନ୍ୟ ପକ୍ଷରେ ଏକ ସାରସ୍ୱତ ଆହ୍ୱାନ, ଶାଶ୍ୱତ ବେଦୀରେ, ଅନିବାର ଅନନ୍ତ ପଥର ।

ଯେଉଁଠାରେ ଥିଲେ ମଧ୍ୟ ଆମେ ଓଡ଼ିଆ ତାହାହିଁ ଆମ ସମସ୍ତଙ୍କର ଏକମାତ୍ର ପରିଚୟ। ନିର୍ମଳ ଜାତୀୟତାବାଦ ବିନା ଜାତିର ଉନ୍ନତି ପ୍ରତିହତ, ସଭ୍ୟତା ଅବହେଳିତ, ସଂସ୍କୃତି ଭୂଲୁଣ୍ଠିତ, ସମୃଦ୍ଧି ଏକାନ୍ତ ଅଥର୍ବ । ଓଡ଼ିଆ ବୋଲି ଆପଣାକୁ ଅନ୍ୟମାନଙ୍କ ଆଗରେ ପରିଚାୟିତ କରିବାରେ କୁଣ୍ଠିତ ହେବାର ତଥାକଥିତ ବଡପଣିଆର ସେହି ଚାଲାଖିକୁ ଟିକେ ଚାପିଦେଲେ... ଭୁଲ୍ ବା କେଉଁଠି ? ଯିଏ ଯେଉଁଠି ଯେପରି ଥିଲେବି ମାତୃଭୂମି ଓଡ଼ିଶାର ଉନ୍ନତିରେ ସାମିଲ ହେବାକୁ ସୌଭାଗ୍ୟ ମଣିଲେ – କ୍ଷତି କଣ ??

ଅତିବାହିତ ସେ ମର୍ମନ୍ତୁଦ ଅତୀତ । ସେତବେଳେ ଉତ୍କଳ ଜନନୀ ଥିଲେ ଭିନ୍ନ ଭିନ୍ନ ପଡୋଶୀ ରାଜ୍ୟର ଅନ୍ତର୍ଗତା । ଭାଗ୍ୟଦେବୀଙ୍କ ସ୍ମିତହାସ୍ୟରେ ତା'ର ସୁପୁତ୍ର – ବାରିଷ୍ଟର ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ, କର୍ମବୀର ଗୌରୀଶଙ୍କର, ବ୍ୟାସକବି ଫକୀରମୋହନନ ପ୍ରଭୃତିଙ୍କ ଅଦମ୍ୟ ଉଦ୍ୟମ ଆମ ସ୍ୱତନ୍ତ୍ର ଅସ୍ତିତ୍ୱକୁ ସାଇତିବାରେ ସଯତ୍ନ-ସଫଳ ହୋଇଥିଲା । ଏଣୁ ଏବେ ଆଉ ନିରବ ରହିବା ଆମ ପକ୍ଷେ ଶୋଭନୀୟ ନୁହେଁ । " ଯାଇଛି ସେକାଳ – ଆସିଛିରେ ଏବେ ନୂଆ ବେଳ .."

ଆମ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲଭିବାର ଇତି ମଧ୍ୟରେ ଏକ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି । ଏହା ଆମ ପାଇଁ ଯେତିକି ଆନନ୍ଦ -ଗୌରବମୟ, ଠିକ ସେପରି ମାନ୍ୟତା ବଜାୟ ରଖିବା ପାଇଁ କର୍ତ୍ତବ୍ୟ ପାଳନରେ ଦକ୍ଷ ହେବା ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ । ଆସନ୍ତୁ ..... ଆହ୍ୱାନକୁ ସମ୍ମୁଖୀନ ହେବା । ପ୍ରତିଭାର ବିକାଶ ପାଇଁ ଭିତ୍ତିଭୂମି ସଜାଡ଼ିବା । ବିଶ୍ୱରେ ଆମ ଭାଷାର ଟେକ ରଖିବାକୁ ସତତ ଗୁରୁ ଦାୟିତ୍ୱ ନେବା, ଶ୍ରେୟ ପାଇଁ ଏହାକୁ ଧ୍ୟେୟ କରିବା ।

ଅବଶ୍ୟ ମାଆ, ମାଟି, ମାତୃଭାଷା ସହଣି ପଣରେ ଏ ତିନିହେଁ ସବୁଠୁ ଆଗୁଆ । କେବେ କେବେ ଉତ୍କଳ ଜନନୀ ତାର ଯୋଗା– ନାଁ'କରା ପୁଅକୁ ଅନ୍ୟ ଭାଷାରେ ପାରଙ୍ଗମ ଓ ପୁରସ୍କୃତ ହେବାର ଦେଖେ । ଖୁସି ହୁଏ । ସେଇଠି ପୁଣି ନିଜ କଥା ଭାବି ନିରବୀ ଯାଏ । କାରଣ ସେ ଯେ ସର୍ବଂସହା । ଜଣେ ସହି ଯାଉଛି ବୋଲି ଆମେ..... । ବର୍ତ୍ତମାନ ପ୍ରାୟ ଦଶ ହଜାରରୁ ଅଧିକ ଭାଷା ପ୍ରଚଳିତ ଅଛି । ପରିତାପର ବିଷୟ ଏମିତିବି କେତେକ ଭାଷାର ଅସ୍ତିତ୍ୱ ବିଲୀନ ବିଷୟ ଆମ ଶିକ୍ଷିତ ମନ ଜାଣେ । ଏଣୁ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ବହୁଳ ଭାବେ ଦରକାର । ନଚେତ, ହୁଏତ ଦିନ ଆସିବ ଏହା ଏକ ପୋଥିଗତ ବା ପୁସ୍ତକ ସର୍ବସ୍ୱ ହୋଇ ରହିଯିବ । ଏଣୁ ବେଳ ଥାଉଁ ବନ୍ଧ ବାନ୍ଧିବା – ଆମ ଶୁଦ୍ଧ ବିବେକ ହେଉ ।

ପ୍ରବାସୀ ଓଡ଼ିଆ ମାନଙ୍କର ସଂଗଠନ କେବଳ ଉତ୍ସବ ସର୍ବସ୍ୱ ହୋଇ ନରହୁ । ପ୍ରତ୍ୟକ ସଂଗଠନର ଆବେଗପୂର୍ଣ୍ଣ ଆନ୍ତରିକ ପ୍ରଚେଷ୍ଟା, ସୌହାର୍ଦ୍ଦ୍ୟପୂର୍ଣ୍ଣ ପାରସ୍ପରିକ ସମ୍ବୋଧନ – ସମସ୍ତ ଓଡ଼ିଆ ପ୍ରାଣରେ ନବଜାଗରଣ ସଂଚାର କରୁ- ଏତିକି କାମନା ।

ବନ୍ଦେ ଉତ୍କଳ ଜନନୀ
ବିଜୟ ମହାନ୍ତି
ପ୍ରତିଷ୍ଠାତା ସଭାପତି

## Executive Body

The Governing Body is an excellent blend of intellect, youth and vigour. The Body consists of people from all walks of life from professionals to self employed.

**President**

Mr. Bijay K Mohanty, is one of the founding members of OCWA, nurtured this forum with his sincere accumenship, guidance, advice. He is from Steel City Rourkela and a Master in Business Administration.

**Vice President**

Mr. Banoj Pradhan, a Company Secretary by Professional, looking after liasioning works and hails from Anugul.

**Secretary**

Mr. Sandipta Rout, a MTA from Aligarh Muslim University and is working as a Sr. Manager with a tourism company with specialization in Tourism trade and looking after promotional activities. He is from Rourkela.

**Jt. Secretary**

Mr. Prakash Prusty, a Company Secretary by Profession, co-ordinates & arranges the organizational activities. He is from Keonjhar.

**Treasurer**

Mr. Prasanta Das, a Graduate from Ispat College, Rourkela and takes care of cash and funds management.

**Executive Members:**

Mr. Sanjay Bal from Baleswar is in charge of developmental & promotional activities. He is an ICWA by Profession & working with a Public Sector Undertaking.

Mr. Pradeepta Bhuyan, is one of the founding member of OCWA and takes care of cultural activities of the forum. He is from Cuttack and a Graduate from Utkal University.

Mr. Ranjan Biswal from Dhenkanal, a self employed professional also takes care of developmental activities and is a Graduate from Utkal University.

**Convenors :**

Dr. Sananta Sahoo from Rourkela, a Laparoscopic Surgeon, is a great team builder and motivator.

Dr. Anil Goel, from Keshinga is a Pediatric Emergency Expert and an Associate Professor in a Govt. Mediacal College, Sohna, Haryana.

Mr. Ajay Mohanty is an entrepreneur and a graduate from Ispat College, Rourkela. He is always present with his active participation for all programs and events of OCWA.

## LIFE MEMBERS

Ajay Mohanty (Mitu)
Bibekanand Pattanaik
Bijay Pradhan
Devasis Mohanty
Jagdish Patra
Jyoti Sarangi (Bapi)
Ram Ranjan Mohapatra
Ravi Lal Tapa
Sanjay Mohanty
Sanjit Das
Saroj Das
Shibashis K. Mohanty
Sisir Rout
Subrat K. Das
Suvendu Das

## MEMBERS

Anam Sahoo
Ajay Mohanty
Ajit Kumar Barek
Alok Das
Animesh Roul
Arvind Sharma
Ashok Das
Babuli Nayak
Banoj Pradhan
Barun Kumar Sahoo
Bhabagrahi Pradhan
Bhaskar Ch. Behera
Bijay K.Mohanty
Bimal Prasad Samal
Bimalendu Sahu
B.K. Rath
D.K.Sahoo
Debashish Mohanty
Dinesh Sahu
Dr.Anil Goel
Dr.Sananat Sahoo
Gajendra P. Samant
Gopal Chandra Parmanik
Hemant Raut
Hruday Ranjan Bhuyan
Ishwar Mohapatra
Jeetendra Kumar Sahu
Kaushik Tripathy
K.B. Mohanta
Litton Mukherjee
Madhusudan Pothal
Maheshwar Dash
Mukti Kanta Nayak
Prabin Panda
Piyush Mohapatra
Prabhat Kishore Bhuyan
Prabhat Kr.Mohanty
Pradeep Raut
Pradeep Sahu
Pradeepta Bhuyan
Pradip Parija
Prakash Ch. Prusty
Pranab Biswal
Prasanta Das
Priya Sahoo
Puspita Jena
Rabindra N. Mishra
Raj Kishore Sahu
Ramnath Sahoo
Ranjan Biswal
Ranjan Sahu
Sagar Pradhan
Samish Kr. Mohanty
Sandipta Rout
Sanjay Bal
Sanjay Mohanty
Sanjit Mohanty
Santosh Panda
Santosh Sarangi
Sasmita Mohanty
Saumya Ranjan Paltasingh
Shantanu Khuntia
Sushant K. Das
Sitakanta Das
Smurti Ranjan Sahoo
Soubhagya Bhol
Srinibas Sahu
Subranshu Das
Sujata Das
Sujit Kumar Mohanty
Surajit Pattnaik
Suresh Chandra Behera
Suresh Swain
Sushant Kumar Das
Suvendu Sahu
Tank Dhar Das
Yashwant Sharma

# OUR SINCERE THANKS TO SPONSORS

R. K. Associates & Hoteliers Pvt Limited

Dr. Sananta Sahoo

Shri Animesh Roul

Shri Ashwani Samantray

Shri Bimal Prasad Samal

Shri Debo Mohanty

Shri Dinesh Goel

Shri Jeetendra Kumar Sahoo

Shri Dinesh Sahu

Shri Pradeep Rout

Shri Pradeepta Bhuyan

Shri Ramnath Sahoo

Shri Sanjay Subudhi

Shri Surajit Patnaik

Shri Surindra Kumar

Shri Ranjan Biswal

Shri Ajay Mohanty

# ଅନେକ ଦିନ ପରେ

ଇଂ ସତ୍ୟବ୍ରତ ରଥ



ଅନେକ ଦିନ ପରେ ମୋ ଗାଆଁରେ
ଏମିତି ଗୋଟେ ନିରୋଳା ରାତି
ଦେହସାରା ବୋଳି ଦେଇଥିଲା କ୍ଳାନ୍ତି
ଆଖିରେ ଭରି ଦେଇଥିଲା ଆଖିଏ ନିଦ,
ନିଦରେ ନିଦରେ ଅନେକ ସ୍ବପ୍ନ
ସ୍ବପ୍ନରେ ବି ସ୍ବପ୍ନ ।

ସମୁଦ୍ରର ଢେଉ ପରେ ଢେଉ
ମାଡି ଆସୁଥିଲା ଦୁଆର ପାଖକୁ
ପୁଣି ଆପେ ଆପେ ଯାଉଥିଲା ଫେରି
ନିରୀହ ମେଷଶାବକ ଭଳି ।
ଢେଉ ଆଡେଇ ଆଡେଇ
ବାଁକୁଲି ବାଡ଼ି ଖଣ୍ଡେ ଧରି
ଜେଜେବାପା ଅଳପ ଦୂରରେ ଥାଇ
ପାକୁଆ ପାଟିରେ ଟିକେ ହସିଦେଲେ
ଯିଏ ମୋତେ ଲେଖି ଶିଖେଇ ଥିଲେ ଓ
ଦେଖେଇ ଥିଲେ ଜହ୍ନ ।

କହିଲେ ରେ ବାୟା, ମତେ ଭୁଲିଗଲୁ ?
ଆଛା, ଆଛା ମନଦୁଃଖ କରୁନି ମୁଁ
ଭୁଲିଗଲେ ଭୁଲିଯା ମତେ ପଛେ
ଭୁଲିବୁନି କଦାପି ଏଗାଆଁ ମାଟିକୁ ।
ଏଇଠି ପରା ତୋ ପିଲାଦିନ ପାଠ ପଢା
ଯାହା ପାଇଁ ଆଜି ତୁ ପାଠୁଆରେ ଗଣା ।
ଗାଆଁ ଭୁଇଁର ଯେଉଁ ମମତା
ମୁଲକ ମୁଲକ ବୁଲି ଖୋଜୁଥିଲେ ବି
ଆଉ କେଉଁଠି ପାଇବୁନି ଜନ୍ମ ସାରା
ମୋ ଠିକଣା ଏବେବି ହଜି ନିଗାଆଁରୁ
ଶେଷ ହୋଇଛି ମୋ ନିଶ୍ୱାସ ଯଦିବା ।

ମୁଠେଇ ଧରି କେତେ ମୁହୂର୍ତ୍ତର ସ୍ବପ୍ନ
ଭେଟିଲି ଗୋଟେ ସକାଳ,
କଅଁଳିଆ ଖରାରେ
ଘେରାଏ ବୁଲି ଆସିବା ବେଳେ
ସତେକି ଅଟ୍ଟା କରୁଥିଲା ମୋ ଛାଇ ,
ସହରୀ ହାୱାରେ ବନ୍ଦୀ
ମୋ ଭଳି ଅସମର୍ଥ ମଣିଷଟେ
ପାରିବକି ଗାଆଁକୁ ଆପଣାର କରି,
ଯିଏ ମୋତେ ଆପଣାର କରିଥିଲା
ବର୍ଷ ବର୍ଷ ଧରି ।

କଲେଜ ରୋଡ, ବାଙ୍କୀ, କଟକ
ମୋ: ୯୯୩୭୩୨୭୬୪୭

# ନୀଳ କଇଁ

ଅଭିରାମ ରାଉତରାୟ



ଅଗଭୀର ଜଳପାଟ
ପୁଷ୍କରିଣୀ ନିରେ
ରେଳପଥ ଧାରେ ଧାରେ
ସଡକ କଡରେ ଖଣ୍ଡକ ଜଳରେ
ଶୋଭା ପାଏ ଇନ୍ଦୀବର
ଜ୍ୟୋସ୍ନା ସ୍ନାତ ଶରତ ରାତ୍ରିରେ
ତା ସହିତ ନାନା ଜାତି
ଚୁନା ଚୁନା ଜଳଜ ସୁମନ
ଉତଫୁଲିତ ମୀନା

ମୃଦୁ ମୃଦୁ ସମୀରଣ
ନାଡ଼ଯୁକ୍ତ ନିଶିପୁଷ୍ପ
ଢଳି ଢଳି ଫେରି ଆସେ
ଆପଣା ସ୍ଥିତିକୁ
ସୃଷ୍ଟିହୁଏ ନୈସର୍ଗିକ ଛବି ।

କେତେ ଦୂରେ ଚନ୍ଦ୍ର
କେତେ ଦୂରେ କୁମୁଦିନୀ

ପ୍ରୀତି ଅଭେଦ୍ୟ ତାଙ୍କର
କୁମୁଦହାସ୍ୟ ପ୍ରେମିକଚନ୍ଦ୍ରମା
କେଉଁ କାଳୁ କବିର କଳ୍ପନା
ପ୍ରେମର ଉପମା ।

ମନେ ପଡେ କାଲି ପରି
ରବିବାର ଭାଲୁକୁଣି ଓଷା
ନୀଳ କଇଁ ପାଇଁ ଦେଇଙ୍କ ବରାଦ
ଓଷା ପାଇଁ ଝିଅଙ୍କ ବିବାଦ
ଅଂଟାଏ ଜଳରେ ପଶି
ଆଣିଥିଲି ନୀଳୋତ୍ପଳ
ଅକ୍ଳେଶେ ଛିଣ୍ଡାଇ ।

ବେଳନାହିଁ ଉପଭୋଗ କରିବାକୁ
ଏ ଅକୃତିମ ଦୃଶ୍ୟ,  ପଡିଯାଉ
ଛନ୍ଦମୟ ଭୌତିକ ଜାଲରେ
ତଥାପି ମୁଁ ଆଶାବାଦୀ
ଅବଶ୍ୟ କରିବି ଦିନେ ଦର୍ଶନ
ପ୍ରସ୍ଫୁଟିତ ନୀଳ କଇଁ
ବସି ରହି ଘାସ ଗାଲିଚାରେ
ପୁଷ୍କରିଣୀ ତୀରେ
ଜ୍ୟୋସ୍ନା ବୋଳା ଶରତ ସନ୍ଧ୍ୟାରେ ।

ସି -୨୩୬, କୋଏଲ ନଗର, ରାଉରକେଲା-୧୪
ଦୂରଭାଷ-୯୪୩୭୩୯୭୬୬୭

## ବର୍ଷା ଆସିଲେ ଆସୁ ...

ବିଜୟ ପ୍ରଧାନ



ଖରାକୁ ବରାଦ କଲି
ବାଦଲର ପଣତରେ ଲୁଚି ରହିବାକୁ
ତାତିଯାକ କାଢ଼ିନେଇ ଅସ୍ତିତ୍ୱରୁ ତାର
ଥିରି ଥିରି ବହିବାକୁ ପବନକୁ କଲି ଅନୁନୟ
ଏବେ ଯାହା ଆମାନିଆଁ ବର୍ଷାକୁ ଭୟ ।

ବର୍ଷା ଲାଗି ଭୟ ଖାସ ଏଇଥିପାଇଁ ଯେ
ତୁମେ କେବେ ତିନ୍ତିନ ବର୍ଷାରେ
ତୁମେ ତ ବନ୍ଦିନୀ ତୁମେ ଶୀତତାପ ନିୟନ୍ତ୍ରିତ
ପ୍ରାଚୁର୍ଯ୍ୟର ନିବୁଜ କୋଠାରେ ,
ଅବା କଦବା କେମିତି
ଭିଜିବାର ବାହାନାରେ ବର୍ଷାତି ଭିତରେ ।

ବର୍ଷା ଆମାନିଆଁ ହେଲେ ହଉ ତୁମେ ଆସୁଅଛ ବୋଲି
ତା ରୋମାଞ୍ଚ ହୁଏତ ତା ନିୟନ୍ତ୍ରଣାଧୀନ
ରହି ନ ପାରେ, ଯେମିତି ବାଉଳା ପବନ
ନଈର ଉଜାଣି ଭାବ ଆକାଶର ରକ୍ତିମ ଲାଜଲାଜପଣ
ଆକାଶରେ ପକ୍ଷୀଙ୍କର କିଚିରିମିଚିରି
ବଗିଚାରେ ଫୁଲଙ୍କର ଫୁସୁରୁଫୁସୁରୁ
ଭଅଁରଙ୍କ ଗୁଣୁ ଗୁଣୁ , ପ୍ରଜାପତି ରଙ୍ଗ ମଉଛବ
ମେଘର ଦୋଳିରେ ଖରା ଶୀତ ପୋଉଁଥିବ
ଏତେ ସବୁ ରୋମାଞ୍ଚ ଓ ଶିହରୀତ ମୁହୂର୍ତ ମାନଙ୍କୁ
ବର୍ଷା ଅବା କେତେଦିନ ସହିବ !

ସେ ହୁଏତ ଚାହୁଁଥିବ ଅସରାଏ ତିନ୍ତାଇ ତୁମର
ଶରୀରରୁକାଢିନେବ ଯେତେକ ଜ୍ୱଳନ
ସେ କି ବୁଝିପାରେ କେବେ ଭିଜିଲେ ବର୍ଷାରେ
ଶୀତଳ ହୁଏନା ବରଂ ବେଶୀ ବେଶୀ ଜଳେ ଦେହ ମନ ।

ସେ ହୁଏତ ଚାହିଁଥିବ ଛୁଇଁବାକୁ ଯେମିତି ପବନ
ଆନମନା ହୋଇ ଛୁଇଁ ଯାଏ ତୁମ ଚୂର୍ଣ କୁନ୍ତଳକୁ
ଓଢଣୀ ଖସାଉଥାଏ ବାରଂବାର ସୌମ୍ୟ ତନିମାରୁ

ନିରେଖି ନେବାକୁ ତୁମ ରୂପ ଲାବଣ୍ୟକୁ ।
ସେ ହୁଏତ ଚାହିଁଥିବ କେଉଁକାଳୁ ତୁମେ
ଆସନ୍ତକି ସିଏ ଯେବେ ପୂର୍ଣ୍ଣଗର୍ଭା ମେଘମଲ୍ଲାରରେ
ଅପେକ୍ଷିତ ଯୁଗ ଯୁଗ ତୃଷିତ ଅଧରେ
ତୁମକୁ ଛୁଇଁବା ପାଇଁ ତା ଓଦାପଣରେ ।

ତେଣୁ ସିଏ ସଜବାଜ ନେଇ ନିଜ ମେଘ ପଟୁଆର
କଳାଘୁମର ଆଖିରେ ଚମକାଇ ବିଜୁଳିର ଛଟା
ଆକାଶକୁ ଢାଙ୍କି ଦେଇ ଧୂମାୟିତ ଧୂସର ମାୟାରେ
ମୋହାଚ୍ଛନ୍ନ ମୟୁରର ଅନ୍ତରରେ ଶୁଣାଇ ତ୍ରିପଟା ।

ମୁଁ କହି ନଥାନ୍ତି କେବେ ମୟୂରକୁ ଯଦିବା ତା ନୃତ୍ୟ
ବେଶ ମନଲୋଭା ବେଶ ଆକର୍ଷଣ କାରୀ
କାଳେ ତୁମେ ସେ ନୃତ୍ୟରେ ଭୁଲି ଯାଇଥାନ୍ତ
ଓଦା ଦେହ ଚାରିପଟେ ଗହଗହ ପ୍ରକୃତିର ଶିରୀ ।

ଭୁଲିଯାଇଥାନ୍ତ ତୁମ ସାଥେ ସାଥେ କେହି ଜଣେ ଅଛି
ତୁମକୁ ନିରେଖୁଥିବା ପ୍ରତିଟି ଆଖିରେ
ତା ଦୃଷ୍ଟି ନିବଦ୍ଧ ତୁମ ଓଦାପଣେ ଆପାଦମସ୍ତକ
ଲୋଭାତୁର ଚାହାଁଣୀଙ୍କୁ ନୀରବରେ ମେଳି କଲା ବେଳେ ।

ପବନ ଉଡେଇ ନେଇ ନଉ ତୁମ ଓଢଣୀ ଏଥର
ବେକରେ ଗୁଡ଼ାଇ ଦେବା ମୁକୁଳା କେଶରେ
କେବଳ ଯା ଖୋସିଥିବ ମଲ୍ଲୀଫୁଲ ଗଜରା ଟେ ଯାହା
ପବନକୁ ମତୁଆଲା କରୁଥିବା ଶୁଦ୍ଧ ମହକରେ ।

ଧୋଇହେଲେ ହଉ ପଛେ ନାଇଥିବ ଆଖିରେ କଜ୍ଜଳ
ବର୍ଷାକୁ ଡ଼ରାଇବାକୁ ଆଖିଠାରେ ସୃଷ୍ଟିକରି ବିଜୁଳିର ଭ୍ରମ
କାଳେ ଅପସରି ଯିବ ଆଶଙ୍କାରେ ବର୍ଷାର ଆବେଗ
ଆଖିରେ ଚମକ କାଳେ ଦିଶୁଥିବ କୁଂଝଟିକା ସମ ।

ବର୍ଷା ହେଲେ ହଉ ଜମା ବର୍ଷାତିରେ ଆସିବନି ଦେଖ
ସେଥିରୁ ବୁଝିହୁଏନି ବର୍ଷାର ରୋମାଞ୍ଚ
ବର୍ଷା ଯାହା ମନଇଚ୍ଛା ଓଦାକରେ ଆପାଦ ମସ୍ତକ
ଆଉ ଯାହା ଓଦା ହୁଏ ତାହାସବୁ ମନର ପ୍ରପଞ୍ଚ ।

ବର୍ଷା ହେଲେ ହଉ ଆମେ ଭିଜିବାର ଇଚ୍ଛାଙ୍କୁ ଏଥର
ବାରଣ କରିବା ନାହିଁ ତାଙ୍କ ଇଚ୍ଛା ମତେ
ସମର୍ପି ଦେବା ନିଜକୁ ଓଦା ଓଦା ମୁଲାୟମ ତାଙ୍କ
କଳ୍ପିତ ସ୍ବର୍ଗୀୟ ସୁଖ ଆଶାୟୀ ପଣତେ ।

ଲୋଭାତୁର ବର୍ଷା ଯଦି ଈର୍ଷାତୁର ଅଧର୍ଯ୍ୟପଣରେ
ଜାଳି ଦେବା ଅଙ୍ଗେ ଅଙ୍ଗେ କାମନାର ଜୁଇ
ଦୁହିଁଙ୍କ ଭିତରେ କିଛି ବ୍ୟବଧାନ ନଥିବା ଆମର
ବର୍ଷାକୁ ନେହୁରା ଆଉ ହେବ କାହିଁ ପାଇଁ

ତାର ଈର୍ଷାନଳେ ଭିଜି ଜଳିବାର ଉତ୍କଣ୍ଠାରେ ଆମେ
ବର୍ଷାକୁ ହିଁ ଜାଳିଦେବା ଈର୍ଷାରେ ତାହାରି
ହାର ମାନି ବର୍ଷା ଟୋପା
ବିନ୍ଦୁ ବିନ୍ଦୁ ସ୍ବେଦ ସହ ଲବଣାକ୍ତ ହୋଇ
ଦେହରୁ ନିଗିଡି କ୍ରମେ ହେବ ଭୂଲୁଣ୍ଠିତ
ପବନ ଚିଡଉଥିବ ସୁ ସୁ ବଜାଇ ଶୁଶୁରି
ମାଟିପରେ ଲୋଟୁଥିବେ ବର୍ଷା ଟୋପା
ଟପ ଟପ ଅସହାୟ ଖୁବ ଅସଂଯତ ।

ବର୍ଷା ଥମିଗଲା ପରେ ଯଦିବା ପବନ
ପୁଣିଥରେ ଛୁଇଁଯାଏ ଦୁହିଁଙ୍କର ଆଦ୍ର କଳେବର
ସେତେ ବେଳେ ପୋଛିଦେବା ଚେତନାରୁ ଆମ
ଅକଳ୍ପିତ ରୋମାଂଚିତ ଭାବାବେଗ ଯେତେ
ତୁମେ ମୋର ମୁଁ ତୁମର, ପରସ୍ପରଙ୍କର ।

ଏମିତି କାଳ କାଳ
ବରଷାର ମେଣ୍ଟେ ନାହିଁ ଶୋଷ
ଅନ୍ୟକୁ ତିନ୍ତେଇବାର ଅସୂୟାପଣରେ
ନିଜେ ବହୁକାଳୁ ଭୁଲି ଯାଇଛି ନିଜର
ଓଦାପଣ, ରୋମାଂଚିତ ହେବାର ସାହସ ।

# ଶବ୍ଦର ସମ୍ପର୍କ ମାନ

**ବିଜୟ ପ୍ରଧାନ**

ଏମିତି ଚରିତ୍ର ମାନଙ୍କ ଗହଣେ
ମୁଁ ଆତଯାତ ଯେ
ବେଳେବେଳେ ଭୁଲିଯାଏ
ନିଜେ ଗୋଟେ ଚରିତ୍ର ।

କାହାର ଆଖିଠାର
ପୁଣି କାହାର ବକରଦୃଷ୍ଟିରେ
ଅସନ୍ତୁଷ୍ଟିର ସମାହାର,
କାହାର ଛଳଛଳପଣ ତ
କାହାର ରୁକ୍ଷ କର୍କଶ ଆକ୍ରୋଶ
ମୁଁ ସବୁଥିରେ ବଶ ।

ଛାତି କରତି ହୋଇ ଗଲେବି
ହସଟିଏ ଉକୁଟିଥାଏ ସେମିତି ଓଠଧାରେ
ଯେମିତି ଖଞ୍ଜା ହୋଇ ଆସିଛି
ମୋର ଏଠି କିଆସିବା ସମୟରେ ।

କାହା ଲୁହ କୋହରେ ମୁଁ ଭିଜେ
ରାତିରାତିଅନିଦ୍ରା ରହେ
କାହା ହସରେ ଫାଟିପଡେ
ଆକାଶରୁ ମେଘ ଫାଟିଲା ପରି
କାହାପାଇଁ ଆଶ୍ୱସନାର ଶବ୍ଦସବୁ
କବିତା ପାଲଟି ଯାଅନ୍ତି ସକାଳକୁ
କିଏ ପୁଣି ଖୋଦ କବିତା ପାଲଟି
ସଜସାଜ ନିଜକୁ ଆବୃତ୍ତି କରିବାକୁ ।

କିଏ ଗୁଳି ଗପରେ ତ କିଏ
ସରୁନଥିବା ଉପନ୍ୟାସର ଚରିତ୍ରଟିଏ
କିଏ ଉଲ୍ଲାସିତ ପ୍ରଗଳ୍ଭପଣରେ ତ
କିଏ ମ୍ରିୟମାଣ ଅସହାୟ ଏକଲାପଣରେ ।

କେଜାଣି କାହିଁକି ନଈଟିଏ ପରି
ସଭିଏଁ ବହିଯାନ୍ତି ମୁଁ ଯେମିତି
ତଳମୁହାଁ ସମତଳ ଭୂମି
କିଏ ଭିଜେ କିଏ ହଜେ କିଏ ପୁଣି
ଅଭିମାନୀ କଳାମେଘ ପରି
ଘୋଟିରହେ ଢେରକାଳ ଅବୋଧ ପଣରେ ।

କାହା ଅଭିଯୋଗ ମତେ
ବ୍ୟତିବ୍ୟସ୍ତ କରେ
ସେଇ ମୁହୂର୍ତ୍ତ କେବଳ,
ଅପରିବର୍ତ୍ତିତ ମୋର
କ୍ରିୟା ପ୍ରକ୍ରିୟାରେ
ତରଳିଯାଏ ପରମୁହୂର୍ତ୍ତରେ
ଉଭୟଙ୍କ ସହୃଦୟତାରେ ।

ସଭିଏଁ କିନ୍ତୁ ଧୁରନ୍ଧର
ଶବ୍ଦ ଖେଳରେ ମାତ କରୁଥାନ୍ତି
ମୋର ନିର୍ବାକପଣ
କେହି କେହି ଶବ୍ଦାଘାତ କରି
ନିଜେ ହୁଅନ୍ତି ଲହୁଲୁହାଣ ।

ଅଦ୍ଭୁତ ଚରିତ୍ରସବୁ
ଟିକେ ବିଶ୍ୱାସରେ
ଟିକେ ହାତ ଆଉଁସାରେ
ବଖାଣି ଯାଆନ୍ତି ନିଜ ବ୍ୟକ୍ତିଗତ
ଜୀବନର ସୁଖଦୁଃଖମାନ,
ଯେମିତି କି ବହୁ କାଳୁ ପରିଚିତ
ଓ ନିଜ ଆଖପାଖରେ ଚଗଲା ପବନ
ଯାହା ତାଙ୍କ ନିଶ୍ୱାସରେ ବହେ
ବିଶ୍ୱାସର ବୀଜ କାହିଁ କେତେକାଳୁ
ମହାଦ୍ରୁମ ହୋଇ ସରିଥାଏ ।

ତଥାପି;
କେବେକେବେ ଦୁର୍ବଳତା କା'ର
ମଥାପିଟେ ସାମୁଦ୍ରିକ ଢେଉ ପରି

ଛାତିରେ ମୋହର,
ଭୁଲ ବୁଝାମଣା ପାଇଁ
କେହି କେହି ଚାଲିଯାନ୍ତି
ବାଟ ଭାଙ୍ଗି ମୁହଁ ମୋଡ଼ି ଦେଇ
କେହି କେହି ସଜାଡନ୍ତି ନିଜର ଜୀବନ
ତୁଚ୍ଛା ସାନ୍ତ୍ୱନା ପଦକେ
ଭୁଲିଯାନ୍ତି ଦୁଃଖ ଓ ଯନ୍ତ୍ରଣା
ଅଦ୍ଭୁତ ଏ ଶବ୍ଦର ସମ୍ପର୍କମାନ
ଲାଗନ୍ତି ଯେପରି
ରକ୍ତର ସମ୍ପର୍କ ଠାରୁ ଭଲ ସତଗୁଣା ।

## ଏବେ ବଂଚିବାର ବେଳ

**ବିଜୟ ପ୍ରଧାନ**

ଆମ୍ବ ଖାଇ ଟାକୁଆ ସବୁ
ସାଇତି ରଖିଥିଲି
ଫିଙ୍ଗି ଆସିଲି ଟିକରାରେ
ବର୍ଷା ହେବା ଆଗରୁ ।

ସବୁ ଟାକୁଆରୁ ଗଜା
ହେଲା ନାହିଁ
କିଛି ଗଜୁରିଲେ କିଛି
ପଚିଗଲେ ମାଟିରେ ।

ଯେତେ ଗଜୁରିଲେ
ସବୁ ବଢିଲେନି ଗଛହୋଇ
ମଉଳିଗଲେ ଅବେଳରେ
କିଛି ଦୁଇଚାରି ପତ୍ରରେତ
କିଛି ଦୁଇଚାରି ଫୁଟ ଉଚ୍ଚରେ ।

ଯେତେ ବଢ଼ିଥିଲେ ଗଛହୋଇ
ସଭିଏଁ ସମାନ ବଉଳିଲେ ନାହିଁ
ଫଳବି ଧରିଲେନି
କେହି କେହି ।

ଯେତେ ଫଳିଥିଲେ
ପାଚିବା ଆଗରୁ କିଛି ଝଡିଗଲେ
ଓ କିଛି ରହିଲେ ।

ଯେତେ ଫଳ ରହିଲେ
ସେତିକି ତୋଳି ଖାଇବା ପରେବି
ମୋ ପାଖରେ
ବଳକା ଆମ୍ବ କେତନି କେତେ ।

ସମ୍ପର୍କ ମାନେ ହିଁ ଠିକ ଏମିତି।

ଏବେ ପଡୋଶୀଂକୁ ବାଣ୍ଟିବା ଓ
ଟାକୁଆ ସଂଚିବାର ବେଳ ।

ମୋ: ୯୯୩୮୩୫୭୬୮୪
E-mail: bjpradhan331@gmail.com

## ମା' ତୁ ଫେରିଯାଆ...

**ସୁନୀଲ ମିଶ୍ର**



ଦରମା କୁ ଛାଡି ସବୁତ ବଢ଼ିଲା
ଚାଉଳ ପରିବା ଡ଼ାଲି
ମହଙ୍ଗା ଘା'ରେ ତୁନ ଦେବାପାଇଁ
(ମା'ଲୋ ) କାହିଁକି ଆସିଲୁ ଚାଲି ?
କଥାକୁ ମୋହର ନାହିଁ ଲୋ ଖାଲି,
ତୋ ଆସିବା ଖବର ଶୁଣିବା ପରଠୁ
ଜରରେ କମ୍ପୁଛି ଖାଲି;

ବକସିସି ମାଗେ ପାଣିବାଲା ଆସି
କ୍ଷୀର ବାଲା ମାଗେ ଭେଟି
କ୍ଷୀର ଠାରୁ ପାଣି ଦୁର୍ମୂଲ୍ୟ ହେଲାଣି
କାହାକୁ ପାରିବି କାଟି !
ତିନିଟା କ୍ଲବ ନୀତି ଚିପୁଛନ୍ତି ଘଣ୍ଟି
ହଜାରେ ତଳକୁ ନେବୁନାହିଁ ବୋଲି
କୁହନ୍ତି ମୁହଁ କୁ ଛାଟି ;;

ତୁ' ତ ଜାଣିଛୁ ତତେ ପୁଜିବାକୁ
ଭକତର କେତେ ମନ
ତୋରଣକୁ ମେଢ ପୁଜନ୍ତି ଭକତେ
ନଥାଏ ତୋ ଠେଇଁ ଧ୍ୟାନ,
ଗଭୀର ନୟନେ ପୂଜା ଆଡେ ଦେ .. ଧ୍ୟାନ,
ପୂଜାରେ ତୋ ଦେଖି ଭକତେ କମାନ୍ତି
· କେତେ ପୁଣ୍ୟ କେତେ ଧନ!

ସିଂହ, ବାଘ ଚଢି ଆ'ସେ ନାହିଁଲୋ
ଅଧା ବାଟୁ ଫେରି ଯାଆ ....
ଚମଡ଼ାକୁ ବିକି ମାଂସ ଖାଇଦେବେ
ବୁଲୁଥିବୁ ଖାଁ.... ଖାଁ...
ମହିଷା ମାରଣେ ଧାରନାହିଁ ଲୋ ....
ବିବସନା ହେବା ନାଁ...
ଦି ପୁଳା ମାଉଂସେ ଆଧୁନିକ ଭକ୍ତ
ଭୁଲିଯିବେ ମା... ଫା

## ମାଟିର କବିତା

ନିଶିକାନ୍ତ କହଲସିଂହ



**--ନୀଳାଚଳ–**

ଯେଉଁ ମାଟି ପରେ
ପାଦ ରଖିଦେଲେ
ଦେବତା ବୋଲାଏ ନର,
ସେ ମାଟିର ନାଆଁ
ପୁଣ୍ୟ ନୀଳାଚଳ
ସକଳ ତୀର୍ଥ ସାର ।

--ଖୋର୍ଦ୍ଧା --
କି କହିବି ଏଇ
ମାଟିର ମହିମା
ଏ ଯେ ଶହେ ଆଠ ପୋଥି ,
ମାଟି ନୁହେଁ ଖାଲି
ମା'ଟି ମୋ'ର ଏ
ବୀର କଙ୍କାଳ ନଥି ।

--ପାକିସ୍ତାନ--
ଯେ ମାଟି ଛୁଆଁରେ
ଦଣ୍ଡେ ନିମିଷେ
ଅମୃତ ହୁଏ ବିଷ,
ପାକିସ୍ତାନ ଛଡା
ସେ ମାଟିର ନାଆଁ
ହୋଇ ପାରେ ଆଉ କିସ??

ଲୋକିପୁର, ଗଡ଼ମାଣତିର,
ଖୋର୍ଦ୍ଧା -୭୫୨୦୬୨
ମୋ: ୯୯୩୭୯୫୩୫୨୬

## ସ୍ମୃତିର ଚାରି ରୂପ

ଯମେଶ୍ୱର କହଲସିଂହ



--ଏକ –
ସ୍ମୃତି ମୋର ସାଥି
ଜୀବନ ଜ୍ୟାମିତି
ତାରକୀତ ଜହ୍ନ ରାତି
ସ୍ମୃତିରେ ଖୋଜେ ମୁଁ

ହଜିଲା ଅତୀତ
ସେନେହ, ଶରଧା, ପ୍ରୀତି।
--ଦୁଇ –
ସ୍ମୃତି ମୋର ମନ
ଅଶୋକ ବନରେ
ବନ୍ଦିନୀ ସତୀ ସୀତା,
ନିଜଠୁ ନିଜର
ଅତି ଆପଣାର
କବିତା-ବନିତା-ଲତା ।।
--ତିନ--
ସ୍ମୃତି ପରା ମୋର
ସାଉଁଟା ସପନ
କେବେ ହସ କେହେ ଲୁହ,
ବାରୁଣାବନ୍ତର
ଲୋତକ ପଖଳା
ଦରପୋଡା ଜତୁଗୃହ ।।
--ଚାରି --
ସ୍ମୃତି ପରା ମୋର
ଉଚ୍ଚ ତାଳଗଛେ
ଝୁଲନ୍ତା ବାଇଆ ବସା,
କୁଆଁରୀ କଳିର
ପହିଲି ଛୁଆଁର
ଭଲ ପାଇବାର ନିଶା ।।

ଲୋକିପୁର, ବେଗୁନିଆ,
ଖୋର୍ଦ୍ଧା -୭୫୨୦୬୨

## ମୁଁ କାହିଁକି ପାଗଳ ହେବିନି

ସନ୍ୟାସୀ ନାୟକ



ଛୁଞ୍ଚି ମୁନରେ
ମାଟି ଟିକେ ଲାଗି
କେତେ ମହାରଥୀଙ୍କ
ମହାଭାରତ ଜୀବନ ନେଲା,
ମୁଁ କେଉଁ ରଥିଟେ ଯେ,
ପୂର୍ବ ପୁରୁଷଙ୍କ କୋଣାର୍କଟା
ଜିବଦଶାରେ ସମର୍ପିବି ଭଲା । (୧)

ମୁଁ ଭିକାରି ହୁଏକି
ଭୋକିଲା ସୁଏ,
ମୋ ସୀମା ସରହଦରେ
ମୁଁ ରାଜା ଥାଏ,
ମୋ ଗେଣ୍ଡୁ ଗଛ
ମୋ ପାଇଁ ହସେ ,
ମୋ କଖାରୁ ଡଙ୍କ
ମୋ ମଥାନରେ ମାଡ଼େ,
ମୋ ପାନ ବରଜ
ମୋତେ ଛାଇ ଦିଏ,
ପେଟରେ ତା ଖପରା ପୋତି
ଟଙ୍କା ଗଛର ଅପେକ୍ଷାରେ ଥାଏ । (୨)

ବାପା କହିଥିଲେ
ପୁଅରେ.....
ସମସ୍ତଙ୍କର ଲୋଲୁପ ଆଖି
ଝିଅକୁ ଡିହକୁ,
ସତର୍କ ଥିବୁରେ
ଦୁନିଆଁ ବାଆକୁ,
କେତେ ଫାନ୍ଦଫିକର କାଟିଲି,
ସାହୁକାର ଦୋମୁଣ୍ଡିଆ ସାପକୁ
ମାଟିଡିହଠୁ ଦୂରରେ ରଖିଲି ।(୩)

ଏବେ ମାଇକ ଚିତ୍କାର କରୁଛି,
ମୋ ଗାଆଁ ଉଠିବ,
କାରଖାନା ହେବ,
ବେକାରୀ ହଟିବ,
ପକାଘର, ଚାକିରୀ ମିଳିବ,
ଥଇଥାନ ହେବ,
ଯେମିତି ହେଉ ଏ ଜମିରେ
ଭବ୍ୟ ସଭ୍ୟତା ଗଢ଼ିବ । (୪)

କହରେ ଭାଇ
ଏ ମଣିଷ କୋଉ ଦୁଃଖରେ ସଢ଼ିବ,
ଲୋଭ କରିବକି
ମୋହ ଭାଙ୍ଗିବ,
ବର୍ତ୍ତମାନରେ ବଞ୍ଚିବ କି
ଅତୀତ ସ୍ମୃତି ସଂଚିବ,
ପୂର୍ବ ପୁରଷର ଅସ୍ଥିକୁ
କୋଉ ଗଛରେ ଟାଙ୍ଗିବ ନା
ନାଳରେ ଭସାଇବ,
ଘର ଇଶାଣକୁ ଧରି
କେଉଁଠାକୁ ଯିବ (୫)

ଏତେ ବୁଝିଲା ପରେ
ମୋ ମନ କହୁଛି,
ଏ ମାଟି କାହାକୁ ଦେବୁନି,
ହସ୍ତିନାକୁ ରାମରାଜ୍ୟ,
ନଆସୁ ପଛକେ,
ଛୁଞ୍ଚି ମୁନେ ଯାଗା ଛାଡ଼ିବୁନି,
ମୋ ଆତ୍ମାକୁଡ଼ିଆ ଭାଙ୍ଗୁଥିବା
ରାକ୍ଷସଟାକୁ ଦେଖି
ମୁଁ କାହିଁକି ପାଗଳ ହେବିନି ? (୬)

ଚକ୍ଷୁ ଚିକିତ୍ସା ସହକାରୀ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀ
ମୋ :୯୪୩୭୩୫୨୫୬୦
E-mail: nayaksannyasi@gmail.com

## " ମୁଁ ଗଣେଶ କହୁଛି "

ସୁଶ୍ମୀତା ମହାପାତ୍ର



ଶୁଣ ମୋ ଜଣାଣ ପିତା ଶଙ୍କର୍ଷଣ
ଯିବିନାହିଁ ମର୍ତ୍ତ୍ୟପୁରେ,
ଯହିଁ ଆଡ଼ମ୍ବରେ ଆବାହନ ପରେ
ବିସର୍ଜନ ଗୋଇଠାରେ ।।

ମହାଜନ ପରି ସାଜନ୍ତି ମୋ ଶରୀ
କେବେ କରି ଚପରାସି
କେବେ ଡକାବାଲା ପୋଷାକରେ ପୁଣି
କେବେ ଟ୍ରାଫିକ ପୁଲିସି ।।

ଢ଼ୋଲକ ବଜାଇ ନାଚ କରେ କେବେ
ଗୁଖା ବେଶେ ମାଛ ଧରେ,
ଲଡ୍ଡୁ ବଦଳରେ ଟେଙ୍ଗିଡ଼ି ବିଅର
ଧରାଇ ଦିଅନ୍ତି କରେ ।।

ବନ୍ଦନା ମୋ ଛାଡି ଟୋକା ଟୋକି ଯୋଡି
ନାଚନ୍ତି ଡିସ୍କୋ ତାଳେ,
ଭାଙ୍ଗି ଶୁଣ୍ଢ କଣ କରନ୍ତି ଉଲଗ୍ନ
ମୋହର ମେଲାଣି ବେଳେ ।।

ପାଠ ନୁହେଁ ଫୁର୍ତ୍ତୀ ପାଇଁ ସେ ଡାକନ୍ତି
ପାଣିରେ ବୁହାଇ ଟଙ୍କା,
ବାଣ ରୋଷଣିରେ ପ୍ରଦୁଷଣ ଭରେ
କାହାକୁ ଲାଗଇ ଚେଂକା ।।

ଅଗ୍ରପୂଜ୍ୟ ବୋଲି କହୁଥାନ୍ତି ଖାଲି
ଭକ୍ତି ନାହିଁ କାହା ପାଶେ,
କୁହ ପିତା ବାରେ ଯିବି ଏମିତିରେ
ମରତକୁ କେଉଁ ଆଶେ ???

ରାଉରକେଲା
ମୋ.: ୯୪୩୭୫୦୩୧୩୮

## ମୁଠାଏ ବିଶ୍ୱାସ

ଜ୍ୟୋସ୍ନାଶ୍ରୀ ପୁଷ୍ପାରାଣୀ

ସକାଳର ଅପେକ୍ଷାରେ
ଆଖିର ପ୍ରତୀକ୍ଷା
ପ୍ରତୀକ୍ଷାରେ ରହିଗଲା ପରେ
ମୋ ଗାଆଁ ତଟିନୀ ଶୁଖିଗଲା
ଭରା ଶ୍ରାବଣରେ
ଶୀତ ଦେହେ ଲାଗିଗଲା ନିଆଁ
କାହାକୁ କେତେ ବୁଝାଇବ କୁହ
କୁହୁଡ଼ିକୁ ଏଠି ଯଦି ଭାବିବସ ଧୂଆଁ
ଅନ୍ଧାରର ଅନ୍ଧ ପୁତୁଳିରେ
ଲୁଚକାଳି ଖେଳୁଛି କେଉଁ ଅପନ୍ତରା
ସ୍ୱପ୍ନ
ପ୍ରତୀକ୍ଷାର ପ୍ରତୀକ୍ଷାକୁ ଖୀନ ଭିନ କରି
ହାତ ପାହାନ୍ତାରୁ ସବୁତ ଏବେ ଅପହଞ୍ଚ
ସାବଧାନ !
କେତେ ବେଳେ ବି ରକ୍ତାକ୍ତ ହୋଇପାର ତମେ
ଧରିଛି ସେ ଛଳନାର ଛୁରୀ
ଝରୁ ନଥିବା ଆଖି ଲୁହ
ଦେଖି ହେଉ ନଥିବା କୋହର ବୋଝରେ
ଭାରାକ୍ରାନ୍ତ ପୃଥିବୀର ମନ
ଅବେଳରେ ଝରିଗଲା ପରେ
ବଉଳର ସବୁଜିତ ସ୍ୱପ୍ନ ।
ସବୁ ଏଠି ଦୋଷ ଦେବାରେ ବ୍ୟସ୍ତ
ନିଜ ଦୋଷ କିଏବା ଦେଖୁଚି
ମୁକ୍ତି ତୀର୍ଥ ସନ୍ଧାନରେ ଚାଲୁ ଚାଲୁ
ମୋହର ଫାସରେ ଝଟ ପଟ ହୋଇ
ମୋଗାଆଁତଟିନୀ
ବଞ୍ଚି ବଞ୍ଚି ନିଇତି ମରୁଛି
ତଥାପି ପତିକ୍ଷା......
ମୁଠାଏ ବିଶ୍ୱାସ ଆଶ୍ୱାସ ଲାଗି

ମାର୍ଫତ : ବିପ୍ଳବ କୁମାର ସ୍ୱାଇଁ
ବଡ଼ରଂପାସ , ହାଟଡ଼ିହି , କେନ୍ଦୁଝର

(ସନେଟ)

## ସାତ ସପନ

ରତ୍ନପ୍ରଭା ବାଇ



ଦୂରୁ ଦେଖି ମତେ ଭାବୁଅଛ ତମେ ଫଗୁଣର ଫୁଲବନ
ପାଶେ ଆସି ଦେଖ ମରୀଚିକା ଘେରା ମୁଁ ଏକ ମରୁ ଉଦ୍ୟାନ।
ବିସ୍ତିର୍ଣ ବୁକୁରେ ଶହେ ବୈଶାଖର ଖଇଫୁଟା ଖରା ତାତି
ତନୁରେ ତତଲା ସ୍ୱେଦବିନ୍ଦୁ ଦେଖି ମନରେ ଭାବିଛ ମୋତି ।

କାହିଁକି ଯେ ସେତେ ଦୂରୁ ଦେଖି ମତେ ମଣିଛ ମଣି କାଞ୍ଚନ
ଫିଙ୍ଗା ଯାଇଥିବା ଭଙ୍ଗା ଅଇନା ମୁଁ ,ଅଛି କାହା ପ୍ରୟୋଜନ ।
ହୋଇଥିବି ଅବା କାହା ମନ ଲୋଭା ପ୍ରୀତିର ପଦୁଅଁ ଫୁଲ
ବୟସ ବାସରେ ବାନ୍ଧି ରଖିଥିବି ବୁଝିଥିବ ଯିଏ ମୂଲ ।

ହୋଇଥିବି ଅ ବାବରଷା ବଧୂର ମଲହାର ମଧୁଗିତୀ
ମିଠା ସପନରେ ମିଳନ ରଙ୍ଗରେ ରଚୁଥିବ ସବୁ ରାତି ।
କାଚ କଙ୍କଣର ରୁଣୁଝୁଣୁ ସୁରେ ଝୁମୁଥିବ ଦେହ ମନ
ତମରି ଭାବନା ସବୁତ କେବଳ ମୋ ପାଇଁ ସାତ ସପନ ।

ଜୀବନ ବସିଛି ଯୁପକାଠେ ଆଜି ପ୍ରତାରଣା ପୁଞ୍ଜି ଖାଇ
ବିଶ୍ୱାସର ବୁକୁ ବିଦାରି ଫିଟିଛି ଅସରା ଅଶ୍ରୁର ଘାଇ ।।

ବଉଳ ଛକ, ତାଳଚେର ଟାଉନ, ଅନୁଗୁଳ
ମୋବାଇଲ ନ. :୭୦୭୭୯୭୬୯୯୬

(ସନେଟ)

## "ବାକି ଥାଉ କିଛି କଥା"

**ରତ୍ନପ୍ରଭା ବାଇ**

ଆକାଶ ଗୋ' ତୁମଆଖିର ଲୁହରେ ଲେଖନୀ ଆଉ କବିତା
ଅନ୍ତର ନିଗାଡ଼ି ବୁହାଇ ଦିଅନି 'ବାକି ଥାଉ କିଛି କଥା' ।
ଜହ୍ନର ଦୀପାଳି ଜାଳି ଦେଖ ଋତୁ ରୂପ ରଙ୍ଗ ନୂଆ ଦିଶେ
ଶରତ ସଂଜରେ ବଧୂ ସାଜି ଧରା ଜହ୍ନି ଫୁଲ ଓଠେ ହସେ ।

ଝଂଜାରେ ଯଦି ବା' ଝଡି ଥିଲା ମନ ମରିତ, ନଥିଲା ଆଶା
ପାର୍ବଣ ସଂଖ୍ୟାରେ ଲେଖିଛି ସେ, ନିଜ ଜୀବନର ପରିଭାଷା ।
କେତେ ଆଶା ନେଇ କେମିତି ଫୁଟିଚି କୁଆଁରୀ ଗଙ୍ଗଶିଉଳି
ଗୋରା ଗାଲେ ମଧୁ ମହକ ମାଖି ସେ' ପବନେ ଖେଳୁଚି ଦୋଳି ।

ଯଦି ବା' ଜାଣିଛି ଜୀବନକୁ ଘେରି ରହିଛି ଘନ ଅନ୍ଧାର
ତଥାପି ତୁଟିନି ଫୁଟିବାର ମୋହ ମଉଳା ମନରୁ ତା'ର ।
ପାରିବା ପଣରେ ପରଖି ନିଜକୁ ପୋଛି ଦେଇ ଯେତେ ଦୁଃଖ
ପତ୍ର ଗହଳରେ ଉଜାଗରେ ବସି ବାସନା ବାଂଟୁଚି ଦେଖ ।

ନିଶବ୍ଦ ନିଶିର ନୀରବତା ଭାଙ୍ଗି ବେଦନାର ବୁକୁ ଚିରି
ସତେ କି ସାଉଁଟେ ସକାଳର ସୁଖ ମାଟିପରେ ଝରି ଝରି ।।

ବଉଳ ଛକ, ତାଳଚେର ଟାଉନ, ଅନୁଗୁଳ
ମୋବାଇଲ ନ. :୭୦୭୭୯୭୬୯୯୬

## ସେ ପ୍ରୀତି ପସରା

**ପଦ୍ମ ଚରଣ ମଲ୍ଲିକ**



ଅନ୍ଧାରରୁ ଆସି ଏବେ ଆଲୋକରେ ଅଛି ।
ମାଟି ଉପରେ ଥାଇ ମୁଁ ଆକାଶ ଦେଖୁଛି ।।

ଦେଖୁଛି ଜଳ ଅନଳ ପବନରେ ତାକୁ
ତା ରୂପ ଦର୍ଶନେ ମୋର ପୁରିଯାଏ ବୁକୁ ।।

ବାସନା ମୋ ତା ସାଥିରେ ମିଶିଯିବା ପାଇଁ ।
ମୁଁ ଚାଲିଛି ଚରୈବେତି ମନ୍ତ୍ର ଗାଇ ଗାଇ ।।

ସିଏ ମୋ ମନ ପ୍ରାଣରେ ଚିର ଅପାସୋର ।
ସେ ସତ୍ୟ ଶିବ ସୁନ୍ଦର ସେ ପ୍ରୀତି ପସରା ।।

ସେ ଦୂରରେ ନାହିଁ ମୁହିଁ ତା ପାଖରେ ଅଛି ।
ହଜି ଭିଜି ନିତି ନିତି ତାକୁ ମୁଁ ଦେଖୁଛି ।।

ସିଏ ମୋ ଆଦରର ମୁଁ ତାର ନିଜର ।
କେହି କେବେ ଆପଣାର ହୁଏ ନାହିଁ ପର ।।

ଯିଏ ଯାର ସିଏ ତାର ପ୍ରୀତି ପ୍ରତ୍ୟୟର ।
ଅମଳିନ ଅନାବିଳ ମମତା ନିର୍ଝର ।।

ସେ ଜୀବନେ ଭାବମୟ ଦୁର୍ଲଭ ବିଭବ ।
ତା ସେବା ସୌଭାଗ୍ୟ ମୋର ଅପୂର୍ବ ଗୌରବ ।।

କୈବଲ୍ୟ ମାଗୁଣି ତୀର୍ଥ, ଦୈତାରୀପୁର,
ପୋ: ପଦନୀ ପାଳ, ଜି: କେନ୍ଦ୍ରାପଡ଼ା, ପିନ -୭୫୪୨୩୯
ମୋ: ୯୪୩୭୪୬୨୧୧୭

## ସେଠି ପହଁଚିଲା ପରେ

**ଯୁଧିଷ୍ଠିର ମହାନ୍ତି**



ମୋର ହେଇ ଥିବ କି କିଛି,
ବୋହି ପଡୁଥିବା ସ୍ୱେଦ ଗନ୍ଧ,
ଅସ୍ପୃଷ୍ୟ ଲୁହର ଦାଗ,
ମୋର ମୋର ସ୍ୱାଭିମାନ,
ଅହଂକାର ଆଉ କିଛି ?
ସବୁତ ଶେଷ ହୋଇ ସାରିଥିବ
ଫୋପଡ଼ା ସରିଥିବ ଭାତ ହାଣ୍ଡି

ପାରିବା ପଣ, ଅସହାୟତା ।
ଦୃଶ୍ୟମୟ ତାର ଚାରିକାନ୍ଥ
ଡେଇଁ ସାରିଥିବା
ତମର କାନ୍ଦ କାନ୍ଦ ଭାବ,
ଛଳ ଛଳ ଆଖି ଲୁହ
କିଛି ବି ;
ଫେରେଇ ଆଣି ପାରିବକି
ମୋ ବ୍ରହ୍ମ ସ୍ୱରୂପ,
କେବଳ ଅପେକ୍ଷା ଥିବ
ଆଉ ଏକ ଜନ୍ମାନ୍ତର ପାଇଁ
ସେଠି ପହଁଚିଲା ପରେ ।

ଏ. ଜେ. ଓ . ଉଚ୍ଚ ବିଦ୍ୟାଳୟ, ଫୁଲବାଣୀ , କନ୍ଧମାଳ
ତା -୮.୧୧.୨୦୧୩ (ଶୁକ୍ରବାର )

## ହେ ପାଷାଣ ଦେବତା

ମୋନାଲିସା ଚୌଧୁରୀ



କିଛି ସୁଖରୁ ପାଥେୟ କରି
କିଛି ଦୁଃଖକୁ ଆଞ୍ଜୁଳାରେ ଭରି
ଚାଲିଛି ଜୀବନର ପଥେ ମୁଁ
କାଳେ ଭେଟିବି ତୁମକୁ
ମୋହ ମାୟାରେ ସଂସାର ପୀଡିତ
ଦୁଃଖ, ଯନ୍ତ୍ରଣା, ଇର୍ଷା, ଲାଂଛନାରେ
ମେଦିନୀ ଆଜି ଭାରି
ସଂସାରରେ ଆଉ
ନାହିଁ ଆଜି ଧର୍ମ
ବ୍ୟଭିଚାର ଚାଲଇ ଧର୍ମ ନାମରେ
ମନ୍ଦିରରେ ଖାଲି ବାଜଇ ଘଣ୍ଟି
ଈଶ୍ବର ପ୍ରାଣହୀନ
ପାଷାଣ ମୂର୍ତ୍ତି ଆଜି
ମନ୍ଦିରରେ ଲକ୍ଷ ଲକ୍ଷ ଭକ୍ତ ସତ
ହେଲେ ସବୁ କ'ଣ ଭକ୍ତ
ଭକ୍ତ ନାମରେ କଳଙ୍କ ଅନେକ ତ ।

ୟୁନିୱାର୍ଲଡ ଗାର୍ଡେନ ୨
ଡି-୧/୧୯୦୧, ସେକ୍ଟର-୪୭
ଗୁଡ଼ଗାଁ , ହରିୟାଣା
ମୋ :୯୯୧୦୦୭୩୨୮

## ରାମ ଦାସ ତୁମେ ଜିତି ଗଲ

ଅନ୍ତର୍ଯ୍ୟାମୀ ସରଘରିଆ



ରାମ ଦାସ ତୁମେ ଜିତି ଗଲ
ହାରି ହାରି ତୁମ ମନ ମରିଗଲା
ଜିତିବାକୁ ମନ ବଳାଇଲ
ରାମ ଦାସ ତୁମେ ଜିତି ଗଲ ।

ଜିତିବାର ପଥ ଅତି ପରିଷ୍କାର
ଏ କଥାକୁ ତୁମେ ବୁଝିଗଲ
ଗଛ ମୂଳକୁ ନ ଅନାଇଁ ତୁମେ, ଶୀର୍ଷ ଦେଶକୁ ଅନାଇଲ
ରାମ ଦାସ ତୁମେ ଜିତି ଗଲ ।

ପରୀକ୍ଷା ପୂର୍ବରୁ ପାଠ ପଢିଲନି, କପିବି କଲନି
ତଥାପି ତୁମେ ପାସ କଲ
ୟୁନିଭରସିଟିକୁ ଠକି ଦେଲ
ରାମ ଦାସ ତୁମେ ଜିତି ଗଲ ।

ୟୁନିଭରସିଟି ଅଫିସ ଭିତରେ
ନୋଟ ବିଡ଼ା ଧରି ବୁଲୁଥିଲ
ପରୀକ୍ଷା ଖାତରେ କିଛି ବି ନଲେଖି
ଅଚିରେ ତୁମେ ପାସ କଲ
ରାମ ଦାସ ତୁମେ ଜିତି ଗଲ ।

ହାରିବାର ସ୍ୱାଦ ଭୁଲିଗଲ
ଦୁନିଆଁ ଆଖିରେ ଆଙ୍ଗୁଠି ଖେଂଚୀ
ଦୁନିଆକୁ ପାଠ ପଢ଼ାଇଲ
ରାମ ଦାସ ତୁମେ ଜିତି ଗଲ ।

ଉତ୍କଳ ଗାଲଭାନାଇଜର୍ସ ଲିଃ
୨୩୨, ସହିଦ ନଗର
ଭୁବନେଶ୍ୱର

## ସୁନ୍ଦରତାର ଆସର

**ବେବିନା ଜେନା**



ଗଢ଼ି ଜାଣିଲେ ଘର ସୁନ୍ଦର ,
ପରଷି ଜାଣିଲେ ମନ ସୁନ୍ଦର,
ଖୋଇ ଜାଣିଲେ ଆତ୍ମା ସୁନ୍ଦର,
କୋଳେଇ ପାରିଲେ କୋଳ ସୁନ୍ଦର,
ପଢ଼ାଇ ପାରିଲେ ପାଠ ସୁନ୍ଦର,
ଦେଇ ଜାଣିଲେ ଦାତା ସୁନ୍ଦର,
ଫୁଲ ଖେଳିଲେ ବଗିଚା ସୁନ୍ଦର,
ମୀନ ଖେଳିଲେ ଗଡ଼ିଆ ସୁନ୍ଦର,
ପିଲା ଖେଳିଲେ ଅଗଣା ସୁନ୍ଦର,
ସବୁ ସୁନ୍ଦରତାକୁ ଆପଣେଇ ପାରୁଥିବା
ଶ୍ରଦ୍ଧାଳୁ ମାନବିକତା ସୁନ୍ଦର ହେଲେ
ଶାନ୍ତି ସନ୍ତୋଷର ଆସର ହସି ଉଠେ ।।

ରାମପୁରୀ, ଗାଜିଆବାଦ

## ଅକ୍ଷୟ ତୃତୀୟା

**ଶମ୍ଭୁନାଥ ଦାସ**



'ଅକ୍ଷୟ ତୃତୀୟା' ମହାତ୍ମ୍ୟ ଅନେକ
ଶୁଣ ଶୁଣ ସୁଧୀ- ଜନ,
ଗଙ୍ଗା-ମାତା ଏହି ପୁଣ୍ୟ ଦିବସରେ
ମର୍ତ୍ତ୍ୟରେ ଅବତରଣ।
ସତ୍ୟ କି ତ୍ରେତୟା ଦ୍ୱାପର ଓ କଳି
ଏ ଦିବସେ ଶୁଭାରମ୍ଭ,
ଜନ୍ମ ହୋଇଥିଲେ ଅନେକ ମହର୍ଷି
ପର୍ଶୁରାମ ଜୟଦେବ।
ଅକ୍ଷୟ ତୃତୀୟା ଦିବସେ ଖଜାନା
କୁବେର ହୋଇଲେ ପ୍ରାପ୍ତ,
କୌରବ ସଭାରେ ଦ୍ରୌପଦୀଙ୍କୁ କୃଷ୍ଣ
ଦେଇଥିଲେ କୋଟି ବସ୍ତ୍ର।
ଏହି ଦିବସରେ ମାତା ଅନ୍ନପୂର୍ଣ୍ଣା
ଜନ୍ମ ଲଭିଲେ ଧରାର,
ଉତ୍କଳୀୟ ପର୍ବ ଅକ୍ଷୟ ତୃତୀୟା
ଶୁଭ ଦିନ ଚାଷୀଙ୍କର।
ଶ୍ରୀକୃଷ୍ଣ-ସୁଦାମ ବନ୍ଧୁଙ୍କ ମିଳନ
ଅକ୍ଷୟ ତୃତୀୟା ଦିନ,
ଦାନ-ଧର୍ମ-କର୍ମଶୁଭ ଓ ମଙ୍ଗଳ
ମନେରଖ ସୁଧୀ-ଜନ।
ସ୍ୱର୍ଣ୍ଣ ଅଳଙ୍କାର ଯେ ହୁଅଇ ପ୍ରାପ୍ତ
ସେ ହୁଅଇ ଲକ୍ଷ୍ମୀବନ୍ତ,
ସଂସ୍କୃତିର ପର୍ବ 'ଅକ୍ଷୟ ତୃତୀୟା'
ମଙ୍ଗଳମୟ ମହତ୍ତ୍ୱ।

ସମ୍ପାଦକ/ଅଭିଯାନ /କୋଲକାତା

ବ୍ୟଙ୍ଗବାଣ

## ଶାଶୁସଂଘର ଦାବି !

-ଡଃ.କୁଳାଙ୍ଗାର



ଶାଶୁ ଏକତା ନାରୀ ଦୃଢତା
ଜିନ୍ଦାବାଦ୍... ଜିନ୍ଦାବାଦ୍...;
ବୋହୁଙ୍କ ଦଳ ପଙ୍ଗପାଳ
ମୁର୍ଦ୍ଦାବାଦ୍... ମୁର୍ଦ୍ଦାବାଦ୍...!!
ଶାଶୁ ସଭିଏଁ ଏକ୍ ହୁଅ
ଏକ୍ ହୁଅ ଏକ୍ ହୁଅ;
ବୋହୁମାନଙ୍କୁ ଦବେଇ ଦିଅ
ଦବେଇ ଦିଅ ଦବେଇ ଦିଅ!!

ଶାଶୁହିଁ ବଡ ସଂଖ୍ୟା ଅଧିକ
ସଂଖ୍ୟା ଅଧିକ ସଂଖ୍ୟା ଅଧିକ;
ବୋହୁ ସଂଖ୍ୟାର ବୃଦ୍ଧିକୁ ରୋକ
ବୃଦ୍ଧିକୁ ରୋକ ବୃଦ୍ଧିକୁ ରୋକ!
ସ୍ୱାମୀ ପୁଅ ସବୁ ଆମ ବୋଲରେ
ଆମ ବୋଲରେ ଆମ ବୋଲରେ;
ଶାଶୁ ବିରୋଧୀଙ୍କୁ ପକା ଖାଲରେ
ପକା ଖାଲରେ ପକା ଖାଲରେ!!

ଘରର ମାଲିକ ଆମେ ସର୍କାର
ଆମେ ସର୍କାର ଆମେ ସର୍କାର;
ଆମ ଘରେ ବୋହୁ ଅଟେ ଚାକର
ଅଟେ ଚାକର ଅଟେ ଚାକର!
ବୋହୁ ହଟେଇବା ନୁହେଁ ତ ମନ୍ଦ
ନୁହେଁ ତ ମନ୍ଦ ନୁହେଁ ତ ମନ୍ଦ;
ଦହେଜ କରେ ଆଇନି ଅନ୍ଧ
ଆଇନି ଅନ୍ଧ ଆଇନି ଅନ୍ଧ!!

ପେଟ୍ରୋଲ କମ୍ପାନୀ ହାଏ ହାଏ
ହାଏ ହାଏ ହାଏ ହାଏ;
ଗ୍ୟାସ କମ୍ପାନୀ ହାଏ ହାଏ
ହାଏ ହାଏ ହାଏ ହାଏ!
ଦରବୃଦ୍ଧି ହେଲେ ବାଧୁଚି ଭାରି
ବାଧୁଚି ଭାରି ବାଧୁଚି ଭାରି;
ଖର୍ଚ୍ଚ ବଢିଯାଏ ବୋହୁକୁ ମାରି
ବୋହୁକୁ ମାରି ବୋହୁକୁ ମାରି!!

ପେଟ୍ରୋଲ ଡିଜେଲ ଶସ୍ତା ହେଉ
ଶସ୍ତା ହେଉ ଶସ୍ତା ହେଉ;
ସୁବିଧାରେ ପୋଡି ହୁଅନ୍ତୁ ବୋହୁ
ହୁଅନ୍ତୁ ବୋହୁ ହୁଅନ୍ତୁ ବୋହୁ!
ଆମେ ଗ୍ୟାସ୍ ଦର ବୃଦ୍ଧିକୁ ନିନ୍ଦୁ
ବୃଦ୍ଧିକୁ ନିନ୍ଦୁ ବୃଦ୍ଧିକୁ ନିନ୍ଦୁ;
ଟାଙ୍କି ଫଟେଇବା ଜମା ନବାଧୁ
ଜମା ନବାଧୁ ଜମା ନବାଧୁ!!

ଡିଜିଟାଲ ଯୁଗ ହାଏ ହାଏ
ହାଏ ହାଏ ହାଏ ହାଏ;
ନିମିଶେ କମ୍ପ୍ଲେନ ପଳେଇ ଯାଏ
ପଳେଇ ଯାଏ ପଳେଇ ଯାଏ!

ଆମ ଶାସନକୁ ରେକର୍ଡ କରି
ରେକର୍ଡ କରି ରେକର୍ଡ କରି;
ଇଜ୍ଜତକୁ ସିଏ ଦିଅନ୍ତି ସାରି
ଦିଅନ୍ତି ସାରି ଦିଅନ୍ତି ସାରି!!

ଆମରି ହାତରେ ଅଧିକ ଭୋଟ
ଅଧିକ ଭୋଟ ଅଧିକ ଭୋଟ;
ହଇରାଣ କଲେ ମାରିବା ଚୋଟ
ମାରିବା ଚୋଟ ମାରିବା ଚୋଟ!
ଶାଶୁଙ୍କ ସମ୍ମାନ ଦେଶର ଟେକ
ଦେଶର ଟେକ ଦେଶର ଟେକ;
କବିମାନେ ତାଙ୍କୁ ଟେକିକି ଲେଖ
ଟେକିକି ଲେଖ ଟେକିକି ଲେଖ!!

ମାର୍ଫତ- ଗାନ୍ଧୀ ପଣ୍ଡା, କଳାଘର-ଲେମୋ,
ଡାକ-ଅଲରା, ନରସିଂହପୁର, କଟକ
କ୍ରିଂକ୍ରିଂ- ୯୩୩୮୫୮୧୩୦୯
E-mail: dr.kulangar@gmail.com

# ଅସ୍ତ ସୂର୍ଯ୍ୟର ରଙ୍ଗ

କମଳା ଶତପଥୀ



ସକାଳୁ ସକାଳୁ ଖବରକାଗଜର ପ୍ରଥମ ପୃଷ୍ଠାରେ ଦୃଷ୍ଟି ପଡୁ ପଡୁ ଚମକି ଉଠିଲେ ସୁନୟନା । ଖବରର ଭିଡ ଭିତରୁ ସ୍ପଷ୍ଟ ଦେଖି ପାରିଥିଲେ ସେହି ଭୟଙ୍କର ଖବରକୁ, ଯାହାକୁ ନଦେଖିବାର, ନପଢ଼ିବାର ପ୍ରାର୍ଥନା ସବୁବେଳେ ସେ କରିଆସିଥାନ୍ତି । ଛୋଟିଆ ଏଇ ଖବରଟି ଅନ୍ୟମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଇଥିବ କି ନାହିଁ, ଜଣାନାହିଁ, କିନ୍ତୁ ତାଙ୍କର ସାରାଦିନଟି ନଷ୍ଟ କରିଦେବାକୁ ଥିଲା ଯଥେଷ୍ଟ । ଆଜିର କାଗଜ ପଢ଼ା ସେତିକିରେ ବନ୍ଦ କରି ସେ ଉଠିଆସିଲେ ବାଲ୍‌କୋନୀକୁ ।

ସକାଳର ଶୀତଳ ପବନ ବି ଦେହମନକୁ ଥଣ୍ଡା କରିପାରୁ ନଥିଲା । ବ୍ୟାକୁଳ ଚିତ୍ତରେ ସେ ଚାହିଁ ରହିଗଲେ ଆରବ ସାଗରର ଉତ୍ତାଳ ଜଳରାଶିକୁ। ଗୋଟିକ ପରେ ଗୋଟିଏ ଲହଡି ଆସି ତାଙ୍କ ବଙ୍ଗଳାର ଚଉହଦୀରେ ମୁଣ୍ଡପିଟି ଫେରିଯାଉଥିଲା । ଚାହିଁଲେ ସେ ସାଗରର ସେହି ଅସ୍ଥିରତାକୁ । କେତେ ବ୍ୟାକୁଳତାକୁ ମନରେ ଭରି ଧାଇଁଆସୁଛି ସେ ସ୍ଥଳଭାଗକୁ । ଆତୁର ହେଉଛି ବେଳାଭୂଇଁରେ ମିଶିଯିବାକୁ! କିନ୍ତୁ ସବୁଥର ପରି ବେଳାଭୂଇଁ ଆଜି ବି ଭାବଶୂନ୍ୟ, ଆତୁରତା ଶୂନ୍ୟ । ଠିକ୍ ସୁନୟନାଙ୍କ ସନ୍ତାନ ସନ୍ତତିଙ୍କ ପରି । କାହିଁ କେତେ ଦୂରେ ରହିଛନ୍ତି ସେମାନେ ! ସେମାନଙ୍କ ପଥ ଚାହିଁ ଚାହିଁ ସୁନୟନାଙ୍କ ଆଖିର ପାଣି କେବେଠାରୁ ଶୁଖିଗଲାଣି । ସାଗରର ଲହଡି ପରି ସେ ମଧ ଚାହାଁନ୍ତି ତାଙ୍କ ପିଲାମାନଙ୍କ ସାଥିରେ ମିଶିଯିବାକୁ, ସେମାନଙ୍କୁ କୋଳରେ ଭରିନେବାକୁ । କିନ୍ତୁ ସେମାନଙ୍କ ବ୍ୟସ୍ତତା ଭରା ଜୀବନ ଭିତରେ ତାଙ୍କ ପ୍ରତି ସେତିକି ଟିକେ ଭାବ ପ୍ରଦର୍ଶନ କରିବାକୁ ବି ସମୟ ନାହିଁ। ଆତୁରତା ନାହିଁ କହିବାଟା ସୁନୟନାଙ୍କୁ ବେଶୀ ଠିକ୍ ଲାଗେ। କାରଣ ତାଙ୍କୁ ଲାଗେ ଆତୁରତା ଥିଲେ ସମୟ ଆପେ ଆପେ ବାହାରି ଆସିବ।

ମନ ଭିତରେ ଆଜି କେତେ ପ୍ରକାରର ଚିନ୍ତା ମୁଣ୍ଡ ପିଟି ପିଟି ଜମା ହେଇଯାଉଛନ୍ତି । ଚା କପ୍‌ଟା କେବେ ଠାରୁ ଥଣ୍ଡା ହେଇସାରିଲାଣି । ଏମିତି ବି ଚା ପିଇବାର ଆଗ୍ରହ ଆଉ ମନ ଭିତରେ ରହିଯାଇନି । ଚିନ୍ତା ଆଉ ଅବସାଦର ବାହୁ ଘେରରେ ବନ୍ଦୀ ହୋଇଯାଇଥିବା ମନ ତାଙ୍କର ରହି ରହି ସେଇ ଛୋଟିଆ ଖବର ପାଖକୁ ଲେଉଟି ଯାଉଥିଲା । କ'ଣ କରିବେ, କ'ଣ ନକରିବେର ଦ୍ୱନ୍ଦ୍ୱ, ମନ ଭିତରେ ଆଧିପତ୍ୟ ବିସ୍ତାର କରିଚାଲିଥିଲା ।

କିଛି ବର୍ଷ ପୂର୍ବରୁ ଏଇ ଘରଟିର କାନ୍ଥବାଡ, ଝରକା କବାଟ, କଡିବରଗା ସମସ୍ତଙ୍କ ପାଟିତୁଣ୍ଡରେ ଦୋହଲି ଉଠୁଥିଲା । ଏତେ ବଡ ଘର ହେଇ ବି କେବେ ଏପରି ଶୂନ୍ୟତାକୁ ସେ ଅନୁଭବ କରିନଥିଲେ । କିନ୍ତୁ ଏଇ କିଛି ବର୍ଷ ଭିତରେ ସବୁକିଛି ଓଲଟି ପଡିଲା । ଧିରେ ଧିରେ ସମସ୍ତେ ନିଜ ନିଜ ପକ୍ଷ ବିସ୍ତାର କରି ନୀଳ ଆକାଶର ଅନନ୍ତତା ଭିତରେ ଦୂରକୁ ଦୂରକୁ ଚାଲିଗଲେ । ରହିଗଲେ କେବଳ ସୁନୟନା ଚାରିକାନ୍ଥ ଭିତରର ଏଇ ଶୂନ୍ୟତାକୁ ପରଖିବାକୁ । ଏବେ ତ ଛୁଞ୍ଚିଟିଏ ପଡିବାର ଶବ୍ଦକୁ ଶୁଣିବା ପାଇଁ ବି ତାଙ୍କ କାନ ବ୍ୟାକୁଳ ହୋଇଉଠେ ।

ନିଜ ଚତୁର୍ଦ୍ଦିଗରେ ଭରି ରହିଥିବା ଶୂନ୍ୟତାର ବିରାଟ ଆବରଣକୁ ଦୂରେଇ ଦବାକୁ ସେ ନିଜେ ବେଳେ ବେଳେ ବାସନ କୁସନ ଫୋପାଡି ଶବ୍ଦ ସୃଷ୍ଟି କରନ୍ତି, ଟିଭିକୁ ଜୋର୍‌ରେ ଲଗେଇ ଦେଇ ଗହଳ ଚହଳର ଅନୁଭବ କରନ୍ତି, ନହେଲେ କିଛି କଥା ନଥାଇ ବି ଜୋର୍ ଜୋର୍‌ରେ ହସନ୍ତି ଅବା କାନ୍ଦନ୍ତି । କିନ୍ତୁ ଏସବୁ ଭିତରେ ନିଜେ ନିଜକୁ ଠକୁ ଠକୁ ସେ ବେଶୀ ବେଶୀ ଅସହାୟ ମନେକରନ୍ତି । ସେ ଯେ ଏକୁଟିଆ ରହୁଛନ୍ତି, ସେହି ଅନୁଭବଟା ତାଙ୍କ ଭିତରେ ଅଧିକରୁ ଅଧିକ ଜାଗୃତ ହୋଇଉଠେ ଆଉ ଖୁବ୍ ଶୀଘ୍ର ଏମିତି ଶୂନ୍ୟ ଗର୍ଭ ଭିତରେ ନିଜକୁ ହରେଇ ବସୁଥିବାରୁ କହିଁ କହିଁ ହୋଇ କାନ୍ଦିପକାନ୍ତି ।

ନା, ଆଜି ବାଲ୍‌କୋନୀରେ ବସିବାକୁ ତାଙ୍କୁ ଆଦୌ ଭଲ ଲାଗୁନାହିଁ । ଭିତରକୁ ଚାଲିଆସିଲେ ସେ । ଏଇ ସମୟରେ ସେ କେବଳ ଖବରକାଗଜ ପଢ଼ନ୍ତି । ତାଙ୍କ ରୁଟିନ୍ ବନ୍ଧା ଜୀବନ ଭିତରେ ଅନ୍ୟ କିଛି କରିବାର ସମୟ ନୁହେଁ ଏଇଟା । ତଥାପି ସେଥିରେ ବ୍ୟତିକ୍ରମ କରି ଅନ୍ୟ କିଛି କାମ କରିବାକୁ ରୋଷେଇ ଘର ଭିତରକୁ ସେ ପଶିଗଲେ । ହେଲେ ରୋଷେଇ ଘରେ ବି ଏତେ ସକାଳୁ ତାଙ୍କର କାମ କ'ଣ ଅଛି ! ଛାଡ, ଆଉ କପେ ଚା କରିନେବେ ।

ଚା କେଟିଲିଟା ଚୂଲି ଉପରେ ଥୋଇ ଅଦା ଫ୍ରିଜ୍‌ରୁ ବାହାର କରି କାଟିଲେ । ଛୁରୀରେ କାଟୁ କାଟୁ ହାତ ତାଙ୍କର ଥରିଉଠିଲା । ସକାଳର ଖବର ପୁଣି ନିଜ ସ୍ଥାନକୁ ଫେରିଆସିଲା । ଏମିତି ଧାରୁଆ ଛୁରୀ ଧରି ଘର ଭିତରକୁ ପଶିଆସିଥିବ ଲୋକଟା । ଘରେ କେବଳ ବୃଦ୍ଧ ଦମ୍ପତ୍ତି ହଠାତ୍ ସାମନାରେ ଲୋକଟିକୁ ଦେଖି ଚମକି ପଡିଥିବେ । ଘର ଭିତରକୁ କେମିତି ପଶିଆସିଲା ଭାବି ଚିନ୍ତିତ ହୋଇ ଉଠିଥିବେ । ଭୟରେ ମୁହଁ ଶେତା ପଡିଯାଇଥିବ । ଆଉ ଏତିକିବେଳେ ଦଉଡି ଆସିଥିବ ଲୋକଟା ସେମାନଙ୍କ ପାଖକୁ .. ପଚ୍ କରି କାଟି ଦେଇଥିବ ବେକ .. ଛପ୍ କରି ବାହାରି ଆସିଥିବ ତାଜା ତାଜା ରକ୍ତରୁ ପୁଳାଏ !

ଓଃ, କି ଭୟଙ୍କର ଦିଶୁଥିବ ସେ ଲୋକଟାର ମୁହଁ .. କେତେ ନିର୍ଦ୍ଦୟ ହୋଇଥିବ ସେ ! ଥରି ଉଠିଲେ ଭୟରେ ସୁନୟନା । କଳ୍ପନାରେ ଦେଖୁଥିବା ଦୃଶ୍ୟକୁ ନିଜର ନିହାତି ପାଖରେ ଘଟୁଥିବାର ଅନୁଭବ କରି ଝାଳେଇ ଉଠିଲେ । ଦେହହାତ ବରଡାପତ୍ର ପରି ଥରିବାକୁ ଲାଗିଲା । ଚା ପିଇବାର ସବୁ ଆଗ୍ରହ କୁଆଡେ ଉଭେଇଗଲା । ଚୂଲି ବନ୍ଦ କରିଦେଇ ତତ୍‌କ୍ଷଣାତ୍ ରୋଷେଇଘରୁ ବାହାରି ଆସିଲେ

ସେ।

ଶୋଇବାଘରକୁ ଯାଇ ଜୋର୍‌ରେ ପଙ୍ଖା ଚାଲୁ କରିଦେଇ ଖଟ ଉପରେ ଆଖିବୁଜି ପଡିରହିଲେ। ଏପର୍ଯ୍ୟନ୍ତ ବି ଭୟରେ ଛାତି ଧଡ୍‌ଧଡ୍ କରୁଛି। ମନ ବ୍ୟାକୁଳ ଲାଗୁଛି । କାହିଁକି ଏମିତି ହୁଏ ଯେ ? କିଛି ଧନ ପାଇବାର ଲୋଭରେ ମଣିଷକୁ ମାରିଦବାକୁ ବି ସାମାନ୍ୟ କୁଣ୍ଠାବୋଧ କରେନା ମଣିଷ! ସେମିତି ଧନକୁ ନେଇ ସେ କ'ଣ କେବେ ବି ଶାନ୍ତିରେ ରହିପାରୁଥିବ! ଏତେ କଷ୍ଟ କରି, ଏତେ ପାପ କରି ଯାହା ଅର୍ଜନ କଲା,. ତାକୁ ଖର୍ଚ୍ଚ କଲାବେଳେ ତା' ହାତ ଥରି ଉଠୁନଥିବ! ଯୋଉ ରକ୍ତର ହୋରିରେ ନିଜକୁ ରଙ୍ଗେଇଥିବ, ଜୀବନସାରା ସେ ରକ୍ତ ତା'ର ପିଛା କରୁନଥିବ!

ଓଃ, ଛାଡ ଏସବୁ। ସେ କାହିଁକି ସେହି କଥାକୁ ସେହି କଥାକୁ ଖାଲି ଭାବି ଚାଲିଛନ୍ତି! ଏ ବିରାଟ ସହରର ଜନସମୁଦ୍ରରେ ନିତ୍ୟ ପ୍ରତିଦିନ କୋଉଠି ନା କୋଉଠି କାହାରି ନା କାହାରି ମୃତ୍ୟୁ ହେଉଛି । କୋଉଠି କିଏ ଛୁରୀ ଭୁଷି ହେଇ ମଲାଣି ତ ଆଉ କୋଉଠି କିଏ କାହାକୁ ଛୁରୀ ଭୁଷି ମାରିଦେଲାଣି । ଏଥିରେ ନୂତନତା ବା କ'ଣ ଅଛି! ଖବରକାଗଜ ଓଲଟେଇଲା ମାତ୍ରେ ତ ଆଖିରେ ଆଗ ପଡିବ ମୃତ୍ୟୁର ଖବର । ତା'ବୋଲି ସବୁକିଛି କ'ଣ ଶେଷ ହେଇଯାଉଛି! ବରଂ ଜୀବନ ତା' ନିଜ ଗତିପଥରେ ସେମିତି ଆଗେଇ ଚାଲୁଛି। ତାହାହେଲେ ସେ କାହିଁ ସେଇଗୁଡାକୁ ଏତେ ମୁଣ୍ଡରେ ପୂରେଇବେ ?

ଉଠି ଆସିଲେ ସେ ଶେଯରୁ । ବେସିନ୍ ପାଖକୁ ଯାଇ ହାତମୁହଁ ଧୁଆଧୋଇ କଲେ। ମୁଣ୍ଡଟା କୁଣ୍ଡେଇ ଆଣିଲେ। ବାହାର ବଗିଚାରେ ଯାଇ କିଛି ସମୟ ବସିଯିବାକୁ ମନେ ମନେ ସ୍ଥିର କରିନେଲେ । ସମୁଦ୍ରର ଶୀତଳ ପବନ ଦେହରେ ବାଜିଲେ ମନଟା ତାଜା ହୋଇଉଠିବ। ସକାଳର ସବୁ ଅବସାଦ କିଛି ମାତ୍ରାରେ ନିଶ୍ଚୟ ଦୂରେଇ ଯିବ । ସେପଟ ଫ୍ଲାଟ୍‌ମାନଙ୍କରୁ ଛୋଟ ଛୋଟ ପିଲାମାଙ୍କର କିଚିରି ମିଚିରି ଶବ୍ଦ ଶୁଣିଲେ, ସେମାନଙ୍କ ଦଉଡା ଦଉଡି ଖେଳ ଦେଖିଲେ, ତାଙ୍କୁ ଭାରି ଭଲ ଲାଗେ । ତାଙ୍କ ଏକାନ୍ତ ଜୀବନରେ କିଛିଟା ଗହଳ ଚହଳକୁ ସେ ଅନୁଭବ କରିପାରନ୍ତି। କିଛି ସମୟ ପାଇଁ ସେ ଭୁଲିଯାଆନ୍ତି ଯେ ଏତେ ବଡ ଘରଟାରେ ସେ ଏକା ଏକୁଟିଆ ରହୁଛନ୍ତି । ତାଙ୍କ ଶାନ୍ତିଭଙ୍ଗ କରିବାକୁ, କି ଜିନିଷପତ୍ର ଘାଣ୍ଟିଦେଇ ତାଙ୍କୁ ବିରକ୍ତ କରି ପକେଇବାକୁ ତାଙ୍କ ପାଖରେ ଚଢ଼େଇ ଛୁଆଟିଏ ବି ନାହିଁ।

ଓହ୍ଲେଇ ଆସିଲେ ସେ ତଳକୁ। ବଗିଚାରେ ପଡିଥିବା ଚଉକି ଉପରେ ହାତଗୋଡ ମେଲେଇ ବସିଗଲେ। ଚାରିଆଡକୁ ଇତଃସ୍ତତଃ ହୋଇ ଅନେଇଲେ। କିନ୍ତୁ ନା, ଯାହାର ଆକର୍ଷଣରେ ଏତେ ସକାଳଟାରୁ ତଳକୁ ଓହ୍ଲେଇ ଆସିଛନ୍ତି ସେ, ସେସବୁ କିଛି ବି ତାଙ୍କ କାନ ଶୁଣିପାରିଲାନି। ପାଖ ବିଲଡିଙ୍ଗ୍‌ର ଛୁଆମାନେ ଏତେ ସକାଳୁ ତ କେବେ ବି ଉଠନ୍ତିନି । ସେ ତ ଭୁଲି ଯାଇଥିଲେ ସେକଥା । ଝରକା ସେପଟେ ମା' ମାନଙ୍କର ବ୍ୟସ୍ତ ବିବ୍ରତ ଚେହେରା ଆଉ ଚିରାଚରିତ ଦିନଚର୍ଯ୍ୟାର ପ୍ରାରମ୍ଭିକ ଝଲକ।

ବ୍ୟସ୍ତ ହୋଇପଡିଲେ ସୁନୟନା। ଏମିତି ଶୁନ୍‌ଶାନ୍ ବାତାବରଣ ଭିତରେ ଏକା ଏକୁଟିଆଟା ବଗିଚା ଭିତରେ ବସିବାରେ କ'ଣ କିଛି ଆନନ୍ଦ ଥାଏ! କିନ୍ତୁ କିଏ ତାଙ୍କର ସାଥି ହେବ! ଆଖପାଖରେ କେହି ବି ଜଣାଶୁଣା ତାଙ୍କରି ବୟସର ମହିଳା ନାହାନ୍ତି, ଯାହାଙ୍କ ସହିତ ପଦେ ଦି'ପଦ କଥା ହୋଇପାରନ୍ତେ ସେ। କିଛି ନିଜ କଥା କୁହନ୍ତେ, ଆଉ କିଛି ତା'ର ବି ଶୁଣନ୍ତେ । ପିଲାମାନେ ବାହାରକୁ ଚାଲିଗଲା ପରେ କେମିତି କାଟୁଛନ୍ତି ସେ ନିର୍ବାସିତର ଜୀବନ, ତାହାର ଅନୁଭବକୁ ତା' ଆଗରେ ସେ ବ୍ୟାଖ୍ୟା କରନ୍ତେ । ପିଲାମାନେ ନିଜ ନିଜ ଜୀବନରେ ଖୁବ୍ ବ୍ୟସ୍ତ। ନିଜ ପରିବାର ପାଇଁ ଯେତେବେଳେ ସେମାନଙ୍କ ପାଖରେ ସମୟ ନାହିଁ, ସେତେବେଳେ ସୁନୟନାଙ୍କ କଥା ବା କାହିଁ ଉଠିବ! ସୁନୟନା ଆଶା ବି କରନ୍ତିନି। ଅଯଥା ଆଶାରେ ଦୁଃଖ ବଢ଼ିବା ବ୍ୟତୀତ ଆଉ କ'ଣ ବା ମିଳିପାରିବ!

ଏଇ କିଛି ଦିନ ହେବ ତାଙ୍କ ଦେହଟା ଜମାରୁ ଭଲ ଲାଗୁନାହିଁ। ଅନେକ ସମୟରେ କେମିତି ଗୋଟାଏ ରସମସିଆ ଭାବ ତାଳୁରୁ ତଳିପା ଯାଏଁ ସଞ୍ଚରି ଯାଉଛି । ସେଇଥିପାଇଁ କିଛି ଦିନରୁ ସେ ତଳକୁ ଓହ୍ଲେଇ ପାରିନାହାନ୍ତି। ବଗିଚାର ଦେଖାଶୁଣା ପାଇଁ ବୁଢ଼ା ମାଳିଟିଏ ଆସେ ସତ, ହେଲେ ସେ ବି କିଛି ଦିନରୁ ଆସୁନି। କାମକୁ ଆଉ ପାରୁନି ସେ, ଅଧେ ଦିନ ସେଥିପାଇଁ ବନ୍ଦ କରିଦଉଛି। ସେ ନିଜେ କୋଉ ପାରୁଛନ୍ତି କି। ତଥାପି ଏତେ ଶରଧାରେ ଲଗେଇଥିଲେ ସେସବୁ, ଦେଖାଶୁଣା ତ କରିବାକୁ ପଡିବ। କିନ୍ତୁ ତଳକୁ ଆସି ନଥିବାରୁ ଏତେ ଦିନ ଧରି ଦେଖିପାରି ନଥିଲେ କିଛି। କେମିତି ବିକଳିଆ ହୋଇ ପାଣି ଟୋପେ ପାଇଁ ଚାହିଁ ରହିଛନ୍ତି ସେସବୁ। ଯେମିତି ଚାହିଁ ରହିଥିବେ ସେ ବୃଦ୍ଧ ଦମ୍ପତ୍ତି ଆତତାୟୀକୁ ସାମନାରେ ଦେଖି!

ମୃତପ୍ରାୟ ଜୀବନର ସ୍ୱାଭାବିକ ମୃତ୍ୟୁ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁନୟ ବିନୟ ହେଉଥିବେ। କିନ୍ତୁ ସେ ପାଷାଣ୍ଡ ହୃଦୟ ଟିକିଏ ବି ତରଳି ନଥିବ। ତା'ର ଟଙ୍କା ଦରକାର। କେଇ ମୁଠା ଧନର ଜରୁରତ ଆଗରେ ଦୁଇଟି ଅଥର୍ବ ପ୍ରାଣର ମହତ୍ତ୍ୱ କିଛି ନାହିଁ ବିଳମ୍ବ ନକରି ଧାଇଁ ଆସିଥିବ ସେ। ଚକ୍ ମକ୍ କରୁଥିବା ଧାରୁଆ ଛୁରିଟା ଲଗେଇ ଦେଇଥିବ ବେକରେ। ପଚ୍× କରି ଗରମ ଗରମ ମଣିଷ ରକ୍ତରେ ଭିଜି ଯାଇଥିବ ତା' ସାରା ଶରୀର! ଆଗ ଖେଳି ଦେଇଥିବ ରକ୍ତର ହୋଲି। ତା'ପରେ ଦଉଡି ଯାଇଥିବ ଭିତରକୁ। ଆଲମିରା, ଟ୍ରଙ୍କ୍, ବାକ୍ସ, ସବୁ ଘାଣ୍ଟି ପକେଇଥିବ। କ'ଣ ଆସିଥିବ ତା'ହାତକୁ! ବୃଦ୍ଧଙ୍କର ପେନ୍‌ସନ୍ ବାବଦରେ ମିଳିଥିବା କିଛି ଟଙ୍କା, କିଛି ଔଷଧ, ଟନିକ୍, ପିଲାମାନଙ୍କର ହାତଲେଖା ଚିଠି, କିଛି ରସିଦ୍, ଆଉ ଏମିତି ଏମିତି ଅନେକ କିଛି ଅଦରକାରୀ, ଅବ୍ୟବହାର୍ଯ୍ୟ ପଦାର୍ଥ, ଯାହାକୁ ବୃଦ୍ଧ ଦମ୍ପତ୍ତି ସାଇତି ରଖିଥିବେ ମୋହାବେଶରେ!

କ'ଣ ନେଇଥିବ ଆଉ କ'ଣ ଛାଡି ଯାଇଥିବ ସେ!

ଅଜଣା ଅଶୁଣା ଦମ୍ପତିଙ୍କ ପାଇଁ ଦୁଇ ଠୋପା ଲୁହ ଗଡିଗଲା ସୁନୟନାଙ୍କ ଆଖିରୁ । ଏପରି ଅଭାବିତ ମୃତ୍ୟୁ ତାଙ୍କ ଭାଗ୍ୟରେ ଲେଖା ହୋଇନାହିଁ ତ ! ସେ ବି ତ ଏକା ରହୁଛନ୍ତି । ତାଙ୍କ ପାଖରେ ବି ତ ସେହିପରି କିଛି ଅବ୍ୟବହାର୍ଯ୍ୟ ଜିନିଷ ପଡିରହିଛି, ଯାହାର ସ୍ମୃତିକୁ ପାଥେୟ କରି ଅବଶିଷ୍ଟ ଜୀବନକୁ ବଞ୍ଚିଯିବାର ଚେଷ୍ଟା ସେ କରୁଛନ୍ତି । ତାରି ଲୋଭରେ କେହି ଆସିଯିବନି ତ ତାଙ୍କୁ ଆକ୍ରମଣ କରିବାକୁ !

ବାହାର ଗେଟ୍‌ଟା ଖଡ୍ ଖଡ୍ ହେବାର ଶବ୍ଦରେ ଚମକି ଉଠିଲେ ସୁନୟନା । କିଏ ସେ ଏତେ ସକାଳୁ !

ଉଠିଆସିଲେ ଗେଟ୍ ପାଖକୁ । କାହିଁ .. କେହି ତ ନାହିଁ ! କିନ୍ତୁ ସେ ତ ସ୍ପଷ୍ଟ ଶୁଣିଥିଲେ ଗେଟ୍ ଖୋଲା ହେବାର ଶବ୍ଦକୁ ! ଚାରିଆଡକୁ ଚାହିଁଲେ । କେହି କୁଆଡେ ବି ଆଖପାଖରେ ଦେଖାଯାଉ ନାହାନ୍ତି । ତା' ମାନେ .. ତା'ମାନେ .. ତାଙ୍କ ଅଜାଣତରେ ଘର ଭିତରକୁ ପଶିଗଲା କି ଲୋକଟା ! ଲୁଚିଗଲା କି ସିଡ଼ିଘରର ଅନ୍ଧାର ଭିତରେ !

ଭୟରେ ଛାତି ଖାଲି ପଡିଲା ଉଠିଲା । ଲୋକଟା ଯଦି ଘର ଭିତରେ ଛୁରାଟେ ଧରି ପଶି ରହିଥିବ, ତେବେ ? .. ଭିତରକୁ ସେ ପଶିଲା କ୍ଷଣୀ ଅତର୍କିତ ଆକ୍ରମଣ କରି ତାଙ୍କୁ ନିଶ୍ଚୟ ଘାଇଲା କରିଦେବ ତ ! ତା' ହାତରୁ ନିଜକୁ କ'ଣ ସିଏ ବଞ୍ଚେଇ ପାରିବେ ? ନା ବଞ୍ଚାଉ ବଞ୍ଚାଉ ତା' ଛୁରୀକା ଘାତରେ ହାତଗୋଡ ହରେଇ ବସିବେ ! ପ୍ରାଣ ହରେଇ ବସିବେ !

ଓଃ, କ'ଣ କରିବେ ସେ !

ଭୟ ଆଉ ଚିନ୍ତାର ଆଧିକତା ତାଙ୍କୁ ଅବଶ କରିପକେଇଲା । ଭିତରକୁ ଯାଇ ଦୁର୍ବୃତ୍ତକୁଦେଖିବାର ଶକ୍ତି କି ସାହାସ କିଛି ପାଉନଥିଲା । ସେଇଠି ସେ ଘାସ ଉପରେ ଥକି ହାରି ବସିପଡିଲେ । ଆଖିକୁ ସବୁକିଛି ଜାଲୁଜାଲୁଆ ଦିଶିଲା । କାନ ପାଖରେ କିଛି ଗୁଡାଏ ଭାଇଁ ଭାଇଁ ଶବ୍ଦ କରୁଛି । ମାତ୍ର ସ୍ପଷ୍ଟ କରି ସେ ଜାଣି ପାରୁନଥିଲେ କି ପ୍ରକାରର ଶବ୍ଦ ସେସବୁ । ଜାଣିବାକୁ ଚେଷ୍ଟା କରୁ କରୁ ସେ ଗୋଟାଏ ବିହ୍ୱଳ ଅବସ୍ଥାରେ ପହଞ୍ଚି ଯାଉଥିଲେ ।

ଧିରେ ଧିରେ ସବୁକିଛି ଦିଶିବା, ଶୁଭିବା ବନ୍ଦ ହୋଇ ହୋଇ ଆସିଲା । ସେ ନିଜେ ଜାଣି ପାରୁନଥିଲେ ସେ ଏଇଲେ କୋଉଠି ଆଉ କେମିତି ଅବସ୍ଥାରେ । ତାଙ୍କର ସେ ନିର୍ବଳ ଆଉ ଦୁର୍ବଳ ଶରୀର ଘାସର କୋମଳ ଚାଦର ଉପରେ ଚେତାଶୂନ୍ୟ ହୋଇ ଲୋଟିପଡିଲା ।

କେତେ ସମୟ ସେପରି ଅବସ୍ଥାରେ ସେ ପଡି ରହିଥିଲେ, କେଜାଣି ! କିଛି ଗୋଟାଏ ତାଙ୍କୁ ଚେତନା ଜଗତକୁ ଫେରେଇ ଆଣିବାର ଦୁର୍ନିର୍ବାର ପ୍ରୟାସ କରୁଛି । କାହାର ବ୍ୟସ୍ତ ବିବ୍ରତ ଡାକ ତାଙ୍କ କାନର ପରଦା ଫଟେଇ ତାଙ୍କୁ ଉଠି ପଡିବାକୁ ବାଧ କରୁଛି । କାନ ତାଙ୍କର ଶୁଣିପାରୁଛି 'ଦାଦୀ ମା' .. ଦାଦୀ ମା'..' ଡାକ । ଡାକଟି ନିଶ୍ଚୟ ତାଙ୍କ ପାଇଁ ହି ଉଦ୍ଦିଷ୍ଟ । କିନ୍ତୁ ଆଖି ଖୋଲି ଚାହିଁବାକୁ କି ସେ ଡାକର ଉତ୍ତର ଦେବାକୁ ତାଙ୍କର ଟିକିଏ ବି ବଳ ପାଉନାହିଁ ।

ସେ ଚେଷ୍ଟା କଲେ, ପୁଣି ଥରେ କଲେ .. ବେଶ୍ ସମୟର ପ୍ରୟାସ ପରେ ବହୁତ କଷ୍ଟରେ ଶବ୍ଦ ଆସୁଥିବା ଦିଗ ଆଡକୁ ମୁଣ୍ଡ ଉଠେଇ ଚାହିଁଲେ । ସେ ପାଖ ବିଲ୍‌ଡିଙ୍ଗ୍‌ର ବାଲ୍‌କୋନୀରେ ଠିଆ ହୋଇ ତାଙ୍କ ନାତି ପରିକା ପିଲାଟିଏ ନିଜ ବଲ୍ ମାଗୁଛି । ଉପରେ ଖେଳୁ ଖେଳୁ ବଲ୍‌ଟି ତା'ର ବଗିଚା ଭିତରେ ପଡିଯାଇଛି ବୋଧେ ।

ଏଇଟା ତାଙ୍କ ପାଇଁ ଏକ ନିତିଦିନିଆ କଥା । ପ୍ରତ୍ୟେକ ଦିନ କାହାର ନା କାହାର ବଲ୍ ଆସି ତାଙ୍କ ବଗିଚାରେ ପଡିଯାଏ । କେତେ ଥର ବଲ୍ ମାଡରେ ଗଛର ଡାଳପତ୍ର, ଫୁଲଫଳ ସବୁ ନଷ୍ଟ ମଧ ହୋଇଯାଇଛି । ମାଳି ସାଙ୍ଗରେ ରୀତିମତ ଝଗଡା ଲାଗେ ପିଲାମାନଙ୍କର ବଲ୍ ପାଇଁ । ବାଲ୍‌କୋନୀରେ ବସି ପ୍ରତିଦିନ ନିରବରେ ସେହି ଦୃଶ୍ୟକୁ ସେ ଉପଭୋଗ କରନ୍ତି । ଆଜି ମାଳି ଆସି ନଥିବାରୁ ବଲ୍ ଫେରେଇବା ଦାୟୀତ୍ୱ ତାଙ୍କର ଥିଲା ।

ଚାରି ପାଞ୍ଚ ବର୍ଷର ଗୁଲୁଗୁଲିଆ ସୁନ୍ଦରିଆ ପିଲାଟିଏ, ଠିକ୍ ତାଙ୍କରି ସାନ ନାତି ପରି ଦିଶୁଛି । ବଡ ବିକଳ ଦୃଷ୍ଟିରେ ତାଙ୍କରି ଆଡକୁ ଚାହିଁ ରହିଛି । କେତେବେଳୁ ଡାକି ଡାକି ହତାସ ହୋଇଗଲାଣି ବୋଧେ, ତଥାପି ଧିର ସ୍ୱରରେ ନିଜର ପ୍ରୟାସ ଜାରି ରଖିଛି । ସୁନୟନା ଆଖି ଖୋଲି ତାକୁ ଚାହିଁବାର ଦେଖି ଖୁସିରେ ଆଖି ତା'ର ଚିକ୍ ଚିକ୍ କରିଉଠିଲା । ମନମୁଗ୍‌ଧକର ହସଟିଏ ଓଠରେ ତା'ର ନାଚି ନାଚି ତାଙ୍କ ଉପସ୍ଥିତିକୁ ସମ୍ମାନ ଜଣାଉଥିଲା ।

ଭାରି ଭଲ ଲାଗିଲା ସୁନୟନାଙ୍କୁ ତା'ର ରୂପଭେକ, ତା'ର ହସ, ଆଉ ସର୍ବୋପରି ତା' ଦାଦୀ ମା'.. ଦାଦୀ ମା' ଡାକ । କାହିଁ କେତେ ଦିନରୁ ଏ ଡାକ ଆଉ ସେ ଶୁଣିନାହାନ୍ତି । ଅଜଣା ଏକ ମୋହରେ ଉଲ୍ଲସିତ ହୋଇଉଠିଲା ତାଙ୍କ ଅବଶ ଶରୀର ।

ଧିରେ ଧିରେ ସେ ଉଠିଲେ । ନିର୍ବଳ ଶରୀର ତାଙ୍କର ଥର ଥର କମ୍ପୁଥିଲା । ତଥାପି ସାହାସ କଲେ ଆଉ ଉଠିଗଲେ ବଲ୍‌ଟିକୁ ବୁଦା ମୂଳରୁ ନେଇଆସିବା ପାଇଁ । ତାଙ୍କ ହାତରେ ନିଜର ପ୍ରିୟ ବଲ୍‌ଟିକୁ ଦେଖି ଖୁସିରେ ପାଟି କରିଉଠିଲା ପିଲାଟି । "ଦାଦୀ ମା', ଜୋର୍‌ରେ ବଲ୍‌ଟା ଉପରକୁ ପକାଅ, ନହେଲେ ରାସ୍ତାକୁ ଚାଲିଯିବ ।"

ହସିଉଠିଲେ ସୁନୟନା । ବଲ୍‌ଟିକୁ ଖାଲି ହାତରେ ଉଠେଇବାକୁ ସେ ଝାଳନାଳ ହୋଇସାରିଲେଣି ଆଉ ପିଲାଟି କହୁଛି ଜୋର୍‌ରେ ମାରିବାକୁ । ହଉ କହୁଛି

Oriya Cultural & Welfare Association TM
OCWA

ଯଦି ସେ ନିଶ୍ଚୟ ତା' କଥା ଶୁଣିବେ । କେତେ ଆଗ୍ରହ, କେତେ ଶ୍ରଦ୍ଧା ଆଉ ଆତ୍ମୀୟତାର ସହ ଦାଦୀ ମା' ବୋଲି ଡାକୁଛି, ଆଉ ତା'ର ଏତିକି କାମ ସେ କରି ପାରିବେନି ନା ! ନିଶ୍ଚୟ କରିବେ । ତେଣିକି ଯେତେ କଷ୍ଟ ହେଉ ..

ମନ ଜୋର୍ କଲେ । ଡାହାଣ ହାତରେ ବଲ୍‌କୁ ଉପରକୁ ଉଠେଇଲେ ଆଉ ଛାଡିଦେଲେ ବାଲ୍‌କୋନୀ ଦିଗକୁ । ଆଶ୍ଚର୍ଯ୍ୟ ! ବଲ୍‌ଟି ସିଧା ଯାଇ ପହଞ୍ଚିଗଲା ପିଲାଟା ପାଖରେ ! "ବାଃ ବାଃ ଦାଦୀ ମା' .. ଭେରି ଗୁଡ୍..." ତାଳି ମାରି ମାରି ନାଚିଉଠିଲା ପିଲାଟା । ଉତ୍ସାହିତ ହୋଇପଡିଲେ ସୁନୟନା । ଅଣ୍ଟାରେ ଲୁଗାକାନିକୁ ଭିଡିଦେଇ ପ୍ରସ୍ତୁତ ହେଇଗଲେ ଆଉ ଥରେ ବଲ୍‌କୁ ଧରିନେବାକୁ । ମନରେ ଭରିଯାଇଥିଲା ଅଫୁରନ୍ତ ଆନନ୍ଦ । ସକାଳର ଉଦାସ ବାୟୁମଣ୍ଡଳ ଦୂରେଇ ଯିବା ସଙ୍ଗେ ସଙ୍ଗେ ନିଜ ସାଥିରେ ନେଇ ଯାଇଥିଲା ମନର ଭୟକୁ ।

ତାଙ୍କୁ ବଲ୍ ଖେଳିବାକୁ ପ୍ରସ୍ତୁତ ହେଇଯିବାର ଦେଖି ପିଲାଟି ତାଙ୍କ ଆଡକୁ ବଲ୍ ଫୋପାଡିଦେଲା । ଗଡିଗଲା ସେ'ଟା ବହୁତ ଆଗକୁ । ଦୌଡିଗଲେ ସୁନୟନା ବଲ୍ ଉଠେଇ ନବାକୁ । ନେଇଆସି ପୁଣି ଥରେ ଛାଡିଦେଲେ ପିଲା ପାଖକୁ । 'ସାବାସ୍ ଦାଦୀ ମା' .. ସାବାସ୍ ..' କହି କହି ତାଳି ମାରୁଥିଲା ପିଲାଟି ଆଉ ତା' ସହିତ ପୁଣି ପ୍ରସ୍ତୁତ ହେଇ ଯାଉଥିଲା ଆଉ ଗୋଟାଏ ଖେଳ ପାଇଁ ।

ତା' ପାଟିରୁ ବାହାରୁଥିବା 'ଦାଦୀ ମା' .. ଦାଦୀ ମା' ଡାକ ସୁନୟନାଙ୍କୁ ଭାରି ଭଲ ଲାଗୁଥିଲା । ତାଙ୍କ ନାତିନାତୁଣୀ ସବୁ କେତେ ବଡ ବଡ ହେଇଗଲେଣି । ଚାକିରି ବାକିରି କରି ବାହାସାହା ବି ହୋଇଗଲେଣି । ଆଉ ତାଙ୍କୁ ଏପରି ଡାକ ଡାକିବାକୁ କାହା ପାଖରେ ସମୟ ହି ନାହିଁ । ସମସ୍ତେ ନିଜ ନିଜ ସଂସାରରେ ବ୍ୟସ୍ତ । ଛୋଟ ଥିଲା ବେଳେ ସେମାନେ ଠିକ୍ ଏଇ ପିଲାଟି ପରି ଦିଶୁଥିଲେ, ଏମିତି ଦାଦୀ ମା' ବୋଲି ଡାକୁଥିଲେ । ସେମାନଙ୍କୁ କେତେ ବର୍ଷରୁ ସେ ଆଉ ଦେଖିବାର ସୁଯୋଗ ବି ପାଇନାହାନ୍ତି । କାହା ପାଖରେ ଆଉ ସମୟ ଅଛି ଯେ ଆସି ତାଙ୍କ ପାଖରେ ଦିନେ ଓଳିଏ ରହି ତାଙ୍କର ହାଲ୍‌ଚାଲ୍ ବୁଝିବ ! ନିଜର ପୁଅଝିଅଙ୍କୁ ବି ଅନେକ ଦିନରୁ ସେ ଦେଖିନାହାନ୍ତି । ସାତ ସମୁଦ୍ର ତେର ନଈ ପାର ହୋଇ ସେମାନେ ଯାଇଛନ୍ତି ଯେ ଯାଇଛନ୍ତି । କେବେ ଠାରୁ ସଂପର୍କର ସବୁ ବନ୍ଧନରୁ ସେମାନେ ନିଜକୁ ହୁଗୁଳେଇ ସାରିଲେଣି । କିନ୍ତୁ ସେ ପାରିନାହାନ୍ତି । କେମିତି କରିପାରିବେ ଯେ ! ସେ ପରା ମା', ସେମାନଙ୍କ ଜନ୍ମଦାତ୍ରୀ .. ଏତେ ଶୀଘ୍ର କ'ଣ ସନ୍ତାନ ମୋହର ଏଇ ଡୋରିଟାକୁ ଛିଡେଇ ଦେଇହେବ ! ରୁହନ୍ତୁ ଯେତେ ଦୂରରେ, ନପଚାରନ୍ତୁ ପଛେ, ହେଲେ ସେ ତ ଭୁଲିନାହାନ୍ତି ସେମାନେ ତାଙ୍କର ପିଲା ବୋଲି !

ବିରାଟ ଏଇ ବଙ୍ଗଳା ଭିତରେ ମହାନଗରର ସବୁ କୋଳାହଳ ଠାରୁ ଦୂରେଇ ସେ କେବଳ ପ୍ରତୀକ୍ଷା କରି ରହିଛନ୍ତି ମୃତ୍ୟୁର । କିନ୍ତୁ ସତ କହିବାକୁ ଗଲେ, ଏ ଅପେକ୍ଷା ଖାଲି ନାଁ କୁ ମାତର । ମୃତ୍ୟୁର ଅଦେଖା କୋଳର ଭୟ ଦିନ ପ୍ରତିଦିନ ତାଙ୍କୁ ଖାଲି ମାଡି ବସୁଛି । ପ୍ରତି ମୁହୂର୍ତ୍ତରେ ସେ ଅସହାୟ ହୋଇ କେବଳ ତା'ର ପଦଶବ୍ଦକୁ ଚିହ୍ନିବାର ପ୍ରୟାସ କରିଚାଲିଛନ୍ତି, ଆଉ ସେଇ ଚିହ୍ନିବା ନଚିହ୍ନିବା ଭିତରେ ଭୟରେ ବତୁରି ବତୁରି ଅଣନିଶ୍ୱାସୀ ହୋଇ ଉଠୁଛନ୍ତି ।

ପିଲାଟି ପାଟି କରିଉଠିଲା । ହାତରେ ବଲ୍‌ଟିକୁ ଧରି କେତେବେଳୁ ନିଜ ଭିତରେ ସେ ହଜିଯାଇଛନ୍ତି, ତାଙ୍କର ହୋସ୍ ନାହିଁ । ପିଲାଟିର ଡାକରେ ଚମକି ପଡି ସତର୍କ ହୋଇଗଲେ ଏବଂ ପୁଣି ଲାଗିଗଲେ ବଲ୍ ଖେଳରେ । ପ୍ରତି ଥର ତାଙ୍କ ବଲ୍ ବାଲ୍‌କୋନୀର ସୀମା ଭିତରେ ପ୍ରବେଶ କରି ପିଲାଟିର ହାତରେ ପହଞ୍ଚି ଯାଉଥିଲା । ଆଉ ତତ୍‌କ୍ଷଣାତ୍ ବୁଲି ପଡି ଫେରି ଆସୁଥିଲା ତାଙ୍କ ହାତକୁ । ଆଉ ତା' ସହିତ ଫେରି ଆସୁଥିଲା ଅବ୍ୟକ୍ତ ଏକ ଆନନ୍ଦ ତାଙ୍କର ସମସ୍ତ ଅସ୍ତିତ୍ୱ ଭିତରକୁ । ଏପରି ଏକ ଆନନ୍ଦର ଅନୁଭବ ଦୀର୍ଘ କେତେ ବର୍ଷରୁ ସେ କେବେ କରିନଥିଲେ । ବଲ୍‌ଟିକୁ ହାତରେ ଧରିବା ସମୟରେ ଯେଉଁ ଆନନ୍ଦ ତାଙ୍କ ଦେହରେ ଚହଟି ଯାଉଥିଲା, ତା'ଆଗରେ ତାଙ୍କର ସମସ୍ତ ସୁଖଶାନ୍ତି, ଐଶ୍ୱର୍ଯ୍ୟ .. ସବୁ ଫିକା ଫିକା ଲାଗୁଥିଲା । ସେ ପହଞ୍ଚି ଯାଉଥିଲେ ଅନ୍ୟ କେଉଁ ଏକ ରାଇଜରେ ।

ଏଇ ଦୁର୍ଲଭ ଅନୁଭୂତି ମନକୁ ପ୍ରଫୁଲ୍ଲିତ କରିଦେଇଥିଲା ସତ, ହେଲେ ଖୁବ୍ ଶୀଘ୍ର ଥକିଗଲେ ସେ । ବୃଦ୍ଧ ଶରୀର, ହଠାତ୍ ଏତେ ଗୁଡାଏ ହରକତ କ'ଣ ବରଦାସ୍ତ କରିପାରିବ ! 'ବାସ୍, ଆଉ ପାରିବିନି ..' କହି କହି ସେ ଆସି ବଗିଚାର ଚଉକି ଉପରେ ବସିଗଲେ । ଅଦିନ ଝଡ ତୋଫାନରେ ଆମ୍ବ ବଉଳ ସବୁ ଝଡିଗଲା ପରି ପିଲାଟିର ମୁହଁରୁ ଝଡିପଡିଲା ସବୁ ହସଖୁସି । ଉଦାସ ହୋଇଉଠିଲା ସେ । କେମିତି ଏକ କରୁଣ ଦୃଷ୍ଟିରେ ତାଙ୍କ ଆଡକୁ ଚାହିଁ ରହିଗଲା । ଏତେ ମଜାରେ ହଠାତ୍ ଏମିତି ପୂର୍ଣ୍ଣଚ୍ଛେଦ ପକେଇ ଦବାକୁ ମନ କ'ଣ କହିବ ! କିନ୍ତୁ ସୁନୟନା ଆଉ ପାରୁନଥିଲେ । ପିଲାଟିକୁ ନିରାଶ କରିବାକୁ ସେ ଚାହୁଁନଥିଲେ ସତ, କିନ୍ତୁ ଶରୀରର ଅକର୍ମଣ୍ୟତା ପ୍ରତି ସଜଗ ଥିଲେ ସେ । 'କାଲି ଆଉ ଥରେ ଖେଳିବା' କହି ଘର ଭିତରକୁ ଚାଲିଗଲେ ସେ । କିଛି ସମୟର ବିଶ୍ରାମ ଏବେ ତାଙ୍କୁ ନିହାତ ଆବଶ୍ୟକ ।

ଘର ଭିତରର ମହାଶୂନ୍ୟତା ତାଙ୍କୁ ଆଜି ଆଉ ବିରକ୍ତିଆ ଲାଗିଲାନି । ସବୁ ଭୟ, ସବୁ ଅସ୍ଥିରତା ମନରୁ କୁଆଡେ ଅଦୃଶ୍ୟ ହେଇଯାଇଥିଲା । ନୂତନ ବନ୍ଧୁଟିର ହସ ହସ ମୁହଁ, ଦାଦୀ ମା' ଡାକ, ବଲ୍‌କୁ ହାତରେ ପାଇଗଲା ପରେ ଖୁସି ଆଉ ସଫଳତାର ତା'ର ସେ ନାଚ, ଦିନସାରା ତାଙ୍କ ମନକୁ ଆଚ୍ଛାଦିତ କରି ରଖିଲା । ଦ୍ୱିଗୁଣିତ ଉତ୍ସାହରେ ନିଜର ଦୈନନ୍ଦିନ କାର୍ଯ୍ୟରେ ସେ ମନୋନିବେଶ କଲେ । ଅନେକ ଦିନ ପରେ ପାଟିରୁ ଆଜି ଗୁଣୁ ଗୁଣୁ ହୋଇ କିଛି ଗୀତ ବାହାରି ଆସିଲା । ଆଶ୍ଚର୍ଯ୍ୟରେ ନିଜକୁ ନିରେଖି ଦେଖିଲେ ସେ ଦର୍ପଣରେ । ସେ ବଦଳି ଯାଇଛନ୍ତି କି !

ହଁ, କିଛି ତ ପରିବର୍ତ୍ତନ ଅନୁଭବ କରୁଚନ୍ତି ସେ ନିଜ ଭିତରେ ଆଉ ତାଙ୍କ ଆଖପାଖର ପୃଥିବୀ ଦେହରେ । ସେ ଆଜି ଜଣେ ବନ୍ଧୁକୁ ପାଇଛନ୍ତି । ଆଜିଠୁ ଆଉ ସିଏ ଏକୁଟିଆ ନୁହନ୍ତି । ତାଙ୍କ ସାଥିରେ ଅଛି ତାଙ୍କର ନିହାତି ଆପଣାର ବନ୍ଧୁଟିଏ, ଯିଏ

ଏବେ ତାଙ୍କର ସମସ୍ତ ଆଗ୍ରହ, ସମସ୍ତ ଉଦ୍ଦିପନା କେବଳ ଦାଦୀ ମା' ଡାକ ଆଉ ବଲ୍ ଖେଳରେ ହିଁ ବାନ୍ଧି ରହିଯାଇଥିଲା। ଛୋଟିଆ ଚାରି ପାଞ୍ଚ ବର୍ଷର ପିଲାଟିଏ ବି ତାଙ୍କ ଜୀବନକୁ ଏମିତି ବଦଳେଇ ରଖିଦେବ, ମରି ମରି ଆସୁଥିବା ସବୁ ଆଗ୍ରହକୁ ପୁଣି ଥରେ ଉଜ୍ଜିବୀତ କରିଦେଇ ପାରିବ, ତାଙ୍କ ଭୀରୁ ମନକୁ ଏତେ ସାହାସ ଯୋଗେଇ ଦେଇ ପାରିବ, କେବେ ସପ୍ନରେ ବି ସେ କଳ୍ପନା କରିନଥିଲେ।

ପ୍ରତିଦିନ କେତେ କଥା ଥାଏ ତା'ର କହିବାକୁ, କେତେ ଅଭିଯୋଗ ଥାଏ ଶୁଣେଇବାକୁ .. ନୂଆ ସ୍କୁଲ, ନୂଆ ସାଙ୍ଗ, ଟିଚର୍, ବହି, ଖାତା, କୁକୁର, ବିଲେଇ .. ସବୁକିଛି ଅନର୍ଗଳ ଗପି ଚାଲିଯାଏ ସେ ସୁନୟନାଙ୍କ ଆଗରେ। ଆଉ ବଡ ଆଗ୍ରହରେ ଶୁଣିଯାଆନ୍ତି ସୁନୟନା ଏକ ନୂତନ ଅନୁଭବକୁ, ଏକ ନୂତନ ଦୃଷ୍ଟିକୋଣକୁ, ଏକ ନୂତନ ସମ୍ଭାବନାକୁ । ପିଲାଟିର ଆଖିରେ ସେ ଦେଖୁଥିଲେ ଭବିଷ୍ୟତର ସାତରଙ୍ଗରେ ସଜା ଇନ୍ଦ୍ରଧନୁର ରଙ୍ଗକୁ। ବିହ୍ୱଳ ହୋଇଉଠୁଥିଲେ ସେ।

ଖୁବ୍ ଶୀଘ୍ର ତାଙ୍କ ଜୀବନରୁ ଏ ସୁଖଦ ଦିନ ସବୁ ଦୂରେଇ ଯିବାର ସୂଚନା ମିଳିଗଲା ଦିନେ ଅକସ୍ମାତ ସକାଳୁ ସକାଳୁ । ବନ୍ଧୁ ଖବର ଦେଲା ତା' ବାପାଙ୍କର ବଦଳି ହେଇଯାଇଛି କେଉଁ ଏକ ଦୂର ସହରକୁ। ଖୁବ୍ ଶୀଘ୍ର ସେମାନେ ଚାଲିଯିବେ ଏ ଘର ଛାଡି।

ଲୁହାର ହାତୁଡିରେ ସୁନୟନାଙ୍କ ହୃଦୟ ଉପରେ ସଜୋରରେ କେହି ଆଘାତ କଲା କି ! ଥମ୍‌କି ରହିଗଲେ ସେ। ପିଲାଟି ଚାଲିଯିବ ! ତାଙ୍କୁ ଏକା କରିଦେଇ ବନ୍ଧୁ ତାଙ୍କର ଚାଲିଯିବ ! ଦାଦୀ ମା' ଡାକ ଆଉ କେବେ ଶୁଣି ପାରିବେନି ସେ ! ସକାଳୁ ସକାଳୁ ବଲ୍ ଖେଳି ପାରିବେନି ! ତା' ତ୍ରିଙ୍କି ବଗ କାହାଣୀ ସବୁ ମନଧ୍ୟାନ ଦେଇ ଶୁଣି ପାରିବେନି !

ଓଃ, ଛାତି ଭିତରଟା କେମିତି ମନ୍ଥି ହେଇଯାଉଛି । ଦୁଇ ହାତରେ କିଏ ସେ ଜୋର୍ କରି ତାଙ୍କ ହୃଦୟକୁ ଚକଟି ପକୋଉଛି ! ଛିଡି ଯାଉଛି ସବୁ ଗ୍ରନ୍ଥି । ଉଠିପଡିଲେ ସେ । ଆଉ ସହ୍ୟ କରିପାରିବେନି । ଜୀବନର ପ୍ରତ୍ୟେକ ମୋଡରେ ଜଣ ଜଣ କରି ତାଙ୍କୁ ଏମିତି ସମସ୍ତେ ଛାଡି ଚାଲିଯାଉଛନ୍ତି । ପଥରରୁ ଟାଣ ହୃଦୟ କରି ସମସ୍ତଙ୍କ ବିୟୋଗକୁ ସେ ଆଜିପର୍ଯ୍ୟନ୍ତ ସହ୍ୟ କରି ଆସୁଛନ୍ତି । କିନ୍ତୁ ଆଜି ନୁହେଁ । ବୟସର ଶେଷ ପାହାଚରେ ଯୋଡି ହେଇଯାଇଥିବା ଏ ସଂପର୍କକୁ କାଟିଦେଲା ପରେ ତାଙ୍କ ଜୀବନରେ ଆଉ କିଛି ବି ତ ରହିଯିବ ନାହିଁ !

ଭାଙ୍ଗି ପଡୁଥିଲେ ସେ ଭିତରେ ଭିତରେ । ସବୁଦିନ ପରି ବନ୍ଧୁ ତାଙ୍କର ବେଶ୍ ଗପ ଲମେଇ ଦେଇଥିଲା । ସୁନୟନା କିନ୍ତୁ ଅନ୍ୟମନସ୍କ ହେଇପଡୁଥିଲେ । ବରଂ ତା'ର ଗପ ଆଜି ତାଙ୍କ ହୃଦୟର ଶୂନ୍ୟସ୍ଥାନକୁ ଅଧିକ ବଢେଇ ଚାଲିଥିଲା । ହାତରେ ବଲ୍ ଧରି ପିଲାଟା ଅପେକ୍ଷା କରିଥିଲା, ସେ କିନ୍ତୁ ନିଜ ଭିତରେ ଆଗ୍ରହ ସୃଷ୍ଟି

ତାଙ୍କ ସହିତ ହସିପାରୁଛି, ନାଚି ପାରୁଛି, କଥା ହେଇ ପାରୁଛି, ଖେଳି ବି ପାରୁଛି ... ହଁ, ସେ ତ ଠିକ୍ ଏଇଆ ହି ଚାହୁଁଥିଲେ !

ତାଙ୍କରି ପ୍ରତୀକ୍ଷାରେ କେହି ତ ବାଟ ଚାହିଁ ବସିବ କାଲି ଠାରୁ । କେହି ମାନେ .. ସେ ନିଜେ କ'ଣ ବାଟ ଚାହିଁନାହାନ୍ତି ! ହଁ, ଚାହିଁଛନ୍ତି । ପରଦିନର ସକାଳ ହେବାକୁ । ନିତ୍ୟକର୍ମ ଶେଷ ହେଉ ହେଉ ଆଗ ଯାଇ ବଜାରରୁ ଗୋଟିଏ ଛୋଟିଆ ସୁନ୍ଦରିଆ ନାଲି ବଲ୍ କିଣିଆଣିଲେ ସେ। ଯଦି ଅକସ୍ମାତ୍ ପିଲାଟିର ବଲ୍ ହଜିଗଲା କି ଫୁଟିଗଲା, ତେବେ ଖେଳ ବନ୍ଦ ନହେବା ଦରକାର। ତା'ର ସୁଦୃଢ଼ ବ୍ୟବସ୍ଥା ଆଗରୁ କରିନବାକୁ ହେବ । ମନର ଆତୁରତା ତାଙ୍କୁ ହସିବାକୁ ବାଧ କରୁଥିଲା । ହସି ପକେଇଲେ ବି ସେ। କିନ୍ତୁ ସେଥିରେ ଭରି ରହିଥିଲା ଏକ ମଧୁର ଆନନ୍ଦ।

ସୁନୟନାଙ୍କ ପାଇଁ ସମୟ ଏବେ ଗଡୁ ନଥିଲା, ଆଖିବୁଜା ଦୌଡୁଥିଲା । ତାଙ୍କ ରୁଟିନ୍ ବନ୍ଧା ଜୀବନ ଭିତରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟଟିଏ ଏବେ ଯୋଡି ହେଇଯାଇଛି - ପ୍ରତିଦନ ସକାଳୁ ଉଠି ନୂତନ ବନ୍ଧୁ ସହିତ ବଲ୍ ଖେଳିବା । ଏଇ ଖେଳର ନିଶାରେ ଆଜିକାଲି ଆଖିକୁ ତାଙ୍କର ନିଦ ବି ଠିକ୍‌ରେ ହେଉନି । ଯଦି ନିଦର ପ୍ରାଦୁର୍ଭାବରେ ସକାଳୁ ଠିକ୍ ସମୟରେ ତାଙ୍କ ଆଖି ନଖୋଲିଲା ତ ! ବନ୍ଧୁ ନିରାଶ ହେଇଯିବ ନା ! ବନ୍ଧୁ କଥା ଛାଡ, ତାଙ୍କର ଦିନ ବି ତ ଅସଂପୂର୍ଣ୍ଣ ରହିବ !

କେବେ କୋଉଦିନ ଯଦି ବନ୍ଧୁ ଆସୁ ଆସୁ ସାମାନ୍ୟ ବିଳମ୍ବ କରିଦେଉଥିଲା ବ୍ୟତିବ୍ୟସ୍ତ ହୋଇ ପଡୁଥିଲେ ସୁନୟନା। ବାଲ୍‌କୋନୀ ପାଖକୁ ଯାଇ ବାରମ୍ବାର ଘଡି ଦେଖୁଥିଲେ । ଆଜି କ'ଣ ଏତେ ଡେରି ! ଦେହ ଖରାପ ହେଇଗଲା କି ଆଉ ! ଅଜଣା ଆତଙ୍କରେ ମନ ତାଙ୍କର ବ୍ୟାକୁଳ ହେଇ ପଡୁଥିଲା । ବନ୍ଧୁ ସହିତ ଏଇ କିଛି ସମୟ ଖେଳିବା, ତା' ମୁହଁରୁ ଦାଦୀ ମା' ଡାକ ଶୁଣିବା, ଆଉ ତା' ଗୁଲୁରୁ ଗୁଲୁରୁ କଥା ଶୁଣିବାକୁ ସାରା ରାତି ଯେଉଁ ଆତୁରତାର ସହ ସେ ପ୍ରତୀକ୍ଷା କରୁଥିଲେ, ଜୀବନରେ ଆଉ ବୋଧେ କାହା ପାଇଁ ଏପରି କରିଥିବାର, ତାଙ୍କର ମନେ ପଡୁନଥିଲା।

ଏଇ କିଛି ଦିନ ହେବ ଖବରକାଗଜରେ ବାହାରୁଥିବା କୌଣସି ଖବର ତାଙ୍କ ମନକୁ ଆନ୍ଦୋଳିତ କରିପାରିନାହିଁ । ସେ ତ ଏବେ ଅନ୍ୟ କୋଉ ରାଜ୍ୟରେ ବିଚରଣ କରୁଛନ୍ତି, କିଏ ମରୁ କି ସରୁ, ତାଙ୍କର ଚିନ୍ତା କରିବାକୁ ସମୟ ନାହିଁ। ଏଇ ଭିତରେ ସହରରେ ଆହୁରି କେତେ କେତେ ବୃଦ୍ଧ ଦମ୍ପତ୍ତିଙ୍କ ହତ୍ୟା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିସାରିଲାଣି । କୋଉଠି ଦିନରେ ଘଟିଛି, ତ କୋଉଠି ଘଟିଛି ରାତିରେ । କୋଉଠି ଜଣଙ୍କର ହେଇଛି, ତ ଆଉ କୋଉଠି ହେଇଛି ଉଭୟଙ୍କର, କିନ୍ତୁ କିଛି ବି ଚିନ୍ତିତ କରେଇ ପାରି ନାହିଁ ସୁନୟନାଙ୍କୁ । ନିତ୍ୟନୈମିତ୍ତିକ ଘଟଣା ପରିସେସବୁ ଉପରେ ଆଖି ବୁଲେଇ ଆଣି ଯଥାଶୀଘ୍ର ଓହ୍ଲେଇ ଯାଉଥିଲେ ସେ ତଳକୁ।

କରିପାରୁ ନଥିଲେ । ଦାଦୀ ମା’, ଦାଦୀ ମା’ ବୋଲି ଡାକି ଡାକି ଅନେକ ଥର ସେ ତାଙ୍କ ଧ୍ୟାନ ଆକର୍ଷିତ କରିବାକୁ ଚାହିଁଲା । ସେ କିନ୍ତୁ ଚାହିଁକି ବି ଆକର୍ଷିତ ହୋଇ ପାରିଲେନି । ହଜି ଯାଇଥିଲେ କେଉଁ ଅଜଣା ରାଇଜର ନାମ ଅଜଣା ଗଳି ଅର୍ଗଳି ଭିତରେ ।

ଖୁବ୍ ଶୀଘ୍ର ଏ ବାଲ୍‌କୋନୀ ଖାଲି ହେଇଯିବ । ସକାଳୁ ଉଠି ଏ ପଟକୁ ଚାହିଁଲେ ହୁଏତ ଆଉ କାହାର ମୁହଁ ସବୁଦିନ ତାଙ୍କୁ ଦେଖିବାକୁ ମିଳିବ । ସେ କେହି ବି ହେଇପାରେ, କିନ୍ତୁ ତା’ ଆଖିରେ ନଥିବ ସେହି ଆପଣାପଣ, ସେହି ଆତୁରତା, ଯାହା ତାଙ୍କ ବନ୍ଧୁର ଆଖିରେ ଥିଲା । ଆଗ୍ରହ ନଥିବ ଖେଳିବାର, କଥା ହେବାର । ତାଙ୍କ ମନରେ ବି ଯେଉଁ ଆତୁରତା ଥିଲା, ଯେଉଁ ଆବେଗ ଥିଲା ବନ୍ଧୁଟି ପାଇଁ, ଆଉ କାହା ଲାଗି ସେ ଆବେଗ ସେ ଅନୁଭବ କରିପାରିବେନି ।

ଭାଙ୍ଗିପଡିଲେ ସୁନୟନା । ଖୁବ୍ ଶୀଘ୍ର ବନ୍ଧୁଠାରୁ ବିଦାୟ ନେଇ ଆଜି ସେ ଘରକୁ ଫେରିଆସିଲେ । ଘର ଭିତରଟା ଆଜି ଭାରି ଶୁନ୍‌ଶାନ୍ ଲାଗୁଛି । କେମିତି ଗୋଟାଏ ଖାଁ ଖାଁ ଭାବ ଚାରିଆଡୁ ତାଙ୍କୁ ମାଡି ବସୁଛି । ଚେଷ୍ଟା କଲେ ବି ଓଠରୁ ପଦେ ଗୀତ ବାହାରି ପାରୁନାହିଁ । ଛାତି ଭିତରେ କିଛି ଗୋଟାଏ ରଜ ରଜ ହେଇ ମୁଣ୍ଡ ଉଠେଉଛି । ଧ୍ୟାନ ପରିବର୍ତ୍ତନ କରିବାକୁ ଖବରକାଗଜ ମେଲେଇ ପକେଇଲେ । ଜନୈକ ବୃଦ୍ଧାଙ୍କର ମୃତ୍ୟୁ ଖବର ବଡ ବଡ ଅକ୍ଷରରେ ବାହାରିଛି । ଖବରର ଶୀର୍ଷକ ପଢୁ ପଢୁ ଶିହରି ଉଠିଲେ ସେ । କେମିତି ହେଲା, କୋଉଠି ହେଲା, କେତେବେଳେ ହେଲା, କାହା ଦ୍ୱାରା ହେଲା ଅଥବା ପ୍ରାକୃତିକ ଭାବରେ ହେଲା, କିଛି ବି ପଢ଼ିବାକୁ ଧୈର୍ଯ୍ୟ ପାଇଲା ନାହିଁ । କିଛି ଦିନ ପୂର୍ବେ ପଢ଼ିଥିବା ବୃଦ୍ଧ ଦମ୍ପତ୍ତିଙ୍କ ମୃତ୍ୟୁର କାଳ୍ପନିକ ଦୃଶ୍ୟ ପୁଣି ଥରେ ତାଙ୍କ ଆଖି ଆଗରେ ନାଚିଉଠିଲା ।

ଭୟରେ ହାତପାଦ ଥଣ୍ଡା ହୋଇଗଲା ତାଙ୍କର । ଦରଜାରେ କେହି କରାଘାତ କରୁଛି । କିଏ ହେଇଥିବ ? ଆତତାୟୀ ! ହଁ, ହୋଇଥାଇ ପାରେ । ହାତରେ ଛୁରା ଥିବ ନହେଲେ ଥିବ ବନ୍ଧୁକ କି ରଣିଟେ । ଦରଜା ଖୋଲୁ ଖୋଲୁ ତାଙ୍କୁ ଆକ୍ରମଣ କରି ପକେଇବ । ଛୁରିଟା ଭୁସିଦେବ ତତ୍‌କ୍ଷଣାତ୍ । ଉଷୁମ ଉଷୁମ ଲାଲ୍ ରକ୍ତରେ ତାଙ୍କ ଧଳାଶାଢ଼ୀ ଭିଜିଉଠିବ । ଛଟପଟ ହେଉଥିବା ଅବସ୍ଥାରେ ତାଙ୍କୁ ଛାଡିଦେଇ ସେ ଆଗେଇଯିବ ନିଜ ଉଦ୍ଦେଶ୍ୟ ସାଧନ କରିବାକୁ ।

ଟେଲିଫୋନ୍‌ର ଘଣ୍ଟି ଘନ ଘନ ବାଜିଉଠିଲା । ବାଜୁଥାଉ । ସେ ଉଠିପାରିବେ ନାହିଁ । କିନ୍ତୁ ସେ’ଟା ବନ୍ଦ ହେଉନାହିଁ । ଚେଷ୍ଟାକଲେ ଉଠି ଧରିବାକୁ । କିନ୍ତୁ ନା, ତାଙ୍କୁ କିଛି ବି ଦେଖା ଯାଉନାହିଁ । ସବୁ କିଛି ଅସ୍ପଷ୍ଟ ଆଉ ଝାପ୍‌ସା ଝାପ୍‌ସା ଲାଗୁଛି । ଶବ୍ଦ ସବୁ ଧିରେ ଧିରେ କୁଆଡେ ମିଳେଇ ଯାଉଛି । କେବଳ ଶୁଭୁଛି ଦାଦୀ ମା’ .. ଦାଦୀ ମା’ ଡାକ । ଚତୁଃପାର୍ଶ୍ୱରେ ପ୍ରତିଧ୍ୱନିତ ହେଉଛି ସେହି ଆପଣାର ଡାକ । ତାଙ୍କୁ ଡାକୁଛି ବନ୍ଧୁ, ତାଙ୍କର ଅତି ଆପଣାର ବନ୍ଧୁ .. ସେ ଯିବେ, ହଁ ହଁ ଯିବେ... ତା’ ସହ ଖେଳିବେ .. କିନ୍ତୁ ୟେ କ’ଣ, ତାଙ୍କ ଆଖି ଯେ ବୁଜି ହେଉଯାଉଛି .. ସେ କିଛି ଜାଣିପାରୁ ନାହାନ୍ତି କାହିଁକି ! !......

ଦୁଇ ଦିନ ପରେ ପଡିଶା ଘରର ଲୋକମାନେ ଦରଜା ଭାଙ୍ଗି ସୁନୟନାଙ୍କ ମୃତ ଦେହ ଚଉକି ଉପରୁ ଉଦ୍ଧାର କଲେ । ସବୁକିଛି ଥିଲା ଯେମିତି ସେମିତି, ଖାଲି ଯାହା ମୁହଁଟା ବିବର୍ଣ୍ଣ ପଡିଯାଇଥିଲା । ମାତ୍ର ମୁହଁରେ ତାଙ୍କର ଏବେ ବି ଝୁଲୁଥିଲା ଆତ୍ମତୃପ୍ତି ଭରା ମଳିନ ହସରୁ ଧାରେ । ଗୋଟିଏ ହାତରେ ଖବର କାଗଜ ତ ଥିଲା, ହେଲେ ଅନ୍ୟ ହାତରେ ଥିଲା ଛୋଟିଆ ନାଲି ବଲ୍‌ଟିଏ । ବୋଧହୁଏ ଶେଷ ଦିନର ଖେଳ ପାଇଁ ସେ ନିଜକୁ ପ୍ରସ୍ତୁତ କରି ନେଇଥିଲେ ।

୧୨, ଆଟଲାଣ୍ଟା ସି.ଏଚ୍.ଏସ୍, ପ୍ଲଟ ନମ୍ବର – ୨୯,
ସେକ୍ଟର – ୪୦, ନେରୁଲ, ନବି ମୁମ୍ବାଇ - ୪୦୦୭୦୬
E-mail : kamala.satpathy@gmail.com

***

*With best compliments from:*

**Amit Motors & Machines Store**

Oriya Cultural & Welfare Association TM OCWA

ରମ୍ୟ ଗଳ୍ପ

# ପାନେ ପାଇଥା ଗୁଣ ଗାଉଥା

**ଭିକାରୀ ରଥ**



କଥାଟିଏ ଅଛି, ବାଘର ଲାଞ୍ଜ ହେବା ଅପେକ୍ଷା କୁକୁରର ଲାଞ୍ଜ ହେବା ବରଂ ଭଲ। ଅସିଆ ମୁଣ୍ଡରେ ପଶିଲା, କେତେ ବର୍ଷ ଆଉ ପର ପ୍ରେସ୍‌ରେ କାମ କରିବ? ଯୋଉଠି ବାହାଘର ପଡୁଛି, ସମସ୍ତେ କହୁଛନ୍ତି, ପ୍ରେସ୍‌ରେ କାମ କରୁଛି। ନିଜର ପ୍ରେସ୍ ହେଲେ ପ୍ରେସ୍ ମାଲିକ ବୋଲାଇବ। ଭଲ ରୋଜଗାର ଅବଶ୍ୟ ହେବ। ଭଲ ପ୍ରସ୍ତାବ ଆସିବ।

ପିଲାଦିନୁ ଅସିଆ ପଞ୍ଚମ ଶ୍ରେଣୀର ପାଠ ଛାଡ଼ିଥିଲା। ବାରବର୍ଷ ବେଳୁ ବାବା ତାକୁ ଗୋଟାଏ ପ୍ରେସ୍‌ରେ ଛାଡ଼ି ଦେଇଥିଲେ। ବୋଲକରା ପିଲାରୁ କଂପୋଜିଟର୍ ହୋଇଯିବା ପରେ ଫୋର୍‌ମ୍ୟାନ୍ ମଧ କାଳକ୍ରମେ ହୋଇଗଲା।

ଏବେ ଯଦି ପିଲାଙ୍କୁ କହିବେ, ଆଗ ଆଗ ଟିଭିରେ ଚାନେଲ୍ ବଦଳାଇବା ପାଇଁ ବା ଶବ୍ଦ କମ ବେଶୀ କରିବା ପାଇଁ ଆମକୁ ଟି.ଭି. ପାଖକୁ ଯିବାକୁ ପଡୁଥିଲା, ସେମାନେ ଆଶ୍ଚର୍ଯ୍ୟ ହୋଇ ପଚାରୁଛନ୍ତି, "ସତରେ ତୁମେ ଟି.ଭି ଦେଖିବାକୁ ଏତେ ପରିଶ୍ରମ କରୁଥିଲ?" ସେମାନେ ଏବେ ମାଳ ମାଳ ଚାନେଲ୍ ଦେଖି ଆଖୁ କିଆରୀରେ ପଶିବା ପରି ହେଉଛନ୍ତି, କେମିତି ଜାଣନ୍ତେ ଯେ, ଗୋଟିଏ ଚାନେଲ୍‌ର ୨/୩ ଘଣ୍ଟାର କାର୍ଯ୍ୟକ୍ରମ ଦେଖି ଆମେ ଟି.ଭି ମାଲିକମାନେ ନିଜକୁ ରାଜାଘର ଛୁଆ ବୋଲି ଅନୁଭବ କରୁଥିଲେ!

ସେମିତି, ଏ ଅଫସେଟ୍ ଛପା ଯୁଗରେ ସେମାନଙ୍କ ଲେଟର୍ ପ୍ରେସ୍ ଭାଗବତ ଶୁଣାଇଲେ, ପିଲାଏ ଆଁ କରି ଅବୁଝା ଆଖିରେ ମୁହଁକୁ ଚାହିଁବେ। ସୀସାର ଅକ୍ଷର ମାନ ଫଳା ଓ ମାତ୍ରା ସହିତ ୩/୪ଟି ବହୁ ଖୋପ ବିଶିଷ୍ଟ କାଠ ବାକ୍ସ ଭଳି କଂପୋଜିଟର ବା ଅସାର ଖଞ୍ଜାଳିର ସାମ୍ନା ତଥା ବାମ ଡାହାଣରେ ଥୁଆ ହୋଇଥାଏ। ଛଅମାସ କାଳ ଉକ୍ତ ଅକ୍ଷର କେସ୍‌ର ବିଭିନ୍ନ ଖୋପରେ ଥିବା ବସ୍ତୁମାନଙ୍କର ତାଲିକା ମୁଖସ୍ତ କଲାପରେ ପରବର୍ତ୍ତୀ ତାଲିମ୍ ହୁଏ ଡିଷ୍ଟ୍ରିବ୍ୟୁଟ୍ ପକାଇବା। ଅର୍ଥାତ୍ ପୂର୍ବରୁ ଛପା ହେବା ପରେ ଫର୍ମାରେ ଥିବା ଧାଡ଼ି ଧାଡ଼ି ସୀସା ଅକ୍ଷର ମାନଙ୍କୁ ସମସ୍ତେ ବାହାର କରି ହାତରେ ଧରି ପଢ଼ିସାରି ସେମାନଙ୍କୁ କେସ୍‌ର ଯଥାସ୍ଥାନରେ ପୁନଃସ୍ଥାପିତ କରିବା। ତା'ପରେ ଆରମ୍ଭ ହୁଏ କଂପୋଜ୍, କରେକ୍‌ସନ୍ (ସଂଶୋଧନ), ପ୍ରୁଫ୍ ଦେଖା, ଫର୍ମାଭିଡ଼ା। ତାହା ଉତ୍ତାରୁ ଉକ୍ତ ଫର୍ମାକୁ ସଠିକ୍ ମାପଚୁପରେ ଟ୍ରେଡିଲ୍ ମେସିନ୍ ଛପା ପ୍ଲେଟ୍ ଉପରେ ଖଞ୍ଜାଯାଏ। ମେସିନ୍‌ମ୍ୟାନ୍ ଗୋଟାଏ ଗୋଡ଼ରେ ପ୍ୟାଡଲ୍ ମାରେ। ଗୋଟିଏ ହାତରେ ଫର୍ମା ଉପରେ ମାପରେ କାଗଜ ମାରେ। ଫର୍ମା ଉଠିଯାଏ ସାମ୍ନା ପ୍ଲେଟ୍‌ରେ ବାଡ଼େଇ ହୋଇଯାଏ, ଯାହା ଉପରେ ଏହି ଅବସରରେ ଛପାକାଳି ବୋଲା ରୋଲ୍ ଆସି ବୁଲିଯାଇଥାଏ। କାଗଜ ଛପା ହୋଇ ଫେରି ଆସିବା ମାତ୍ରେ ଆଖି ପିଛୁଳାକେ ମେସିନ୍‌ମ୍ୟାନ୍ ଛପା ଫର୍ଦ୍ଦ କାଢ଼ି ଖାଲି ଫର୍ଦ୍ଦେ କାଗଜ ଛପେଇପ୍ୟାଡ୍ ଉପରେ ରଖି ସାରିଥାଏ।

ନିଜର ମହତ୍ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଦୀର୍ଘ ପନ୍ଦର ବର୍ଷର ଅକ୍ଲାନ୍ତ ପରିଶ୍ରମର ଫଳ ସ୍ୱରୂପ ଅସିଆ ପ୍ରେସ୍‌ର ଚଉବର୍ଗ କାମ ସିଖି ଫୋର୍‌ମ୍ୟାନ୍ ବନିସାରିଥିଲା। ମାଲିକର ଅଗାଧ ବିଶ୍ୱାସର ଆଶ୍ରାରେ ଲୁଚା ଚୋରାରେ ଟାଇପ୍ ବା ଅକ୍ଷର ଆଦି ନେଇ ନେଇ ଧୀରେ ଧୀରେ ଘରେ ପ୍ରେସ୍ ସାମଗ୍ରୀର ଭଣ୍ଡାର ସୃଷ୍ଟି କରି ସାରିଥିଲା। ଟାଇପ୍ ଫାଉଣ୍ଡ୍ରି ସେତକ ଅକ୍ଷର ଆଦି କିଣିଥିଲେ ସେତେବେଳେ ଅନ୍ୟକୁ ୩୦/୪୦ ହଜାର ଟଙ୍କା ଲାଗିଯାଇଥାନ୍ତା।

ଉପଯୁକ୍ତ ସମୟ ଦେଖି କାଠ କେସ୍ କିଣି ମାଆର ଗହଣା ବିକି ପାଦଦ୍ୱାରା ଚାଲୁଥିବା ଗୋଟାଏ ପୁରୁଣା ଟ୍ରେଡିଲ ମେସିନ୍ କିଣିଲା ଓ ବଡ଼ ତିନିବଂଧୁରିଆ ଘର ଭଡ଼ା ନେଇ ନିଜର ପ୍ରେସ୍ ଆରମ୍ଭ କରିଦେଲା।

ଆଗରୁ ତ ନାମକରା ପ୍ରେସ୍‌ରେ ଥିଲା। କେବଳ ଫୋର୍‌ମ୍ୟାନ୍ ନୁହେଁ, ପରିଚାଳକ କାମ ମଧ ତୁଲାଇ ଥିଲା। ଅନେକ ପତ୍ରିକା ସଂପାଦକ ଓ ବହି ପ୍ରକାଶକଙ୍କ ସହିତ ଉତ୍ତମ ସଂପର୍କ ମଧ ଥିଲା। ବହୁତ ବରାଦ ନିଜ ଅଡ଼କୁ ଟାଣି ଆଣିଲା। ପ୍ରେସ୍ ଭଲ ଚାଲିଲା। ରୋଜଗାର ମଧ ଭଲ ହେଲା। ଫଳତଃ ଗୋଟିଏ ପଇସାବାଲା ଘରର ଝିଅ ମଧ ମିଳିଗଲା। ପ୍ରେସ୍ ପାଖରେ ଘରଭଡ଼ା ନେଇ ରହିଲା। ସ୍ତ୍ରୀର ଫରମାସି ପୂରଣ କରିବାରେ ଛାପାଖାନାର ଅଧା ରୋଜଗାର ଯାଏ।

ଘରୋଇ ପ୍ରେସ୍‌ବାଲାଙ୍କର ସେଇ ପୁରୁଣା ଅଭ୍ୟାସ। କେହି ମାସ ଶେଷରେ ପୂରା କାର୍ଯ୍ୟ ଦରମା ପାଇବାର ଦୃଷ୍ଟାନ୍ତ ବିରଳ। କିଏ ରେଭେନ୍ୟୁ ଷ୍ଟାମ୍ପ୍ ଝାମେଲାରେ ପଶିବ। ଟିପା ଖାତାରେ ସବୁଥାଏ। କୋଡ଼ିଏ ତିରିଶି ଟଙ୍କା ଦେଇ କାମ ଆଦାୟ ହୁଏ। ମୋଟ୍ କେତେପ୍ରାପ୍ୟ ଓ ସେଥି ମଧରୁ ଅଳ୍ପ ଅଳ୍ପ କରି ଏ ଯା'ଏ କେତେ ମିଳି ସାରିଲାଣି, ଏ କଥା କଂପୋଜିଟ୍‌ର, ଫୋର୍‌ମ୍ୟାନ୍ ଓ ମେସିନ୍‌ମ୍ୟାନ୍ ଭାବିଲା ବେଳକୁ ସେମାନେ ବୁଢ଼ା ହୋଇ କାମରୁ ଅବସର ନେଇ ସାରିଥାନ୍ତି।

ଘର ତଥା ପ୍ରେସ୍ ପାଇଁ ଗୋଟାଏ ବୋଲକରା ନିହାତି ଆବଶ୍ୟକ। ପ୍ରେସ୍ ବାଲାକୁ ଚ'। ପାନ-ବିଡ଼ି ସେମାନଙ୍କୁ ମଝିରେ ମଝିରେ ଆଣି ଯୋଗାଇବ। କାଗଜ, କାଳି ଆଣିବାକୁ ବଜାରକୁ ଯିବ। ଘର ସଉଦା ଆଣିବା ସହ ଘର କାମ କରିବ। ମାଲିକଙ୍କର ଛୁଆ ଧରିବ। ଇତ୍ୟାଦି ଆଗରୁ ତ କହିଛି, ପ୍ରେସ୍‌କାମ (କଂପୋଜ୍) ଶିଖିବାକୁ ଆସୁଥିବା ପିଲା ପ୍ରଥମେ ବେଠୀ ଖଟିବାକୁ ପ୍ରସ୍ତୁତ ହୋଇଥିବା ଦରକାର। ଆଠଗଡ଼ରୁ ସଜୁ ବୋଲି ୧୫/୧୬ ବର୍ଷର ଟୋକାଟାଏ କାମ ଆଶାରେ ଆସି

ଅସିଆ ପାଖରେ ପହଞ୍ଚିଲା । ଅସିଆ କହିଦେଲା, "ଆଗ ଭଲକରି କାମ ଶିଖି ସାରିଲେ ଦରମାରେ ରହିବୁ । ଏଥିପାଇଁ ତୋତେ ଆଗ ଆଗ କଂପୋଜିଟ୍ର ମାନଙ୍କର ବୋଲହାକ କରି ସେମାନଙ୍କୁ ଗୁରୁ କରିବ । ବାର ବରଷ କଲେ ସେବା, ଗୁରୁ କହିଲେ କିଛି ଦେବା । ସେଇମାନେ ହିଁ ତୋତେ କାମ ଶିଖାଇବେ ।" ଏଠି ଜାଣିବା କଥା, କଂପୋଜିଟ୍ର ମାନେ ଠିକାରେ କାମ କରନ୍ତି । ଯେତେ ଧାଡ଼ି ଅକ୍ଷର ଖଞ୍ଜିବେ, ସେହି ଅନୁପାତରେ ତାଙ୍କ କାମ ଖାତାରେ କାମ ଲେଖାଯାଇ ତା ପାଖରେ ମଜୁରୀ ଲେଖାଯିବ । ଅକ୍ଷର ଖଞ୍ଜି ସାରି ଗେଲି ପ୍ରୁଫ୍ (ପ୍ରଥମ ସାଧାରଣ ଛପା) କାଢ଼ି ଦେଲାପରେ ଅସିଆ ପ୍ରୁଫ୍ ଦେଖି ସଂଶୋଧନ କରେ । ପ୍ରତ୍ୟେକ ଖଞ୍ଜାଳି ପ୍ରୁଫ୍ ଦେଖି ସଂଶୋଧନ ଅନୁସାରେ ଅକ୍ଷର ସଜାଡ଼ି ଆଉ ଥରେ ପ୍ରୁଫ୍ ନେବେ । ତା'ପରେ ଫର୍ମରେ ଖଞ୍ଜା ପାଠ ଭିଡ଼ା ଯିବ । ସେଥିରୁ ଆଉ ଥରେ ପ୍ରୁଫ୍ ବାହାରି ସଂଶୋଧନ ହେଲାପରେ ସଂପୃକ୍ତ କଂପୋଜିଟର ମାନଙ୍କର ସେଦିନର କାମ ସରେ । ସେମାନେ ବାହାର ପିଲାକୁ କାମ ଶିଖାଇବାକୁ ବେଳ କାହିଁ ? ମନରେ ଆଉ ଗୋଟାଏ ଡର ଥାଏ । ଆଇ କେହି କାମ ଶିଖିଲେ ଓ ହାତ ପାହାନ୍ତରେ ଥିଲେ ମାଲିକ ତାଙ୍କୁ ଯେ କୌଣସି ସମୟରେ ବିଦା କରିଦେଇ ପାରେ । ପଇସା ନ ମିଳିଲେ କାମ ଛାଡ଼ି ଯିବାକୁ ଧମକ ଦେଲେ ମାଲିକ ପରବାୟ ନ କରିପାରେ । ଅତି ପ୍ରୀତ ହୋଇ କରୁଣାରେ ପୂରା ତରଳି ନ ଗଲାଯାଏ, ସେମାନେ ନୂଆ ପିଲାକୁ କେବେ ସହଜରେ କାମ ଶିଖାନ୍ତି ନାହିଁ । ବରଂ ତାକୁ ତଡ଼ିବାକୁ ଆଗ ଆଗ ମନ ଇଚ୍ଛା ଗାଳି ଦିଅନ୍ତି ଓ ହାତ ରଖନ୍ତି ।

ସଜୁ ପ୍ରେସ୍‌କୁ ଆସିବା ପାଖାପାଖି ଦୁଇ ବର୍ଷ ହୋଇ ଗଲାଣି । ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ, ପଢ଼ିଛି । ଡିଷ୍ଟ୍ରିବୁଟ୍ ପକାଇବା ଠାରୁ ପ୍ରୁଫ୍ ଦେଖିବା ପର୍ଯ୍ୟନ୍ତ କାମ ଶିଖି ଗଲାଣି । ଏକପ୍ରକାର ମନେଜର୍ ଭଳି କାମ ତୁଲାଇଛି । କିନ୍ତୁ, ଏ ଯାବତ୍ କର୍ମଚାରୀର ମାନ୍ୟତା ମିଳିନାହିଁ । ସେଇ ପଖାଳ ଭାତ ବା ବାବୁଙ୍କ ଘର ରନ୍ଧାର ବଳିପଡ଼ିଥିବା ଖାଦ୍ୟ ମିଳେ । ସମୁଦାୟ ଦୁଇ ହଳ ଯାହିତାହି ପ୍ୟାଣ୍ଟ୍ ସାର୍ଟ୍ ପାଇଛି । ଯେତେବେଳେ ଟଙ୍କା ପାଞ୍ଚ ଦଶଟା ନେହୁରା ହୋଇ ମାଗେ, ବାବୁଙ୍କଠାରୁ ଉତ୍ତର ମିଳେ, "ଅମୁକ ପ୍ରକାଶକ, ସମୁକ ପତ୍ରିକାବାଲା ପଇସା ଦେଇ ନାହାନ୍ତି । କର୍ମଚାରୀମାନଙ୍କୁ ଦରମା ଦେଇ ପାରୁନାହିଁ । ଏମିତିକି ମୋ ଘର ଖର୍ଚ୍ଚକୁ ପଇସା ନିଅଣ୍ଟ ପଡୁଛି । ତୁ'ତ ଖାଇପିନ୍ଧି ଆରାମରେ ଅଛୁ, ତୋର ପଇସା କ'ଣ ହେବ ? ଭଲକରି କାମ ଶିଖି ଯାଆ, ବଳେ ତୋ ମଜୁରୀ ତତେ ମିଳିବ ।"

ସଜୁ ହିସାବ କଲା, ଦାନ୍ତ ନିକୁଟି ମାଗି ମାଗି ଏ ଦୁଇବର୍ଷ ମଧ୍ୟରେ ମାତ୍ର ବୟାଳିଶି ଟଙ୍କା ମିଳିଛି । ବାବୁଘର ସାବୁନ୍ ବ୍ୟବହାର କରି ନଥିଲେ ଏ ପର୍ଯ୍ୟନ୍ତ କୋଟଟ ମଇଳା ପିନ୍ଧି ବୁଲୁଥାନ୍ତା । ପଡ଼ିଶାଘରୁ ଘସି ପାଉଁଶ ମାଗି ଆଣୁ ନଥିଲେ, ଅକ୍ଷମ । ମୁହଁରେ ଦାନ୍ତକାଠି ଅଣ୍ଟାଳୁ ଥାଆନ୍ତା । ଆଜିଯାଏ ରୋଜଗାରରେ ଗୋଟାଏ ଜିଭଛେଲା କିଣି ପାରିଛି ।

ପ୍ରେସ୍‌ବାଲାଙ୍କର ଭଲ ରୋଜଗାରର ଦୁଇଟି ମାଧ୍ୟମ ଜବ୍‌କାମ ଓ ନିର୍ବାଚନ କାମ । ପୋଷ୍ଟର, ପ୍ରଚାରପତ୍ର, ନିମନ୍ତ୍ରଣପତ୍ର ଇତ୍ୟାଦି ଛାପିବା ଜବ୍‌କାମ । ଯାହା ମାଗିଲେ ମିଳିଯାଏ । ଆଇ ନିର୍ବାଚନ କାମ ... ପ୍ରେସ୍‌ବାଲା ଏ ନିର୍ବାଚନ ଆସିବାକୁ ଚାହିଁବସିଥାନ୍ତି । ସରକାର ଭାଙ୍ଗିବା ପାଇଁ ଗୁଆ ବସାଇ ଠାକୁରଙ୍କ ପାଖରେ ମାନସିକ କରିଥାନ୍ତି । ଦଶହରା ଆସିବାର ୫/୭ ଦିନ ଆଗରୁ ଯେପରି ସହରର ରାସ୍ତାଘାଟ ମରାମତି କରାଯାଏ, ନିର୍ବାଚନ ଘୋଷଣା ହେବାମାତ୍ରେ ନୂଆ ଭୋଟର ତାଲିକା ଛପା ପାଇଁ ସରକାର ଲାଗିପଡ଼ନ୍ତି । ପ୍ରେସ୍ କର୍ମଚାରୀମାନେ ସକାଳ ଛଅଟାରୁ ରାତି ଦୁଇଟା ଯାଏ କାମରେ ଲାଗିଯାଆନ୍ତି । ଠିକାରେ କାମ କରୁଥିବାରୁ ଏଇ ମୌକାରେ ବହୁତ କାମ ମିଳିଯାଏ । ନତୁବା ବେଳେବେଳେତ କାମ ନ ଥିବାରୁ ଦୁଇ ପୃଷ୍ଠା କଂପୋଜ୍ କରି ବସି ବସି ଘରକୁ ପଳାନ୍ତି ।

ଧରାଧରି କରି ଅସିଆ ଗୁଡ଼ାଏ କାମ ମାଡ଼ିବସିଲା । ଏଥିପାଇଁ ହାକିମ ହୁକୁମଙ୍କୁ ମଧ ଦେଇ ନେଇ ଖୁସୀ କରି ହାତରେ ରଖିଛି । ନିର୍ବାଚନ କାମ ଜୋର୍‌ସୋର୍‌ରେ ଆରମ୍ଭ ହୋଇଗଲା । ସଜୁ ଉପରେ ଡବଲ୍ ପାହାର । ଘର ସଉଦା, ଘରକାମ ନ କଲେ ନ ଚଳେ । ଏଣେ କର୍ମଚାରୀମାନଙ୍କର ବୋଲହାକ କରୁ କରୁ ସେମାନଙ୍କ ପାଖରେ ରାତିଅଧ । ତା' ଉପରେ ମାଲିକଙ୍କ ବରାଦ, କଂପୋଜିଟର୍‌ମାନେ ଗଲାପରେ ଫର୍ମା ଖୋଲି ସିଏ କେସ୍‌ରେ ଡ୍ରିଷ୍ଟ୍ରିବୁଟ୍ ପକାଇବ । କଂପୋଜିଟର୍ ମାନେ ଆସିବା ମାତ୍ରେ ଯେପରି ଚଟାପଟ୍ ସିଧା କଂପୋଜ କାମରେ ଲାଗିଯିବେ । ଗୋଟିଏ ଘଣ୍ଟା ଶୋଇବାକୁ ମଧ ସଜୁକୁ ଫୁର୍‌ସତ୍ ନାହିଁ । ଅଧଘଣ୍ଟାଏ ଶୋଇ ପଡ଼ିଥିଲା ବୋଲି ବାବୁ ରାଗୀଯାଇ ତା' ପିଠିରେ ଗଣ୍ଡାଏ ଛଅଟା ଦେଇ ସାରିଲେଣି ।

ରାଗରେ ସଜୁ ଉଠିଲା । ଫର୍ମା ଖୋଲି ଖଞ୍ଜା ଭାଙ୍ଗି ବିରିବଟାରେ ଚାଉଳ ଚୂନା ମିଶାଇବା ପରି ସଜୁ ଗୋଳାଇ ଦେଲା । ଯାହା ହାତରେ ପଡ଼ିଲା ସେଥିରୁ ମେଞ୍ଚା ମେଞ୍ଚା କରି ଅକ୍ଷର କେସ୍‌ରେ ପୂରାଇ ଦେଲା । ତା'ପରେ ଜାମାପଟା ପିନ୍ଧି ଗୋଟାଏ ବ୍ୟାଗ୍‌ରେ ଗାମୁଛା ଖଣ୍ଡିକ ପୂରାଇ ଘରୁ ସକାଳୁ ସକାଳୁ ବାହାରି ଗଲା । ବୋଉ ଖବର ପଠେଇ ଥିଲା, ଗାଆଁରେ ମୂଲପାତି ମିଳୁଛି । ଆଠଗୁଣ୍ଠ ବାଡ଼ିରେ ପନିପରିବା ଚାଷ କଲେ ମଧ ଭଲରେ ଚଳିହେବ ।

ନିର୍ବାଚନ ଅଧିକାରୀଙ୍କ ଅଫିସ୍‌ଲୋକ ପ୍ରେସ୍‌ରେ ଉଭା । ହାତେ ହାତେ ଭୋଟର ତାଲିକା ନେଇ କରି ଯିବେ । ପ୍ରୁଫ୍ ଦେଖିବାକୁ ବେଳ ନାହିଁ, ନା ପ୍ରେସ୍‌ରେ ନା ନିର୍ବାଚନ ଅଧିକାରୀଙ୍କର କାର୍ଯ୍ୟାଳୟରେ । "ମୁଦ୍ରଣ ଜନିତ ତୃଟି" ଏକ ବହୁଳ ବ୍ୟବହୃତ ଶବ୍ଦ ।

କହିବା ବାହୁଲ୍ୟ, ଶେଷରେ ଛପା ହୋଇଥିବା ତାଲିକାରେ ନାମ, ବାପା ନାମ ବଦଳରେ ଏଭଳି ଶବ୍ଦ ଓ ସଂକେତମାନ ଥିଲା, ଯାହା ଓଡ଼ିଆ ଶବ୍ଦକୋଷରେ

ନାହିଁ। ପୃଥିବୀରେ କୌଣସି ଭାଷାରେ ଏଭଳି ଶବ୍ଦ ଥିବ କି ନାହିଁ ସନ୍ଦେହ।

ଅସିଆ ପ୍ରେସ୍‌ର ପାଉଣା ବନ୍ଦ କରାଗଲା ଓ ସବୁଦିନ ପାଇଁ ସରକାରୀ କାମ ନ ଦେବାକୁ ଆଦେଶ ଆସିଲା । ତା'ଉପରେ ତ୍ରୁଟିପୂର୍ଣ୍ଣ ଭୋଟର୍ ତାଲିକା ଛାପିଥିବାରୁ ଦଶହଜାର ଟଙ୍କା ଜରିମାନା କରାଗଲା । ଏ ନାଟ ଦେଖିବାକୁ ସଜୁ ନଥିଲା ଓ ତା'ପ୍ରତି ପ୍ରଯୁକ୍ତ ଅଶାଳୀନ ଭାଷା ତା' କାନରେ କେବେ ପହଞ୍ଚି ପାରିନାହିଁ।

ତା: ୧୦/୨/୧୬
ଧାରୁହେଡ଼ା, ହରିୟାଣା
(ମୋ) ୯୯୩୭୬୪୨୮୩୮

***

COURIERS

*With Best Compliments from :*

# AJ-DEEP SERVICES

**DOMESTIC & INTERNATIONAL COURIER & CARGO**

# SARASWATI INTERNATIONAL

**( INTERNATIONAL COURIER & CARGO )**

• FIRST FLIGHT • DTDC - BLAZE FLASH • BLUE DART • PROFESSIONAL • DHL • FEDEX • ARAMEX

# JAGANNATH HOTEL

**(BREAKFAST - LUNCH - DINNER - VEG.- NON VEG. & OUTDOOR CATERING)**

**Head Office :** A-33, D.D.A. Flat, New Ranjit Nagar, Opp. Satyam Cinema, New Delhi-110008 Phones : +91-11-25895237, 25891151

**Head Office :** 303, Durga Tower, Plot No. 10, Sector-4, Dwarka, New Delhi-75 Phone : +91-11-28084253

**E-mail : ajdeep2000@gmail.com**

# ‘ଓଁ’କାର ପରଂବ୍ରହ୍ମ ଶ୍ରୀ ଜଗନ୍ନାଥ

ଅଧ୍ୟାପକ ଡ. ଚିତ୍ତରଂଜନ ମିଶ୍ର



‘ଓଁ’ ଏକାକ୍ଷର ହେଲେ ମଧ ତ୍ର୍ୟକ୍ଷର ଏବଂ ତ୍ର୍ୟକ୍ଷର ହେଲେ ମଧ ଏକାକ୍ଷର ଅଟେ । ଏହାଙ୍କ ଅନ୍ୟନାମ ତ୍ରିଣାଦଏବଂ ଏଥିରୁ ପ୍ଲୁତିସ୍ୱର ଉଚ୍ଚାରିତ ହୁଏ।

"ଓଁ କାରସ୍ତୁ ପ୍ଲୁତୋଜ୍ଞେୟଃ ତ୍ରିଣାଦଇତି ସଜ୍ଞିତଃ"

"ଏକମାତ୍ରୋ ଭବେତ୍ ହ୍ରସ୍ୱଃ ଦ୍ୱିମାତ୍ରୋ ଦୀର୍ଘଉଚ୍ୟତେ
ତ୍ରିମାତ୍ରସ୍ତୁ ପ୍ଲୁତୋ ଜ୍ଞେୟଃ ବ୍ୟଞ୍ଜନଂ ଚାର୍ଦ୍ଧ ମାତ୍ରକମ୍।"

"ଅ-ଉ-ମ" ବ୍ରହ୍ମ ବାଚକ ଓଁକାରର ତିନି ପ୍ରକାର ଧ୍ୱନି ଅଟନ୍ତି । ଯେତେବେଳେ ପ୍ଲୁତ ଭାବେ ଏକଶ୍ୱରରେ ଉଚ୍ଚାରିତ ହୁଅନ୍ତି ସେତେବେଳେ ‘ଓଁ’କାର ନାଦସୃଷ୍ଟି ହୁଏ । ଓଁକାରର ଅନ୍ୟନାମ ତାରକ, ଉଦ୍‌ଗୀଥ, ପ୍ରଣବ ଓ ପ୍ରାତିଭ । ଉପନିଷଦରେ ପରଂବ୍ରହ୍ମ ଭଗବାନଙ୍କର ଯେଉଁ ବର୍ଣ୍ଣନା ହୋଇଛି ତାହା ଶ୍ରୀଜଗନ୍ନାଥଙ୍କଠାରେ ରୂପାୟିତ ଏବଂ ଏହି ଓଁକାରର ଲକ୍ଷଣ ଅନୁସାରେ ଅଦ୍‌ଭୂତ, ଅଲିଙ୍ଗ, ପୁରୁଷୋତ୍ତମ ଜଗନ୍ନାଥଙ୍କ ମୂର୍ତ୍ତି ଆମ ଓଡ଼ିଶାରେ କଳ୍ପିତ କରାଯାଇଛି । ସେ ଓଁକାର ରୂପି ହେତୁ ସର୍ବଦେବାଦେବୀଙ୍କର ସ୍ରଷ୍ଟା ବ୍ରହ୍ମ ଭାବେ ପୂଜ୍ୟ ଅଟନ୍ତି।

‘ଓଁ’କାର ହେଉଛି ଆଦିନାଦ, ଅକ୍ଷରବ୍ରହ୍ମ ଏବଂ ବର୍ଣ୍ଣମାଳାର ଆଦିରସ ଏବଂ ଆଦି ଶକ୍ତି ମଧ । ପ୍ରଣବ ଉଚ୍ଚାରଣକୁ ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ ଇତ୍ୟାଦି ସମ୍ପ୍ରଦାୟର ଭକ୍ତ ସାଦରେ ଗ୍ରହଣ କରନ୍ତି । ଏହା ବୈଷ୍ଣବମାନଙ୍କର ଅ-ଉ-ମ (ଓମ୍) ଓଁ ଅଟେ, ଶୈବମାନଙ୍କର ଉ-ଅ-ମ (ଓ୍ୱମ୍) ବମ୍ ଅଟେ ଏବଂ ଶାକ୍ତମାନଙ୍କର ଉ-ମ-ଅ ଉମା ଅଟେ । ଏହା ହିଁ କ୍ଷର-ଅକ୍ଷର-ଅବ୍ୟୟ ପୁରୁଷ, ପରା-ଅପରା-ପରମା ପ୍ରକୃତି, ବାକ୍-ପ୍ରାଣ-ମନ, ଇଚ୍ଛା-ଜ୍ଞାନ-କ୍ରିୟା, ଜାଗ୍ରତ-ସ୍ୱପ୍ନ-ସୁଷୁପ୍ତି, ଦ୍ରଷ୍ଟା-ଦୃଶ୍ୟ-ଦର୍ଶନ ଏବଂ ସୃଷ୍ଟି-ସ୍ଥିତି-ଲୟ । ଏହି ସର୍ବଭାବମୟ, ସର୍ବରସମୟ, ବେଦସାର ଅଦ୍ଭୁତ ସ୍ୱରୂପ ତାରକ ଅକ୍ଷର ବ୍ରହ୍ମ ଓଁ କାରକୁ ସବୁ ମନ୍ତ୍ରର ମୂଳର ଉଚ୍ଚାରଣ ପୂର୍ବକ ସର୍ବାଗ୍ରେ ଆରାଧନା କରାଯାଏ । ବ୍ରହ୍ମ ପ୍ରଥମେ ଅନୁଭବରେ ଜ୍ଞାତ ହେଉଥିଲେ, ତେଣୁ ସେ ନିର୍ଗୁଣ । ଅନୁଭୂତକୁ ଯେତେବେଳେ ଋଷିଗଣ ସଙ୍କେତ ମାଧ୍ୟମରେ ସୂଚିତ କରାଇଲେ, ତାହା ଓଁକାର ରୂପୀ ପ୍ରତୀକ ହେଲେ । ପରେ ତାହାଙ୍କୁ ରୂପ ଦିଆଗଲା । ତେଣୁ ବ୍ରହ୍ମ ନିର୍ଗୁଣ, ପ୍ରଥମ ପ୍ରକାଶନ ପ୍ରତୀକବାଦପରେ ରୂପବାଦହେଲେ । ନୀଳମଣି ପୁରାଣରେ ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ପରିଷ୍କାର କହିଛନ୍ତି-

"ନିର୍ଗୁଣ ପ୍ରଣବବ୍ରହ୍ମ ନିର୍ବିକଳ୍ପ ନିରଞ୍ଜନଂ
ଦ୍ୱିତୀୟ ପ୍ରତିକାଭାଷ ପାବନ ପୁରୁଷୋତ୍ତମଂ
ସଗୁଣ ଦେବତା ସର୍ବେ ନରଲକ୍ଷଣ ଲାଞ୍ଛିତମ୍
ଶୁନ୍ୟାଦୌଚ ପରାଭାସ ଚାନ୍ତେରୂପ ପ୍ରଚୋଦିତଃ।"

ତେଣୁ, ଜଗନ୍ନାଥ ବ୍ରହ୍ମଙ୍କର ଦ୍ୱିତୀୟସ୍ତର ଅବତାରୀ, ଅବତାର ଏହାଙ୍କର ପରବର୍ତ୍ତୀ କ୍ରମ ଅଟେ । ସେହି ନିର୍ଗୁଣ, ନିରାକାର, ଶୂନ୍ୟରୂପ ଓଁକାର ସଗୁଣ, ସାକାର, ପୂର୍ଣ୍ଣବ୍ରହ୍ମ ରୂପରେ ଚତୁର୍ଦ୍ଧାମୂର୍ତ୍ତି ଧାରଣ କରି ନୀଳାଚଳ ଧାମରେ ପୂଜା ପାଉଥିବା ବିଶ୍ୱାସ କରାଯାଏ।

ଓଁକାର ହିଁ ବ୍ରହ୍ମ ବୋଲି ସମସ୍ତ ଉପନିଷଦସମସ୍ୱରରେ କହିଛନ୍ତି । ସେ ଓଁକାର ଗୋଟିଏ ବର୍ଣ୍ଣନ ନୁହେଁ । ସେଥିରେ ଅ, ଉ, ମ, ନାଦଓ ବିନ୍ଦୁ ଏହିପରି ପାଞ୍ଚଗୋଟି ମାତ୍ରା ଅଛି।

"ହଳୀ ଅକାରଃ ସ୍ତ୍ରୀଉକାର ଭଦ୍ରାଃ
ମକାର ସାକ୍ଷାତ୍ ପୁରୁଷୋତ୍ତମ ସ୍ୱୟମ୍।
ନାଦାକ୍ଷ ଚକ୍ରଃ ସହି କାଳନେମୀ
ବିନ୍ଦୁପରଂ ମାଧବଂ ଚିନ୍ତୟିତ୍ୱା
ପୂଜୟା ପ୍ରଣବ ଚିନ୍ତନ ମନ୍ତ୍ର କାରୀକା।"

ଅ-ବଳଭଦ୍ର, ଉ-ସୁଭଦ୍ରା, ମ-ଜଗନ୍ନାଥ, ନାଦ-ସୁଦର୍ଶନ ଓ ବିନ୍ଦୁ-ମୂଳଭୂର୍ତ୍ତି ମାଧବ । ତତ୍ତ୍ୱଗ୍ରନ୍ଥ ମାନଙ୍କରେ କୁହାଯାଇଛି, ବ୍ରହ୍ମ ଯେତେବେଳେ ରୂପବନ୍ତ ହୁଏ, ଏକ ତତ୍ତ୍ୱ ତିନିରେ ପରିଣତ ହୁଏ । ଅର୍ଥାତ୍ ଓଁ ତତ୍‌ସତ୍‌ରେ ବିଭକ୍ତ ହୋଇଥାଏ । ସେହି ସୂତ୍ରରେ ଅନନ୍ତ ସତ୍, ତତ୍ ଶକ୍ତି ଓ ଓଁକାର ବ୍ରହ୍ମ ଅଟନ୍ତି । ଉପନିଷଦରେ କୁହାଯାଇଛି-

"ନ ପାଣିପାଦୋ ଜବନୋ ଗ୍ରହୀତା ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟ କର୍ଣ୍ଣଃ
ସ ବେତ୍ତି ସର୍ବଂ ନହିତସ୍ୟ ବେତ୍ତା ତାମହୁରଗ୍ର୍ୟଂ ପୁରୁଷଂ ମହାନ୍ତମ।" (ଋକ୍ ବେଦ)

ଗୋସାମୀ ତୁଳସୀ ଦାସ ମଧ ଅବ୍ୟୟ ପୁରୁଷୋତ୍ତମ ବ୍ରହ୍ମର ସ୍ୱରୂପ ବର୍ଣ୍ଣନା ନିମ୍ନମତେ କରିଛନ୍ତି । ଯଥା-

"ଆଦି ଅନ୍ତ କୋଉ ଜାସୁ ନ ପାବା
ମତି ଅନୁମାନି ନିଗମ ଅସ ଗାବା।
ବିନୁ ପଦଚଲଇ ଶୁନଇ ବିନୁ କାନା
କରବିନୁ କରଇ କରମ ବିଧି ନାନା।
ଆନନ ରହିତ ସକଲ ରସ ଭୋଗୀ
ବିନୁ ବାଣୀ ବକ୍ତା ବର ଯୋଗୀ।
ତନ ବିନୁ ପରଶ ନୟନ ବିନୁ ଦେଖା।
ଗ୍ରହଇ ପ୍ରାଣ ବିନୁ ବାସ ଅଶେଷା
ଅସ ସବ ଭାତି ଅଲୌକିକ କରଣୀ
ମହିମା ଜାସୁ ଜାଇ ନହିଁ ବରନୀ । (ଶ୍ରୀରାମ ଚରିତ ମାନସ, ବାଳକାଣ୍ଡ, ୧୧୮ ଦୋହା, ଚୌପାଇ)

ମହାକବି ଉପେନ୍ଦ୍ର ଭଞ୍ଜ ମଧ ସେହି ଅଲିଙ୍ଗ-ଅଯୋନୀ ସମ୍ଭୂତ ବ୍ରହ୍ମ ସ୍ୱରୂପକୁ

ନିମ୍ନମତେ ବର୍ଣ୍ଣନା କରିଛନ୍ତି-

ଯଥା- "ପାଦନାହିଁ ପୁତ୍ର ଗମନ କରଇ
କର୍ଣ୍ଣ ନାହିଁ ବାକ୍ୟ ଶୁଣେ
ଆକ୍ଷି ନାହିଁ ପୁତ୍ର ତିନିପୁର ଦେଖେ
ଜିହ୍ୱା ନାହିଁ ସ୍ୱାଦୁ ମଣେ।"

ଏ ସମସ୍ତ ବ୍ରହ୍ମ ସ୍ୱରୂପ ବର୍ଣ୍ଣନାର ସାମଞ୍ଜସ୍ୟ ରହିଛି ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କ ରୂପ ସହ । ଏମିତି ଅଦ୍ଭୁତ ଓ ବିଚିତ୍ର ରୂପ ଯାହା ସୃଷ୍ଟିର କୌଣସି ଜୀବ ସହ ସାମଞ୍ଜସ୍ୟ ରଖେନା । ଏମାନଙ୍କୁ ବିଭିନ୍ନ ସମୟରେ ମନ୍ତ୍ର, ଯନ୍ତ୍ର ଏବଂ ତନ୍ତ୍ର ମାଧମରେ ଉପାସନା କରାଯାଇଛି । ଗବେଷକଙ୍କ ମତରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରହସ୍ୟ ଭେଦକରିବା ସମ୍ଭବ ନୁହେଁ, କିନ୍ତୁ ଏହା ନିଶ୍ଚିତ ଯେ ଉକ୍ତ ମୂର୍ତ୍ତୀଗୁଡ଼ିକ କୌଣସି ନା କୌଣସି ଯନ୍ତ୍ରର ଆକୃତି ଅଟେ । ଯନ୍ତ୍ର ଅର୍ଥାତ୍ ଯେମିତି ଶ୍ରୀଯନ୍ତ୍ର, ନବଗ୍ରହ ଯନ୍ତ୍ର ଅଥବା ହନୁମାନ ଯନ୍ତ୍ର ଇତ୍ୟାଦି।

ବ୍ରହ୍ମ ପୁରାଣରେ ବର୍ଣ୍ଣିତ ଅଛି, ଯମରାଜ ପରଂବ୍ରହ୍ମଙ୍କୁ ପ୍ରାର୍ଥନା କରିଥିଲେ ଯେ, "ଚର୍ମ ଚକ୍ଷୁରେ କଳିରେ ନଦେଖନ୍ତୁ କେହି ।" ପ୍ରଭୁ ଯମଙ୍କ ପ୍ରାର୍ଥନା ସ୍ୱୀକାର କରି ତଥାସ୍ତୁ କହିଥିଲେ ଏବଂ ନୀଳାଚଳ ରୂପୀ ବାଲୁକାସ୍ତୁପ ମଧ୍ୟରେ ସେ ଗୁପ୍ତ ହୋଇଯାଇଥିଲେ । ୭୮୮ ଖ୍ରୀ.ଅ.ରେ ଶଙ୍କରାଚାର୍ଯ୍ୟଙ୍କ ଆବିର୍ଭାବ ହେଲା । ସେ ସନାତନ ହିନ୍ଦୁଧର୍ମକୁ ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ଏକ ସର୍ବକାଳୀନ ବ୍ୟବସ୍ଥା କରାଇଥିଲେ । ସାରା ଭାରତରେ ଚାରିଦିଗରେ ପ୍ରତିଷ୍ଠା କଲେ ଚାରିଧାମ । ଉତ୍ତରରେ ବଦ୍ରିକା, ଦକ୍ଷିଣରେ ଶୃଙ୍ଗେରି, ପଶ୍ଚିମରେ ଦ୍ୱାରକା ଏବଂ ପୂର୍ବରେ ପୁରୀ । ଯୋଗବଳରେ ଶଙ୍କରାଚାର୍ଯ୍ୟ ନୀଳାଚଳ ରୂପୀ ବାଲୁକାସ୍ତୁପ (ପୁରୀ) ମଧ୍ୟରୁ ବ୍ରହ୍ମଙ୍କ ସନ୍ଧାନ କଲେ । ଶଙ୍କରଙ୍କ ମୁଖରୁ ସେତେବେଳେ ସ୍ୱତଃ ଉଚ୍ଚାରିତ ହେଲା- "ପ୍ରଣବଯନ୍ତ୍ର ଯୋଗାଢ଼୍ୟ ସତ୍ୟ ସାଙ୍କେତ ବିଗ୍ରହ ।" ଏହି ବାକ୍ୟ ପ୍ରକଟର ସାଙ୍କେତିକ ବିଗ୍ରହ ନିର୍ମାଣ କରି ପ୍ରଭୁଙ୍କ ଅଙ୍ଗ ସମ୍ଭୁତ ବ୍ରହ୍ମଙ୍କୁ ସ୍ଥାପନା କରିବେ । ବିଷ୍ଣୁ ଲକ୍ଷଣଯୁକ୍ତ ନିମ୍ବଦାରୁରେ ବିଗ୍ରହ ନିର୍ମାଣ କରିବା ପାଇଁ ସେ ସ୍ଥିର କରିଥିଲେ ।

ଦାରୁ ମୂର୍ତ୍ତି ବସିବା ବଇଠିରେ ପ୍ରତୀକ ଯନ୍ତ୍ର ପୋତା ଯାଇଥିବାରୁ ଜଗନ୍ନାଥ ଜୀବନ୍ତ ଦେବତା ହେଇଗଲେ । ରତ୍ନ ସିଂହାସନରେ ଭୈରବୀ ଚକ୍ର ରୂପୀ ଶ୍ରୀଯନ୍ତ୍ରର ସ୍ଥାପନା ଏବଂ ଭୈରବୀ ରୂପୀ ବିମଳାଙ୍କୁ ପ୍ରସାଦଅର୍ପଣ ଯୋଗୁଁ ଏହା ମହାପ୍ରସାଦହେଇପାରିଲା ।

ନିତ୍ୟନୈମିତିକ ପୂଜା ପ୍ରକରଣରେ ପ୍ରଣବନ୍ୟାସ ସମୟରେ ବଳଭଦ୍ରଙ୍କୁ ଅକାର, ସୁଭଦ୍ରାଙ୍କୁ ଉକାର ଏବଂ ଜଗନ୍ନାଥଙ୍କୁ ମକାର ରୂପେ ଚିନ୍ତନ କରାଯାଏ ।

"ଓଁ ଅକାର ସତ୍ତ୍ୱଗୁଣଂ ଶୁକ୍ଳବର୍ଣ୍ଣଂ ନମଃ ନଭୈ
ଓଁ ଉକାର ରଜୋଗୁଣଂ ରକ୍ତବର୍ଣ୍ଣ ନମଃ ହୃଦୟେ
ଓଁ ମକାର ତମୋଗୁଣଂ କୃଷ୍ଣବର୍ଣ୍ଣଂ ନମଃ ମୂର୍ଦ୍ଧନି ।"

ନିର୍ଗୁଣ ମହାତ୍ମ୍ୟରେ ସାଧୁ ଚୈତନ୍ୟ ଦାସ ବର୍ଣ୍ଣନା କରିଛନ୍ତି-

"ଶୁଖିଲା କାଠ ଦାରୁବ୍ରହ୍ମ
ତହିଁ ଅଛନ୍ତି ପରଂବ୍ରହ୍ମ ।"

ସନ୍ଥ ତୁଳସୀ ଦାସ ବର୍ଣ୍ଣନା କରିଛନ୍ତି-

ଏକୁ ଦାରୁଗଡ଼ ଦେଖିବାକୁ ପାବକ ସମଯୁଗ ବ୍ରହ୍ମ ବିବେକକୁ ।
ବ୍ୟାପକୁ ଏକୁ ଦାରୁବ୍ରହ୍ମ ଅବିନାସି ସତ ଚେତନା ଘନ ଆନନ୍ଦ ରାଶି ।
ଅଗୁନ ସଗୁନ ଦାରୁବ୍ରହ୍ମ ସ୍ୱରୂପା ନବ ଯଉବନ ଅନାଦି ଅନୂପା ।"

ଓଡ଼ିଆ ସାହିତ୍ୟର ପଞ୍ଚସଖା ଶ୍ରୀଜଗନ୍ନାଥଙ୍କୁ ଓଁକାର ପୂର୍ଣ୍ଣବ୍ରହ୍ମ ବା ପରଂବ୍ରହ୍ମ ରୂପେ ଦେଖିଛନ୍ତି । ଯଥା:-

"ମହାଶୂନ୍ୟ ଯେ ଜ୍ୟୋତି ରୂପ
ଜ୍ୟୋତିରୁ ଜାତ ଠୁଳ ରୂପ
ଠୁଳକୁ ଅର୍ଦ୍ଧମାତ୍ରା କଲା
ମାତ୍ରାରୁ ଓଁକାର ଜନ୍ମିଲା ।"

"ଶ୍ରୀ ନୀଳାଦ୍ରୀଶ ଚଉତିଶା" କାବ୍ୟରେ କବି ଉପେନ୍ଦ୍ର ଭଞ୍ଜ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଓଁକାର ପରଂବ୍ରହ୍ମ ରୂପେ ବର୍ଣ୍ଣନା କରିଛନ୍ତି-

ଓଁକାର ମନ୍ତ୍ରସାର ଓଁକାର ଅଘହର
ଓଁକାର ଆକାର ଧରିଲ
ଓଁକାର ବର୍ଣ୍ଣମାତ୍ରା ଓଁକାର ସର୍ବଜ୍ଞାତା
ଓଁକାର ବ୍ରହ୍ମ ରୂପ ନେଲ
ହେ ନୀଳାଦ୍ରୀଶ
ଓଁକାର ଅପ୍ରକଟ ସ୍ୱର
ଓଁକାର ବ୍ରହ୍ମଣ ବିକାର
ଓଁକାର ତତ୍ତ୍ୱବାରି ଓଁକାର ନିର୍ବିକାରୀ
ଓଅ କରିଲେ ଓଅ କର ।"

ସେ ଯାହାବି ହେଉ ଶ୍ରୀ ବିଗ୍ରହଙ୍କଠାରେ ଏମିତି ଏକ ଅଲୌକିକ ସମ୍ମୋହନୀ ଶକ୍ତି ରହିଛି, ଯାହା ସମସ୍ତ ଭକ୍ତଙ୍କୁ ଆକର୍ଷିତ କରି ଅଦ୍ଭୁତ ପ୍ରେମରେ ବାନ୍ଧି ରଖନ୍ତି । ସେ ହିଁ ପରଂବ୍ରହ୍ମ, ଅନାଦି, ଅନନ୍ତ, ଆଦିମୂଳ ଏବଂ ସ୍ୱୟଂ ପ୍ରକାଶ ମଧ ଅଟନ୍ତି ।

ପଞ୍ଚାୟତ ମହାବିଦ୍ୟାଳୟ, ଫିରିଙ୍ଗିଆ

***

Oriya Cultural & Welfare Association™ OCWA

# ଆକାଶର ଛତା ତଳେ ଜୀବନ

ଇଂ ସତ୍ୟବ୍ରତ ରଥ

(ଏକ)



ସ୍ୱାମୀ ବିବେକାନନ୍ଦ ୧୮୯୫ ମସିହାରେ ୟୁରୋପର କେତୋଟି ଦେଶକୁ ଯାଇଥିଲେ । ପ୍ରଥମେ ଫ୍ରାନ୍ସ ଓ ସେଠାରୁ ଇଂଲଣ୍ଡ ଯାତ୍ରା କରିଥିଲେ ତାଙ୍କ ସହିତ ଦୁଇଜଣ ଅନୁଗତ ଶିଷ୍ୟ ମଧ୍ୟ ଯାଇଥିଲେ । ସେତେବେଳେ ଇଂରେଜ ମାନେ ଭାରତକୁ ଶାସନ କରୁଥିଲେ । ଇଂରେଜ ମାନଙ୍କୁ ତଡ଼ିବା ଲାଗି ଭାରତରେ ଜନ ଆନ୍ଦୋଳନ ବ୍ୟାପକ ହୋଇଥିଲା । ଇଂଲଣ୍ଡ ପହଞ୍ଚିବା ପୂର୍ବରୁ ବିବେକାନନ୍ଦଙ୍କ ମନରେ ଦ୍ୱନ୍ଦ ସୃଷ୍ଟି ହୋଇଥିଲା । ସେ ଭାବୁଥିଲେ ବୋଧ ହୁଏ ସେ ଦେଶର ଲୋକମାନେ ତାଙ୍କୁ ହତାଦର କରିବେ । କିନ୍ତୁ ଅଳ୍ପ କେତେଦିନର ରହଣି ଭିତରେ ସେ ଯେଉଁ ଶ୍ରଦ୍ଧା ଓ ସମ୍ମାନ ପାଇଲେ ତାହା ତାଙ୍କ କଳ୍ପନା ବାହାରେ ଥିଲା । ସେ ବିଭିନ୍ନ ସ୍ଥାନରେ ଲୋକମାନଙ୍କ ସହିତ ମିଶିଲେ । ସବୁଠି ସେ ଭାରତୀୟ ସମାଜ, ଭାରତରେ ପ୍ରଚଳିତ ସନାତନ ଧର୍ମ, ପୁରାଣ, ବେଦ, ଉପନିଷଦ ଏବଂ ଦର୍ଶନ ସମ୍ପର୍କରେ ଆଲୋଚନା କରୁଥିଲେ । ଲଣ୍ଡନ ସହରରେ ତାଙ୍କର ପ୍ରଥମ ବକ୍ତୃତା ତାଙ୍କୁ ଏତେ ଖ୍ୟାତି ଆଣିଦେଲା ଯେ ଇଂରେଜ ବିଦ୍ୱାନ ମାନେ ତାଙ୍କ ପାଖେ ପାଖେ ଘେରି ରହୁଥିଲେ ।

ପୁରାଦିନ ପରେ ଜଣେ ଶିଷ୍ୟ ବିବେକାନନ୍ଦଙ୍କୁ ପଚାରିଲେ- "ସ୍ୱାମୀ" । ଆମମାନଙ୍କ ଚିନ୍ତାଧାରା ଠାରୁ ଏ ଦେଶ ଲୋକମାନଙ୍କର ଚିନ୍ତାଧାରା ଭିନ୍ନ । ଆଚରଣରେ ମଧ୍ୟ ଭିନ୍ନତା ପରିଲକ୍ଷିତ ହେଉଛି । ଆମ ଦେଶକୁ ଦଖଲ କରି ଲୋକମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି । ତେବେ ଆମ ପାଖକୁ ଯେଉଁମାନେ ଆସୁଛନ୍ତି ଆମକୁ ଯଥେଷ୍ଟ ସମ୍ମାନ ଦେଉଛନ୍ତି ଓ ନମ୍ରତା ପ୍ରଦର୍ଶନ କରୁଛନ୍ତି । ଏଭଳି ଛଳନାକାରୀ ଓ ନିର୍ମମ ଲୋକଙ୍କର ଦେଶକୁ ଆପଣ କାହିଁକି ଆଗ୍ରହୀ ହେଲେ ?"

ବିବେକାନନ୍ଦ କିଛି ସମୟ ଗମ୍ଭୀର ହୋଇଗଲେ । ନରମ ଗଳାରେ କହିଲେ – "ତ୍ରୈଲୋକ୍ୟ ! ତୁମର ବିଚାର ଅନେକ ଦୃଷ୍ଟିରୁ ଯଥାର୍ଥ । ତେବେ ଏ ଦେଶର ସମସ୍ତ ନାଗରୀକ ପ୍ରଶାସକ ନୁହନ୍ତି । ଅନେକ ବିଦ୍ୱାନ ମଧ୍ୟ ଅଛନ୍ତି, ଯେଉଁମାନେ ଭଲମନ୍ଦର ବିଚାର କରୁଛନ୍ତି । କ୍ଷମତା ବଳରେ ସେମାନେ ଆମ ଦେଶକୁ ଶାସନ କରୁଛନ୍ତି, ଯାହାକି ବିବେକ ଅନୁମୋଦିତ କର୍ମ ନୁହେଁ । । ଅନ୍ୟଦେଶକୁ ବଳପୂର୍ବକ ଅଧିକାର କରି ନିଜର ପ୍ରଭୁତ୍ୱ ବିସ୍ତାର କରିବା ଅପରାଧ । ଏମାନେ ଶିକ୍ଷୀତ ହେଲେ ମଧ୍ୟ ମାନବିକତାର ମୂଲ୍ୟ ବୁଝିନାହାନ୍ତି । ଏମାନଙ୍କ ହୃଦୟରେ ଅଂହକାର , ଲୋଭ, ଈର୍ଷା ଓ ମମତ୍ୱ ରହିଛି, ନୈତିକ ସାହାସ ନାହିଁ । ମୋହର ଯାହା ଅନୁମାନ ଏମାନେ ଉପରକୁ ଯାହା ଜଣାପଡୁଛନ୍ତି, ଭିତରେ ତାହା ନୁହନ୍ତି ?

ବ୍ୟସ୍ତ ହୋଇପଡ଼ିଥିଲେ ବିବେକାନନ୍ଦ । ହାତ ହଲାଇ କହିଲେ- ନା,ନା ତ୍ରୈଲୋକ୍ୟ !ସଂସାର ପରିବର୍ତ୍ତନଶୀଳ । କୈଣସି କଥା ଏଠାରେ ଚିରସ୍ଥାୟୀ ନୁହେଁ । ସାଧୁ ହେଉ ବା ଅସାଧୁ ହେଉ, ସମସ୍ତଙ୍କୁ ପରିବର୍ତ୍ତନର ସମ୍ମୁଖୀନ ହେବାକୁ ପଡ଼ିବ । ଯେତେବେଳେ ଧର୍ମାବଲମ୍ବୀ ପୃଥିବୀରେ ଅଛନ୍ତି ସମସ୍ତଙ୍କ ପାଇଁ ନ୍ୟାୟ , ଅନ୍ୟାୟ ନୀତି, ଅନୀତି, ପାପ, ପୁଣ୍ୟର ସଂଜ୍ଞା ସମାନ । ମୁଁ ଏକଥା ତୁମକୁ କହିପାରେ ଯେ ଏମାନେ ଭାରତରେ ରହିପାରିବେ ନାହିଁ । କାହାର ପ୍ରତିପତ୍ତି ଅପରିବର୍ତ୍ତନୀୟ ନୁହେଁ ।

ଆଉ ଦିନେ ବିବେକାନନ୍ଦ ବହି ପଢୁଥିଲେ । ବହିଟିକୁ ଯଥା ସ୍ଥାନରେ ରଖିଦେଇ ଶିଷ୍ୟ ତ୍ରୈଲୋକ୍ୟଙ୍କୁ ପାଖକୁ ଡାକି କହିଲେ- ଏବେ ପଢୁଥିଲି, ତାହାକୁ ଭୁଲିଯାଅ ଯିଏ ତମ ମନରେ ଗତକାଲି ଖୁବ୍ ଆଘାତ ଦେଇଥିଲା । ତାହାକୁ କେବେ ଭୁଲିବ ନାହିଁ ଯିଏ ତୁମକୁ ଗତକାଲି ଭଲ ପାଇଥିଲା । ଏଥିରୁ କଣ ବୁଝୁଚ ତମେ ?

ତ୍ରୈଲୋକ୍ୟ କହିଲା – ସ୍ୱାମିଜୀ ! ଯେଉଁମାନେ ମୋ ମନରେ ଅତୀତରେ ଆଘାତ ଦେଇଥିଲେ ସେମାନେ ବେଶୀ ମନେ ପଡୁଛନ୍ତି ।

ସ୍ୱାମିଜୀ ଅଳ୍ପ ହସିଲେ । କହିଲେ ତମର ନିଜ ମନ ଉପରେ ନିୟନ୍ତ୍ରଣ କରିବାକୁ ସମୟ ଲାଗିପାରେ, ତେବେ ତୁମେ ସତ୍ୟ କହିଛ । ଏଇଟା ବଡ଼ କଥା । ତୁମର ଏ ଯେଉଁ ସମସ୍ୟା , ତାର ସମାଧାନ ଅଛି ।

ଅଳ୍ପ ସମୟ ପରେ ଜଣେ ଇଂରେଜ ବିଦ୍ୱାନ ବିବେକାନନ୍ଦଙ୍କୁ ଦେଖା କରିବାକୁ ଆସିଲେ । ବିବେକାନନ୍ଦ ତାଙ୍କୁ ଆସନରେ ବସିବାକୁ ଇଙ୍ଗିତ ଦେଇ ଆସିବାର କାରଣ ପଚାରିଲେ । ଆଗନ୍ତୁକ କହିଲେ- ହେ ଭାରତୀୟ ଧର୍ମଗୁରୁ ! ଆପଣଙ୍କ ଭାଷଣ ମୋତେ ଖୁବ୍ ଭଲ ଲାଗିଛି । ଧର୍ମ , ଅଧର୍ମ, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ନିତୀ-ଅନିତୀ, ସମସ୍ୟା- ସମାଧାନ ବିଷୟରେ ଆପଣ ଯାହା ଯାହା କହିଥିଲେ ତାହା ମୋତେ ପ୍ରଭାବିତ କରିଛି । ଅନେକ ଲୋକ ସମସ୍ୟାର ସମାଧାନ ପାଇଁ ମୋ ନିକଟକୁ ଆସନ୍ତି, ମୁଁ ସେମାନଙ୍କୁ ପରାମର୍ଶ ଦେଇଥାଏ । ତେବେ ଅଳ୍ପ ଦିନ ତଳେ ମୋର ପୁତ୍ର ଏକ ସମସ୍ୟା ସଂପର୍କରେ ମୋତେ କହିଛି । ମୁଁ ତାହାର ସମାଧାନ ପାଇନାହିଁ ।

ବିବେକାନନ୍ଦ ଅଳ୍ପ ହସିଦେଲେ । କହିଲେ- ଯେଉଁଠି ସମସ୍ୟା ରହିଛି, ସେଠାରେ ସମାଧାନର ଏକାଧିକ ଦିଗ ଥାଇପାରେ । କୁହନ୍ତୁ, ମୁଁ ସମାଧାନର ଦିଗ ଖୋଜିବାକୁ ଚେଷ୍ଟା କରିବି ।

ବିଦ୍ୱାନ ବ୍ୟକ୍ତି କହିଲେ- ବିଦ୍ୟାଳୟରେ ମୋ ପୁଅ ସପ୍ତମ ଶ୍ରେଣୀରେ

ପଢ଼େ। ଦିନେ ଗୋଟିଏ ପିରିଅଡ୍ ରେ ଜଣେ ଶିକ୍ଷକ ପଢ଼ଉଥିଲେ। ସୂତ୍ର ସାହାଯ୍ୟରେ ସେ ଗୋଟିଏ ପ୍ରଶ୍ନର ସମାଧାନ ବୁଝାଇ ଚାଲିଥିଲେ। କେତେଜଣ ଛାତ୍ର ବୁଝି ନପାରିବାରୁ ଶିକ୍ଷକ ପୁନଃରାୟ ସୂତ୍ରର ସଙ୍କେତ ଏବଂ ପ୍ରୟୋଗ ବୁଝାଉଥିଲେ। ଇତି ମଧ୍ୟରେ ପିରିଅଡ୍ ଶେଷ ହୋଇଗଲା। ସେଥିପ୍ରତି ଧ୍ୟାନ ନଦେଇ ଶିକ୍ଷକ ପିଲାମାନଙ୍କୁ ପ୍ରଶ୍ନ ପଚାରି ଚାଲିଥିଲେ। ପରବର୍ତ୍ତୀ ପିରିଅଡ୍ ରେ ଭୂଗୋଳ ପଢ଼ାହେବା କଥା। ଭୂଗୋଳ ଶିକ୍ଷକ ଶ୍ରେଣୀ ଗୃହ ସମ୍ମୁଖରେ ଏପଟ ସେପଟ ହେଲେ। ସାତ ମିନିଟ୍ ଗଡ଼ିଗଲା। ତଥାପି ଗଣିତ ଶିକ୍ଷକ ଶ୍ରେଣୀ ଗୃହ ଛାଡ଼ିଲେ ନାହିଁ। ବିରକ୍ତ ହୋଇ ଭୂଗୋଳ ଶିକ୍ଷକ ଶ୍ରେଣୀ ଗୃହ ଭିତରକୁ ପଶିଆସିଲେ। ଗଣିତ ଶିକ୍ଷକଙ୍କୁ କହିଲେ- ମହାଶୟ ଆପଣଙ୍କ ପିରିଅଡ୍ ସରିଯାଇଛି। ଅନଧିକାର ଭାବରେ ଆପଣ ମୋ ପିରିଅଡ୍ ର ଦଶ ମିନିଟ୍ ସମୟ ନେଲେଣି। ମୁଁ ପାଠ୍ୟକ୍ରମର ବିଷୟବସ୍ତୁ ସମ୍ପର୍କରେ ପ୍ରସ୍ତୁତ ହୋଇ ଆସିଛି। ଆପଣଙ୍କ ଦୋଷରୁ ମୁଁ ଆଜି ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବରେ ପଢ଼ାଇ ପାରିବି ନାହିଁ। ଆପଣଙ୍କର ଶୃଙ୍ଖଳା ଜ୍ଞାନ ନାହିଁ।"

ଗଣିତ ଶିକ୍ଷକ ବହୁ କଡ଼ା ଭାଷାରେ ଭୂଗୋଳ ଶିକ୍ଷକଙ୍କୁ ଗାଳି ଦେଲେ। ଏଥିପାଇଁ କାହାକୁ ଦୋଷୀ କୁହାଯିବ।

ବିବେକାନନ୍ଦ କହିଲେ- ଏହାସମସ୍ୟା ନୁହେଁ । କର୍ତ୍ତବ୍ୟରେ ଅବହେଳା କରିବା । କାହା ଅଧିକାରରେ ହସ୍ତକ୍ଷେପ କରିବା, କାହା ମନରେ ଆଘାତ ଦେବା- ଏସବୁ ଅନିତୀ, ଅପରାଧ ଓ ଅଧର୍ମ । ବିଶୃଙ୍ଖଳିତ ଆଚରଣ ମଧ୍ୟ ନିନ୍ଦନୀୟ। ଏ କ୍ଷେତ୍ରରେ ଗଣିତ ଶିକ୍ଷକ ବିଶୃଙ୍ଖଳିତ। ପୁନଶ୍ଚ ଭୂଗୋଳ ଶିକ୍ଷକ ମଧ୍ୟ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କଲେ।ଉଭୟେ ଏକ ପ୍ରଶାସନିକ ବ୍ୟବସ୍ଥା ଦ୍ୱାରା ପରିଚାଳିତ। ଭୂଗୋଳ ଶିକ୍ଷକ ପ୍ରଶାସନିକ ବ୍ୟବସ୍ଥା ମାଧ୍ୟମରେ ଗଲେ ନାହିଁ। ଉଭୟଙ୍କର ଅହଂକାର ପାଇଁ ଏକ ସମସ୍ୟା ସୃଷ୍ଟି ହୋଇଥିଲା। ତେଣୁ ଉଭୟେ ଦୋଷୀ।

ଇଂରେଜ ବିଦ୍ୱାନ ବିବେକାନନ୍ଦଙ୍କୁ କହିଲେ।- ଆକାଶର ଛତା ତଳେ ସବୁରି ଜୀବନ। ଯାହା ସତ୍ୟ, ତାହା ଅପରିବର୍ତ୍ତନୀୟ। ଶିକ୍ଷକ ଦୁହେଁ ଏହା ଅନୁଭବ କରିବା କଥା।

କଲେଜ ରୋଡ୍, ବାଙ୍କୀ, କଟକ

***

## ଭୂତ

ଶ୍ରୀମତୀ ବାସନ୍ତୀ ଲତା ମହାପାତ୍ର



ବର୍ଷା ଋତୁ ଆରମ୍ଭରେ ଭୋରୁଟାରୁ ବର୍ଷାଖୁବ୍ ଜୋର୍‌ରେ କଚାଡୁଥିଲା। ହରିଶ୍‌ର ନିଦ ଭାଙ୍ଗିଗଲାପରେ ସେ ତା' ଯୁବକ ବେଳକୁ ଫେରିଗଲା। ସେଦିନ ରୁମ୍‌କୀ ଖରାବେଳେଟାରେ ତାକୁ ଗାଁମୁଣ୍ଡ କଦମ୍ବ ଗଛମୂଳକୁ ଡାକିଥିଲା। କେଉଁଠି ଥିଲା କେଜାଣି, ଠିକ୍ ବେଳଟାରେ ବର୍ଷା ରିମ୍‌ଝିମ୍ ଗୀତ ଗାଇ ତାଙ୍କର ଉପରେ ଅଜାଡ଼ି ହୋଇ ପଡ଼ିଥିଲା ଯେତେଥର ମେଘଟା ଡମ୍ବରୁ ବଜାଉଥିଲା, ରୁମ୍‌କୀର ଦେହ ତା' ଉପରକୁ ଆଉଜି ପଡୁଥିଲା। ତା ଦେହର ଗରମ ନିଶ୍ୱାସରେ ଅସ୍ତବ୍ୟସ୍ତ ହୋଇ ତାକୁ ଜାବୁଡ଼ି ଧରିବାର ଦୃଶ୍ୟ ଏବେବି ତା ମନକୁ ବାଉଳା କରିଦିଏ। ରୁମ୍‌କୀ ବାହାଘର ପରେ ଯଦିଓ ହରିଶର ବାହାଘର ହୋଇଥିଲା, ସେ ଦୃଶ୍ୟଟା କିନ୍ତୁ ହରିଶର ପିଛା ଛାଡୁ ନଥିଲା। ପ୍ରଥମ ପ୍ରେମ ବୋଲି ବୋଧହୁଏ। ଛାଇନିଦରେ ସେ ଦୃଶ୍ୟକୁ ଭାବୁଭାବୁ ତାକୁ ଲାଗୁଥିଲା ରୁମ୍‌କୀ ଯେପରି ତାକୁ ଜାବୁଡ଼ି ଧରିଛି ଆଉ ସେ ରୁ-ମ୍-କୀ ବୋଲି ଚିତ୍କାର କରିଲା।

କଫିନିଅ ଶବ୍ଦରେ ଚାହିଁଲା ବେଳକୁ ମିସେସ୍ କହୁଥିଲେ, "କ'ଣ ହେଲା ? ଭୂତ ଦେଖିଲକି ? ଏମିତି ଚମ୍‌କି ପଡ଼ିଲ ଯେ! ରୁମ୍‌କୀ କିଏ ?" ଅନ୍ଧାରଘରେ ଲାଇଟ୍ ଜାଳିଦେଇ ତା ପାଖକୁ ଆସି ସାରିଥିଲେ ମିସେସ୍। ହରିଶ୍ ହଡ଼ବଡ଼ ହୋଇ ମିସେସ୍‌କୁ କୁଣ୍ଢାଇ ଧରି ତାଙ୍କ ପେଟକୁ ଆଉଁସି ଦେଇ କହିଲା, "ନାଇଁ ମ! ତୁମର ଯଦି ଝିଅ ହୁଏନା ଭାବୁଛି ରୁମ୍‌କୁ ଝୁମାନା ନାମ ଦେବି। ଆଉ ଡାକିବା ରୁମ୍‌କୀ ବୋଲି। ସ୍ତ୍ରୀ ଆତ୍ମତୃପ୍ତିର ହସଟିଏ ତା ଉପରକୁ ଛାଟି ଦେଇ ଚାଲିଗଲା ପରେ ହରିଶ୍ ନିଜ ଉପରକୁ ଲଣ୍ଡାଏ ଛେପ ପକାଇ ଦେଇ ଖର ନିଶ୍ୱାସ ନେଇ ମନକୁ ମନ କହି ପକାଇଲା ଓଃ ହୋଃ କେଡ଼େ ବଡ଼ ଭୂତ ପାଖରୁ ରକ୍ଷାପାଇଗଲି।

ରାଜ୍ୟପୁରସ୍କୃତ ପ୍ରାପ୍ତ ସେବା ନିବୃତ୍ତ ଶିକ୍ଷୟିତ୍ରୀ,
ହନୁମାନ ବିହାର, ବାରିପଦା

# ବଣ ମାଳତୀ

**ଭଗବାନ ଚନ୍ଦ୍ର ରାଉତ**



ବ୍ୟସ୍ତ ବହୁଳ ଚାକିରି ରୁ ଅବସର ନେବା ପରେ ମୋର ଦୈନନ୍ଦିନ ଜୀବନରେ ଅନେକ ପରିବର୍ତ୍ତନ ହୋଇଛି । ସକାଳୁ ଉଠି ଅଫିସ ଯିବାର ବ୍ୟସ୍ତତା, ଅଫିସ ମଧରେ ଆଠଘଣ୍ଟା ଧରି ଫାଇଲ୍ ସହ ଘଣ୍ଟା ଚକଟାର ପ୍ରୟାସ ଆଉ ନାହିଁ । ଏବେ ମୁଁ ଭାବୁଛି ସତରେ ମୁଁ ଏକ ମୁକ୍ତ ଆକାଶର ମୁକ୍ତ ବିହଙ୍ଗ । ମନ ଇଛା ବିଚରଣ କରିବାରେ କୌଣସି ବାଧାବନ୍ଧନ ନାହିଁ ।

ସକାଳୁ ପାଞ୍ଚଟାରୁ ଉଠି ନିତ୍ୟକର୍ମ ସାରି ପ୍ରାତଃଭ୍ରମଣ, ଭ୍ରମଣରୁ ଫେରି ଘରେ କିଛି ସମୟ ଯୋଗାଭ୍ୟାସ, ତାପରେ ଜଳଯୋଗର ବ୍ୟବସ୍ଥା, ଚା ପର୍ବ ପରେ ଗୁଣ୍ଡି ମିଶା ଖିଲି ପାନ ଖଣ୍ଡେ କଳରେ ଜାକି ଡ୍ରଇଂ ରୁମ୍ ରେ ବସି ସମ୍ବାଦ ପତ୍ର ପଢ଼େ । ବାରଟାରେ ଭୋଜନ ପରେ ପରେ ଶୟନ, ଏହା ହିଁ ଅବସର ଜୀବନରେ ଦୈନନ୍ଦିନ ଧାରା ।

ଆଜି କାଲି ଆଉ କାଗଜକୁ ମନ ଲଗାଇ ପଢ଼ିବାକୁ ଇଛା ହେଉନାହିଁ । କାରଣ ପ୍ରତିଦିନ ସେଇ ଗୋଟିଏ ଟାଇପର ଖବର । ଗଣଧର୍ଷଣ, ଧର୍ଷଣ ପରେ ହତ୍ୟା, ନକ୍ସଲଙ୍କର ବର୍ବର କାଣ୍ଡ, ପୋଲିସ ଇନ୍‌ଫରମର ମନେ କରି ଗ୍ରାମବାସୀଙ୍କୁ ହତ୍ୟା, ବିଧାୟକ ଓ ଜିଲ୍ଲାପାଳଙ୍କୁ ଅପହରଣ । ଏହିପରି ଅନେକ କିଛି ବାଜେ ସମ୍ବାଦ ଯାହାର ମାନେ କିଛି ନାହିଁ । ଏଣୁ ପ୍ରଥମେ ଖବର କାଗଜର ସଂପାଦକୀୟ ପଢ଼େ । ବାକି ସବୁ ଉପରେ ଏକ ବିହଙ୍ଗାବଲୋକନ କରିଦିଏ ।

ଆଜି ଚା ପାନ  ପରେ ଖିଲି ପାନ ଖଣ୍ଡେ ଜାକି ଖବରକାଗଜ "ସମାଜ ଉପରେ ଆଖି ନିବେଶ କରୁ କରୁ ଦେଖିଲି ପ୍ରଥମ ପୃଷ୍ଠା  ମଣ୍ଡନ କରି ଫଟୋ ସହ କେତୋଟି ସମ୍ବାଦ । ଯାହାକି ମୋ ମନକୁ ବ୍ୟସ୍ତ ଚକିତ କରିଦେଲା ।
ପ୍ରଥମ ସମ୍ବାଦ- ଓଡ଼ିଆ ମହିଳା ଡାକ୍ତରଙ୍କର ସଫଳତା । ଶ୍ରୁଶ୍ରୀ ମାଳତୀ ସୋରେନ୍ ଭାରତୀୟ ପ୍ରଶାସନିକ  ସେବା (ଆଇ ଏ ଏସ୍) ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେ ଆଦିବାସୀ ବହୁଳ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ଜଣେ ଅଦିବାସୀ ମହିଳା । ଗରିବ ପିୟନ୍ ସନାତନ ସୋରେନ୍ ର ତୃତୀୟ କନ୍ୟା । ସେ କେବଳ ଓଡ଼ିଶାର ନୁହେଁ ଭାରତ  ପାଇଁ ଗର୍ବ ଓ ଗୌରବ ।

ସାମ୍ବାଦିକ ମାନଙ୍କର ଉତ୍ତର ଦେବାକୁ ଯାଇ ସେ କହିଛନ୍ତି, ମୋର ସଫଳତା ପାଇଁ ମୋର ପିତା ମାତା ଗୁରୁଜନ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ଆଶୀର୍ବାଦ ମୋତେ ଏତେ ଦୂରକୁ ଆଣିପାରିଛି । ମାତ୍ର ମୋର ପୂଜ୍ୟ ମଉସା ଶରତ ଚନ୍ଦ୍ର ମହାପାତ୍ରଙ୍କର ପ୍ରେରଣା ଉତ୍ସାହ  ତଥା, ସାହାଯ୍ୟ ମୋର ସଫଳତାର ଚାବିକାଠି । ତାଙ୍କୁ ମୁଁ ଦୂରରୁ ଥାଇ ଶତ ପ୍ରଣାମ ଜଣାଉଛି ।

ଦ୍ୱିତୀୟ ସମ୍ବାଦ ଫଟୋ ସବୁ ଏମିତି ବାହାରିଥିଲା । ଚୋରି,ହତ୍ୟା ଓ ଧର୍ଷଣ ଯୋଗୁଁ ଅବସାପ୍ରାପ୍ତ ପୋଲିସ୍ ଅଫିସର ନରାୟଣ ମିଶ୍ରଙ୍କର ଏକ ମାତ୍ର ପୁତ୍ର ଦେବବ୍ରତକୁ ଆଜୀବନ ଜେଲ ଦଣ୍ଡାଦେଶ ।

ତୃତୀୟ ଖବର ଫଟୋ ସହ ପ୍ରକାଶିତ ଏପରି ଥିଲା ଅବସରପ୍ରାପ୍ତ ଜଣେ ଜଜ୍ ପରିବାରର ବର୍ବର କାଣ୍ଡ । ଗର୍ଭ ନଷ୍ଟ କରିବାକୁ ରାଜି ନହେବାରୁ ଜଣେ ଯୁବତୀର ହାତ ଗୋଡ଼ ବାନ୍ଧି ବେରେଜ ଉପରୁ ନଦୀକୁ ନିକ୍ଷେପ । ସୌଭାଗ୍ୟ କୁ ମହିଳା ଜଣଙ୍କ ନଦୀର ଅଥଳ ଜଳରେ ନପଡ଼ି ବେରେଜର ଲୁହା ଚଦରରେ ଲଟକି ମରଣ ମୁହଁରୁ ବଞ୍ଚିଗଲେ । ସପରିବାରକୁ ପୋଲିସ୍ ଗିରଫ୍ କରିଛି ।

ଚତୁର୍ଥ ସମ୍ବାଦ ଫଟୋ ସହ ପ୍ରକାଶିତ "ଚାଳିଶ ବର୍ଷର ମହିଳାଙ୍କର ବାଇଶ ବର୍ଷ ବୟସର ଇଂଜିନିୟରିଂ ଛାତ୍ର ସହ ପ୍ରେମ ସମ୍ପର୍କ ।ଭୁବନେଶ୍ୱରର ଏକ ଲଜ୍‌ରୁ ଦୁହେଁ ଧରାପଡ଼ିଲେ ପ୍ରକାଶ,ଥାଉକି ମହିଳା ଜଣଙ୍କ ଜଣେ ପଦସ୍ଥ ଅଫିସରଙ୍କ ସ୍ତ୍ରୀ ।

ତୃତୀୟ ଚତୁର୍ଥ ଖବର ଦୁଇଟି ନିତିଦିନିଆ ଦେହଘଷା ହୋଇଥିବାରୁ ମୁଁ ଆଦୌ ଗୁରୁତ୍ୱ ଦେଲି ନାହିଁ । ମାତ୍ର ପ୍ରଥମ ଓ ଦ୍ୱିତୀୟ ସମ୍ବାଦ ଦୁଇଟି ମୋର ଚାକିରୀ ଜୀବନ ସହ ଓତଃପ୍ରୋତଃ ଭାବେ ଜଡ଼ିତ ଥିବାରୁ ମନ ଲଗାଇ ଆଉଥରେ ସେ ସମ୍ବାଦ ଦୁଇଟିକୁ ପଢ଼ିଲି । ମନେ ହେଲା । ମାଳତୀ ସୋରେନ୍ ଯଦି ଏହି ମୁହୁର୍ତ୍ତରେ ମୋ ସମ୍ମୁଖରେ ଛିଡ଼ା ହୋଇଥନ୍ତା; ଶ୍ରଦ୍ଧା ଓ ସ୍ନେହର ଚୁମାଟିଏ ତା ଲଲାଟରେ ଆଙ୍କି ଦେଇଥାନ୍ତି । ଆଉ ଅଭଦ୍ର ଉଶୃଙ୍ଖଳ ଯୁବକ ଦେବଦତ୍ତ ଯଦି ମୋ ଆଗରେ ଛିଡ଼ା ହୋଇଥାନ୍ତା । ରାଗ ଓ ଘୃଣାରେ ତା ମୁହଁକୁ ମେଞ୍ଚାଏ ଛେପ ପକାଇ ଥାନ୍ତି ।

ଏ  ମଧ୍ୟରେ ସମୟର ଶ୍ରୋତରେ କେତେ ଦିନ ମାସ ବର୍ଷ ବହିଯାଉଥିଲେ ବି କାଲିପରି ଲାଗୁଛି ଏ ଘଟଣା । ମୋର  ପୋଷ୍ଟିଙ୍ଗ୍ ହୋଇଥାଏ କେନ୍ଦୁଝର କଲେକ୍ଟରେଟ୍‌ରେ । ମୁଁ ଯେଉଁଠି  ଭଡ଼ାଘର ନେଇ ରହୁଥିଲି, ସେହି ଘରର ପଛପଟ ଏକ ଛୋଟ ଘରେ ରହୁଥିଲା, ସନାତନ ସୋରେନ୍ । ଚାକିରୀପୂର୍ତ୍ତ ବିଭାଗରେ ପିଅନ୍ । ଘର ମୟୁରଭଞ୍ଜ ପୋଡ଼ାଡ଼ିହା ପାଖ ସମୀବୃକ୍ଷ ପାଖରେ । ସେ ଜଣେ ଆଦିବାସୀ ସଂପ୍ରଦାୟର ହୋଇଥିଲେ ବି ତା ଠାରେ କି ତା ପରିବାରରେ ଉଗ୍ର ଆଦିବାସୀ ସଭ୍ୟତା ଓ ଚାଲିଚଳନ ଆଦୌ ପରିଲକ୍ଷିତ ହୁଏ ନାହିଁ । ହାଣ୍ଡିଆ ପରି ନିଶା ଦ୍ରବ୍ୟ ଆହାର କରିବା କି ଆଜେ ବାଜେ ଖାଦ୍ୟ ଖାଇବା ମୁଁ ଦେଖିନି । କହିବାକୁ ଗଲେ ସେ ଏକ ମାର୍ଜିତ ଭଦ୍ର ପରିବାରର ।

ପାଞ୍ଚ ପ୍ରାଣୀ ଯୁକ୍ତ ପରିବାରକୁ ସାମାନ୍ୟ ପିଅନ ଚାକିରୀରେ ଚଳାଇବା

ସନାତନ ପକ୍ଷରେ ନିଶ୍ଚୟ କଷ୍ଟ ଦାୟକ । ଆଜିକାଲିର ବ୍ୟୟବହୁଳ ବଜାରରେ ସେ ଅଭାବ କଷଣରେ ପେଶି ହୋଇଯାଉଥିଲେ ବି କାହାଠାରେ ହାତ ପାତିବାର ଦେଖିନାହିଁ । ନିଜର ଆୟକୁ ଆଧାର କରି କଷ୍ଟେ ମଷ୍ଟେ ଚଳିଯାଏ । ମୁଁ ଦେଖିଛି ତା ସାଥିରେ କାମ କରୁଥିବା ଅନ୍ୟ ତଳିଆ କର୍ମଚାରୀଙ୍କ ର ଚଳଣିର ଠାଣି ପୂରାପୂରି ଭିନ୍ନ । ବିନା ଗାଡ଼ିରେ କେହି ଅଫିସ୍ ଆସନ୍ତି ନାହିଁ । ମାତ୍ର ସନାତନ ଯାଏ ନିଜ ପାଦରେ ଚାଲି ଚାଲି ।

ସନାତନର ପରିବାର କହିଲେ ସ୍ୱାମୀ ସ୍ତ୍ରୀ ତିନୋଟି ଝିଅ । କିଛିଦିନ ପରେ ମୁଁ ବଡ଼ବାବୁ ପଦକୁ ଉନ୍ନୀତ ହୋଇ ପୂର୍ତ୍ତ ବିଭାଗକୁ ବଦଳି ହୋଇଗଲି । ଏହାପରେ ମୁଁ ସନାତନର ଅତି ଆପଣାର ହୋଇଗଲି । ମୁଁ ଏକା ନୁହଁ ସିଏବି ମୋର ଅତି ପ୍ରିୟ ହୋଇଗଲା । ଏ ଯୁଗରେ ନିନ୍ଦୁକଙ୍କର ଅଭାବ ନାହିଁ । କେହି କେହି ଥଟ୍ଟା କରି କହିବାର ଶୁଣିଛି "ଶଳା ଦୁଇ ପଇସା ଖାଇବ ନାହିଁ କି କାହାରିକୁ ଖୁଆଇ ଦେବ ନାହିଁ । ଯଦିବା କିଏ କାହାଠାରୁ ଦୁଇପଇସା ପାନ ଖିଆ ପାଇଁ ମାଗିଲା ତ ଶଳା ନାଲି ଆଖି ଦେଖାଇବ । ଏ ସଚ୍ଚୋଟିଆ ସତୀ ପଣ କେତେ ଦିନ ରଖିବୁ? ଆମେ ଦେଖିବାରେ ରହ । ଏହାର ଅର୍ଥ ମୁଁ ବେଶ୍ ବୁଝିପାରିଲେ ବି ସେମାନଙ୍କୁ କିଛି ପଚାରେ ନାହିଁ । କାରଣ ସ୍ୱର୍ଗ ଆଶାଳୀନ ଲୋକଙ୍କ ଠାରୁ ଦୂରେଇ ରହିବା ସବୁଠାରୁ ଭଲ । ଏ କଥା ଚାଣକ୍ୟ ବି କହିଛନ୍ତି ।

ମୁଁ ତାଙ୍କ ଅଫିସରେ ବଡ଼ ବାବୁ ହୋଇଥିବାରୁ ବେଳେବେଳେ ସନାତନ ମୋ ପାଖକୁ ଆସି ପଚାରେ " ସାର୍ କିଛି କାମ କରିବାର ଅଛି କି ? କାରଣ ଏହା ହେଉଛି ଓଡ଼ିଶା ସରକାରଙ୍କର ତଳିଆ କର୍ମଚାରୀଙ୍କର ଆଉ ଏକ ଶିଷ୍ଟାଚାର । ହସି ହସି କହେ କିଛି କାମ ନାହିଁରେ ସନାତନ । ଯେବେ ପଡ଼ିବ କହିବି ।

ସେଦିନ କାହିଁକି ମନ ହେଲା ସନାତନକୁ କଛି ପଚାରିବାକୁ । କହିଲି ସନାତନ ତୁମର ଏତେ ବଡ଼ ପରିବାର , ସ୍ୱଳ୍ପ ଆୟରେ ଚଳୁଛ କେମିତି । ମୁଁ ଜାଣେ ଅନ୍ୟମାନଙ୍କ ପରି କାହାଠାରୁ ପଇସା ଟିଏ ବି ଉପୁରି ନିଅ ନାହିଁ । ଘରୁ ଚାଉଳ ପତ୍ର କିଛି ଆସେ କି ?

ଅତି ଦୟନୀୟ କଣ୍ଠରେ କହିଥିଲା ଆପଣ ସାର୍ ଜାଣନ୍ତି ଆମ ଅଞ୍ଚଳ ପୂରାପୂରି ପଥୁରିଆ । ମେଘ ବର୍ଷିଲେ ଚାଷ ଛାଡ଼ିଗଲେ ସର୍ବନାଶ । ମାନେ ମରୁଡ଼ି । ମୋର ମାତ୍ର ଦୁଇ ମାଣ ଜମି ଅଛି ତା ପୁଣି ଢିପ, ପାହାଡ଼ ପାଖ, ହାତୀ ବରାହଙ୍କର ନଜର ସବୁବେଳେ ଘରେ ବୁଢ଼ା ବାପ, ମା ଅଛନ୍ତି ସେଥିରୁ ଯାହା ମିଳେ ସେମାନେ ଚଳନ୍ତି । ଏଠାରେ ସେମାନଙ୍କୁ ରଖିବାର ଇଚ୍ଛା ଥିଲେ ବି ସ୍ଥାନାଭାବରୁ ରଖିପାରୁନି । ଦେଖୁଚନ୍ତି ତ ଆମେ କିପରି ଏ ଘରେ ଖୁନ୍ଦା ଖୁନ୍ଦି ହୋଇ ଚଳୁଛୁ ? ଏପରି ସ୍ଥିତିରେ ଘରୁ କଣ ସାହାର୍ଯ୍ୟ ମାଗିବି ?

ସନାତନ ମୁହଁରୁ ତାର ଘର କଥା ଶୁଣିବା ପରେ କେଜାଣି ମନଟା ମୋର କେମିତି ଲାଗିଲା । ସମୟ ଅସମୟରେ କିଛି ଦରକାର ପଡ଼ିଲେ ମୋ ପାଖକୁ ଆସିବା ପାଇଁ କହିଲି । ମୋ ସ୍ତ୍ରୀ କୁ ଡାକି କହିଲି ସନାତନର ସ୍ତ୍ରୀ ଯଦି ଅକାଳେ ସକାଳେ କିଛି ମାଗେ ଖାଲି ହାତରେ ଫେରାଇ ଦେବ ନାହିଁ । ଏପରି ଲୋକଙ୍କୁ କିଛି ଦେଲେ ତୁମର ଧର୍ମ ହେବ । ସନାତନ ସ୍ତ୍ରୀ କେବେ ଆମ ଘରକୁ ଆସିଲେ ମୋ ସାମ୍ନାରେ ଯାଏ ନାହିଁ । ଘର ପଛ ଦରଜା ଦେଇ ଆସେ ।

ସନାତନର ତିନି ଝିଅ । ସାନ ଝିଅ ମାଳତୀ । ଭାରି ଭଲ ପଢ଼େ । ମାତ୍ର ଅର୍ଥାଭାବରୁ ତାର ଯତ୍ନ ନେଇପାରେ ନାହିଁ । ଯଦି ସେ ସେମିତି ଥିଲାବାଲା ଘରେ ଜନ୍ମ ନେଇ ଥାଆନ୍ତା, ତାକୁ ଟକ୍କର ଦେବାକୁ କେହି ନଥାନ୍ତେ । ସତରେ ପଙ୍କ ପଦ୍ମଟିଏ ସେ । ବଡ଼ ଝିଅ ରେଖା , ମଝିଆ ଝିଅ ସୁରେଖା ମେଟ୍ରିକ୍ ପାସ୍ କରି ଘରେ ଅଛନ୍ତି । ଦୁଇଟି ବିବାହ ଯୋଗ୍ୟ ହୋଇଥିଲେ ବି ସନାତନ ବିବାହ ଦେବାକୁ ଅକ୍ଷମ ।

ମୋ ଘର ଠାରୁ ଅଳ୍ପ ଦୂରରେ ପୋଲିସ୍ ଥାନା । ଥାନା ବାବୁ ନାରାୟଣ ମିଶ୍ର ବଡ଼ କଡ଼ା ମିଜାଜର ବୋଲି ଲୋକେ କୁହନ୍ତି । ବିନା ପଇସାରେ କିଛି କରନ୍ତି ନାହିଁ । ରାତିକରେ ହାତୀଏ ଆୟ କରିବାର କ୍ଷମତା ଅଛି । ସେ ଯଦି ଚାହିଁବେ ବିନା ଦୋଷରେ ବି ହାଜତରେ ଠୁଳି ଦେବେ । କେହି କେହି କହନ୍ତି, ମନ୍ତ୍ରୀ ଠାରୁ ସେକ୍ରେଟେରୀ ପର୍ଯ୍ୟନ୍ତ ସମସ୍ତେ ତାଙ୍କ ନିଜ ଲୋକ । ସେ ଚାହିଁଲେ ସବୁ କରି ପାରିବେ । ତାଙ୍କ ଦେହର ଗୋଟିଏ ଲୋମ ବି କେହି ଉପାଡ଼ି ପାରିବେ ନାହିଁ ।

କଥା କଥାକେ ଅହଂଭାବ । ପଇସାର ତୋଡ଼ । ଏକମାତ୍ର ପୁତ୍ର ଦେବେନ୍ଦ୍ର ପ୍ରତ୍ୟେକ ବିଷୟରେ ଟିଉସନ୍ ହେଉଥିଲେ ମଧ ପରୀକ୍ଷା ବେଳେ ସବୁ ଘର ଶୂନ୍ । କିନ୍ତୁ ନାରାୟଣ ମିଶ୍ରଙ୍କର ସ୍ୱପ୍ନ ଦେବେନ୍ଦ୍ରକୁ ଆଇ ଏ ଏସ୍ ବା ଆଇ ପି ଏସ୍ ନକରି ଛାଡ଼ିବେ ନାହିଁ । ତାଙ୍କର ଏପରି ବାକ୍ୟ ଶୁଣି ମୁଁ ହସି ହସି କୁହେ, ଆଜ୍ଞା ଆଜିକାଲି ପାଖରେ ପଇସା ଥିଲେ ସବୁ ଅସମ୍ଭବ ସମ୍ଭବ ହୋଇ ପାରିବ । ନାରାୟଣ ମିଶ୍ରଙ୍କ ଛାତିଟା ସେତେବେଳେ ଗର୍ବରେ ଦୁଇଇଞ୍ଚ ଚଉଡ଼ା ହୋଇଯାଏ ।

ଯେଉଁ ଦିନ ସନାତନର ଝିଅ ମାଳତୀ ମେଟ୍ରିକ୍ ପରୀକ୍ଷାରେ ସାରା ଓଡ଼ିଶାରେ ଟପ୍ପର ହୋଇ ପାଶ୍ କଲା, ସେଦିନ ସନାତନ ଚାରିଟା ମିଠା ଧରି ମୋ ଘରେ ହାଜର । କହିଲା ଅପଣଙ୍କର ଝିଅ ମାଳତି ପ୍ରଥମ ହୋଇ ପ୍ରଥମ ଶ୍ରେଣୀରେ ପାଶ୍ କରିଛି । ମାଳତୀ ବି ସାଥିରେ ଆସିଥାଏ । ଆପଣଙ୍କର ମାଳତୀ ଶବ୍ଦଟା ମୋତେ ବେଶ୍ ଆମୋଦିତ କଲା । ମୋର କୌଣସି ସନ୍ତାନ ସନ୍ତତି ନଥିବାରୁ ମାଳତୀ ମୋର ହୋଇଯାଉ କ୍ଷତି କଣ ? ସ୍ତ୍ରୀ କୌଶଲ୍ୟା କୁ ଡାକି କହିଲି , ଆମ ଝିଅ ମାଳତି ସାରା ଓଡ଼ିଶାରେ ଟପ୍ପର । ତାକୁ ଆଦରରେ ନିଜ ଛାତିକୁ ଆଉଜାଇ ନିଅ । କୌଶଲ୍ୟା ମାଳତୀକୁ ନିଜ ଛାତିରେ ଶ୍ରଦ୍ଧାରେ ଚାପିଧରି ମିଠାଟିଏ ତା ପାଟିରେ ଖୁଆଇଦେଲା ।

କେନ୍ଦୁଝର ସହର ସାରା ସମସ୍ତଙ୍କର ମୁହଁରେ ସେଇ ଗୋଟିଏ ଶବ୍ଦ । ସନାତନ ପିଅନର ଝିଅ ମାଳତୀ ବିନା ଟିଉସନ୍ ରେ ଓଡ଼ିଶାରେ ଟପ୍ପର । ମାନିବାକୁ ହେବ ପରିଶ୍ରମର ଫଳ ନିଶ୍ଚୟ ଅଛି । କେହି କେହି ନିନ୍ଦୁକ କହୁଥିବାର ଶୁଣିଲି ମାଳତୀ ଯେଉଁ କେନ୍ଦ୍ରରେ ପରୀକ୍ଷା ଦେଉଥିଲା ସେ କେନ୍ଦ୍ର ଏକ ନମ୍ବର କପି କେନ୍ଦ୍ର ଥିଲା । ପ୍ରଥମ ହୋଇ ପ୍ରଥମ ଶ୍ରେଣୀରେ ପାଶ୍ କରିବାର କି ବିଚିତ୍ରତା ଅଛି ।

ସେଦିନ ସନ୍ଧ୍ୟାରେ ବଜାର ବୁଲିଯିବା ସମୟରେ ଦେଖିଲି ଥାନା ଛକରେ ନାରାୟଣ ମିଶ୍ର ଉତ୍ତେଜିତ କଣ୍ଠରେ କାହାକୁ କିଛି କହୁଥିଲେ । ମୋତେ ଦେଖି କଥାର ମୋଡ଼ ବଦଳାଇ କହିଲେ, ହୋଇ ହୋ ମହାପାତ୍ର ବାବୁ ତୁମ ଘର ପଛକୁ ଯେଉଁ ଆଦିବାସୀ ଲୋକଟା ପିଅନ ଅଛି ମ , ହଁ ହଁ ସନାତନ ସୋରେନ୍ ର ଝିଅଟା କେମିତି ପଢୁଥିଲା ।

ତାର ତ ବହିଖାତା ଅଧା ନଥିଲା । ପିନ୍ଧିବାକୁ ଭଲ ଡ୍ରେସ୍ ଟିଏ ବି ନଥଲା । ଟପ୍ପର ହେଲା କିପରି । ଏଥିରେ କିଛି ରହସ୍ୟ ଅଛି । ଆମ ଦେବବ୍ରତ ସବୁ ବିଷୟରେ ଟିଉସନ ହୋଇ ତୃତୀୟ ଶ୍ରେଣୀ । ଲୋକେ କହୁଛନ୍ତି ସେ କେନ୍ଦ୍ରଟା କାଳେ ଏକ ନମ୍ବର କପି କେନ୍ଦ୍ର ଥିଲା ? ସେ କେମିତି କା କାତୁଆ ଝିଅଟା ଯେ ଏକା ଥରକେ ଟପ୍ପର ? ଏହାର କାରଣ ବାହାର କରିବାକୁ ହବ । ମୁର୍ଖ, ଅଧାପାଠୁଆ ମୁର୍ଖ ଠାରୁ ଶିକ୍ଷୀତ ମୁର୍ଖ ଯେ ଅତିମାତ୍ରାରେ ଭୟଙ୍କର , ଏ କଥା ଭାବି କିଛି ନ କହି ଚୁପ୍ ଚାପ୍ ଅନ୍ୟ ଆଡ଼େ ଚାଲିଗଲି ।

ସେଦିନ ସନ୍ଧ୍ୟାରେ ଅଫିସରୁ ଫେରି ଜଳଖିଆ ଖାଇ ଖବର କାଗଜ ପଢୁଥାଏ । ସନାତନ ଆମ ଘରକୁ ଆସି ମୋ ଚେୟାର ପାଖରେ ତଳେ ବସି ପଡ଼ିଲା । କହିଲି, ତଳେ ବସିଲ କାହିଁକି, ସନାତନ ସେ ଚେୟାରରେ ବସ । ହସି ହସି କହିଲା, ମୋ ସ୍ଥାନ ଯେଉଁଠି ମୁଁ ଠିକ୍ ସେହି ସ୍ଥାନରେ ବସିଛି । ସନାତନର ବ୍ୟବହାରରେ ଖୁସି ହୋଇ ବଡ଼ ପାଟିରେ କହିଲି , ଏ ଶୁଣୁଛ ସନାତନ ଆସିଛି । ତା ପାଇଁ ଚା ଆଣ । ପଚାରିଲି କେତେ ପର୍ଯ୍ୟନ୍ତ ପଢ଼ିଛ ସନାତନ । ଆଜ୍ଞା ଅଷ୍ଟମ ।

ସନାତନ କହିଲା, କେତୋଟି କଥା ପଚାରିବାକୁ ଆସିଛି ସାର୍ । କୁହ ବୋଲି କହିଲି । କହିଲି, ଏଥିରେ ଡରିବାର କି ସଙ୍କୋଚ କରିବାର କଣ ଅଛି । କଣ କରିବି ମୁଁ କିଛି ଜାଣିପାରୁନାହିଁ । କଣ, କହିବାକୁ ଚାହୁଁଛ ?ଏହି ଆପଣଙ୍କର ମାଳତୀ କଥା । ମୁଁ ତାକୁ ଆଉ ପଢ଼ାଇ ପାରିବି ନାହିଁ କହିବାରୁ ସେ ବସି କାନ୍ଦୁଛି । ମୋର ସମ୍ବଳ କାହିଁ ଯେ , ବାବୁ ମୁଁ ତାକୁ କଲେଜରେ ପଢ଼ାଇବି । ଘରେ ଦୁଇଟା ବିବାହ ଯୋଗ୍ୟା ଝିଅ । ବାପା ଘରେ ବେମାର , ମା ଦେହ ଭଲ ନାହିଁ । ମୋର ଦରମା ତ ଆପଣ ଜାଣନ୍ତି । ଯେତେ ବୁଝାଇଲେ ବୁଝୁନି । ଏକା ଜିଦ୍ ସେ ସାଇନ୍ସ ପଢ଼ିବ ।

ହସି ହସି କହିଲି, ଆମ ମାଳତୀ ନିଶ୍ଚୟ ପଢ଼ିବ । ଏ କଥା ମୁଁ କହୁଛି । ତୁମେ କଣ ପାଗଳ ହେଲ ସନାତନ ଏପରି ପ୍ରତିଭାକୁ ତଣ୍ଟି ଚିପି ଏହି ଦିନୁ ମାରିଦେବ ? ପଢ଼ିବା ପାଇଁ ଅର୍ଥ ପଥ ଅବରୋଧ କରିବ ନାହିଁ । ତୁମ ହାତରୁ ଗୋଟେ ବି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ମୁଁ ଏହାର ସମସ୍ତ ବ୍ୟବସ୍ଥା କରିବି । ଲମ୍ବ ହୋଇ ନମସ୍କାର ଟିଏ କରି ସନାତନ ଛିଡ଼ା ହେଲା ।

ମୁଁ କହିଲି, ସନାତନ ମାଳତୀ ପ୍ରଥମ ଶ୍ରେଣୀପ୍ରଥମ । ଏଣୁ ସରକାରଙ୍କଠାରୁ ବୃତ୍ତି ପାଇବ । ଆଦିବାସୀ କଲ୍ୟାଣ ଫଣ୍ଡରୁ ବି ସାହାଯ୍ୟ ପାଇବ । ମୁଁ ନିଜେ ଯାଇ ଜିଲ୍ଲାପଳଙ୍କୁ କହି ଅନ୍ୟ ଦିଗରୁ ମୋଟା ଅଙ୍କର ସାହାଯ୍ୟ ବ୍ୟବସ୍ଥା କରିବି । ଶେଷକୁ ମୁଁ ଅଛି । ଆମ ମାଳତୀ ପଢ଼ିବ । ତାକୁ କୁହ କଲେଜର ଏଡ଼ମିସନ୍ ପାଇଁ ଫର୍ମ ଆଣୁ । ମୋ ଠାରୁ ଆଜି ପାଞ୍ଚଶହ ଟଙ୍କା ନିଅ ପ୍ରାଥମିକ ଖର୍ଚ୍ଚ ପାଇଁ ।

ଲୋକେ କହୁଛନ୍ତି , ତାକୁ ବିଜେବି କଲେଜରେ ପଢ଼ାଇବା ପାଇଁ । ହସି ହସିକହିଲି, ପଦ୍ମ ପାଇଁ ସବୁ ପୋଖରୀ ପଙ୍କ ସମାନ । ତା ପାଇଁ କେନ୍ଦୁଝରର ଧରଣୀଧର କଲେଜ ହେଉ ବା ଭୁବନେଶ୍ୱରର ବକ୍ସି ଜଗବନ୍ଧୁ କଲେଜ ସମାନ । ସେ ଆମ କେନ୍ଦୁଝର ଧରଣୀଧର କଲେଜରେ ପଢୁ । ତାର ସବୁ ବ୍ୟବସ୍ଥା କରିଦେବି । ଘରୁ ଖାଇ ପଢ଼ିବ ।

ଶୁଣିଲି, ନାରାୟଣ ମିଶ୍ର ପୁଅ ଦେବବ୍ରତ ଡ଼ି ଡ଼ି କଲେଜରେ ସ୍ଥାନ ନପାଇ ଅନ୍ୟ ଏକ କେଉଁ ଅନାମଧେୟ କଲେଜରେ ଡୋନେସନ୍ ଦେଇ ନାମ ଲେଖାଇଛି । ମନେ ମନେ କହିଲି, ମିଶ୍ର ବାବୁ ସବୁବେଳେ ସବୁସ୍ଥାନରେ ଟଙ୍କା କାମରେ ଲାଗେନାହିଁ ।

ସ୍ରୋତସ୍ୱିନୀ ନଦୀର ଗତିପଥକୁ ଯେମିତି ଅବରୋଧ କରିହୁଏନା, ଠିକ୍ ସେହିପରି ମାଳତୀର ପ୍ରଚଣ୍ଡ ପ୍ରତିଭା ରୂପକ ବେଗବତୀର ଗତିପଥ କିଏ ବା ରୋକିବ । ସମସ୍ତ ବଂଧୁର ବାଧାବିଘ୍ନ ଶଯ୍ୟା ଡେଇଁ ସେ ଅଗ୍ରଗାମୀ । ଆଇ ଏସ ଏସି ରେ ପୁଣି ଓଡ଼ିଶାର ଟପ୍ପର ହୋଇ ପାଶ କଲା । ବିନା କୋଚିଙ୍ଗରେ ମାଳତୀ ମେଡିକାଲ ଏନ୍ଟ୍ରାସ୍ ରେ ପାଶ କରି ଦିଲ୍ଲୀରେ ଥିବା ଆୟୁର ବିଜ୍ଞାନ ମେଡ଼ିକଲ୍ ରେ ନାମ ଲେଖାଇଲା ।

ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।ଭାବିଲି ମାଳତୀ ଜଣେ ସାଧାରଣ ଝିଅ ନୁହେଁ ସେ ଇଶ୍ୱର ଦତ୍ତ ପ୍ରତିଭାରେ ପ୍ରତିଭାବାନ । ତା ଉନ୍ନତିର ଗତିପଥ ଅତ୍ୟନ୍ତ ଉଜ୍ୱଳ ଓ ସାବଲୀଳ । ମାଳତୀ ର ମସ୍ତକରେ ଶ୍ରଦ୍ଧାର ଚୁମାଟିଏ ଦେଇ ଦିଲ୍ଲୀ ଯିବାକୁ ସ୍ୱାଗତ କଲି । ମାଳତୀ କହିଲା ସାର୍ ମୁଁ ଦିଲ୍ଲୀ ଦେଖିନି, ଆପଣ ମୋ ସାଥିରେ ଚାଲନ୍ତୁ । ତା ଅନୁରୋଧ ରକ୍ଷା କରି ଦିଲ୍ଲୀ ବି ଗଲି ।

ଠିକ୍ ଏକ ବର୍ଷ ପରେ ସନାତନ ଚାକିରୀରୁ ଅବସର ନେଲା । ଦୁଇ

ଅବିବାହିତ ଝିଅ ସହ ସ୍ୱାମୀ ସ୍ତ୍ରୀ ଯେଉଁଦିନ କେନ୍ଦୁଝର ଛାଡ଼ିଲେ, ମୁଁ କହିଥିଲି, ସନାତନ ମାଳତୀ ପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିନାହିଁ। ଯାହା ଅର୍ଥ ପାଇଲ, ସେଥିରେ ଦୁଇଝିଅଙ୍କର ବାହାଘର କରିଦେବ। ସନାତନ ହସି ହସି କହିଲା, ମାଳତୀ ଚାକିରୀ କରି ଅର୍ଜନ କଲେ ଏ ଦୁଇଟିର ବ୍ୟବସ୍ଥା କରିବି।

ସତ କଥା କହୁଛି ସନାତନର ଅଭାବଟା ମୋତେ ଯେତେ ବାଧିଥିଲା, ତାର ସରଳ ନିଷ୍କପଟ ସଚ୍ଚୋଟ ପଣିଆ ମୋତେ ମୁଗ୍ଧ କରିଥିଲା। ସନାତନର ଅବସର ପରେ ଛଅମାସ ମଧ୍ୟରେ ସେକ୍ସନ ଅଫିସର୍ ପଦକୁ ମୋର ପଦୋନ୍ନତି ହେଲା, ମୁଁ କେନ୍ଦୁଝରରୁ ବାରିପଦା ବଦଳି ହୋଇଗଲି ।ସେଦିନବଜାରରେବୁଲୁ ବୁଲୁବାରିପଦାବସଷ୍ଟାଣ୍ଡରେନାରାୟଣ ମିଶ୍ର ସହ ମୋର ସାକ୍ଷାତହୋଇଗଲା । ଭାବିଲି ଏ ଶାଗୁଣା ପୁଣି ଏଠାରେ କେମିତି ? ଏହାକୁ ତ କୋରାପୁଟ ବଦଳି କରାଯାଇଥିଲା। ମାନିବାକୁ ହେବ ନାରାୟଣ ମିଶ୍ରର କରାମତିକୁ।

ମୋତେ ଦେଖି ମିଶ୍ରବାବୁ ଆଗେ ନମସ୍କାର କଲେ। ସତେ ଯେମିତି ସୂର୍ଯ୍ୟ ଆଜି ପଶ୍ଚିମ ଦିଗରୁ ଉଦୟ ହୋଇଛନ୍ତି। ନମସ୍କାର କରି କହିଲି, ସବୁ କୁଶଳ ତ ଆଜ୍ଞା। ହଁ ସବୁ ମଙ୍ଗଳ। ମୋତେ ସରକାର ଦଣ୍ଡ ସ୍ୱରୂପ କୋରାପୁଟ ବଦଳି କରିଥିଲେ। ରଖିପାରିଲେ ତ ? ମୁଁ କହିଲି ଛାଡ଼ନ୍ତୁ ଆଜ୍ଞା ସେ ସବୁ ସରକାରୀ କଥା। ଦେବବ୍ରତ ଏବେ କଣ ପଢୁଛି ? ମୁହଁ ଶୁଖାଇ ମିଶ୍ରେ କହିଲେ , ଆଉ ସେ କଥା ପଚାରନ୍ତୁ ନାହିଁ ମହାପାତ୍ରେ ସେ କୁଳାଙ୍ଗାର କଥା। ତା ପାଇଁ ବହୁତ ଚେଷ୍ଟା କରିଛି। ହେଲେ ବହୁତ ଅର୍ଥ ବି ଶ୍ରାଦ୍ଧ କରିଛି। ହେଲେ ମଣିଷ ହେଲା ନାହିଁ। ଏବେ ଘରୁ ଟଙ୍କା ଚୋରି କରି ଅସାମାଜିକ ପିଲାଙ୍କ ସହ ମିଶି ମଦ ପିଉଛି। ମୁଁ କହିଲି ଆପଣ ଚାହିଁଲେ ସବୁ ସମାଧାନ ହୋଇଯିବ। ଟିକିଏ କଡ଼ା ଶାସନରେ ରଖନ୍ତୁ ନା।

ଆରେ ବାବୁ ଯାହାର ପାଦ ତଳକୁ ଖସିଲାଣି, ସେ କଣ ଆଉ ଉପରକୁ ଉଠିବ। ତାର ଅଧୋପତନ ପାଇଁ ତା ମା ହିଁ ଦାୟୀ। ମୁଁ କହିଲି ଘରର ମାଲିକ ଆପଣ, ମାଆ କିଏ ?ସେ କହିଲେ ତୁମେ ଜାଣ ନାହିଁ, ମହାପାତ୍ର ବାବୁ' ସ୍ୱୟଂ ଶ୍ରୀକୃଷ୍ଣ ତ ବେଳେବେଳେ ନିଜ ପତ୍ନୀଙ୍କ ଠାରୁ ହାର ମାନିଛନ୍ତି। ମୁଁ ତ ଛାର ମଣିଷଟିଏ।

ମୁଁ କହିଲି ଆପଣ ଜାଣନ୍ତି ସନାତନ ପିଅନ ଝିଅ ମାଳତୀ ମେଡ଼ିକଲ୍ ପାଇ ଦିଲ୍ଲୀରେପଢୁଛି। ଏହା ଶୁଣିବା ମାତ୍ରେ ମୁହଁଟା ତାଙ୍କର ଆମ୍ବିଳଖାଇବା ପରି ବିକୃତ ହୋଇଗଲା। କିଛି ନକହି ଚାଲିଗଲେ।

ଏ ମଧ୍ୟରେ ସମୟର ନଦୀରେ କେତେ ପାଣି ବହିଗଲା, ଏହାର ହିସାବ କିଏ ରଖିଛି। ମୁଁ ବି ଚାକିରୀରୁ ଅବସର ନେଇ ବେତନଟୀରେ ଘର ଟିଏ କିଣି ସେଠାରେ ଆମେ ସ୍ୱାମୀ ସ୍ତ୍ରୀ ରହୁଛୁ। ସନାତନ, ତା ଝିଅ ମାଳତୀ କଥା ଭୁଲିଯାଇଥିଲି। ପାଶୋରିବା ସ୍ୱାଭାବିକ। କଥାରେ ଅଛି ନ ଗଲେ ନ ଆସିଲେ କୁଟୁମ୍ବ ବି ପର ହୋଇ ଯାନ୍ତି। କିନ୍ତୁ ଆଜି ଏଇ ସମ୍ବାଦଟି ସତେ ଯେମିତି ସନାତନ ଓ ତା ଝିଅ ମାଳତୀକୁ ମୋତେ ନିକଟତର କରିଦେଇଛି। ବଡ଼ପାଟିରେ କହିଲି କୌଶଲ୍ୟା, ଏଠାକୁ ଆସି ପଢ଼, କଣ ସବୁ ଆଜିର କାଗଜରେ ପ୍ରକାଶ ପାଇଛି। କୌଶଲ୍ୟା ହାତକୁ ଖବରକାଗଜଟା ବଢ଼ାଇ ଦେଇ କହିଲି, ଚିହ୍ନିଲ, ଏ ପୁଅଝିଅର ଫଟୋକୁ। ଚଷମାର ଫ୍ରେମ୍‌କୁ ଉପର କରି ମଧ ଚିହ୍ନି ପାରିଲେ ନାହିଁ କୌଶଲ୍ୟା। କହିଲେ ଜାଣିପାରୁନି।

ହସି ହସି କହିଲି ଆରେ ସେ ପରା ଆମ ମାଳତୀ। କେଉଁ ମାଳତୀ ? ଏତେ ଶୀଘ୍ର ଭୁଲିଗଲ !ସେ ହେଉଛି ସନାତନ ପିଅନର ସାନଝିଅ ମାଳତୀ। ଆଇ .ଏ.ଏସ୍ ପରୀକ୍ଷାରେ ପ୍ରଥମ ସ୍ଥାନ ପାଇ ଖାଲି ଓଡ଼ିଶାରେ ନୁହେଁ ସାରା ଭାରତ ବର୍ଷର ନାମ ରଖିଛି। ଏତେ ବଡ଼ ପ୍ରତିଭାର ଅଧିକାରିଣୀ ହୋଇ ବି ସେ ତାର ମହାପାତ୍ର ମଉସାଙ୍କୁ ନ ଭୁଲି ମନେ ରଖିଛି। ପଢ଼, ସାକ୍ଷାତ କାରରେ ସେ ସାମ୍ବାଦିକ ମାନଙ୍କୁ କଣ ସବୁ କହିଛି।

ଏ ପୁଅ ହେଉଛି କେନ୍ଦୁଝରରେ ଥବାବେଳେ ପୋଲିସ୍ ଅଫିସର ନାରାୟଣ ମିଶ୍ରର ଏକ ମାତ୍ର କୋଳାଙ୍ଗ ବିଶିକେଶନ ଦେବବ୍ରତ। ଚୋରି ଧର୍ଷଣ , ହତ୍ୟା ଅପରାଧରେ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ।

କୌଶଲ୍ୟା ହାତ ଯୋଡ଼ି ଭଗବାନଙ୍କୁ ନମସ୍କାର କରି କହିଲା, ଏ ସବୁ ସେଇ ଲୀଳାମୟ ମାଧବଙ୍କର ଖେଳ। ମାଳତୀ ନିଜର ସୁକର୍ମ ପାଇଁ ସୁଫଳ ପ୍ରାପ୍ତି। ଦେବବ୍ରତ ନିଜର କୁକର୍ମ ପାଇଁ ଜେଲ ଦଣ୍ଡରେ ଦଣ୍ଡିତ। ନ୍ୟାୟ ଓ ଅନ୍ୟାୟର ନିଶ୍ଚୟ ସୁଫଳ କୁଫଳ ଅଛି।

ହସି ହସି କହିଲି, ସେ ସବୁ ଆଳାପ, ଆଲୋଚନା ବନ୍ଦ କର। ଆଜି ମାନେ ଏଇ ମୁହୂର୍ତ୍ତରେ ଆମେ ସନାତନ ଘରକୁ ଯିବା। ଡେରି ନକରି ଯିବାର ବନ୍ଦୋବସ୍ତ କର। ମୁଁ ଚାଲିଲି ଟେକ୍ସି ଷ୍ଟାଣ୍ଡକୁ ଭଡ଼ାରେ ଗାଡ଼ିଟିଏ ଆଣିବାକୁ।

ତୁମେ କଣ ତା ଘର ଦେଖିଛ ? ଦେଖିନି ଶୁଣିଛି ପୋଡ଼ାଡ଼ିହାଠ଼ାରୁ ଅଳ୍ପ ଦୂର ସମୀବୃକ୍ଷରେ। ଅତି ସୁନ୍ଦର ଯାଗା। ଛାତ୍ରାବସ୍ଥାରେ ଦୁଇଥର ବଣଭୋଜି କରିବାକୁ ସେଠାକୁ ଯାଇଛି।ଘର ନ ଦେଖିଲେ କଣ ପଚାରି ଯାଇହେବନି। ସେ ଯାଗାଟା କେଉଁ ବିଦେଶରେ କି ?

ଆବଶ୍ୟକ ମୁତାବକ କିଛି ଜଳଖିଆ ପାଣିବୋତଲ ଓ ବଡ଼ ମିଠା ପେକେଟ୍ ଧରି ଆମେ ଦୁଇପ୍ରାଣୀ ବାହାରି ପଡ଼ିଲୁ ସନାତନ ଘରକୁ। ବାଟରେ କୌଶଲ୍ୟା କହିଲା ଆମେ ଯାଉଛେ ସିନା, ହେଲେ ମାଳତୀ ସହିତ ଦେଖା ହେବତ ? ସେ କଣ ଦିଲ୍ଲୀରୁ ଫେରି ଥିବ ? ଆରେ ମାଳତୀ ସହ ଦେଖା ନହେଲେ ସନାତନ କୁ ତ ସାକ୍ଷାତ କରିପାରିବା। ସତରେ ଏ ମଧ୍ୟରେ ସନାତନର ଚେହେରା କେତେ

ବଦଳି ଯାଇଥିବ ।

ପଚାରି ପଚାରି ସନାତନର ଘର ପାଇ ଗଲୁ । ତା ଘର ଆଗରେ ଗାଡ଼ି ଛିଡ଼ା କରି ହର୍ନ ଦେଲୁ ।ଶୁଣି ପାରିଲା ନାହିଁ ବୋଧେ ସନାତନ । ଗାଡ଼ିରୁ ଓହ୍ଲାଇ ଚାଲିଚାଲି ତା ଗେଟ୍ ପର୍ଯ୍ୟନ୍ତ । ସନାତନର ଘର ଦେଖି ମୋ ଆଖି ଝଲସି ଗଲା । କାହିଁ ସନାତନର ମାଟି ଝାଟିରେ ତିଅରି ଜୀର୍ଣ୍ଣ କୁଡ଼ିଆ । ମନେ ହେଲା ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀଙ୍କ ର ଦୟାରୁ ଶ୍ରୀୟା ଚଣ୍ଡାଲୁଣୀର ମାଟି ଘର ସୁନାରେ ପରିଣତ ହେଲାପରି ମାଳତୀ ରୂପୀ ଲକ୍ଷ୍ମୀର କରପରଶରେ ସନାତନର ମାଟି କୁଡ଼ିଆ ସୁନା ହୋଇ ଯାଇ ନାହିଁ ତ !

ସନାତନ ଆସି ଗେଟ୍ ଖୋଲି ଦେଲା । ଦେଖିଲି ଏ ମଧରେ ସନାତନ ଅନେକ ବୁଢ଼ା ହୋଇ ଯାଇଛି । ହେଲେ ମୋତେ ଚିହ୍ନିବାରେ ଅବହେଳା କଲାନାହିଁ । ଲମ୍ବ ହୋଇ ମୋ ଗୋଡ଼ ତଳେ ସ୍ୱାମୀ ସ୍ତ୍ରୀ ଦୁହେଁ ଶୋଇଗଲେ । ମୁଁ କହିଲି ଏସବୁ କଣ କରୁଛ ସନାତନ । ତୁମେ ଆଜି ଆଇ. ଏ.ଏସ୍ ଟପ୍ପର ମାଳତୀର ବାପା । ତୁମକୁ ମୋର ନମସ୍କାର କରିବା କଥା ।

ଆନନ୍ଦଭରା କୋହ କଣ୍ଠରେ ସନାତନ କହିଲା , କି କଥା କହୁଛନ୍ତି ସାର୍ । ଆପଣଙ୍କର ସନାତନ ଠିକ୍ ତା ଜାଗାରେ ଅଛି । ଆଦୌ ପରିବର୍ତ୍ତନ ହୋଇନି । ମାଳତୀର ସଫଳତା ପାଇଁ ଆପଣଙ୍କର ପ୍ରେରଣା ହିଁ ମୂଳ ଉତ୍ସ । ଆପଣଙ୍କ କଥା ମାଳତୀ ସବୁବେଳେ କୁହେ । ହେଲେ ଠିକଣା ଜାଣି ନଥିବାରୁ ସେ ଦେଖା କରିପାରେ ନାହିଁକି ଚିଠିଟିଏବି ଦେଇପାରେ ନାହିଁ । ଆଦିବାସୀଙ୍କ ପ୍ରଥା ଅନୁସାରେ କୌଣସି (ଭଦ୍ର ଲୋକ) ଘରକୁ କୁଣିଆ ହୋଇ ଆସିଲେ ତାଙ୍କ ଗୋଡ଼ ଧୋଇଦିଆଯାଏ ।ସନାତନର ସ୍ତ୍ରୀ ଆମ ଗୋଡ଼ ଧୋଇ ଦେଇ ନିଜ ପଣତକାନି ରେ ପୋଛି ଦେଇ ଘର ଭିତରକୁ ଡାକି ନେଲା ।

ହସି ହସି କହିଲି ସନାତନ ତୁମ ବାପ ଅମଳର ମାଟି ଘର କାହିଁ ?ମା ହାତ ଧରି ସନାତନ ଘର ପଛପଟକୁ ନେଇ ଦେଖାଇ ଦେଲା ଦୁଇବଖରା ମାଟି କାନ୍ଥ । ଚାଳଛପର । କହିଲା ଏ ମୋ ମାଟି ଝାଟି ଘର । ମୋ ବାପ ଗୋସବାପ ଅମଳର ସ୍ମୃତି । ହଜେଇଦେବି କିପରି ? ଆଜି ଯାହା ଆପଣ ଦେଖୁଛନ୍ତି, ଏହା ହେଉଛି ମାଳତୀର ଅବଦାନ ।

ମୁଁ କହିଲି, ମାଳତୀ ତୁମ ଝିଅ ନୁହେଁ ପୁଅ ସନାତନ । କାହିଁ ତାକୁ ତ ଦେଖୁନି । ହସି ହସି ସନାତନ କହିଲା, ମୁଖ୍ୟମନ୍ତ୍ରୀଙ୍କଠାରୁ ଚିଠି ପାଇ ସେ ଆଜି ଭୁବନେଶ୍ୱର ଯାଇଛି । କାଲି ଫେରିବ । ଆସନ୍ତା ରବିବାର ଜିଲ୍ଲାପାଳଙ୍କ ସଭାଗୃହରେ ତାକୁ ନାଗରିକସମ୍ବର୍ଦ୍ଧନା ଦିଆଯିବ । ଆପଣ ନିଶ୍ଚୟ ଆସିବେ ସାର୍ ।

ମୁଁ କହିଲି ଜାଣିଛ ସନାତନ ପୋଲିସ୍ ଅଫିସର ନାରାୟଣ ମିଶ୍ରର ପୁଅ ଦେବବ୍ରତ ଚୋରି ଧର୍ଷଣ , ହତ୍ୟା ମାମଲାରେ ଛନ୍ଦି ହୋଇ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ । ଏଇ ନିଅ ତା ଫଟୋ ବି ଏକା ସଙ୍ଗେ ଏହି ଖବର କାଗଜରେ ପ୍ରକାଶ ପାଇଛି ।

ସନାତନ କହିଲା, ଖାଲି ସେତିକି ନୁହଁ, ଆୟ ବହିର୍ଭୂତ ସମ୍ପତି ଠୁଳ ପାଇଁ ତା ଘର ଭିଜିଲେନ୍ସ ସିଲ୍ କରି ଦେଇଛି । ନାରାୟଣ ମିଶ୍ର ଛଅମାସ ହେଲା କୁଆଡ଼େ ପଳାଇ ଯାଇଛି ଏହା ବି ଖବର କାଗଜରେ ପ୍ରକାଶ ପାଇଥିଲା ।

କହିଲି ସନାତନ ପାଠ ପଢୁଥିବା ବେଳେ ଦୁଇଥର ସମୀବୃକ୍ଷ ବୁଲି ଆସିଥିଲି । ଆଜି ଟିକିଏ ବୁଲି ଯିବାକୁ ଇଛା ହେଉଛି । ଦେଖିବାକୁ ଇଛା ହେଉଛି ସେଇ ଶୀଳାଖଣ୍ଡ ଯେଉଁଠି ପାଣ୍ଡବମାନେ ଲୁଚାଇଥିଲେ ତାଙ୍କର ଅସ୍ତ୍ର । ଆଉ କୁଶଭଦ୍ରା ନଦୀ-------

ଚାଲନ୍ତୁ ନା । ଏଠାରୁ ମାତ୍ର ଅଳ୍ପ ଦୂର ଦେଖାଯାଉଛି । ସମୀବୃକ୍ଷର ବନରାଜି ଅବଲୋକନ ବେଳେ ମୁଁ ଆଘ୍ରାଣ କଲି ଏକ ସୁନ୍ଦର ଫୁଲର ବାସନା । ଯାହାର ବାସନାରେ ସମଗ୍ର ବନଖଣ୍ଡ ମହକିତ । ପଚାରିଲି ସନାତନ , କେଉଁ ଫୁଲ ବାସନା । ଖାଲି ବନଖଣ୍ଡ ନୁହେଁ, ମନର ଅରଣ୍ୟକୁ ବି ମହକାଇ ଦେଉଛି । ସନାତନ କହିଲା ଏ ଫୁଲର ନା ବଣମାଳତୀ ।

ସୋମବାର
ଯୋଗାଯୋଗ- ବି-୩୮୨,
କୋଏଲନଗର, ରାଉରକେଲା ୧୪,
ମୋ. ୯୪୩୮୭୨୮୯୧୧, ୯୪୩୮୭୨୮୯୧୧

# 'ଶିମିଳିପାଳ' ପ୍ରକୃତିର ଗନ୍ତାଘର

**କୈବଲ୍ୟ ପ୍ରସାଦ ମହାପାତ୍ର**



ଆମ ଓଡ଼ିଶାରେ ଥିବା ୩୦ଗୋଟି ଜିଲ୍ଲା ମଧ୍ୟରେ ମୟୂରଭଂଜ ବୃହତ୍ତମ ଜିଲ୍ଲା । ଏହାର ଉତ୍ତର ଓ ପଶ୍ଚିମ ଦିଗରେ ଝାଡ଼ଖଣ୍ଡ, ଦକ୍ଷିଣ ଓ ପୂର୍ବ ପାର୍ଶ୍ୱରେ କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାମାନ ସଂଯୋଗ କରୁଛି । ଏହି ଜିଲ୍ଲାର ଅଧିକାଂଶ ଅଞ୍ଚଳ ପାହାଡ଼ିଆ ଓ ଶାଳ ଜଙ୍ଗଲରେ ପୂର୍ଣ୍ଣ । ଆୟତନ ୧୦, ୪୧୮ ବର୍ଗ କି.ମି. ହୋଇଥିବା ବେଳେ ଲୋକ ସଂଖ୍ୟା ୨୫ ଲକ୍ଷ ୧୪ ହଜାର (୨୦୧୦-୧୨ ଜନଗଣନା)

ଶିମିଳିପାଳ ଜୈବମଣ୍ଡଳ ମୟୁରଭଂଜ, ଜିଲ୍ଲାର ମଧ୍ୟ ଭାଗରେ ଅବସ୍ଥିତ । ଏହା ୮୪° ୦୪' ରୁ ୮୯° ୩୭' ପୂର୍ବ ଅକ୍ଷାଂଶରେ ଏବଂ ୨୧° ୮' ଦ୍ରାଘିମା ରେଖା ମଧ୍ୟରେ ଅବସ୍ଥିତ । ଏହି ଜୈବ ମଣ୍ଡଳକୁ ତିନୋଟି ଅଞ୍ଚଳରେ ବିଭକ୍ତ କରାଯାଇଛି (କ) କୋରା ଅଞ୍ଚଳ – ଏହାର କ୍ଷେତ୍ରଫଳ ୮୪୫.୭୦ ବର୍ଗ କି.ମି. ଏହି ଅଞ୍ଚଳଟି ବ୍ୟାଘ୍ର ସଂରକ୍ଷିତ ନିଷିଧ ଅଞ୍ଚଳ ଅଟେ । ଏହି ଅଞ୍ଚଳର ଗ୍ରାମ ସଂଖ୍ୟା ୪ ।

(ଖ) ବଫର ଅଞ୍ଚଳ – ଏହି ଅଞ୍ଚଳର କ୍ଷେତ୍ରଫଳ ୨୧୨୯ ବର୍ଗ କି.ମି. ରୁ ହ୍ରାସ ପାଇ, ୧୫୫୫.୨୫ ବ.କି.ମି. ହୋଇଛି । ଏହି ବଫର ଅଞ୍ଚଳକୁ ତିନି ଭାଗରେ ବିଭକ୍ତ କରାଯାଇଛି । ପ୍ରଥମଟି ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ୧୯୦୫ କି. ଦ୍ୱିତୀୟଟି ନାଟୋ ସଂରକ୍ଷିତ ଜଙ୍ଗଲର କ୍ଷେତ୍ରଫଳ ୭୭ ବ.କି. ଏବଂ ତୃତୀୟଟି ସାତକୋଶିଆ ସଂରକ୍ଷିତ ଜଙ୍ଗଲର କ୍ଷେତ୍ରଫଳ ୧୪୭ ବ.କି. ଏହି ଅଞ୍ଚଳର ଗ୍ରାମ ସଂଖ୍ୟା ୬୧ ।

(ଗ) ଟ୍ରାଞ୍ଜିସନାଲ ବା ସାଧାରଣ ଅଞ୍ଚଳ – ଏହି ଅଞ୍ଚଳର କ୍ଷେତ୍ରଫଳ ୧୪୦୦ ବ.କି. । ଏହା ବଫର ଅଞ୍ଚଳଟିକୁ ୧୦ ବ.କି. ପ୍ରସ୍ଥରେ ଘେରି ରହିଛି । ଏହି ଅଞ୍ଚଳର ଗ୍ରାମ ସଂଖ୍ୟା ୧୨୦୦ ।

ତେଣୁ ତିନିଗୋଟି ଅଞ୍ଚଳର ମୋଟ ଆୟତନ ୪୩୭୫.୭୦ ବ.କି ହୋଇଥିଲେ ବି ୨୭୫୦ ବ.କି. ମଧ୍ୟରେ ସିମିତ । ଏହି ଜୈବମଣ୍ଡଳରେ ଅନେକ ଛୋଟ ବଡ଼ ପର୍ବତ ମାଳା ଅଛି । ତନ୍ମଧ୍ୟରୁ ସର୍ବୋଚ୍ଚ ପର୍ବତ ଖଇରୀବୁରୁ ର ଉଚ୍ଚତା ୧୧୭୮ ମିଟର ହୋଇଥିବାବେଳେ ଅନ୍ୟତମ ଉଚ୍ଚ ପର୍ବତ ମେଘାସନର ଉଚ୍ଚତା ୧୧୯୫ ମିଟର । ଏହାର ଜଳବାୟୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଓଡ଼ିଶାର ଜଳବାୟୁକୁ ପ୍ରଭାବିତ କରେ ।

୧୯୫୬ ମସିହାରେ ଶିମିଳିପାଳକୁ ପ୍ରଥମେ ଏକ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଥିଲା । ପୁନଶ୍ଚ ୧୯୭୩ ମସିହା ଡିସେମ୍ବର ୩ ତାରିଖରେ ଏହାକୁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ରୂପେ ଘୋଷଣା କରାଗଲା । ଏହା ଏକ ଅଭୟାରଣ୍ୟ ରୂପେ ମାନ୍ୟତା ପାଇଲା ୧୯୭୫ ମସିହାରେ । ଭାରତ ସରକାର ତା ୨୨.୬.୯୪ରେ ଏହାକୁ ଏକ ଜୈବ ମଣ୍ଡଳ ରୂପେ ଘୋଷଣା କଲେ । ତଥାପି ଏହି ଜୈବମଣ୍ଡଳ ବିଶ୍ୱସ୍ତରରେ ପରିଚିତ ହୋଇପାରିନଥିଲା । ୨୦୦୯ ମସିହା ମେ ମାସ ୨୬ ତାରିଖରେ ଏହାକୁ ଏକ ବିଶ୍ୱସ୍ତରୀୟ ଜୈବ ମଣ୍ଡଳର ମାନ୍ୟତା ମିଳିଲା । ଏହି ଜୈବମଣ୍ଡଳ ଭାରତରେ ଥିବା ୯ଟି ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲ ମଧ୍ୟରୁ ଅନ୍ୟତମ । ଏହି ଅଞ୍ଚଳ ମଧ୍ୟରେ ୫୭ଟି ଗ୍ରାମ ଶିମିଳିପାଳ ସଂରକ୍ଷଣ ଜଙ୍ଗଲରେ, ୫ଟି ଗାଁ ସାତକୋଶିଆ ସଂରକ୍ଷିତ ଜଙ୍ଗଲରେ ଏବଂ ୩ଟି ଗାଁ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରେ ଅବସ୍ଥିତ ।

ଶିମିଳିପାଳରୁ ଅନେକ ନଦୀ, ଝରଣା, ଓ ଜଳପ୍ରପାତ ପ୍ରବାହିତ । ତନ୍ମମଧ୍ୟରୁ ପୂର୍ବାଭିମୂଖୀ ନଦୀ ଗୁଡ଼ିକ ପ୍ରଧାନ ନଦୀ ବୁଢ଼ାବଳଙ୍ଗରେ ମିଶିଛନ୍ତି । ସେଗୁଡ଼ିକ ହେଲେ ପଳପଳା, କାତରା, ସାଞ୍ଜ, ପୂର୍ବଦେଓ, କଳ ଓ ସୋନ ନଦୀ ଇତ୍ୟାଦି । ପଶ୍ଚିମାଭିମୂଖୀ ନଦୀ ଗୁଡ଼ିକ କେନ୍ଦୁଝର ଜିଲ୍ଲାର ଗୋନାସିକା ପର୍ବତରୁ ନିର୍ଗତ ବୈତରଣୀ ନଦୀରେ ମିଶିଛନ୍ତି । ସେଗୁଡ଼ିକ ହେଲେ ସାଳନ୍ଦୀ, ଭଣ୍ଡନ, ଖଇରୀ, ପଶ୍ଚିମଦେଓ, ତେଲ, ସେମ୍ ଏବଂ କଣ୍ଟାମଉଳୀ ଇତ୍ୟାଦି । ଏହା ବ୍ୟତୀତ ଅନେକ ଗୁଡ଼ିଏ ଛୋଟ ନଦୀ ଯଥା ଇଟାଯୋଡ଼ି, ଜଳକା, କାରାହୀ, ଛେଳିଆ, କୁଶଭଦ୍ରା, କଣ୍ଟିଆ, ଗୋହିରା, ଖଡ଼ଖାଇ, କଣ୍ଟାଳ ନେସା, ବାଙ୍କବଳ ଗଙ୍ଗାହାର, ଠକଠକି ଏବଂ ନାଲୁହା ନଦୀ ଇତ୍ୟାଦି ।

ଶିମିଳିପାଳରୁ ପ୍ରବାହିତ ଜଳ ପ୍ରପାତ ମଧ୍ୟରେ ତିନୋଟି ଦୃଷ୍ଟି ଆକର୍ଷଣ କରେ ଯଥା ବରେହୀପାଣି (ଉଚ୍ଚତା ୩୯୮ମି) ଯୋରନ୍ଦା (ଉଚ୍ଚତା ୧୫୦ମିଟର) ଓ ଦେବକୁଣ୍ଡ ୨୦୦ ଫୁଟ। ଏହା ବ୍ୟତୀତ ଅନ୍ୟ ଜଳପ୍ରପାତ ଗୁଡ଼ିକ ଭସି, ମାଛକାଳଣା (୧୫୦ଫୁଟ) ଚିଙ୍ଗିଡ଼ିଆ (୨୫୦ ଫୁଟ), କାଣ୍ଡିଆ ଓ ଓଲକୁଦର ଇତ୍ୟାଦି । ଶିମିଳିପାଳରୁ ପ୍ରବାହିତ ନଦୀ ଗୁଡ଼ିକ ଦ୍ୱାରା ଏହି ଜିଲ୍ଲାରେ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଉଛି । ୯ ଗୋଟି ମଧ୍ୟମ ଜଳସେଚନ ଯୋଜନା ଗୁଡ଼ିକ ହେଲା ବାଲଡିହା, ହଳଦିଆ, ଜମ୍ବୀରା, କାଳ ଏବଂ ବାଙ୍କବଳ ଇତ୍ୟାଦି । ଏହା ବ୍ୟତୀତ ୨୦୨ ଗୋଟି କ୍ଷୁଦ୍ରଜଳ ସେଚନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଅଛି ।

ଶିମିଳିପାଳ ଜୈବମଣ୍ଡଳର ଜଳବାୟୁ ଉଷ୍ମ ଓ ଆର୍ଦ୍ର । ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଏହାର ତାପମାତ୍ରା ୪୦° ରୁ ୪୪° ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ବର୍ଷାଦିନରେ ଏହାର ବାର୍ଷିକ ହାରାହାରି ବୃଷ୍ଟିପାତ ୧୮୦୦ ମି.ମି. ହୋଇଥାଏ । ଡିସେମ୍ବର ବେଳେ ଏହାର ତାପମାତ୍ରା ୪°ମ କିମ୍ବା ଆହୁରି ନିମ୍ନକୁ ଆସିଥାଏ । ଏବଂ

କେତେକ ପର୍ବତ ଶୀର୍ଷରେ ତୁଷାରପାତ ହୋଇଥାଏ। ଏହାର ଘଞ୍ଚ ଜଙ୍ଗଲ ମଧ୍ୟରେ ଅନେକ ଜାତୀୟ ବୃକ୍ଷଅଛି। ସେଗୁଡ଼ିକ ମଧ୍ୟରେ ଶାଳ, ପିଆଶାଳ, ଅସନ, କୁରୁମ, ମହାନିମ୍ବ, ନିମ୍ବ, ଗମ୍ଭାରୀ କସି, କୁଚିଳା, ଅଁଳା, ହରିଡ଼ା, ବାହାଡ଼ା, ଧଳା, ମହୁଲ, କେନ୍ଦୁ, ଚଂପା, ଜାମୁ, ଅର୍ଜୁନ, ଶାଗୁଆନ ଆଦି ପ୍ରାପ୍ତ ୧୦୭୬ ଜାତୀୟ ବୃକ୍ଷ ଦୃଷ୍ଟିଗୋଚର ହୁଏ। ଏହା ବ୍ୟତୀ ଶିମିଳିପାଳ ମଧ୍ୟରେ ୩୦୦୦ ପ୍ରକାରର ବିଭିନ୍ନ କ୍ଷୁଦ୍ର ଉଦ୍ଭିଦ, ୯୩ ପ୍ରକାରର ମଲାଙ୍ଗ ବା ଚିତ୍ରା ଜାତୀୟ (ଆକିଡ୍‌ସ) , ୬୨ ପ୍ରକାରର ଶରୀସୃପ, ୩୦୪ ପକ୍ଷୀ, ୫୫ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀ, ୩୨ ପ୍ରକାରର ହରିଣ ଜାତୀୟ ପ୍ରାଣୀ, ୩୭ ପ୍ରକାରର ମାଛ ଦୃଷ୍ଟିଗୋଚର ହୁଏ। ଶୁକୁଳି ଡାକବଙ୍ଗଳା ନିକଟସ୍ଥ ତୁଳସୀ ପୁରରେ ପ୍ରାୟ ୩୦ ଏକର ଜମିରେ ୪ ହଜାର ଶ୍ୱେତ ଚନ୍ଦନ ବୃକ୍ଷ ୧୦ ବର୍ଷତଳେ ପ୍ରାକୃତିକ ଉପାୟରେ ସୃଷ୍ଟି ହୋଇଛି। ଏହିଚନ୍ଦନ ଜଙ୍ଗଲକୁ ଚାରିପାର୍ଶ୍ୱରୁ ଖଇର-ଭଣ୍ଡନ ନଦୀ ଘେରି ରହିଛନ୍ତି।

ଶିମିଳିପାଳ ଜୈବମଣ୍ଡଳ ମଧ୍ୟରେ ଅନେକ ଜନଜାତି ସଂପ୍ରଦାୟ ବାସ କରନ୍ତି। ସେମାନେ ସାଧାରଣତଃ ହେଲେ ସାନ୍ତାଳ, କୋଲ୍ଲୁ, ଭୂମିଜ, ଭୂୟା, ଖଡ଼ିଆ, କୀଷାନ୍ ମାଙ୍କିଡ଼ିଆ, ଗଣ୍ଡ, ଭକ୍ତା, ବୀରହାର, ବାଥୁଡ଼ି, ମାହାଲୀ ଓ ଶବର ଇତ୍ୟାଦି।

ଶିମିଳିପାଳର ସୁରକ୍ଷା ପାଇଁ ମୟୁରଭଂଜର ସୁନାମଧନ୍ୟ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜ ଦେଓ ଙ୍କ ଶାସନ ସମୟରୁ ଚେଷ୍ଟା କରାଯାଇଥିଲା। ୧୮୮୫ ମସିହାଠାରୁ ୧୮୮୮ ମସିହାରେ ମହାରାଜାଙ୍କ ଦ୍ୱାରା ଜଣେ ଫରେଷ୍ଟ ରେଞ୍ଜର ଓ ପିଅନ ପୋଷ୍ଟ ସୃଷ୍ଟି ହୋଇଥିଲା। ମହାରାଜା ୧୮୯୪ ମସିହାରେ ପ୍ରଥମ କରି ଜଙ୍ଗଲ ବିଭାଗ ସୃଷ୍ଟି କରି ନୂତନ ଜଙ୍ଗଲ ନୀତି ପ୍ରଚଳନ କରିଥିଲେ। ଉପରୋକ୍ତ ରେଞ୍ଜର ଓ ପିଅନ ଏହି ବିଭାଗରେ କାର୍ଯ୍ୟ କରୁଥିଲେ। ମାତ୍ର ରାଜ୍ୟର ଅନ୍ୟ ଜଙ୍ଗଲ ଗୁଡ଼ିକ ରାଜସ୍ୱ ବିଭାଗ ଦ୍ୱାରା ପରିଚାଳିତ ହେଉଥିଲା। ୧୯୦୪ ମସିହାରେ ମହାରାଜା ଶ୍ରୀରାମ ଚନ୍ଦ୍ରଭଞ୍ଜ ରୁପ୍ସାରୁ ତାଳବନ୍ଧ ପର୍ଯ୍ୟନ୍ତ ଏକ ରେଳପଥ ନିର୍ମାଣ କରିଥିଲେ।

ଶିମିଳିପାଳ ଉନ୍ନତି ପାଇଁ ୧୮୯୬-୯୭ରେ ମିଷ୍ଟର ସି.ସି. ହାଟଙ୍କ ଦ୍ୱାରା ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା ଏବଂ ପରେ ୧୯୪୬ ମସିହାରେ ମିଷ୍ଟର ବି.ଏମ୍. ଦାସଗୁପ୍ତାଙ୍କ ଦ୍ୱାରା ପୁନଃ ବିକଶିତ କରାଯାଇଥିଲା। ମାତ୍ର ୧୯୪୯ ମସିହା ଜାନୁୟାରୀ ୧ ତାରିଖରେ ମୟୂରଭଂଜ ରାଜ୍ୟ ଭାରତର ଏକ ଅଂଶ ରୂପେ ମିଶିଯାଇ ଜିଲ୍ଲାରେ ପରିଣତ ହୋଇଥିଲା। ଦୁଃଖର କଥା ସେବେଠାରୁ ଶିମିଳିପାଳ ରକ୍ଷଣାବେକ୍ଷଣର ଅବନତି ଆରମ୍ଭ ହୋଇଯାଇଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେବା ପରେ ଶିମିଳିପାଳ ପାଇଁ ଡକ୍ଟର ସରୋଜ ରାଜ ଚୌଧୁରୀ ୧୯୭୯ ମସିହାରେ ପ୍ରଥମେ କ୍ଷେତ୍ର ଡାଇରେକ୍ଟର ରୂପେ ନିଯୁକ୍ତି ପାଇଥିଲେ। ସେହିବର୍ଷ ମଧ୍ୟ ଶିମିଳିପାଳରୁ କାଠ କାଟିବା ଓ ଅନ୍ୟାନ୍ୟ ଉନ୍ନତି ପାଇଁ ଶିମିଳିପାଳ ଜଙ୍ଗଲ ଉନ୍ନୟନ ନିଗମ ଗଠନ କରାଗଲା। ବାସ୍ତବକ୍ଷେତ୍ରରେ ସେହି ସମୟରୁ ଶିମିଳିପାଳର କ୍ଷୟ ହେବାକୁ ଲାଗିଲା।

ଶିମିଳିପାଳର କ୍ଷୋର ଅଞ୍ଚଳରେ ୪ଟି ଗ୍ରାମ ଅବସ୍ଥିତ। ଏହି କ୍ଷୋର ଗ୍ରାମର ବାସିନ୍ଦା ମାନଙ୍କୁ ସେଠାରୁ ଉଠାଇ ଦେବାପାଇଁ ୧୯୯୪ ମସିହାଠାରୁ ସରକାରୀ ସ୍ତରରେ ଚେଷ୍ଟା ଆରମ୍ଭ କରାଯାଇଛି। ପ୍ରଥମେ ଯମୁନାଗଡ଼ରୁ ୧୧ଟି ପରିବାର ସ୍ଥାନାତାରିତ ହେବାପରେ ଆଉ ୨୬ ପରିବାର ଅଛନ୍ତି। ଜେନା ବିଲରୁ ୧୯୯୯ ମସିହାରେ ୨୬ଗୋଟି ଏବଂ ୨୦୧୦ ୨୧ଟି ପରିବାର ଭିଟାମାଟି ଛାଡ଼ିଥିଲେ। ସେହିପରି ୧୯୯୪ ମସିହାରେ କବାଟ ଘାଇରୁ ୩୦ଟି ଓ ୨୦୦୩ ମସିହାରେ ୮ଟି ପରିବାର ସ୍ଥାନାନ୍ତରିତ ହୋଇଥିଲେ ହେଁ ଆହୁରି ୩୫ଟି ପରିବାର ସେଠାରେ ରହିଛନ୍ତି। ଶେଷରେ ବକୁଆରେ ଥିବା ୬୧ଟି ପରିବାର ଏ ପର୍ଯ୍ୟନ୍ତ ସ୍ଥାନାନ୍ତରିତ ହୋଇପାରି ନାହାନ୍ତି। ଏହି କୋର ଅଞ୍ଚଳ ଜନଶୂନ୍ୟ ହେବାପରେ ସେଠାରେ ଥିବା ଜନ୍ତୁ ଗୁଡ଼ିକ ନିର୍ଭୟ ଆଶ୍ରୟସ୍ଥଳ ପାଇ ପାରିବେ।

ଦୁଃଖର କଥା ବଫର ଅଞ୍ଚଳରେ ଜନବସତିର ଉଚ୍ଛେଦ ନହେବା ଯୋଗୁଁ ବର୍ଷବର୍ଷ ଧରି ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି। ଏହା ବ୍ୟତୀତ ଅଖଣ୍ଡ ଶୀକାର ଦ୍ୱାରା ମଧ୍ୟ ଅନେକ ଜୀବଜନ୍ତୁ ମାନଙ୍କର ସଂଖ୍ୟା କମିବା ସଂଗେ ସଂଗେ କେତେକ ଜୀବ ମଧ୍ୟ ଲୋପ ହେବାକୁ ବସିଲେଣି। ଦେଖାଯାଉଛି ଯେ ବିଭିନ୍ନ ଫଳ, ଫୁଲ ସଂଗ୍ରହ ଓ ପୋଡୁଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦିଆଯାଉଛି। ଏହାକୁ ବନ୍ଦ କରିବା ପାଇଁ ଜଙ୍ଗଲ ବିଭାଗ କିମ୍ବା ବେସରକାରୀ ସଂସ୍ଥା ଦ୍ୱାରା ସେତେଟା ସଚେତନତା ସୃଷ୍ଟି କରାଯାଉନାହିଁ।

ଶିମିଳିପାଳର ମୂଖ୍ୟ ଆକର୍ଷଣ ବରେହିପାଣି, ଯୋରନ୍ଦା, ଓ ଦେବକୁଣ୍ଡ ଜଳପ୍ରପାତ ଆଉ ବିଭିନ୍ନ ଜାତିର ଆର୍କିଡ୍‌ସ୍ (ମଲାଙ୍ଗ) ଜାତୀୟ ଫୁଲର ସମାହାର। ତେଣୁ ଏହି ଆର୍କିଡ୍‌ସ୍ ଗୁଡ଼ିକୁ ସଂରକ୍ଷଣ କରିବା ଜରୁରୀ। ଏଗୁଡ଼ିକର ପରିସ୍ଥିତିହିଁ ଶିମିଳିପାଳର ସୌନ୍ଦର୍ଯ୍ୟକୁ ବହୁଗୁଣରେ ବଢ଼ାଇ ଦେଇଥାଏ। ଯେଉଁ ଆର୍କିଡ୍‌ସ୍ ଗୁଡ଼ିକ ଦୃଷ୍ଟି ଗୋଚର ହୁଅନ୍ତି ସେଗୁଡ଼ିକୁ ଉଦ୍ଭିଦବିଦ୍‌ମାନେ ଦୁଇ ଶ୍ରେଣୀରେ ବିଭକ୍ତ କରିଛନ୍ତି। ପ୍ରଥମ ପ୍ରକାର ଆର୍କିଡ୍ ଖୋଲାସ୍ଥାନ, ଘାସୁଆ ଅଞ୍ଚଳ ଓ ଉପତ୍ୟକା ଅଞ୍ଚଳରେ ଦେଖାଯାଆନ୍ତି। ଶିମିଳିପାଳରେ ଏଗୁଡ଼ିକ ସାଧାରଣତଃ ଉତ୍ତର ଓ ଉତ୍ତରପୂର୍ବ ଅଞ୍ଚଳରେ ଜନ୍ମିଥାନ୍ତି। ଯଥା ବରେହିପାଣି, କୁକୁର ଭୁକା, ଧୁଦ୍ରୁଚଂପା ଅଞ୍ଚଳରେ। ଆଉ କିଛି ଆର୍କିଡ୍ ଦେବସ୍ଥଳୀ, ଉପର ବରାକାମୁଡ଼ା ମିଟୁ ଘର ଆଦି ଘାସପୂର୍ଣ୍ଣ ଅଞ୍ଚଳରେ ଜନ୍ମିଥାନ୍ତି। ଦ୍ୱିତୀୟ ଶ୍ରେଣୀର ଆର୍କିଡ୍‌ସ୍ ଘଞ୍ଚ ଜଙ୍ଗଲରେ ଦୃଷ୍ଟି ଗୋଚର ହୋଇଥାନ୍ତି। ଘଞ୍ଚ ଜଙ୍ଗଲ ଅଞ୍ଚଳରେ ଥିବା ଆର୍କିଡ୍‌ସ୍ ଗୁଡ଼ିକୁ ମଧ୍ୟ ଭୂମିଠାରୁ ଉଚ୍ଚତା ଅନୁପାତରେ ତିନି ଭାଗରେ ବିଭକ୍ତ କରାଯାଇଥାଏ। ପ୍ରଥମ ପ୍ରକାରର ଆର୍କିଡ୍‌ସ୍ ୧୦୦ ମିଟରୁରୁ ୫୦୦ ମିଟର ଉଚ୍ଚତା ମଧ୍ୟରେ, ଦ୍ୱିତୀୟ ପ୍ରକାରର ୫୦୦ ମିଟରୁ ୮୦୦ ମିଟର ଉଚ୍ଚତାରେ ଓ ତୃତୀୟ ପ୍ରକାର ୮୦୦ରୁ ୧୦୦୦ ମିଟର ଉଚ୍ଚତା ମଧ୍ୟରେ ଜନ୍ମିଥାନ୍ତି।

ଅର୍କିଡ୍ସ୍ ବ୍ୟତୀତ ଶିମିଳିପାଳର ଅନ୍ୟାନ୍ୟ ଆକର୍ଷଣ ବିଭିନ୍ନ ଜାତିର ପଶୁପକ୍ଷୀ, ମହାବଳ ବାଘ, ଚିତାବାଘ, ବିରଳ କଳାବାଘ, ଭାଲୁ, ଜଙ୍ଗଲୀକୁକୁର, ଗଧିଆ, ବିଲୁଆ, ଜଙ୍ଗଲୀ ବିରାଡ଼ି, ବିଭିନ୍ନ ଜାତିର ହରିଣ, ଗୟଳ, ସମ୍ବର, ବଣ ମଣିଷ, ନୀଳଗାଈ, ମାଙ୍କଡ଼ ଆଦି ପଶୁ ଓ ୩୦୪ ପ୍ରକାରର ପକ୍ଷୀ ଏବଂ ଅନେକ ଶରୀସୃପ ଶୀତଦିନେ ବିଦେଶାଗତ ପକ୍ଷୀମାନେ ମଧ ଆସିଥାନ୍ତି।

ଶିମିଳିପାଳ ଦିନେ ବିଶ୍ୱବିଖ୍ୟାତ ହୋଇପାରିଥିଲା ଖଇରୀ ନାମକ ଏକ ମହାବଳ ବାଘପାଇଁ। ଏହା ଛୋଟ ବେଳେ ଖଇରୀ ନଦୀ କୂଳରୁ ମିଳିଥିଲା। ଖଇରୀର ପାଳିତ ପିତାଥିଲେ ସେ ସମୟର ଶିମିଳିପାଳର କ୍ଷେତ୍ର ଡାଇରେକ୍ଟର ଡକ୍ଟର ସରୋଜ ରାଜ ଚୌଧୁରୀ। ଖଇରୀ ଯଶିପୁରର ଜଙ୍ଗଲ ବିଭାଗ ବଙ୍ଗଳାରେ ଖୋଲାସ୍ଥାନରେ ବିଚରଣ କରୁଥିଲା। ଚୌଧୁରୀ ଦଂପତିଙ୍କ ସହ ପିଲାପରି ରହୁଥିଲା। ତେଣୁ ସେତେବେଳେ ଶିମିଳିପାଳ ମଧକୁ ପର୍ଯ୍ୟଟକ ମାନଙ୍କର ସ୍ରୋତ ଛୁଟିଥିଲା। ମାତ୍ର ଖଇରୀର ଅକାଳ ମୃତ୍ୟୁପରେ ପର୍ଯ୍ୟଟକଙ୍କ ସଂଖ୍ୟା ଯଥେଷ୍ଟ କମିଯିବାରୁ ଲୋକସଂଖ୍ୟା ବଢ଼ାଇବା ପାଇଁ ସରକାର ଯଶିପୁର ବ୍ଲକ ନିକଟବର୍ତ୍ତୀ ଭଣ୍ଡନ ନଦୀକୂଳରେ ଏକ କୁମ୍ଭୀର ପ୍ରଜନନ କେନ୍ଦ୍ର ସ୍ଥାପନ କରିଥିଲେ ୧୯୭୯ ମସିହାରେ ପ୍ରଥମେ ତାମିଲ୍‌ନାଡୁର କୁମ୍ଭୀର ବ୍ୟାଙ୍କରୁ ୧୧୫ଟି କୁମ୍ଭୀର ଛୁଆ ଅଣାଯାଇ ୧୯୮୪ ମସିହାରୁ ୧୯୮୭ ମସିହା ମଧରେ ଏହି କୁମ୍ଭୀର ପ୍ରକଳ୍ପରେ କୁମ୍ଭୀର ମାନଙ୍କଠାରୁ ୧୫୧୭ଟି ଅଣ୍ଡା ସଂଗ୍ରହ କରାଯାଇଥିଲା। ୧୯୮୮ ମସିହାରେ ନନ୍ଦନକାନନ ରୁ ୧୨ଟି ଶାବକ ଗବେଷଣା କେନ୍ଦ୍ରକୁ ଅଣାଯାଇଥିଲା। ଦୋମୁହାଁ କୁମ୍ଭୀର ସେହି ପାଣିପବନ ସହିତ ଖାପଖୁଆଇ ଭଲ ଭାବରେ ବଢ଼ିପାରୁଥିବାରୁ ୭୦୦ ଯାଏ କୁମ୍ଭୀର ଶିମିଳିପାଳ ଅଭୟାରଣ୍ୟରେ ଥିବା ଛୋଟବଡ଼ ନଦୀଗୁଡ଼ିକରେ ଛଡ଼ାଯାଇ ଗବେଷଣା କରାଯାଇଥିଲା। ଏଠାରେ ଗୋଟିଏ ବସାରୁ ୩୦ ରୁ ୪୦ ଅଣ୍ଡା ମିଳୁଥିଲା। ଏହି କୁମ୍ଭୀର ଗୁଡ଼ିକ ଫେବୃୟାରୀ ରୁ ମାର୍ଚ୍ଚ ମଧରେ ଅଣ୍ଡା ଦେଇଥାନ୍ତି। ଅଣ୍ଡାରୁ ଛୁଆ ଫୁଟିବା ସମୟ ୭୫ ରୁ ୯୦ ଦିନ। କୁମ୍ଭୀରମାନଙ୍କୁ ସପ୍ତାହରେ ତିନିଦିନ ଖାଇବାକୁ ଦିଆଯାଏ। ବଡ଼ମାନଙ୍କୁ ଘୁଷୁରୀ ମାଂସ ଓ ଛୋଟ ଛୁଆମାନଙ୍କୁ ମାଛ ଦିଆଯାଏ। ମାତ୍ର ଦୁଃଖର କଥା ଏହି ଗବେଷଣା କେନ୍ଦ୍ର ଏବେ ସରକାରୀ ଅବହେଳାର ଶୀକାର ହୋଇଛି। ଗବେଷଣା ପାଇଁ କୌଣସି ସରକାରୀ କର୍ମଚାରୀ ନିଯୁକ୍ତି ପାଇନଥିବାରୁ ସେ କାର୍ଯ୍ୟ ସଂପୂର୍ଣ୍ଣ ଠପ ହୋଇଯାଇଛି। ଏବେ ସେଠାରେ ଛୋଟବଡ଼ ମିଶି ମାତ୍ର ୧୧ଟି କୁମ୍ଭୀର ଅଛନ୍ତି। ସେଥିରୁ ୪ଟି ବଡ଼ ଓ ୭ଟି ଛୋଟ କୁମ୍ଭୀର। ଏଥିପାଇଁ ସରକାର ପୂର୍ବପରି ଧ୍ୟାନ ଦେଲେ ଏହାର ହୃତ ଗୌରବ ଫେରିଆସନ୍ତା।

ଶିମିଳିପାଳ ଆଉ ଏକ ଦର୍ଶନୀୟସ୍ଥାନ ଦେବକୁଣ୍ଡ। ବାରିପଦାରୁ ୮୭ କି.ମି. ଦୂରରେ କପ୍ତିପଦା ଉପଖଣ୍ଡର କୁଣ୍ଡାବାଇ ନିକଟବର୍ତ୍ତୀ ଏହି ଜଳପ୍ରପାତର ଉଚ୍ଚତା ୨୦୦ ଫୁଟ। ଏଠାରେ ମା ତ୍ରିପୁର ଅମ୍ବିକାଙ୍କ ପୀଠ ବିଦ୍ୟମାନ। ପାଞ୍ଚଟି ବିଭିନ୍ନ ରଙ୍ଗର ଓ ସ୍ୱାଦର ଝରଣାଗୁଡ଼ିକ ଏଠାରେ ଗୋଟିଏ ସ୍ଥାନରେ ମିଳିତ ହୋଇଥିବାରୁ ସେ ସ୍ଥାନକୁ ପଞ୍ଚସାଗରତୀର୍ଥ କହନ୍ତି। ଏହି ପଞ୍ଚସାଗର ଗୁଡ଼ିକ ହେଲା ଦେବୀକୁଣ୍ଡ, ଦେବକୁଣ୍ଡ, ହରି ଦ୍ରାକୁଣ୍ଡ, ତୈଳ କୁଣ୍ଡ ଓ ଭୂଧାରକୁଣ୍ଡ। ବାରିପଦାର ଲାଲ ସାହେବ ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜ ଦେବ। ସେହିସ୍ଥାନ ଆବିଷ୍କାର କରିବା ସହ ମା'ଙ୍କର ମନ୍ଦିର ନିର୍ମାଣ ସେଠାରେ ତପସ୍ୟା କରିଥିବାର କୁହାଯାଏ। ସେ ପଞ୍ଚସାଗରତୀର୍ଥ ନାମକ ଏକ ପୁସ୍ତକ ରଚନା କରିଛନ୍ତି।

ଶିମିଳିପାଳ ନିକଟବର୍ତ୍ତୀ ଅନ୍ୟ ଏକ ଆକର୍ଷଣ ସୀତାକୁଣ୍ଡ। ଏହା ବାରିପଦାଠାରୁ ୨୫ କି.ମି. ଦୂରରେ ଅବସ୍ଥିତ। ଏଠାରେ ଏକ ପର୍ଯ୍ୟଟନ ବଙ୍ଗଳାଅଛି।

ଶିମିଳିପାଳର ପାଦଦେଶରେ କପ୍ତିପଦା ଉପଖଣ୍ଡରେ ଶମିବୃକ୍ଷ ଅବସ୍ଥିତ। ଏହା ପଦାଠାରୁ ୫୦କି.ମି. ଓ ପୋଡ଼ାଡିହା ଠାରୁ ୩ କି.ମି. ଦୂର। ଏହା ଏକ ଗୋପ୍ରକୃତି ଶିବଲିଙ୍ଗ ଆକାରରେ ପ୍ରାକୃତିକ ପଥର। ଏହାର ଉଚ୍ଚତା ୫୦୦ ଫୁଟ। ଏହି ପଥରର ପଶ୍ଚିମ ପାର୍ଶ୍ୱରେ ୫ଟି ଗୁମ୍ଫା ଅଛି। କିମ୍ବଦନ୍ତୀ ଅଛି ପାଣ୍ଡବ ଭାଇମାନେ ବିରାଟ ରାଜାଙ୍କ ପରବାରକୁ ଯିବା ପୂର୍ବରୁ ତାଙ୍କର ଅସ୍ତ୍ରମାନ ଏହି ଗୁମ୍ଫା ଗୁଡ଼ିକରେ ଲୁଚାଇଥିଲେ। ଚୈତ୍ର ପୂର୍ଣ୍ଣିମାଦିନ ଏଠାରେ ଏକ ବଡ଼ ମେଳା ଅନୁଷ୍ଠିତ ହୁଏ। ୨୦୦୩ ମସିହାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଏହାକୁ ଏକ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରିଛନ୍ତି। ଅଦୂରେ ମାଛ କାନ୍ଦଣା ଜଳପ୍ରପାତ ଏକ ରମଣୀୟ ପରିବେଶ ମଧରେ ବିରାଜିତ।

ଏହା ବ୍ୟତୀତ ଶିମିଳିପାଳ ସୌନ୍ଦର୍ଯ୍ୟକୁ ରାତିରେ ଉପଭୋଗ କରିବାପାଇଁ ଜଙ୍ଗଲ ବିଭାଗ ତରଫରୁ ବିଭିନ୍ନ ସ୍ଥାନମାନଙ୍କରେ ଅତିଥି ଭବନମାନ ନିର୍ମିତ ହୋଇଛି। ସେଗୁଡ଼ିକ ହେଲା ଦେବସ୍ଥଳୀ ବିଟ୍‌ଘର ଛେରାବିଲ ବିଟ୍‌ଘର, ସୀତାକୁଣ୍ଡ ବଙ୍ଗଳା, ଗୁଡୁଗୁଡ଼ିଆ ବାଉଁଶଘର, ଲୁଲୁଙ୍ଗଙ୍ଗଳା, ଓ ରାମତୀର୍ଥ ଅତିଥିଘର।

ଶିମିଳିପାଳ କୁ ବୁଲିଯିବାର ପ୍ରକୃଷ୍ଟ ସମୟ ନଭେମ୍ବର ପହିଲାରୁ ଜୁନ୍ ୧୫ ତାରିଖ। ଅନ୍ୟ ମାସରେ ଏହା ବନ୍ଦ ରହେ। ଶିମିଳିପାଳ ଭିତରକୁ ଯିବା ପାଇଁ ଦୁଇଟି ରାସ୍ତା ଖୋଲାଥାଏ ଯେଉଁଠାରୁ ଅନୁମତିପତ୍ର ଓ ଗଡ଼ି ମିଳିଥାଏ। ଏଗୁଡ଼ିକ ହେଲା ଲୁଲୁଂର ଯିଠାବଟା ତନଖି ଫାଟକ ଓ ଜାତୀୟ ରାଜପଥ ପାର୍ଶ୍ୱରେ ହାଣ୍ଡିପୁହାଣ ଛକର କାଳିଆଣି ତନଖି ଫାଟକ। ଲୁଲୁଂ ରାସ୍ତାରେ ଯିବାପାଇଁ ବାରିପଦାର ଭଂଜପୁରସ୍ଥ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଫିସରୁ (ଫୋନ୍ ନଂ ୬୭୯୨୨୫୨୫୯୭ ଓ କାଳିଆଣି ରାସ୍ତାରେ ଯିବା ପାଇଁ ଯଶିପୁରସ୍ଥ ଫରେଷ୍ଟ ଅଫିସରୁ ଅନୁମତି ପତ୍ର ନେବାକୁ ହୋଇଥାଏ। ଯଶିପୁର ପଟେ ସର୍ବାଧିକ ୩୫ଟି

ଚାରି ଚକିଆ ଯାନ ଓ ଲୁଲୁଂ ପଟେ ସର୍ବାଧିକ ୨୫ଟି ଚାରି ଚକିଆ ଯାନ ପାଇଁ ଅନୁମତି ପତ୍ର ମିଳେ । ପ୍ରତ୍ୟେକ ତନଖି ଫାଟକ ପ୍ରବେଶ ପାଇଁ ଅନୁମତି ପତ୍ର ସକାଳ ୬ଟାରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ମିଳିବାର ବ୍ୟବସ୍ଥାଥାଏ । ପର୍ଯ୍ୟଟକ ମାନଙ୍କର ଗାଡ଼ି ଖରାପ ହେଲେ ସେମାନଙ୍କୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା ସ୍ୱରୂପ ୩ ହଜାର ଟଙ୍କା ଅଗ୍ରୀମ ଦେବାକୁ ପଡ଼ିଥାଏ । ରାତ୍ରିଯାପନ ପାଇଁ ପର୍ଯ୍ୟଟକ ମାନଙ୍କୁ www.ecotourodisha.com କିମ୍ବା www.similipal.org ରେ ଅଗ୍ରୀମ ଆରକ୍ଷଣ କରିବାକୁ ପଡ଼ିଥାଏ । ଶିମିଳିପାଳର ବିଭିନ୍ନ ସ୍ଥାନରେ ମୋଟ ୪୪ଜଣ ପର୍ଯ୍ୟଟଙ୍କ ରହିବାର ବ୍ୟବସ୍ଥା ଅଛି ।

ମନୁଷ୍ୟ ସମାଜ ପାଇଁ ଶିମିଳିପାଳର ଦାନ ଅତୁଳନୀୟ । ମାତ୍ର ସରକାରୀ କଳର ନିଷ୍କ୍ରିୟତା ଓ ଜଙ୍ଗଲ ମାଫିଆଙ୍କର ଲୋଲୁପ ଦୃଷ୍ଟି ଯୋଗୁଁ ଶିମିଳିପାଳ ଆଜି ଧ୍ୱଂସ ମୁଖରେ ଉପନୀତ । କେଉଁ ଯୁଗରୁ ଏହି ସ୍ୱାର୍ଥପର ମାନବଜାତି ତା'ପରେ ଅତ୍ୟାଚାର କରିଚାଲିଛି । ଏହା କେବଳ ମୟୂରଭଂଜ ବାସୀଙ୍କ ଜୀବନ ରେଖା ନୁହେଁ, ସମଗ୍ର ଜୀବଜଗତର ପରମବନ୍ଧୁ । ତେଣୁ ଶିମିପାଳକୁ ରକ୍ଷା କରିବା ପାଇଁ ସମସ୍ତ ମୟୂରଭଂଜ ବାସୀଙ୍କ ଆନ୍ତରିକତା ରହିବା ଆବଶ୍ୟକ ।

ହନୁମାନ ବିହାର, ବାରିପଦା
୯୪୩୯୪୪୯୬୬୬, ୮୨୪୯୬୯୧୮୩୦

*With best compliments from:*





TRADE MARK Jindal HISSAR

**Jindal Industries Private Limited**

Delhi Road, Model Town, Hisar
Ph: 91-1662-220781(3 Lines) Tel/Fax: +91-1662-220604
Email: info@jindalinds.com

# ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଆମ କର୍ତ୍ତବ୍ୟ

**ଡଲିରାଣୀ ବ୍ରହ୍ମା**



ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ୨୦ ଫେବୃୟାରୀ ୨୦୧୪ ଗୁରୁବାର ଥିଲା ଏକ ସ୍ମରଣୀୟ ଦିବସ। ଦୀର୍ଘଦିନର ଆନ୍ଦୋଳନ ଓ ପ୍ରଚେଷ୍ଟା ଫଳରେ ଓଡ଼ିଆ ଭାଷା ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷା ରୂପେ ମାନ୍ୟତା ପାଇଲା। କେନ୍ଦ୍ରୀୟ କେବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଦେବା ସଂକ୍ରାନ୍ତ ପ୍ରସ୍ତାବ ଅନୁମୋଦିତ ହେଲା।

ଏହି ମାନ୍ୟତା ପାଇବା ଫଳରେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ କେନ୍ଦ୍ର ସରକାର ରାଜ୍ୟକୁ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେବେ।

ଏହା ପୂର୍ବରୁ ତାମିଲ୍, ସଂସ୍କୃତ, ମାଲାୟାଲମ, କନ୍ନଡ଼ ଓ ତେଲୁଗୁ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲା। ଭାଷାର ପ୍ରାଚୀନତା ଦୃଷ୍ଟିରୁ ଏହିସବୁ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା। ତେବେ ଓଡ଼ିଆ ଭାଷା ଏହି ମାନ୍ୟତା ପାଇବାରେ ଇଣ୍ଡୋ-ୟୁରୋପୀୟ ଭାଷା ଗୋଷ୍ଠୀର ପ୍ରଥମ ଭାଷା।

ଏବେ ଆମକୁ ଚେଷ୍ଟା କରିବାକୁ ହେବ - ଆମ ଭାଷା ଓ ସାହିତ୍ୟ କିପରି ଉନ୍ନତ ହେବା ସହିତ ପ୍ରଚାର ପ୍ରସାର ଲାଭ କରି ପାରିବ। ସେଥିପାଇଁ ଆମକୁ ଗାଁରୁ ସହର ପ୍ରତି ଅଞ୍ଚଳ ଉପରେ ଦୃଷ୍ଟି ଦେବାକୁ ପଡ଼ିବ। ପ୍ରଥମେ ଗ୍ରାମ ଗୁଡ଼ିକର ଆଞ୍ଚଳିକ ଭାଷା ଉପରେ କାମ କରୁଥିବା ଲୋକଙ୍କୁ ଖୋଜିବାକୁ ପଡ଼ିବ। ଯେଉଁମାନେ ସେ ଅଞ୍ଚଳର ଭାଷା, ସଂସ୍କୃତି, ଐତିହ୍ୟ ବିଷୟରେ ଜାଣିଛନ୍ତି। ତା' ଦ୍ୱାରା ଆମେ ସେମାନଙ୍କଠାରୁ ବୁଝି ସେ ବିଷୟରେ ପୁସ୍ତକ ଆକାରରେ ପ୍ରକାଶ କରି ଲୋକ ଲୋଚନକୁ ଆଣି ପାରିବ। ଫଳରେ ଗୋଟିଏ ଅଞ୍ଚଳର ଲୋକ ଅନ୍ୟ ଅଞ୍ଚଳର ଭାଷା, ସଂସ୍କୃତି ଓ ଐତିହ୍ୟ କଥା ଜାଣି ପାରିବେ। ଉଦାହରଣ ସ୍ୱରୂପ, ତାଳପତ୍ର ପୋଥି, ମୁଦ୍ରା, ଲିପି, ବାସନ, ମୂର୍ତ୍ତି ଏବଂ ଏହିଭଳି ଅନେକ, ତାକୁ ଆଣି ଆମେ ଓଡ଼ିଶାର ମ୍ୟୁଜିୟମ୍ ଓ ଭାଷା ଲାଇବ୍ରେରୀରେ ସ୍ୱତନ୍ତ୍ର ଭାବେ ସାଇତି ରଖି ପାରିବା। ଫଳରେ ଆମେ ଆମ ପୂର୍ବସୁରୀଙ୍କ ଠାରୁ ଯାହା ପାଇଲେ ଆମର ପରପିଢ଼ୀ ତାହା ଜାଣି ପାରିବେ। ଆମ ଓଡ଼ିଶା ଆଗରୁ ବି ସବୁଥିରେ ଉନ୍ନତ ଥିଲା ବୋଲି ସେଥିରୁ ଜାଣିହେବ।

ଏବେ ଛୋଟ ପିଲାମାନେ ଓଡ଼ିଆ କହୁ ନାହାନ୍ତି। ଯୁବ ପିଢ଼ୀରେ ଯଦିଓ କିଛି ଓଡ଼ିଆ କହୁଛନ୍ତି ତେବେ ସେଥିରେ ଠିକ୍ ଶବ୍ଦଟିଏ ବା ବାକ୍ୟଟିଏ ଶୁଣିବାକୁ ମିଳୁନାହିଁ। ଏବେ ଯୁଗର ପରିବର୍ତ୍ତନ ହେଉଛି। ଟି.ଭି. ଚାନେଲ୍ ଓ ରେଡ଼ିଓ ଲୋକଙ୍କର ଆବଶ୍ୟକତା ପାଲଟିଗଲାଣି। ଏହି ପରିପ୍ରେକ୍ଷୀରେ ଆମକୁ ଟି.ଭି, ରେଡ଼ିଓରେ ଏଙ୍କରିଂ କରୁଥିବା ଯୁବକ, ଯୁବତୀଙ୍କ ପ୍ରତି ବିଶେଷ ଧ୍ୟାନଦେବା ଓ ଯତ୍ନବାନ ହେବାକୁ ପଡ଼ିବ। କାରଣ ଲୋକେ ଯାହା ଦେଖନ୍ତି, ଯାହା ଶୁଣନ୍ତି ତାକୁ ସହଜରେ ଗ୍ରହଣ କରିଥାନ୍ତି। ଶିଶୁମାନେ ତ ଲେଖିବା ପୂର୍ବରୁ କହିବା ଶିଖିଥାନ୍ତି। ତେଣୁ ତାଙ୍କ ପାଇଁ ଆହୁରି ଧ୍ୟାନ ଦେବାକୁ ପଡ଼ିବ।

ଆମ ସଂସ୍କୃତି, ଭାଷା, ଆମ ଜଗନ୍ନାଥ ବିଶ୍ୱବନ୍ଦିତ। ତେବେ ଆମ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ପାଇଁ ଆମ ପଣ୍ଡାମାନେ, ଆମ ଗାଡ଼ି ଚାଳକ, ତଥା ଦୋକାନୀ ସମସ୍ତେ ଆମ ମାତୃଭାଷା ଛାଡ଼ି ସେମାନଙ୍କ ଭାଷାରେ କଥା କହିବା ଆରମ୍ଭ କରିଦିଅନ୍ତି। ସେଇଠି ଆମ ସ୍ୱାଭିମାନ କ୍ଷୁର୍ଣ୍ଣ ହୁଏ। କିଛି ବୁଦ୍ଧିଜିବୀ ଆମ ଲୋକଙ୍କୁ ମନା କରିବାକୁଯାଇ ବିଫଳ ହୋଇଥାନ୍ତି। ବେଳେବେଳେ ଅପଦସ୍ତ ମଧ୍ୟ ହୁଅନ୍ତି। ତେଣୁ ଆମେ ପ୍ରଥମେ ନିଜର ଭୁଲ୍ ପ୍ରତି ଯତ୍ନବାନ ହୋଇ ଭୁଲ୍ କରୁଥିବା ଲୋକଙ୍କୁ ସେଥିରୁ ନିବୃତ କରିବା ଆବଶ୍ୟକ। ସେଥିପାଇଁ ଦରକାର ପଡ଼ିଲେ କଠୋର ପଦକ୍ଷେପ ନେବା ଦରକାର। ଆମ ଭାଷାକୁ ଛାଡ଼ି ଅନ୍ୟ ଭାଷାରେ କଥା କହିବା ଦ୍ୱାରା ଅନ୍ୟ ଭାଷାର ପ୍ରଚାର ହେଉଛି, ଆମର ନୁହେଁ। ବିଦେଶରୁ ଆସିଥିବାଲୋକ ମଧ୍ୟ ଆମ ଭାଷା କହି ଖୁସି ହେଉଛନ୍ତି। ମାତ୍ର ଆମେ ସେତିକି ପ୍ରୋତ୍ସାହନ ଦେଇ ପାରୁନାହୁଁ।

ସେହିପରି ଆମ ସାହିତ୍ୟକୁ ବୃଦ୍ଧିବନ୍ତ କରିବା ପାଇଁ ଆମେ ଆଞ୍ଚଳିକ ଭାଷାର ସାହିତ୍ୟ ରଚନା କରିବା ସହିତ ବିଭିନ୍ନ ଭାଷାର ଲେଖାକୁ ବିଭିନ୍ନ ଭାଷାରେ ଅନୁବାଦ କରିବା ଆବଶ୍ୟକ। ତାହାହେଲେ ସୃଜନ ମନସ୍କ ସାହିତ୍ୟିକଟିଏ ତା'ର ରଚନାକୁ ଅନ୍ୟ ଆଗରେ ପ୍ରକାଶ କରି ପାରିବ।

ଏବେ କେନ୍ଦ୍ରରୁ ପ୍ରଚୁର ଅର୍ଥ ଆମ ଭାଷା-ସାହିତ୍ୟ ପାଇଁ ଆସିବ। ତେଣୁ ସେଇ ପରିପେକ୍ଷୀରେ ବିଭିନ୍ନ ବିଭାଗର ସାହିତ୍ୟିକ ମାନଙ୍କୁ ବିଭିନ୍ନ ଭାଷାଭାଷି କାମ ଦିଆଯିବା ଦରକାର। ତାହାହେଲେ ସାହିତ୍ୟିକମାନେ ତାଙ୍କର ପରିଶ୍ରମ ସହିତ କିଛି ଆର୍ଥିକ ସହାୟତା ପାଇବେ। ତାହା ତାଙ୍କୁ ଆହୁରି ଅଧିକ କାମ କରିବା ପାଇଁ ପ୍ରେରଣା ଯୋଗାଇବ।

ମାତୃଭାଷା ହେଉଛି ମା'ର ଭାଷା। ତେଣୁ ଆମେ ଅନ୍ୟ ଭାଷା ଶିଖିବା ଜ୍ଞାନ ଆହରଣ କରିବା ପାଇଁ, କିନ୍ତୁ ନିଜ ଭାଷାକୁ ବଞ୍ଚାଇବା ଆମ ପରପିଢ଼ୀ ପାଇଁ ଓ ଓଡ଼ିଶାରାଜ୍ୟ ପାଇଁ। ତେଣୁ ଏବେ ସମୟ ଆସିଛି, ଆମେ ସମସ୍ତେ ଆମ ଭାଷା – ସାହିତ୍ୟର ପ୍ରଚାର ପ୍ରସାରରେ ପୂର୍ଣ୍ଣ ଆନ୍ତରିକତା ଓ ସ୍ୱାଭିମାନ ସହ ଲାଗିପଡ଼ିବା।

ଯୋଗାଯୋଗ:
ବି/୧୫୦, ସେକ୍ଟର – ୭, ରାଉରକେଲା – ୩
ମୋ ୯୯୩୭୫୧୪୯୬୯

# ସୌଭାଗ୍ୟବତୀ

**ଜ୍ୟୋତ୍ସ୍ନାଶ୍ରୀ ପୁଷ୍ପାରାଣୀ**

କୁଆଁର ପୁନେଇ ଜହ୍ନକୁ ସାକ୍ଷୀରଖି ଏଲୋରା ଆଉ ଅମନଙ୍କ ଭିତରେ ଗଢ଼ିଉଠିଥିଲା ସେଦିନ ଏକ ପ୍ରେମର ମନ୍ଦିର। ଜ୍ୟୋସ୍ନାଝରା ରାତି ସେମାନଙ୍କ ଭିତରେ ଭରିଦେଇଥିଲା ଭଲପାଇବାର ରଂଗ।

ସେଇ ଭଲପାଇବା ବିବାହର ରୂପନେଇଥିଲା ଦୁଇ ପରିବାରର ସହଯୋଗରେ। ସମସ୍ତଙ୍କ ସ୍ନେହ ଆର୍ଶୀବାଦର ଛାଇତଳେ ସେମାନେ ଜୀବନକୁ ରଂଗମୟ କରିବାର ନିଷ୍ପତ୍ତି ନେଇଥିଲେ। ବିବାହ ଭୋଜିର ମଧ ଆୟୋଜନ କରାଗଲା। ବଂଧୁ ବାଂଧବଙ୍କ ଗହଳିରେ ଅମନର ଘର ପୂରିଉଠିଲା। ତା' ବିବାହ ଭୋଜିରେ ତା' ପିଇଷୀ ସେଦିନ ତାଙ୍କ ଘରକୁ ନିମନ୍ତ୍ରଣ ରକ୍ଷାକରି ଆସିଥିଲେ। ପୁଅ ବିରାଟର ପରଦିନ ମୁମ୍ବାଇ ଯିବାର ଥିଲା ବୋଲି ପିଇଷୀ ସେଦିନ ରାତିରେ ଘରକୁ ଫେରିଯିବାକୁ ବାହାରିଥିଲେ। ସବୁକାମ ସରିଗଲା ପରେ ପିଇଷୀ ହଠାତ୍ ଅସୁସ୍ଥ ହୋଇ ପଡ଼ିଲେ। ଆଉ ଘରକୁ ଯିବେ କ'ଣ ଅମନ ସାଂଗେ ସାଂଗେ ତାଙ୍କୁ ମେଡ଼ିକାଲ ନେଇଗଲେ। କିଛିବାଟ ଗଲାପରେ ହଠାତ୍ ବାଟରେ ଏକ କୁନିପିଲାର କୁଆଁ କୁଆଁ ରାବ ଶୁଭାଗଲା। କ'ଣ କରିବେ ଅମନ। ତଥାପି ଅଟକିଲେ। ଗାଡ଼ିରୁ କାହାରି ଦେଖିଲେ ରାସ୍ତା ଏକ ପ୍ରକାର ଜନଶୂନ୍ୟ। କେହି କୁଆଡ଼େ ନାହାଁନ୍ତି। ଅଥଚ ! କୁନି ଛୁଆଟେ ଏମିତି କାନ୍ଦୁଛି। ଆଶ୍ଚର୍ଯ୍ୟ ହେଲେ ସେ। ଆଗକୁ ଗଲେ। ଯାହା ଦେଖିଲେ ବାସ୍ତବିକ୍ ଖୁବ୍ ହୃଦୟ ବିଦାରକ ସେ ଦୃଶ୍ୟ। ଗୋଟେ କଅଁଳ ଶିଶୁ ରାସ୍ତାକଡ଼ରେ ପଡ଼ିଚି। ଚିରା କପଡ଼ା ତଳେ ଗୁଡ଼ାହୋଇଚି। କ'ଣ କରିବେ କିଛି ଅମନ ଭାବିପାରୁନଥିଲେ। ଗାଡ଼ିରେ ଏଣେ ପେସେଣ୍ଟ୍। ତଥାପି ଆଗକୁ ଯାଇ ବଡ଼ ପାଟିରେ ଡାକିଲେ। କିଏ ଅଛ। ଏଠି ପିଲାଟେ କାନ୍ଦୁଛି। କାହାର ଏ ପିଲା ? କିଛି ଉତ୍ତର ଆସିଲାନି। କେବଳ ସାଇଁ ସାଇଁ ପବନ ବହୁଥିଲା। ଅଭାଗିନୀ ଜହ୍ନ ଉପରେ ଥାଇ ନିଜକୁ ଧିକ୍କାରୁଥିଲା। କିଛି ନକରିପାରିଲା ପଣରେ। ରାତି ବୋଧେହୁଏ ନିଜକୁ ପଚାରୁଥିଲା। କାହିଁକି ପ୍ରଭୁ ମୋ ଭିତରେ ଏତେ ଅନ୍ଧାର ଭରିଦେଲ ? ଯେଉଁ ଅନ୍ଧାରର ଫାଇଦା ଉଠାଇ କୋଉ ଚାଣ୍ଡାଲୁଣୀ ଏମିତି ଅମାନବିକ କାମ କରିଛି। ଏକ ନିର୍ବୋଧ ଶିଶୁକୁ ଫିଙ୍ଗିଦେଇ ଯାଇଛି କୁକୁର ଶିଆଳଙ୍କ ଆହାର ନିମନ୍ତେ।

ଏ ପରିସ୍ଥିତିରେ କ'ଣ କରିବେ ଅମନ କିଛି ଭାବିପାରୁ ନଥିଲେ। ଆଜି ପରି ଏକ ପବିତ୍ର ଦିନ ତାଙ୍କ ପାଇଁ କେଉଁ ପରୀକ୍ଷା ଆଣି ଆସିଛି। କୋମଳ ପିଲାଟାକୁ କ'ଣ ମରଣ ମୁହଁକୁ ଠେଲିଦେଇ ସେ ଯାଇପାରିବେ। ଅମନଙ୍କ ଦରଦି ମନରେ ସେ ପିଲାଟି ପ୍ରତି ଏକ ବାତ୍ସଲ୍ୟ ମମତା ଯାଗିଉଠିଲା। ଆଉ କିଛି ନ ଭାବି ଅମନ ପିଲାଟିକୁ କୋଳକୁ ଉଠାଇଆଣିଲେ। ଗାଡ଼ି ପାଖକୁ ଦ୍ରୁତ ବେଗରେ ଛୁଟି ଆସିଲେ। ଏପଟେ ପିଇଷୀ ପଚାରୁଥାନ୍ତି 'କେଉଁ ପିଲା ଏ ନିଛାଟିଆ ରାସ୍ତାରେ କାନ୍ଦୁଛିରେ'! ବଡ଼ କଷ୍ଟରେ ପଚାରିଲେ। ଅମନ ସେତେବେଳେ ତାଙ୍କ ପାଖକୁ ପିଲାଟିକୁ ଧରି ଆସିସାରିଥିଲେ। ପିଲାଟିକୁ ବଡ଼କଷ୍ଟରେ ଧରି ସେ ହସ୍ପିଟାଲରେ ପହଞ୍ଚିଲେ। ପିଇଷୀଙ୍କୁ ଡାକ୍ତରଙ୍କୁ ଦେଖାଇଲେ ଏବଂ କଅଁଳ ଶିଶୁଟିକୁ ମଧ ଅନ୍ୟଏକ ଡାକ୍ତରଙ୍କୁ ଦେଖାଇଲେ। ଛୁଆଟି ଏକ ପୁତ୍ର ସନ୍ତାନଥିଲା। ଡାକ୍ତର କହିଲେ ପିଲାଟି ସୁସ୍ଥ ଅଛି। ବୋଧେ ତାକୁ ଭୋକଲାଗୁଛି। ତାର ମାଆ କ୍ଷୀରର ଆବଶ୍ୟକତା ଅଛି। ତା ମାଆ ପାଖକୁ ନେଇ ତାକୁ କ୍ଷୀର ପିଆନ୍ତୁ।

ଅମନ ! କିଏ ତା ମାଆ ଜଣାନାହିଁ। ମାଆ କ୍ଷୀର ସେ କେଉଁଠୁ ଆଣିବେ। ଛୁଆଟି ଅମନଙ୍କ ହାତ ଆଙ୍ଗୁଳିକୁ ଟାଣି ଧରିବାର ପ୍ରଚେଷ୍ଟାରେ ଲାଗିଥାଏ। ଏବଂ କାନ୍ଦୁଥାଏ। ଅମନ କିଛି ଉପାୟ ନପାଇ ତାଙ୍କ ଡାହାଣ ହାତ ଆଙ୍ଗୁଳିଟିଏ ତା ପାଟିରେ ଦେଲେ। ବିଚରା ନିର୍ବୋଧ ଶିଶୁଟି ତାକୁ ତା' ମାଆର ସ୍ତନବୋଲି ଭାବି ଚୋଚୁମୁଥାଏ। କିଛି ସମୟ ଏମିତି ହେଲାପରେ ପିଲାଟି ଶୋଇପଡ଼ିଲା। ଅମନଙ୍କ ହୃଦୟ କାନ୍ଦୁଥାଏ। ସେ ମନେମନେ ଭାବିଲେ 'ଭଗବାନ କାହିଁକି ମୋତେ ଏ ପାପରେ ଭାଗିଦାର କରୁଛନ୍ତି।' ଗୋଟେ ନିଷ୍ପାପ ଶିଶୁକୁ ଠକେଇ ହୃଦୟ ନିଜକୁ ଧିକ୍କାରୁ ଥାଏ। ଯଦି ଭଗବାନ ପୁରୁଷକୁ ପିଲାକୁ କ୍ଷୀର ଖୁଆଇବାର ଶକ୍ତି ପ୍ରଦାନ କରିଥାନ୍ତେ ତାହାଲେ କେତେ ଭଲ ହୋଇନଥାନ୍ତା। କନକନ ମନରେ ଭାବୁଥାନ୍ତି ଅମନ।

ଅମନ ଶେଷରେ ପିଇଷୀ ଆଉ ସେଇ କୁନି ଛୁଆଟିକୁ ଧରି ଡେରି ରାତିରେ ଘରେ ପହଞ୍ଚିଲେ। ଏଲୋରା ହାତରେ ନେଇ ପିଲାଟିକୁ ଦେଲେ। ଏଲୋରା ଆଶ୍ଚର୍ଯ୍ୟ ହେଲା। ଅମନ ସବୁ ବୁଝେଇ କହିଲେ। ଭାବିଲେ ଏଲୋରା ନିଷ୍ଚେ ରାଗିବେ। ମାତ୍ର ଏଲୋରା ପ୍ରଥମେ ଛୁଆଟିପାଇଁ ମନଦୁଃଖ କଲେ। ପରେ କିନ୍ତୁ ଖୁସିହେଲେ। ଆଉ କହିଲେ - ଧନ୍ୟବାଦ ଅମନ। ଆଜି ଦିନରେ ତମେ ମୋତେ ଏତେ ସୁନ୍ଦର ଉପହାର ଦେଇଥିବାରୁ। ଆମେ ଦୁହେଁ ମିଶି ଆମ ପିଲାର ଯତ୍ନ ନେବା ଇଏ ଆଜିଠାରୁ ଆମ ସନ୍ତାନ। ଦୁନିଆଁର ସବୁ ସବୁଠାରୁ ସୌଭାଗ୍ୟବତୀ ନାରୀ ବୋଧେ ମୁଁ, ଯିଏକି ତାର ଚତୁର୍ଥରାତିରେ ମାତୃତ୍ୱ ଲାଭ କରିଛି। ଉଲ୍ଲାସରେ ମୁଁ ମାଆ ହେଇଯାଇଛି ଅମନ ! ମୁଁ ମାଆ ହୋଇଯାଇଛି ! ମୁଁ ବି ପାପା ହେଇଯାଇଛି ଏଲି ! ଆମେ କାଲି ଯାଇ ଫ୍ୟାମିଲି ପ୍ଲାନିଂଗ୍ ଅପରେସନ କରିନେବା। ଘରେ ସମସ୍ତଙ୍କୁ ବୁଝେଇ ଦେବା।

ମାର୍ଫତ୍ ବିପ୍ଳବ କୁମାର ସାଇଁ
ବଡ଼ର ପାସ, ହାଟଡିହି, କେନ୍ଦୁଝର

# ମୁଖ ନଫିଟିଲେ ଦୁଃଖ ନଯାଏ

**ବିନୋଦିନି ନନ୍ଦ**

ତଲାକ୍ ତଲାକ୍ ତଲାକ୍



ନିଶାସକ୍ତ ସ୍ୱାମୀ ସଲମାନ ତୁଣ୍ଡରୁ ଅଚାନକ ଉକ୍ତ ଅଶୁଭ, ଅଭିଶପ୍ତ ଶବ୍ଦ ତିନୋଟି ଶୁଣି ସ୍ତବ୍ଧ ପାଲିଟିଗଲା ସବ୍‌ନମ୍ ବିବି । ମୁଖମଣ୍ଡଳରେ ତାର ଘୋଟିଗଲା କଳାମେଘର ଥମ୍ ଥମ୍ ଭାବ, ନିରୀହ କୋମଳ ମୁହଁରେ ତାର ଫୁଟି ଉଠିଲା କାରୁଣ୍ୟର ସ୍ୱର୍ଶ ତତ୍‌କ୍ଷଣାତ୍ ସେ ସ୍ୱାମୀର ତୁଣ୍ଡରେ ହାତ ପାପୁଲି ଚାପିଦେଇ କମ୍ପିତ କଣ୍ଠରେ କହିଲା – ଜାଣିନ କି ! କାନ୍ଥର ବି ପରା କାନ ଅଛି । କେଡ଼େ ଚିତ୍କାର କରୁଛ ?

ହେଲେ ମଦ ନିଶାରେ ମାତାଲ ହୋଇ ପଡ଼ିଥିବା ସଲମାନ କେଉଁ ଭଲମନ୍ଦ ବୁଝିବା ଅବସ୍ଥାରେ ଅଛି ଯେ ବୁଝିବ । ବରଂ ପତ୍ନୀର ହାତକୁ ଜୋର୍‌ରେ ଛାଟିଦେଇ ଅଶ୍ରାବ୍ୟ ଅଶାଳୀନ ଭାଷାରେ ତା' ଚଉଦ ପୁରୁଷଙ୍କୁ ଶ୍ରାଦ୍ଧ କରୁ କରୁ ସେ ଅଚାନକ ଭାରସମ୍ୟ ହରାଇ ତଳେ ବେହୋସ ହୋଇ ପଡ଼ିଗଲା । କିଛି ସମୟପରେ ଘୁଙ୍ଗୁଡ଼ି ମଧ ଛାଡ଼ିଲା ।

ହେଲେ, ନାନା ଦୁଃଶ୍ଚିନ୍ତାରେ ସବ୍‌ନମ୍ ବିବିର ଆଖିରୁ ନିଦ ହଜିଗଲା । ମଦ୍ୟପ ସ୍ୱାମୀର ମଙ୍ଗଳ କାମନା କରି ପଦେ ମଦ ବିରୋଧୀ ମନ୍ତବ୍ୟ ଯାହା ତା ତୁଣ୍ଡରୁ ସ୍ୱତଃ ଖସି ଯାଇଥିଲା କାହିଁକି ସେ ନିଆଁ ପାଣି ଗୁଡ଼ାକ ଗିଳୁଛ । ନା ମୁଣ୍ଡ ଠିକ୍ ରହୁଛି ନା ଦେହ । ଶେଷରେ କଲିଜା ପୋଡ଼ିଗଲେ କ'ଣ ତମର ଚେତା ପଶିବ ? ସେଇ ସାମାନ୍ୟ ବଚସାରୁ ପୁଣି ଏତେ ବଡ଼ ଦଣ୍ଡ । ତତ୍କାଲ୍ ଲୋକ୍ ପରି ଆସନ୍ନ ବିପତ୍ତିରୁ ନିସ୍ତାର ପାଇବା ପାଇଁ ସେ ସାରାରାତି ଖୁଦା ଟା ଈଶ୍ୱରଙ୍କୁ ଆକୁଳ ଅନ୍ତରରେ ପ୍ରାର୍ଥନା କଲା । କେତେ ଭୋଗରାଗ, ମାନସିକର କଳ୍ପନା ଜଳ୍ପନା ବି ଚାଲିଥିଲା ତା' ମନ ମଧରେ । ପରିଶେଷରେ ସେଇ କାଳରାତ୍ରୀ ବିଦାୟ ନେଇ ପୁନଶ୍ଚ ପ୍ରଭାତ ହେଲା । ଆଖିର ଲୁହ ଓ ଛାତି ତଳର ଭୟକୁ ମନ ଭିତରେ ଲୁଚାଇ ରଖି ଘରକାମରେ ସେ ବ୍ୟସ୍ତ ରହିଲା । ଆଉ ନିତିଦିନ ପରି ସଲମାନ ମଧ ନିଜର ନିତ୍ୟକର୍ମ ସମାପ୍ତ କରି ଚା' ସହିତ ରୁଟି ଦି'ଖଣ୍ଡ ଖାଇନେଇ ନିଜର କର୍ମକ୍ଷେତ୍ର ଦରଜୀ ଦୋକାନକୁ ଚାଲିଗଲା । ସ୍ୱାମୀର ଏପରି ଶାନ୍ତ ସ୍ୱଭାବ ଦେଖି ନିଶ୍ଚିନ୍ତ ହେଲା ସବନମ । ତା'ର ମନେହେଲା ସଲମାନ ମଥାରୁ ମଦିରା ନିଶା ଛାଡ଼ିଯିବାପରି ଗତରାତ୍ରୀର ତଲାକ ଘଟଣା ମଧ ସମ୍ପୂର୍ଣ୍ଣ ଭାବରେ ପୋଛି ହୋଇଯାଇଛି । ତତ୍ପରେ ସେ ବି ନବଜାତ କନ୍ୟାର ଜଞ୍ଜାଳ ଓ ଗୃହ କାର୍ଯ୍ୟରେ ବୁଡ଼ିରହି ଗତରାତ୍ରୀର ଏକ ଦୁଃସ୍ୱପ୍ନ ପରି ଭୁଲିଗଲା ।

ହେଲେ ଭାଗ୍ୟର ବିଡ଼ମ୍ବନା । ସେଦିନ ଉତ୍ତୀର୍ଣ୍ଣ ଅପରାହ୍ନରେ ହଠାତ୍ ତାଙ୍କ ଦାଣ୍ଡ ଦୁଆର ମୁହଁରେ ସମ୍ମିଳିତ କଣ୍ଠସ୍ୱର ଶୁଣି ଉତ୍କଣ୍ଠିତ ସଲ୍‌ମାନ ଘରୁ ବାହାରି ଆସିଲା । ଉତ୍ସୁକତା ବଶତଃ ସବ୍‌ନମ ବିବି ମଧ ତା ପଶ୍ଚାଦ୍‌ଗମନ କଲା ।

ସଲମାନକୁ ଲକ୍ଷ୍ୟକରି ଗୁରୁଗମ୍ଭୀର କଣ୍ଠରେ କହିଲେ ସେହି ଅଞ୍ଚଳରେ ରହୁଥିବା ଲଘୁ ମୁସଲମାନ ସମ୍ପ୍ରଦାୟର ମୁଖିଆ ଖାନ ସାହେବ:- ତୁମ ପଡ଼ୋଶୀ ଅବଦୁଲ୍ ମିଆଁର ସଂଗୀନ ଅଭିଯୋଗ ଅନୁଯାୟୀ ଗତକାଲି ବିଳମ୍ବିତ ରାତ୍ରିରେ ତୁମେ ତୁମ ଅର୍ଦ୍ଧାଙ୍ଗିନୀ ସବନମ ବିବିକୁ ତତ୍କାଳ ଛାଡ଼ପତ୍ର ଦେଇଛ । ସେକଥା କ'ଣ ସତ୍ୟ ?

ବିସ୍ମୟ ଚକିତ ନେତ୍ରରେ ଖାନ୍ ସାହେବଙ୍କ ମୁଖମଣ୍ଡଳକୁ ଅନାଇ ବିନମ୍ର କଣ୍ଠରେ ଉତ୍ତର ଦେଲା ସଲମାନ - ସବୁ ତାହା ମିଛ ଆଜ୍ଞା ! ମୋ ପ୍ରତି ଏପରି ଲାଂଛନ ଲଗାଇବା ହେଉଛି ଅବ୍‌ଦୁଲ ମିଆଁର ମନଗଢ଼ା କାହାଣୀ । ଆପଣ ତ ଜାଣିଛନ୍ତି ତା'ପତ୍ନୀ ତାକୁ ତ୍ୟାଗକରି ବାପ ଘରକୁ ଚାଲିଯିବା ପରେ ତା'ର ନିଦ ହଜିଯାଇଛି । ଏବଂ ସେ ଜ୍ୱର ବାଉଳାରେ ତାଟିଆ କାମୁଡ଼ିବା ନ୍ୟାୟରେ ଅନ୍ୟମାନଙ୍କୁ ହଇରାଣ ହରକତ କରିବାକୁ ତିଳେ ମାତ୍ର କୁଣ୍ଠାବୋଧ କରୁନାହିଁ । ଅଥଚ୍ ଆପଣ ତା କଥାକୁ ପୁଣି ବିଶ୍ୱାସ କରୁଛନ୍ତି ।

ଅବଦୁଲ ମିଆଁ ତ ନଛୋଡ଼ ବନ୍ଧା । ସେ ଦୃପ୍ତ କଣ୍ଠରେ ଜବାବ ଦେଲା – ଏବେ ଆଉ ଯେତେ ଭଲେଇ ହେଲେ କ'ଣ ହେବ । ତୁଣ୍ଡରୁ ଖସିଯାଇଥିବା କଥା ଓ କାଣ୍ଡରୁ ବାହାରି ଯାଇଥିବା ତୀରର ଆଉ କ'ଣ ଲେଉଟାଣି ସମ୍ଭବ । ତେବେ ସତ କହିଲ ତୁମ ପରିବାରରେ ଗତକାଲି ଘମାଘୋଟ ବାକ୍‌ଯୁଦ୍ଧ ଚାଲିଥିବା ଘଟଣା କ'ଣ ସମ୍ପୂର୍ଣ୍ଣ ମିଥ୍ୟା ?

ସଲମାନ ତାକୁ ପ୍ରତ୍ୟୁତ୍ତର ଦେବା ପୂର୍ବରୁ ଭିଡ଼ ଭିତରୁ ବାହାରି ଆସିଲେ ସମ୍ବେଦନଶୀଳ ଦେବୀ ମନ୍ଦିର ପୂଜକ ପଣ୍ଡା ଗୋସାଇଁ । ଅବଦୁଲ୍ ମିଆଁକୁ ତିରସ୍କାର କଲାପରି କହିଲେ- କି ଛେନାରୁ ଚୋପାଛଡ଼ା ଲୋକ ହେ ତୁମେ ! ଦୁନିଆଁରେ ଏମିତି କୌଣସି ଦମ୍ପତି ନଥିବେ ଯାହା ଘରେ କି କେବେ ମଧ କଳି ଝଗଡ଼ା ହେଉ ନଥିବ । ଦାମ୍ପତ୍ୟ ଜୀବନରେ ମତାନ୍ତର ଓ ମନାନ୍ତର ତ ଏକ ସାଧାରଣ କଥା ଏବଂ ସେମାନଙ୍କର ବ୍ୟକ୍ତିଗତ କଥା ସେଥିରେ ତୁମର ଗ୍ରାତ୍ରବାହ ହେବାର କାରଣ କ'ଣ । ମିଆଁ ବିବି ତ ରାଜି ତୁମେ କାହିଁକି ସେମାନଙ୍କ ମଧରେ ଅଡ଼ଙ୍ଗା ସୃଷ୍ଟି କରୁଛ ?

ପଣ୍ଡା ଗୋସାଇଁଙ୍କ ଦୃଢ଼ୋକ୍ତିରେ ଦବି ନ ଯାଇ ସ୍ପର୍ଦ୍ଧାର ସହ ଉତ୍ତର ଦେଲା ଅବଦୁଲ ମିଆଁ – ଶୁଣନ୍ତୁ ଗୋସାଇଁ ! ଏହି ବସ୍ତିର ବୟୋଜ୍ୟେଷ୍ଠ ବ୍ୟକ୍ତି ହିସାବରେ ମୁଁ ଆପଣଙ୍କୁ ଯଥେଷ୍ଟ ଭକ୍ତି ଓ ସମ୍ମାନ କରେ । ତେବେ ତିନି ତଲାକ୍ ପରି ତତ୍କାଲ ଛାଡ଼ପତ୍ର ବା ତଲାକ୍-ଇ-ବିଜାତ୍ ଭଳି ପ୍ରଥା, ଯାହା କି ହନିଫ୍ ମାନଙ୍କ ଦ୍ୱାରା ଚଉଦଶହ ବର୍ଷଧରି ଆମ ସମ୍ପ୍ରଦାୟରେ ପ୍ରଚଳିତ ହୋଇ ଆସୁଅଛି, ସେଥିରେ ବାଧା ଦେବାର ଅଧିକାର ଆପଣଙ୍କର ନାହିଁ । ତାହା ହେଉଛି ଆମର ଧର୍ମୀୟ ବ୍ୟାପାର, ଧର୍ମୀୟ ବିଶ୍ୱାସ ।

ଅବଦୁଲ ମିଆଁର ଏକ୍ସପ୍ରେସ୍ ଟ୍ରେନ ପରି ଛୁଟୁଥିବା ବାକ୍ୟର ଗତିରୋଧ କରିବା ଉଦ୍ଦେଶ୍ୟରେ ମୁରବୀଗିରି ଦେଖାଇ କହିଲେ ଖାନ ସାହେବ – ରସନା ସଂଯତ କର

ଅବଦୁଲ୍ ମିଆଁ ! ତୁମେ କ'ଣ ଜାଣିନ, ଉକ୍ତ ବସ୍ତିରେ କେବଳ ହିନ୍ଦୁ କିମ୍ବା ମୁସଲମାନ ନୁହଁନ୍ତି । ଶିଖ, ଈସାଇ ଏପରିକି ଆଦିବାସୀ ମାନଙ୍କ ସହିତ ମଧ୍ୟ ଆମର ଭାଇଚାରା ଓ ସାମ୍ପ୍ରଦାୟିକ ସଦ୍‌ଭାବ କାହିଁ କେଉଁ ଯୁଗରୁ ରହିଆସିଛି । ସାଂସ୍କୃତିକ ସଂହତି ଓ ସମନ୍ୱୟ ବି ରହି ଆସିଛି । ସେମାନେ ଯେପରି ଆମ ସହିତ ଭ୍ରାତୃଭାବ ରଖି ଆମ ପର୍ବପର୍ବାଣୀରେ ମନଖୋଲି ଅଂଶ ଗ୍ରହଣ କରୁଛନ୍ତି, ସେହିପରି ଆମେ ମଧ୍ୟ ସେମାନଙ୍କ ପର୍ବରେ ସହୃଦୟତାର ସହିତ ଯୋଗ ଦେଉଛୁ । ଏପରିକି ସେହି ପର୍ବକୁ ଶ୍ରଦ୍ଧା ଓ ପବିତ୍ରତାର ସହ ନିଜସ୍ୱ ପଦ୍ଧତିରେ ପାଳନ ମଧ୍ୟ କରୁଛୁ । ବର୍ତ୍ତମାନ ଆମେ ସମସ୍ତେ ଏଇ ମାଟିର ସନ୍ତାନ । ଏଇ ମାଟି, ପାଣି, ପବନରେ ଲାଳିତ ପାଳିତ । ଆମେ ସମସ୍ତେ ଭାରତବାସୀ । ସୁତରରଂ ଏଠାରେ ବାସ କରୁଥିବା ପ୍ରତ୍ୟେକ ଧର୍ମାବଲମ୍ବୀ ଦେଶର ଶାନ୍ତି, ସଂହତି ଓ ଐକ୍ୟକୁ ବଜାୟ ରଖିବା ନିମିତ୍ତ ସଂକଳ୍ପବଦ୍ଧ ହେବା ଉଚିତ୍ । ତାହେଲେ ଦେଶରେ ଶାନ୍ତି, ମୈତ୍ରୀ ପ୍ରତିଷ୍ଠା ହେବ । ସହିତ ଆମେ ସମସ୍ତେ ମଧ୍ୟ ସୁଖ ଶାନ୍ତିରେ ବାସ କରିପାରିବା । ଦେଖ ଅବ୍‌ଦୁଲ ମିଆଁ, ସଲ୍‌ମାନ ମାତାଲ ଅବସ୍ଥାରେ ବାଚାଳ ପରି କିଛି ପ୍ରକାଶ କରିଛି ଆଉ ନିଦ ବାଉଳାରେ ବୋଧହୁଏ ତାହା ତୁମକୁ ତଲାକ୍ ପରି ପ୍ରତୀୟମାନ ହୋଇଛି । ଛାଡ଼, କଣ ମିଳିବ ସେ ଫାଲ୍‌ତୁ କଥାରୁ । ଯେଉଁ କଥାରେ କୌଣସି ପ୍ରମାଣ ନାହିଁ, ସେହି କଥାକୁ ଆଗକୁ ନବଢ଼ାଇ ଏଇଠାରେ ହିଁ ରଫାଦଫା କରିବାରେହିଁ ସମସ୍ତଙ୍କର ମଙ୍ଗଳ ।

ଅବ୍‌ଦୁଲ ମିଆଁ କିନ୍ତୁ ନଛୋଡ଼ବନ୍ଧା । ଗୁରୁଜନ ମାନ୍ୟଧର୍ମ ଭୁଲି ସେ ତାଙ୍କୁ ଉଦ୍ଧତ ଭାବରେ ଉତ୍ତର ଦେଲା – କ'ଣ ହେଲା ! ପ୍ରମାଣ ଚାହୁଁଛନ୍ତି । ଠିକ୍ ଅଛି, କ୍ଷୀରରୁ ନୀରକୁ ଅଲଗା କରିଦେବାର ବିଧି ମଧ୍ୟ ମୋତେ ବେଶ୍ ଜଣା । ତତ୍ପରେ ସେ କାଳବିଳମ୍ବ ନକରି ସବ୍‌ନମ୍ କୁ ଲକ୍ଷ୍ୟ କରି କହିଲା – ଶୁଣ ସବ୍‌ନମ୍ ଭାବୀ! ସଲମାନ ତା' ଜ୍ଞାତ ସାରରେ ହେଉ କିମ୍ବା ଅଜ୍ଞାତ ସାରରେ କିନ୍ତୁ ତୁମକୁ ତତ୍କାଳ ତଲାକ୍ ଦେବା କଥାଟି ଅପ୍ରିୟ ହେଲେ ବି ନିରାଟ ସତ୍ୟ ଏବଂ ଏହା ମୁଁ ସ୍ୱଷ୍ଟ ଭାବରେ ଶୁଣିଛି ବୋଲି ଖୁଦାଙ୍କୁ ଶପଥ କରି କହୁଛି । ଆଉ ତୁମକୁ ବି ମୋର ଅନୁରୋଧ ତୁମେ ତୁମ କୁନିଝିଅ ମଥାରେ ହାତଥାପି ଏକଥା ସତ୍ୟ କି ମିଥ୍ୟା ଥରୁଟିଏ ମାତ୍ର ସର୍ବସମକ୍ଷରେ କହିଦିଅ । ତା'ହେଲେ କାହାରି ମନରେ ମୋ ପ୍ରତି ଆଉ ସନ୍ଦେହ ରହିବ ନାହିଁ ।

ଇତ୍ୟବସରରେ ସେଠାରେ ତାମସା ଦେଖିବା ପରି ଭିଡ଼ ଜମାଇଥିବା ବସ୍ତି ବାସିନ୍ଦାଙ୍କ ସହିତ ସଲ୍‌ମାନ୍‌ର ପ୍ରଶ୍ନିଳ ଚକ୍ଷୁ ମଧ୍ୟ ଘୂରି ବୁଲିଲା ସବ୍‌ନମ୍‌ର ମୁଖ ମଣ୍ଡଳ ଉପରେ । ଅଥଚ ସବ୍‌ନମ୍‌ର ମନ ବସନ୍ତରେ ସଞ୍ଚରିଯାଇଥିଲା କାଳବୈଶାଖୀର ଝଡ଼ଝଞ୍ଜା । ସେହି ନିଷ୍ଠୁର ତଥା କଠୋର ପ୍ରଶ୍ନର ଉତ୍ତର ଜାଣିଥିଲେ ମଧ୍ୟ କହିବାକୁ ସେ ସାହସ ଜୁଟାଇ ପାରୁନଥିଲା । ଗୋଟିଏ ଦିଗରେ ନିଷ୍ପାପ ଶିଶୁ ପ୍ରତି ମା'ର ବାତ୍ସଲ୍ୟ ମମତା ଆଉ ଅନ୍ୟ ଦିଗରେ ଜନ୍ମାଜନ୍ମାନ୍ତରର ସାଥୀ, ପ୍ରାଣପ୍ରିୟ ପତିର ସ୍ନେହ, ପ୍ରେମ, ସୋହାଗ । ଏଣୁ ମାଇଲେ ଗୋହତ୍ୟା, ତେଣୁ ମାଇଲେ ବ୍ରହ୍ମହତ୍ୟା । ଦୁହେଁ ତ ତା'ର ଅତି ଆପଣରା । ଶେଷରେ ନା'ତ ସେ କାହାର ଅମଙ୍ଗଳ ଚିନ୍ତା କରି ପାରିଲା । ନା' ନିଜ ବିବେକ ବିଚାରର ଖଣ୍ଡାଧାରରୁ ଖସିଯାଇ ପାରିଲା ବରଂ ବିନା ଅପରାଧରେ ମଧ୍ୟ ସେ ଅପରାଧିନୀ ପରି ମୁଣ୍ଡ ପୋତି ଛିଡ଼ା ହୋଇରହିଲା । ନୀରବ ନିଶ୍ଚଳ ଭାବରେ । ସତେ ଯେପରି ନିଥର ପାଷାଣ ।

ଅଥଚ୍ ତା'ର ଏହି ମୌନତା ହିଁ ତା'ପାଇଁ କାଳ ହେଲା । ଏବଂ ତା'ର ଏପରି ହତପ୍ରାୟ ଅବସ୍ଥାଦେଖି ଏକ ଛତ୍ର ରହସ୍ୟର ସନ୍ଧାନ ପାଇଯାଇଥିବା ପରି ଅବ୍‌ଦୁଲ ମିଆଁର ମୁହଁ ଦେଖାଗଲା ସଗର୍ବ ସମୁଜ୍ୱଳ । ନିଜର ଉତ୍କଣ୍ଠାକୁ ଆଉ ବେଶି ସମୟ ଚାପିରଖିନପାରି ଦମ୍ଭର ସହିତ କହିଲା – କହନ୍ତି ପରା "ମୌନଂ ସମ୍ମତି ଲକ୍ଷଣ" ଦେଖିଲେତ, ସବ୍‌ନମ୍‌ ଭାବୀଙ୍କ ମୌନତାକୁ ଆଉ ତାଙ୍କ ନେତ୍ର ଯୁଗଳରୁ ଜଳଜଳ ହୋଇ ଦେଖାଯାଉଥିବା ସତ୍ୟକୁ ।

ସ୍ତବ୍ଧ ପାଲଟିଗଲେ ସେଠାରେ ଦଣ୍ଡାୟମାନ ହୋଇଥିବା ସମସ୍ତ ଦର୍ଶକ ଓ ଶ୍ରୋତା ମଣ୍ଡଳୀ । ଅସ୍ତଗାମୀ ସୂର୍ଯ୍ୟ ସଦୃଶ ନିଷ୍ପ୍ରଭ ପାଲଟି ଯାଇଥିଲା ସଲମାନର ମୁହଁ । ଲୁହ ଆଉ କୋହରେ ଓଦା କାନ୍ଥର ମେଞ୍ଚାଏ ମାଟିପରି ଧସି ଯାଉଥିବା ପତ୍ନୀକୁ ସାନ୍ତ୍ୱନା ଦେବାପାଇଁ ତା' ନିକଟରେ ଯେପରି ଆଉ କୌଣସି ଶବ୍ଦ ନଥିଲା । ଯନ୍ତ୍ରଣାର ସ୍ୱର ତା'ର କଣ୍ଠରେ ହିଁ ମିଳାଇଗଲା । ତା'ମନ ଭିତରେ ଚାଲିଥିଲା ଅନେକ ଅସମାହିତ ପ୍ରଶ୍ନର ତୁମୁଳ ଝଡ଼ । ନିଜର ଅଜ୍ଞାନତା ଓ ଅଜ୍ଞାତସାରରେ ପ୍ରାଣପ୍ରିୟା ପତ୍ନୀ ପ୍ରତି ଏତେବଡ଼ ଅନ୍ୟାୟ କରିଥିବା ହେତୁ ସେ ନିଜକୁ ନିଜେ ଧିକ୍କାରୀ ହେଉଥିଲା । ତା' ମୁଖମଣ୍ଡଳରେ ଫୁଟି ଉଠୁଥିଲା ମଦ୍ୟପାନ ଜନିତ ଅବଶୋଷ ଏବଂ ପଶ୍ଚାତ୍ତାପର ପରିସ୍ଫୁଟନ । କିନ୍ତୁ ସେତେବେଳକୁ ଲେଡ଼ିଗୁଡ଼ କହୁଣୀକୁ ବୋହି ସାରିଥିଲା ।

ସେମାନଙ୍କର ଏହି ଦଃସ୍ଥିତିକୁ ଉପଭୋଗ କଲାପରି ଯୁକ୍ତି ବାଢ଼ିଲା ଅବ୍‌ଦୁଲ ମିଆଁ– ମନମାନିଲା ଏଥର ତ ଠୋସ୍ ପ୍ରମାଣ ପାଇଗଲେ । ସୁତରାଂ ତଲାକ୍ ପ୍ରଥାର ନିୟମ ଅନୁଯାୟୀ ଏଇ ମୁହୂର୍ତ୍ତରୁ ହିଁ ସେ ଦୁହିଁଙ୍କ ମଧ୍ୟରେ ଆଉ କୌଣସି ଶାରୀରିକ, ମାନସିକ ଆର୍ଥିକ କିମ୍ବା ପାରିବାରିକ ସମ୍ପର୍କ ରହିପାରିବ ନାହିଁ । ଏହାହିଁ ହେଉଛି ଆମ ମୁସ୍‌ଲିମ୍ ପ୍ରଥା ବା ପରମ୍ପରାର ଦସ୍ତୁର ବା ଲୌକିକାଚାର ।

ଉକ୍ତ ଅଭାବନୀୟ ପରିସ୍ଥିତିକୁ ସ୍ୱଚକ୍ଷୁରେ ଦେଖି ଏବଂ ହୃଦୟଙ୍ଗମ କରି ସମସ୍ତଙ୍କ ନୟନରେ ଛଳଛଳ ହେଉଥିଲା ଲୁହ, ହେଲେ ଶଠ, ପ୍ରବଞ୍ଚକ ଅବ୍‌ଦୁଲ୍ ମିଆଁର ଆକ୍ରୋଶ ଭୟରେ କେହି ମଧ୍ୟ ସେମାନଙ୍କ ସପକ୍ଷରେ ପଦେ କହିବାକୁ ସାହସ କଲେ ନାହିଁ । କିନ୍ତୁ କ୍ଷୁବ୍ଧ ହୋଇ ତୁଣ୍ଡ ଖୋଲିଲେ ହିନ୍ଦୁ ମନ୍ଦିରର ପଣ୍ଡା ଗୋସାଇଁ । କହିଲେ – କି ହୃଦୟହୀନ ମଣିଷ ହେ ତୁମେ ! ସବ୍‌ନମ୍ ବିବିର ଏବେ ସୂତିକା ଅବସ୍ଥା । ଔଷଧ, ପଥି ସହିତ ତା'ର ବର୍ତ୍ତମାନ ସମ୍ପୂର୍ଣ୍ଣ ବିଶ୍ରାମ ଆବଶ୍ୟକ । ଏହି ଦୁରବାସ୍ଥାରେ ସେ ନବଜାତ ଶିଶୁ କନ୍ୟାଟିକୁ ନେଇ ବାରଦ୍ୱାର ଶୁଣିପିଣ୍ଡା ହେବାଟା ତୁମକୁ କ'ଣ ଉଚିତ୍ ମନେ ହେଉଛି । କ'ଣ ବା ତା'ର ଦୋଷ । କାହିଁକି ସେ ନିର୍ବାସନ ପରି ଏତେବଡ଼ କାଠୋର ଦଣ୍ଡ ପୁଣି ଭୋଗିବ ?

ଯେଉଁ ଅବ୍‌ଦୁଲ୍ ମିଆଁ ଡାହାଣୀ ହୋଇ ଲାଗିଥିଲା ସେ ପୁଣି ଗୁଣିଆ ପରି ଝାଡ଼ିବା

ଆରମ୍ଭ କରି କହିଲା – କିଏ ତାଙ୍କୁ କହୁଛି ନିର୍ବାସନ ଦଣ୍ଡ ଭୋଗିବାକୁ । ସେ ତ ଚାହିଁଲେ ଏଇ ମୁହୂର୍ତ୍ତରେ ଅନ୍ୟକୁ ନିକାହ ବା ବିବାହ କରି ତା' ସହିତ ତା'ପରେ ଆରାମରେ ବସବାସ କରି ପାରିବେ । ତଲାକ୍ ପୀଡ଼ିତା ମହିଳା ମାନଙ୍କ ସୁରକ୍ଷା ପାଇଁ ଆମ ସମ୍ପ୍ରଦାୟରେ ପରା 'ହଲାଲା' ପ୍ରଥାର ପ୍ରଚଳନ ଅଛି । ତାହା ବି ମାତ୍ର ତିନି ମାସ ଦଶ ଦିନର କଥା । ତା'ପରେ ସେହି ନୂତନ ସ୍ୱାମୀ ତଲାକ୍ ଦେଲେ ପୀଡ଼ିତା ମହିଳା ପୁନଶ୍ଚ ନିଜ ସ୍ୱାମୀଙ୍କୁ ନିକାହ କରି ତାଙ୍କ ସହିତ ଦାମ୍ପତ୍ୟ ଜୀବନ ବିତାଇ ପାରିବେ । ତା କୁଟିଳ ଚାହାଣୀ କିନ୍ତୁ ଦର୍ଶାଇ ଦେଉଥିଲା ତା'ମନ ତଳର ଅଭିସନ୍ଧି ।

କଟା ଘା'ରେ ମଲମ ଲଗାଇବା ପରି ଚିକ୍କଣ କଥା ଥିଲା ଅବ୍‌ଦୁଲ୍ ମିଆଁର ଅଥଚ୍ ବିରକ୍ତିରେ ଫାଟିପଡ଼ି ମନ ମଧ୍ୟରେ ଭାବୁଥିଲେ ଗୋସାଇଁ – ଛେଃ, କି ଅଲକ୍ଷଣା କଥା ! ନିଜ ପତିକୁ ପାଇବା ପାଇଁ କୁଳଶୀଳା ନାରୀକୁ ପୁଣି କୁଳଟା ହେବାକୁ ପଡ଼ିବ । ତେବେ ଅନ୍ୟର ଧର୍ମୀୟ ଭାବନାକୁ ଆକ୍ଷେପ କରିବାକୁ ତାଙ୍କ ବିବେକ ବାରଣ କଲା ତେଣୁ ସେ ଏହି ପରିପ୍ରେକ୍ଷୀରେ ସବ୍‌ନମ୍‌ର ମତାମତ ଜାଣିବା ନିମିତ୍ତ ତା'ମୁଖ ମଣ୍ଡଳକୁ ଲକ୍ଷ୍ୟ କଲେ । ମନେ ହେଉଥିଲା 'ହଲାଲା' ପରି ଘୃଣ୍ୟ ପ୍ରସ୍ତାବ ଶୁଣିବା ପରେ ସତେ ଯେମିତି ଶତ ଶହସ୍ର ଛୁଞ୍ଚି ଫୋଡ଼ିହୋଇ ଯାଉଥିବାର ଯନ୍ତ୍ରଣା ଅନୁଭବ କରୁଥିଲା । ସେ ନିଜର ମୌନତା ଭଙ୍ଗକରି କ୍ରୋଧିତ ନାଗୁଣୀ ଭଳି ଲାଙ୍ଗୁଡ଼ ଅଗରେ ଛିଡ଼ା ହୋଇଯାଇ ଫଣା ଟେକିଲା । ଗର୍ଜିଉଠି କହିଲା – ମନେରଖ ଅବ୍‌ଦୁଲ ମିଆଁ ! ଆମ ବିବାହ ହେଉଛି ସ୍ୱର୍ଗୀୟ ଆଉ ଅନନ୍ତ ଜନ୍ମ ପର୍ଯ୍ୟନ୍ତ ସେହି ବନ୍ଧନ ଅତୁଟ ରହିବା ମଧ୍ୟ ନିଶ୍ଚିତ । ତୁମର ମନ୍ଦ ବ୍ୟବହାର କିମ୍ବା ମୁସ୍‌ଲିମ୍ ସମ୍ପ୍ରଦାୟର କଠୋର ନୀତି ନିୟମର ଭୟ ମଧ୍ୟ ଆମ ପବିତ୍ର ସମ୍ପର୍କକୁ ଲେଶ୍ ମାତ୍ର କଳଙ୍କିତ କରିପାରିବ ନାହିଁ । ସେ ତାକୁ ଆଖି ତରାଟି ଚାହିଁ ଗରଗର ହୋଇ ସେଠାରୁ ଅପସରି ଗଲା ।
ହଠାତ୍ ଝଡ଼ ପରବର୍ତ୍ତୀ ନିରବତା ଆଚ୍ଛନ୍ନ କରିଦେଲା ପରିବେଶକୁ । ସବ୍‌ନମ୍ ବିବିର ଦାମ୍ଭିକତାପୂର୍ଣ୍ଣ ଉକ୍ତି ଶୁଣି ବିବ୍ରତ ହୋଇ ଯାଇଥିଲା ଅବ୍‌ଦୁଲ୍ ମିଆଁ । କିଂକର୍ତ୍ତବ୍ୟବିମୂଢ଼ ପାଲଟି ଯାଇଥିଲା ସଲ୍‌ମାନ ସେ ଯେମିତି ଅଜଣା ଆତଙ୍କରେ ଆତଙ୍କିତ ହେଉଥିଲା ସେମିତି ଶିହରିତ ହେଉଥିଲା । ସବ୍‌ନମ୍‌ର ଦୁଃସାହସର ପରିଣାମ ଚିନ୍ତାକରି ।

କିନ୍ତୁ, ସମ୍ବେଦନଶୀଳ ପଣ୍ଡା ଗୋସାଇଁଙ୍କ ପଞ୍ଜରା ଥରାଇ ଦୀର୍ଘଶ୍ୱାସଟିଏ ବାହାରି ଆସିଲା । ବିଷର୍ଣ୍ଣ ଭାବରେ ସେ ଖାନ୍ ସାହେବଙ୍କୁ ଅନାଇ କହିଲେ- ଶୁଣନ୍ତୁ ଖାନ୍ ସାହେବ୍ ! ଦିନେ ଆମ ହିନ୍ଦୁ ସମ୍ପ୍ରଦାୟରେ ମଧ୍ୟ ଅଜ୍ଞତା ଓ ରୁଢ଼ିବାଦୀ ଚିନ୍ତାଧାରା ଯୋଗୁଁ, ନରବଳି, ସତୀଦାହ, ବାଲ୍ୟବିବାହ ଇତ୍ୟାଦି ଅନେକ କୁସଂସ୍କାର ଭରି ରହିଥିଲା କିନ୍ତୁ ସମୟ ସହିତ ତାଳଦେଇ ଏବଂ ଉପଯୁକ୍ତ ଶିକ୍ଷା ଓ ସଚେତନତା ଦ୍ୱାରା ଏବେ ସେଗୁଡ଼ିକୁ ଉଚ୍ଛେଦ କରିଦିଆଗଲାଣି । ପରିବର୍ତ୍ତନ ବା ସଂସ୍କାର ତ ହେଉଛି କେବଳ ଏକ ଜନ ମଙ୍ଗଳକାରୀ ପଦକ୍ଷେପ । ଆଉ ଯୁଗ ଅନୁସାରେ ପୁରାତନ ନୀତି ନିୟମ ଅନ୍ଧବିଶ୍ୱାସର ପରିବର୍ତ୍ତନ ମଧ୍ୟ କରାଯାଇଥାଏ । ଅଥଚ୍ ଭାରତ ଭଳି ଏକ ଶିକ୍ଷିତ, ଗଣତାନ୍ତ୍ରିକ ଓ ପ୍ରଗତିଶୀଳ ଦେଶରେ କାହିଁ କେଉଁ କାଳରୁ ଆପଣମାନେ ବସବାସ କରୁଥିଲେ ମଧ୍ୟ ଏହିପରି ମହିଳା ମାନଙ୍କ ମାନବିକ ଅଧିକାର ହନନ ହେବା ଭଳି କୁସଂସ୍କାରକୁ ଯାବତ୍ ବିନାଶ କରିପାରୁନାହାଁନ୍ତି କିପରି ?

ମୁହଁରେ ଦାର୍ଶନିକ ସୁଲ୍ଲଭ ସ୍ମିତହାସ୍ୟ ଖେଳାଇ ପ୍ରତ୍ୟୁତ୍ତର ଦେଲେ ଖାନ୍ ସାହେବ – ଆମ ଚାହିଁବା ନଚାହିଁବାରେ କଣ ଦୁନିଆଁ ଚାଲିଛି ! ତେବେ ଉକ୍ତ ପ୍ରଥାର ଅପ୍ରାସଙ୍ଗିକତାକୁ ହୃଦ୍‌ବୋଧ କରି ଇତି ମଧ୍ୟରେ ପାକିସ୍ଥାନ, ବାଂଲାଦେଶଠାରୁ ଆରମ୍ଭ କରି ସାଇପ୍ରସ୍ ତୁର୍କି ଭଳି ବାଇଶଟି ମୁସଲମାନ ବହୁଳ ଦେଶ ଏହି ପ୍ରଥାକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ରଦ୍ଦ କରି ସାରିଲେଣି । ଏପରିକି ବର୍ତ୍ତମାନ ଭାରତରେ ମଧ୍ୟ ଉଚ୍ଚନ୍ୟାଳୟ ଏହି ପରମ୍ପରାକୁ ଏକ ଅବୈଧ, ଅମାନବିକ ପ୍ରଥା କହି ବେଆଇନ ଘୋଷଣା କରି ସାରିଲେଣି । ଅଥଚ୍ ଏଠାକାର ରକ୍ଷଣଶୀଳ ଲୋକ ମାନଙ୍କ ପ୍ରଭାବ ଏବଂ ମନମୁଖି କାର୍ଯ୍ୟଯୋଗୁଁ ଏହି ପ୍ରଥା ଏବେବି ବଳବତ୍ତର ରହିଛି । ଦେଖାଯାଉ ଆଗକୁ କ'ଣ ହେବ ତାହା ଭବିଷ୍ୟତ ହିଁ କହିବ ।

ଛାଡ଼ନ୍ତୁ ସେ ଭବିଷ୍ୟତ କଥା ! ଜଣେ ଜ୍ଞାନୀ, ଗୁଣି, ନୀତିନିଷ୍ଠ ବ୍ୟକ୍ତି । ଆପଣ ତ ଜାଣନ୍ତି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁଠାରୁ ବଡ଼ ଧର୍ମ ହେଉଛି ମାନବିକତା । ଆଉ ସେହି ମାନବିକତା ଦୃଷ୍ଟିରୁ ଆପଣ ଏପରି କିଛି ନିରପେକ୍ଷ ବିଚାର କରନ୍ତୁ ଯେପରି ଏହି ଜଟିଳ ସମସ୍ୟାର ସରଳ ସମାଧାନଟିଏ ବାହାରି ପାରିବ ଆଉ ସେମାନଙ୍କ ଜୀବନ ଆକାଶରୁ ଏହି କଳା ବାଦଲ ଅପସରି ଯିବ ।

ଅଚାନକ ଖାନ୍ ସାହେବ୍‌ଙ୍କ ମୁଖମଣ୍ଡଳ ଗମ୍ଭୀର ହୋଇଗଲା । ତାଙ୍କ ଚାହାଁଣୀରେ ଫୁଟି ଉଠୁଥିଲା । ନିଜ ଧର୍ମ, ନିଜ ପ୍ରଥା, ପରମ୍ପରା ପ୍ରତି ଥିବା ମେଞ୍ଚା ମେଞ୍ଚା ଭୟ । ସେ କ୍ଷୋଭ ପ୍ରକାଶ କରି କହିଲେ – ଦେଖନ୍ତୁ ଗୋସାଇଁ ଆପଣ ଯେ ପର ଦୁଃଖରେ କାତର ହୋଇ ଏପରି ଅନୁରୋଧ କରୁଛନ୍ତି ତାହା ମୁଁ ବୁଝିପାରୁଛି । ତେବେ ସଲମାନ ତଲାକ୍ ଦେବା ଘଟଣାଟି ଏବେ ଆମ ସାରା ବସ୍ତିରେ ପ୍ରଘଟ ହୋଇ ସାରିଲାଣି । ତୁଣ୍ଡ ବାଇଦ ଇତି ମଧ୍ୟରେ ଆହୁରି କେତେ ଦୂରକୁ ଉକ୍ତ ତିଳ ପ୍ରମାଣ କଥାକୁ ତାଳ ପରି ପ୍ରଚାର ମଧ୍ୟ କରିସାରିଥିବଣି । ସୁତରାଂ ଚେଇଁଶୋଇବା ଆଉ ମୋ ପକ୍ଷେ ସମ୍ଭବ ନୁହେଁ । ସେପରି କଲେ ତାହା ଆମ ସମ୍ପ୍ରଦାୟର ଲୋକଙ୍କ ଚକ୍ଷୁରେ ଏବଂ ଆମ ଧର୍ମ ଅନୁସାରେ ନିନ୍ଦନୀୟ କାର୍ଯ୍ୟହେବ । ତେବେ ମାନିବିକତା ଦୃଷ୍ଟିରୁ ମୁଁ ଏତିକି କହିପାରେ ଯେ, ସବ୍‌ନମ୍ ବିବି ପରିବର୍ତ୍ତେ ସଲ୍‌ମାନ ଯଦି ଅନ୍ୟତ୍ର ଯାଇ ରହିବାକୁ ରାଜି ହୁଅନ୍ତି ତେବେ କେହି ଆଉ କୌଣସି ଆପତ୍ତି ଅଭିଯୋଗ କରିପାରିବେ ନାହିଁ ।
ତାଙ୍କ ମହାନୁଭବତା ନିକଟରେ ନତମସ୍ତକ ହୋଇଗଲା ସଲ୍‌ମାନ ଏବଂ ତାଙ୍କ ବାକ୍ୟକୁ ଶିରୋଧାର୍ଯ୍ୟ ମନେକରି ସେ ତତ୍‌କ୍ଷଣାତ୍ ଘର ଭିତରକୁ ପ୍ରବେଶ କରି ନିଜର ଅତ୍ୟାବଶ୍ୟକୀୟ ପଦାର୍ଥ କିଛି ତା ସାଇକେଲରେ ଲଦି ଚାଲିଯିବାକୁ ବାହାରିଲା । ଚକ୍ଷୁରୁ ତା'ର ଅବିଶ୍ରାନ୍ତ ଅଶ୍ରୁ ଝରି ଗଣ୍ଡଯୁଗଳକୁ ସିକ୍ତ କରି ଦେଉଥିଲା ।

ପତିର ଅନୁଗମନ କରି ଦାଣ୍ଡ ଦୁଆର ପର୍ଯ୍ୟନ୍ତ ଧାଇଁ ଆସିଲା ସବ୍‌ନମ୍ ବିବି। ଆଖିରୁ ତାର ଲୁହ ନୁହେଁ ସତେ ଲହୁ ଝରି ପଡୁଥିଲା। ବସ୍ତିର ମହିଳା ମାନେ ସବ୍‌ନମ୍ ବିବିକୁ ସାନ୍ତ୍ୱନା ଦେବାବେଳେ, ଆତ୍ମୀୟ ମାନେ ରାସ୍ତାର ଦୋଛକି ପର୍ଯ୍ୟନ୍ତ ବଳେଇ ଦବାକୁ ଚାଲିଗଲେ। ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଥିଲା। ତାହା ଦେଖି ମନେ ହେଉଥିଲା ସତେ ଯେମିତି ସେମାନଙ୍କ ବିରହ ବେଦନାରେ ଦୁଃଖିତ ହୋଇ ପ୍ରକୃତି ମଧ ଲୋତକ ଢାଳୁଛି। କିଛି ସମୟ ସେଠାରେ କଂସାରୀ ଘରର ପାରା ପରି କୁଳା ଢାଉଁ ଢାଉଁ କରି ଯିଏ ଯାହା ବାଟରେ ଚାଲିଗଲେ। ଆଉ ନିଜ ସଂସ୍କୃତି ଓ ପରମ୍ପରାର ଏରୁଣ୍ଡିବନ୍ଧକୁ କେବେ ଡେଇଁନଥିବା ସରଳା, ନିରୀହା, ଶ୍ରୀଅକ୍ଷର ବିବର୍ଜିତା, ଅବଗୁଣ୍ଠନବତୀ ସବ୍‌ନମ୍ ନାମରେ ଚାଲିଥିବା ସେହି ଧର୍ମାନ୍ଧତା ନିକଟରେ ବଳି ଚଢ଼ିଯାଇ ଭୋଭୋ ହୋଇ କାନ୍ଦି ଉଠିଲା।

ଫେରିଯିବା ନିମନ୍ତେ ପାଦ ବଢ଼ାଇଥିବା ପଣ୍ଡା ମଉସାଙ୍କ ପାଦ ଆପେ ଆପେ ଅଟକି ଗଲା ତା'ର ସେଇ ଅସହାୟ ଅବସ୍ଥାଦେଖି। ତାକୁ ପ୍ରବୋଧନା ଦେଇ କହିଲେ- ଯା'ରେ ମା, ଘରକୁ ଯା। 'ଶ୍ରୋତା ବକତା କେହି ନାହିଁ ରୋଦନକରୁ କାହିଁ ପାଇଁ। ଖୁଦାଙ୍କ ଉପରେ ଭରସା ରଖ। ତାଙ୍କରି ପାଦରେ ସମର୍ପିତ ହୋଇ ଭକ୍ତି ସହକାରେ ପ୍ରାର୍ଥନା କର। ଜାଣିଛୁ ତ; ସେ ଯାହା ଦେବାକୁ ଚାହିଁବେ ତାହା ନଡ଼ିଆ ଭିତରକୁ ପାଣି ଆସିଲା ପରି ନିଶ୍ଚୟ ଆସିବ। ଆଉ ଯଦି ଯିବାର ଥିବ ତାହା ହାତୀ ଖାଇଥିବା କଇଥ ଭିତରୁ ରସ ବାହାରିଯିବା ପରି ନିଶ୍ଚୟ ଚାଲିଯିବ। ସବୁ ସେଇ ଲୀଳାମୟଙ୍କ ଲୀଳାରେ ମା'। ତେବେ ତୁ ଚିନ୍ତା କରନି। ତୋ ବିପଦ ଆପଦରେ ଏ ପଣ୍ଡା ମଉସା ନିଶ୍ଚୟ ସହାୟତାର ହାତ ବଢ଼ାଇଦେବ।

ପିତୃସମ ପଣ୍ଡା ଗୋସାଇଁଙ୍କ ସାନ୍ତ୍ୱନା ବାଣୀରେ କିଛି ମାତ୍ରାରେ ଆଶ୍ୱସ୍ତି ଅନୁଭବ କଲା ସବ୍‌ନମ୍। ଅଚାନକ ରାତ୍ରିର ଅନ୍ଧକାରକୁ ଭେଦ କରି କେଉଁ ଅଶାନ୍ତ ପକ୍ଷୀର ସ୍ୱର ଭାସି ଆସିଲା କାହିଁ କେଉଁ ଦୂରଦୁରାନ୍ତରର। ଭୟରେ ଶିହରୀ ଉଠି ଘର ଭିତରକୁ ଯାଇ କବାଟ ବନ୍ଦ କରିଦେଲା ସବ୍‌ନମ୍। ତା'ର ମନେ ହେଉଥିଲା। ସତେ ଅବା ଚଢ଼େଇଟି ତାକୁ ଏକ ସଂଘର୍ଷମୟ ଜୀବନର ସୁଚନା ଦେଇଗଲା।

କୌଣସି ସୁତ୍ରରୁ ଖବର ପାଇ ରାତ୍ରି ପାହୁପାହୁ ତା'ଘରେ ପହଁଞ୍ଚିଗଲେ ଜନୈକ ସମାଜ ସେବୀ ହସିନା ବେଗମ୍। ଗରିବ, ଅସହାୟ ମହିଳା ତଥା ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ସେ ଥିଲେ ଏକ ଅନିର୍ବାର ଦୀପଶିଖା। ଦରଦୀ ତଥା ନିର୍ଭୀକ ବ୍ୟକ୍ତିତ୍ୱ। ତିନି ତଲାକ ପ୍ରଥାର ଅପବ୍ୟବହାର ବିରୋଧରେ ଲଢ଼େଇ କରିବା ପାଇଁ ସେ ସବ୍‌ନମ୍ ପ୍ରବର୍ତ୍ତାଇ କହିଲେ – ଦେଖ ସବ୍‌ନମ୍! ହନିଫ୍‌ମାନେ କେଉଁ ମହତ୍ ଉଦ୍ଦେଶ୍ୟରେ ଉକ୍ତ 'ତହ୍ଲାଲ୍ ତଲାକ୍' ଓ 'ହଲାଲ' ପରି ପ୍ରଥା ପ୍ରଚଳିତ କରିଥିଲେ ତାହା ମା' ଗଙ୍ଗେଇଙ୍କୁ ଜଣା କିନ୍ତୁ ଆମ ଉଦାରପନ୍ଥୀ ଧର୍ମଗୁରୁ ମାନଙ୍କ ମତରେ ଉକ୍ତ ପରମ୍ପରାର ଉଲ୍ଲେଖ ମୁସ୍‌ଲିମ୍ ଆଇନ କୁରାନ୍ ଓ ଶରିଆର କୌଣସି ସ୍ଥାନରେ ନାହିଁ। ଏପରିକି ବିବାହ ଓ ବିବାହ ବିଚ୍ଛେଦ ବା ଛାଡ଼ପତ୍ର ଉଭୟ କ୍ଷେତ୍ରରେ ପତି-ପତ୍ନୀ ଉଭୟଙ୍କର ମତ ଦେବାର ସମାନ ଅଧିକାର ଥିବା କଥା ମଧ ସେମାନେ ଦର୍ଶାଇଛନ୍ତି। ମୋ ମତରେ ଏହା ଅନ୍ଧବିଶ୍ୱାସ ନୁହେଁ ବରଂ ପୁରୁଷକୈନ୍ଦ୍ରୀଙ୍କ ସମାଜର ଏକ କଳୁଷିତ, ସାମନ୍ତବାଦୀ ଓ ଦୁଃସ୍ଥ ଚିନ୍ତାଧାରା। ନାରୀମାନଙ୍କୁ ବିଭ୍ରାନ୍ତିକର ସମସ୍ୟାରେ ଛନ୍ଦିଦେଇ ଏବଂ ଧର୍ମର ଦ୍ୱାହି ଦେଇ କେତେ ଶଠ ବା ଖଳ ଲୋକ ବସ୍ତୁ, ଖେଳନା କଣ୍ଢେଇ ଓ ପଣ୍ୟଦ୍ରବ୍ୟ ବୋଲି ମନେ କରୁଛନ୍ତି। ଏବଂ ନିଜେ ସ୍ୱଚ୍ଛନ୍ଦରେ ରହିବାପାଇଁ ସେମାନେ ଏକତରଫା ଭାବରେ କିଏ ତୁଣ୍ଡରେ ଉଚ୍ଚାରଣ କରି ତ ଆଉ କିଏ ଫୋନ, ଇଂମେଲ ଏପରିକି ଡାକ ଜରିଆରେ ମଧ ଚିଠି ପଠାଇ 'ତହ୍ଲାଲ୍ ତଲାକ୍' ଦେଇ କ୍ଷଣକ ମଧରେ ନିର୍ଦ୍ଦେଶରେ ମଧ ନାରୀକୁ ଅଚଳ ସିକ୍କା ପରି ଫିଙ୍ଗିଦେଉଛନ୍ତି। ଏପରି ସ୍ଥିତିରେ କେବଳ ଯେ ମହିଳା ମାନଙ୍କର ଶାରୀରିକ ଓ ମାନସିକ କ୍ଷତି ହେଉଛି ସେକଥା ନୁହେଁ ବରଂ ସେମାନଙ୍କର ମାନ ସମ୍ମାନ ମଧ କ୍ଷୁର୍ଣ୍ଣ ହେଉଛି। ଏପରିକି ଏହା ଯୋଗୁଁ ସରଳ ନିରୀହ, ନିଷ୍ପାପ, ଶିଶୁମାନେ ମଧ ପିତାର ସ୍ନେହ ଓ ସମ୍ପତ୍ତିରୁ ବଞ୍ଚିତ ହେଉ ଥିବାରୁ ସେମାନଙ୍କର ଭବିଷ୍ୟତ ଅନ୍ଧକାରମୟ ହୋଇ ଯାଉଛି। ଏବେ ଉକ୍ତ 'ତହ୍ଲାଲ ତଲାକ' ରୋଗ ସଂକ୍ରମଣ ପରି ଭାବ ସଂକ୍ରମଣ ହୋଇ ମହାମାରୀର ରୂପ ଧାରଣ କଲାଣି। ତଥାପି ଏହି ପରିପ୍ରେକ୍ଷୀରେ ତଲାକ୍ ପୀଡ଼ିତା ନାରୀମାନେ ମଧ ସ୍ୱରଉତ୍ତୋଳ ନକରି ଭୀରୁ ପରି ପଛଘୁଞ୍ଚା ଦେଉଛନ୍ତି। ଏହିପରି ସଂକୀର୍ଣ୍ଣ ମନୋବୃତ୍ତି ପ୍ରଚେଷ୍ଟା ବିନା ନା'ତ ଆଇନର ପଞ୍ଝା ଶକ୍ତ ହୋଇ ପାରିବ ନା ନାରୀ ମାନଙ୍କୁ ନ୍ୟାୟ ମିଳି ପାରିବ ? ତେବେ ଅନ୍ୟାୟ କରିବା ଯେପରି ପାପ ସେହିପରି ଅନ୍ୟାୟକୁ ନିରବରେ ସମର୍ଥନ ଜଣାଇବା ବି ପାପ। ମନେରଖ; ସୂର୍ଯ୍ୟାସ୍ତ ପରେ ରାତ୍ରି ହୁଏ କିନ୍ତୁ ରାତ୍ରି ପାଇଁ ସୂର୍ଯ୍ୟାସ୍ତ ହୁଏନି। ଅତଏବ ସେହି ଅନ୍ଧାରର ଗହ୍ୱର ମଧରୁ ହିଁ ଆଲୋକର ସନ୍ଧାନ କରିବାକୁ ହେବ। ନିଜ ମୁକ୍ତିର ବାଟ ନିଜେ ହିଁ ଖୋଜିବାକୁ ପଡ଼ିବ। ଏବେ ନାରୀ ଆଉ ଅବଳା ଦୁର୍ବଳା ନୁହେଁ ସେ ହେଉଛି ଶକ୍ତି ସ୍ୱରୂପିଣୀ।

ତାଙ୍କ କଥାରେ ପ୍ରଭାବିତ ହୋଇଗଲା ସବ୍‌ନମ୍। ତା'ନିରାଶାପୂର୍ଣ୍ଣ ମୁଖମଣ୍ଡଳରେ ପୁଣି ବାଦଲ ଫାଙ୍କରୁ ସୂର୍ଯ୍ୟ ଉଙ୍କି ମାରିବା ପରି ଆଶର କିରଣ ଝଲସି ଉଠିଲା ଏବଂ ସେ ତିନି ତଲାକ୍ ବିରୋଧରେ ପ୍ରତିବାଦ କରି, ନିଜର ହକ୍ ଆଦାୟ ପାଇଁ ହସିନା ବେଗମ ପ୍ରସ୍ତୁତ କରିଥିବା ଅଭିଯୋଗ ପତ୍ରରେ ପ୍ରଥମେ ସ୍ୱାକ୍ଷର ପ୍ରଦାନ କରିଦେଲା। ଅଥଚ ସେହି ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ହିଁ ଶେଷରେ ତା'ପାଇଁ କାଳ ହେଲା। ପୂର୍ବରୁ କେବଳ ଅବଦୁଲ୍ ମିଆଁର ତା'ପ୍ରତି ଈର୍ଷାଅସୂୟା ଭାବ ଥିଲା କିନ୍ତୁ ଅନ୍ୟାନ୍ୟ ପଡ଼ୋଶୀ ଓ ସମ୍ପର୍କୀୟମାନେ ମଧ ତା' ପ୍ରତି ବିମୁଖ ହୋଇଗଲେ। ସେ ଧର୍ମର ଅବମାନନା ଓ ବିରୁଦ୍ଧାଚରଣ କରୁଥିବା ଦର୍ଶାଇ ତା'ସହିତ ବାର୍ତ୍ତାଳାପ, ଏପରିକି ତା'ଗୃହକୁ ଯାତାୟତ ମଧ ବନ୍ଦ କରିଦେଲେ ତତ୍ପରେ ନିଆଁପାଣି ବାସନ୍ଦ କରିବା ସହିତ ତାକୁ ଏକଘରିଆ କଲେ। ତଥାପି ବି ସେ ଅଭିଯୋଗ ପ୍ରତ୍ୟାହାର ନକରିବାରୁ ସେମାନେ ମା'ଝିଅ ଦୁହିଁଙ୍କୁ ଜୀବନରେ ମାରି ଦେବାର ଧମକ ମଧ ଦେଲେ। ତେଣୁ ଭୟଭୀତ ସବ୍‌ନମ୍ ପ୍ରଥମେ ପୁଲିସ ଥାନାରେ ଏବଂ ପରେ

ସରପଞ୍ଚଙ୍କଠାରେ ଆରମ୍ଭ କରି ସରକାରୀକଳ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ନିଜର ସୁରକ୍ଷା ନିମନ୍ତେ ପ୍ରାର୍ଥନା କଲା। କିନ୍ତୁ କେହି ମଧ କୌଣସି ପଦକ୍ଷେପ ନେଲେ ନାହିଁ।

ଯାହାଫଳରେ, ଏଣ୍ଡୁଅ ଦୌଡ଼ି ଦୌଡ଼ି ସିଝୁ ବୁଦା ପର୍ଯ୍ୟନ୍ତ ଯିବାପରି ସେ ସହାୟତାର ଆଶାରେ ଧାଇଁଲା ବାପଘରକୁ । ମୁଣ୍ଡ ଗୁଞ୍ଜିଲା ବୃଦ୍ଧ, ବେରୋଜଗାରିଆ ବାପକୁ ମିଳିଥିବା ଇନ୍ଦିରା ଆବାସରେ ତାକୁ ଦେଖୁ ଦେଖୁ ତା' ରୋଜଗାରିଆ ଭାଇ ମୁଣ୍ଡରେ ଯେମିତି ଚଡ଼କ ପଡ଼ିଲା। ଦିନେ ବୃଦ୍ଧ, ଅକର୍ମଣ୍ୟ ବାପକୁ ଯିଏ ଗଳଗ୍ରହ ମନେ କରୁଥିଲା ସିଏ ଏବେ ଭଉଣୀ ଓ ଭାଣିଜୀର ଭରଣ ପୋଷଣ ଦାୟିତ୍ୱ ମଧ ତା'ଉପରେ ପଡ଼ିବା ଭୟରେ ନିଜ ପତ୍ନୀକୁ ନେଇ ଅନ୍ୟତ୍ର ରହିଲା। ହେଲେ ମୁଣ୍ଡ ଗୁଞ୍ଜିବାକୁ ଛାତ ଆଉ ସାହାଭରସା ହେବାପାଇଁ ବାପର ଆଶୀର୍ବାଦର ହାତଟିଏ ପାଇ କିଛିମାତ୍ରାରେ ଆଶ୍ୱସ୍ତ ଅନୁଭବ କଲା ସବ୍‌ନମ୍। କିନ୍ତୁ ଅଳ୍ପଦିନ ମଧରେ ଆର୍ଥିକ ଦୁଃସ୍ଥିତି, ଶାରୀରିକ ଅସୁସ୍ଥତା ଓ ମାନସିକ ଦୁଃଶ୍ଚିତାର ସମ୍ମୁଖୀନ ହୋଇ ସେ ପତ୍ରଝଡ଼ା ବୃକ୍ଷ ପରି ଶ୍ରୀହିନ ଦେଖାଗଲା। ତଥାପି ଧୈର୍ଯ୍ୟହରା ନହୋଇ ଏହି ପରିସ୍ଥିତିକୁ ମଧ ଖୁଦାଙ୍କ ପରୀକ୍ଷା ମନେକରି ମନକୁ ଦୃଢ଼ କରି ଆଗକୁ ବଢ଼ିଲା। କାମର ଅନ୍ୱେଷଣ କଲା। ନିକଟସ୍ଥ ଆଭିଯାତ୍ୟ ଅଞ୍ଚଳର ପ୍ରାୟତଃ ମହିଳା। ପରାଙ୍ଗପୁଷ୍ଟ ଓ ନିଜର ଛୋଟ ଛୋଟ କାର୍ଯ୍ୟ ପାଇଁ ମଧ ପର ଉପରେ ନୀର୍ଭରଶୀଳ ହୋଇଥିବାରୁ, ତା'ପରି ଜଣେ ଅପାଠୋଇ ମହିଳାକୁ ଅଳ୍ପଦିନ ଭିତରରେ ବାସନ ମଜାଠାରୁ ଆରମ୍ଭ କରି ଦୁଇ, ତିନି ଜଣଙ୍କ ଘରେ ରୋଷେଇ କାମ ବି ମିଳିଗଲା । ପେଟ ଖଣ୍ଡକ ପାଇଁ ସେ ବାପ ନିକଟରେ ଝିଅକୁ ଛାଡ଼ି ଦିନସାରା ଲୋଟଣିପାରା ପରି ଖଟିଲା। ସେ ନିରଳସ ଓ ପରିଶ୍ରମୀ ଥିବାରୁ ନିଜ ଘର ଓ ଅନ୍ୟମାନଙ୍କ ଘରର କାର୍ଯ୍ୟକୁ ଯେପରି ଯଥାସମ୍ଭବ ନିପୁଣତାର ସହ ତୁଲାଇ ପାରୁଥିଲା ସେ ପର ତା'ର ଆମାୟିକ ବ୍ୟବହାର ଓ ନିରହଙ୍କାରୀ ସ୍ୱଭାବ ଯୋଗୁଁ ସମସ୍ତଙ୍କର ପ୍ରିୟପାତ୍ରୀ ବି ହୋଇଗଲା। ଜୀବନର ଦିଶା ପୁଣି ବଦଳିଗଲା ସବ୍‌ନମ୍ ପାଇଁ।

ରେଳଗାଡ଼ି ପରି ଦ୍ରୁତ ଗତିରେ ଗଡ଼ିଗଲା ସମୟ। ବିତିଗଲା ସୁଦୀର୍ଘ ଷୋହଳ ବର୍ଷ। ଆଉ ଏଇ ବ୍ୟବଧାନ ମଧରେ ବୃଦ୍ଧ ବାପର ନିଧନ ହୋଇଯାଇଥିଲା ବେଳେ, 'ତିନି ତଲାକ' ବିରୋଧରେ ସଂଘର୍ଷ ଆରମ୍ଭ କରିଥିବା ନାରୀମାନଙ୍କ ମଧରୁ ଅନେକ ମରିହଜି ଭୂତ ପାଲଟି ଗଲେଣି ବଞ୍ଚିଥିବା ମହିଳା ମାନଙ୍କ ମଧରୁ ବି ପ୍ରାୟତଃ ନ୍ୟାୟପାଇବା ଆଶା ଆକାଶ କଇଁଚ ଚିଲିକା ମାଛ ସଦୃଶ ଅପହଞ୍ଚ ମନେକରି ଆପେ ଅପେ ଆନ୍ଦୋଳନରୁ ଦୂରେଇ ଗଲେଣି। ସେଦିନର କୁନିଝିଅ ଏବେ ହାଇସ୍କୁଲ ପାଠ ସମାପ୍ତ କରି ନିଜର କୌଳିକବୃତ୍ତି ଦରଜୀ କାମକୁ ଆପଣେଇ ନେଲାଣି। ତେବେ ଇତିମଧରେ ମହାକାଳର ସିଦ୍ଧାନ୍ତ ସବ୍‌ନମ୍ କୁ ବାରମ୍ବାର ଆଘାତ ଦେଇଛି। ବିଧିର ବିଧାନ ସବୁବେଳେ ପ୍ରତିକୂଳ ହୋଇଛି। ଖାଦ୍ୟ, ବସ୍ତ୍ର ଓ ବାସଗୃହ ପାଇଁ ଘୋର ସଂଘର୍ଷ କରିବାକୁ ପଡ଼ିଛି ତାକୁ। ତଥାପି ନିଜ ଲକ୍ଷ୍ୟ ପଥରୁ ସେ ଓହରି ଯାଇନି। ନିଜ ମନର କେଉଁ କୋଣରେ ଦିକିଦିକି ହୋଇ ଜଳୁଥିବା କ୍ଷୀଣ ଆଶାଟିକକୁ ସମ୍ବଳକରି ସେ ଧର୍ମର ଜୟ ଓ ପାପର କ୍ଷୟ ପାଇଁ ନିତିଦିନ ଖୁଦାଙ୍କ ନିକଟରେ ପ୍ରାର୍ଥନା କରିଛି।

ପ୍ରତିଦିନ ପରି ସେଦିନ ମଧ ଅତିପ୍ରତ୍ୟୁଷରୁ ସବ୍‌ନମ୍ ମୁଦ୍ରିତ ନୟନରେ ଖୁଦାଙ୍କୁ ଧାନ କରୁଥିବାବେଳେ ଏକ ଦିବ୍ୟ ଆନନ୍ଦରେ ହଜି ଯାଇଥିଲା। ହଠାତ୍ ଅନତି ଦୂରରୁ ଭାସି ଆସିଲା ମୁସ୍‌ଲିମ୍ ଧର୍ମଗୁରୁ ମୌଲବୀଙ୍କ ସୁଲଳିତ କଣ୍ଠର 'ଆଲ୍ଲା ହୁ ଅକବର'ର ଅପୂର୍ବ ଧ୍ୱନି। ସତେ ଅବା ସେହି ଧ୍ୱନି ତରଙ୍ଗରେ ସଞ୍ଚରି ଯାଉଥିଲା ଖୁଦାଙ୍କ ଅପାର କରୁଣାର ଅମୃତ ବାଣୀ। ମନେ ହେଉଥିଲା ସ୍ୱୟଂ ଖୁଦା ଦଣ୍ଡାୟମାନ ହୋଇଛନ୍ତି ତା' ସମ୍ମୁଖରେ। ଅପୂର୍ବ ଶିହରଣ ଖେଳି ଯାଉଥିଲା। ତା' ତନୁ ମନରେ। ଅଥଚ୍ ନେତ୍ର ଖୋଲି ସେ ଚାହିଁ ଦେଖିବା ବେଳକୁ ଦେବଦୂତ ପରି ପ୍ରଫୁଲ୍ଲ ବଦନରେ ଛିଡ଼ା ହୋଇଥିଲେ ସମାଜ ସେବୀ ହସିନା ବେଗମ୍। ତାକୁ ଲକ୍ଷ୍ୟ କରି ସେ ହସି ହସି କହିଲେ-ଶୁଣ ସବ୍‌ନମ୍! ତୁମର ସାହସିକତା ଓ ଦୃଢ଼ମନୋବଳ ହେଉଛି ଏପରି ଏକ ଦୁର୍ଜୟ ଶକ୍ତି, ଯାହାର ବଳରେ ତୁମେ ତୁମ ନିଜ ହକ୍ ଆଦାୟ କରିବା ସହିତ ଅନ୍ୟ ତଲାକ୍ ପୀଡ଼ିତା ନାରୀ ମାନଙ୍କର ମଧ କଲ୍ୟାଣ କରି ପାରିଲ। ଦୀର୍ଘ ବର୍ଷଧରି ଶୀତଳ ଭଣ୍ଡାରରେ ପଡ଼ିରହିଥିବା ତିନି ତଲାକ୍‌ର ଅଭିଯୋଗ ପତ୍ର ପୁନଶ୍ଚ ମହାମହିମ ସର୍ବୋଚ୍ଚ ନ୍ୟାୟଳୟର ନ୍ୟାୟବନ୍ତ ନ୍ୟାୟକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କଲା ଏବଂ ନ୍ୟାୟାଧୀଶ ତୁମେ ପତିଙ୍କ ସହିତ ନ୍ୟାୟତଃ ଏକତ୍ର ରହିବାର ହକ୍‌ଦାର ବୋଲି ଦର୍ଶାଇବା ସହିତ ତିନି ତଲାକ୍ ବ୍ୟବସ୍ଥାକୁ ଏକ ଧର୍ତ୍ତବ୍ୟ ଏବଂ ଜାମିନ ବିହୀନ ଅପରାଧ ବୋଲି ଘୋଷଣା କରିଛନ୍ତି। ତିନିଥର ତଲାକ୍ ଉଚ୍ଚାରଣ କରି ବୈବାହିକ ସମ୍ବନ୍ଧ ଛିନ୍ନ କରୁଥିବା ବ୍ୟକ୍ତିକୁ ଅତିକମ୍‌ରେ ତିନିବର୍ଷ କାରାଦଣ୍ଡ ଓ ଜୋରିମାନା ଦେବାର ନିୟମ କରାଯାଇଛି। ଏପରିକି ଉକ୍ତ ଆଇନ ପ୍ରଣୟନ ପରେ ତଲାକ୍ ପୀଡ଼ିତା ମାନେ ନିଜର ଓ ନିଜ ସନ୍ତାନଙ୍କ ଭରଣପୋଷଣ ନିମନ୍ତେ ତାଙ୍କ ସ୍ୱାମୀକୁ ଅର୍ଥ ମଧ ଦାବି କରି ପାରିବେ। ଦେଖିଲ ତ; "ମୁଖ ନ ଫିଟିଲେ ଦୁଃଖ ନଯାଏ" ର ଏକ ଜ୍ୱଳନ୍ତ ପ୍ରମାଣ।

ବୁଦ୍ଧିଜୀବୀ ମାନଙ୍କର ମନ୍ତବ୍ୟ ଥିଲା – ବିଳମ୍ବିତ ନ୍ୟାୟ ନୁହେଁ ଏହା ଅନ୍ୟାୟ ସହିତ ସମାନ। କିନ୍ତୁ ବିଳମ୍ବରେ ହେଉ ପଛେ ନ୍ୟାୟ ପାଉଥିବାରୁ ଖୁସିରେ ସବ୍‌ନମ୍‌ର ଗୋଡ଼ ତଳେ ଲାଗୁନଥିଲା। ମନରେ ସତେ କି ଡେଣା ଲାଗିଯାଇଥିଲା। ନିଜ ପତି, ନିଜ ଘର, ନିଜ ସଂସାରର ସୁଖସ୍ୱପ୍ନରେ ସେ ବିଭୋର ହୋଇ ପଡ଼ିଥିଲା। ଆଜି ଆଖିରେ ତା'ର ନୂଆ ସମ୍ଭାବନାର ସୂର୍ଯ୍ୟ ଓ ଓଠରେ ଫୁଟି ଉଠୁଥିଲା ଆତ୍ମସନ୍ତୋଷ ଓ ପରିତୃପ୍ତିର ହସ।

ମାର୍ଫତ୍ – ଶ୍ରୀ କିଶୋର ଚନ୍ଦ୍ର ନନ୍ଦ
ଡି/୩୦୬, କୋଏଲ ନଗର, ରାଉରକେଲା – ୧୪
ମୋ:୭୯୭୮୮୦୪୦୨୩

# 'ଟିର୍ତ୍ତୋଲ ଆଉ କ'ଣ ଥିବ'

ରତ୍ନପ୍ରଭା ବାଇ



(ଅକ୍ଟୋବର ୨୯-୧୯୯୯ ମସିହା, ଶୁକ୍ରବାର ଓଡ଼ିଶାରେ ପ୍ରଳୟଙ୍କରୀ ମହାବାତ୍ୟା ସଂପର୍କରେ ଲିଖିତ)

ଅକ୍ଟୋବର-୨୭-୧୯୯୯, ବୁଧବାର ଦିନ, ମୋର ବଡ଼ଝିଅ 'ଲୀନା', ପ୍ରଥମ ଥର ପାଇଁ ଲେଉଟିଯିବ ଶାଶୁଘର ଟିର୍ତ୍ତୋଲକୁ, ସେଥିପାଇଁ ଲେଟାଣିଭାର ଯୋଗାଡ଼ କରିବାରେ ବ୍ୟସ୍ତ ଥିବାରୁ ମୁଁ, ରବିବାର, ସୋମବାର, ମଙ୍ଗଳବାର, ତିନିଦିନ ପର୍ଯ୍ୟନ୍ତ ଓଡ଼ିଆ ସମାଚାର ଦେଖି ପାରି ନଥିଲି । ହିନ୍ଦୀ ସମାଚାର ଦେଖିବା ମଧ ମୋ' ପକ୍ଷରେ ସମ୍ଭବ ନଥିଲା, କାରଣ, ଆମର ଏଇ ତାଳଚେର ବଉଳଛକର ତିନି ଚାରଟି ୱାର୍ଡ଼ରେ ପ୍ରତିବର୍ଷ କୁମାର ଉତ୍ସବ ପାଳିତ ହେଉ ଥିବାରୁ ନିମନ୍ତ୍ରଣ ରକ୍ଷାକରି ବିଭିନ୍ନ ପ୍ରତି ଯୋଗିତାରେ ବିଚାରକ ଭାବେ ମତେ ଉପସ୍ଥିତ ରହିବାକୁ ପଡ଼େ । ଏହି କାର୍ଯ୍ୟ ବ୍ୟସ୍ତତା ଭିତରେ ବୁଡ଼ି ରହି ଘରକୁ ଆସୁଥିବା ସଂବାଦ ପତ୍ର, ସଂବାଦ ମଧ ପଢ଼ି ପାରି ନଥିଲି । ବଡ଼ଝିଅ 'ଲୀନା' କି ସାନଝିଅ ସୀମା କେହି ମଧ ସମାଚାର ଶୁଣି ନଥିଲେ ।

କାରଣ, ସେ ଶାଶୁଘର ଯିବ ବୋଲି ତିନି ଦିନ ପୂର୍ବରୁ ଦୁଇ ଭଉଣୀ ମିଶି ସଂଧ୍ୟାବେଳକୁ ମାର୍କେଟିଂ କରିବାକୁ ଚାଲି ଯାଆନ୍ତି, ବଡ଼ ପୁଅ ମନୋରଞ୍ଜନ, ଦୋକାନରୁ ଫେରିଲା ବେଳକୁ ରାତି ନ ଟା, ଦଶଟା ହୋଇଯାଏ । ତେଣୁ ଏଭଳି ପ୍ରଳୟ ଆଗକୁ ଆସୁଛି ବୋଲି ଜାଣିଥିଲେ କ'ଣ ମୋର ବଡ଼ଝିଅ 'ଲୀନା' ବାତ୍ୟାଞ୍ଚଳ ଟିର୍ତ୍ତୋଲକୁ ଛାଡ଼ି ଥାଆନ୍ତି । ମହାବାତ୍ୟାର ତାଣ୍ଡବ ଲୀଳା ସଂପର୍କରେ ଆମେ କେହି ଜଣେ ହେଲେ ସୁଚନା ପାଇ ନଥିଲୁ । ଯଦିଓ ସାମାନ୍ୟ କିଛି ଜାଣିଥିଲୁ ସେ କଥାକୁ ସାଧାରଣ ବୋଲି ମନେ କରିଥିଲୁ ।
ସେ, ଦିନ ବୁଧବାର ଥାଏ ଝିଅ ଯିବ ବୋଲି, ଦିନ ଏଗାରଟା ସମୟକୁ ଗାଡ଼ି ଆସି ଲାଗିଲା ଦୁଆର ମୁହଁରେ, ଯିବା ପୂର୍ବରୁ 'ଲୀନା', ସାଇ ପଡ଼ିଶାଙ୍କୁ ମୁଣ୍ଡିଆ ମାରି ଆସିଲା । ଗହଣା ଗଣ୍ଠି, ନୂଆ ଲୁଗା ପିନ୍ଧି ଝିଅ ମୋର ଠିକ୍ ଦେବୀ ପ୍ରତିମାଟି ପରି ଦେଖା ଯାଉଥାଏ । ମତେ ତା'ର ବାପାଙ୍କୁ ମୁଣ୍ଡିଆ ମାରି ଗାଡ଼ିରେ ବସିଲା ବେଳକୁ ତା'ର ଆଖିରୁ ଲୁହ ଝରିଯାଉଥାଏ । ଝିଅକୁ ଛାଡ଼ିବାକୁ ଗଲେ ତା'ର ବଡ଼ବାପା, ବଡ଼ମାମୁଁ, ସେଦିନ ଝିଅକୁ ଶାଶୁଘରେ ଛାଡ଼ି ରାତି ବାରଟା ସମୟକୁ ସେମାନେ ଘରକୁ ଫେରିଲେ ।

ତା-୨୮-୧୦-୯୯ ରିଖ ଗୁରୁବାର ଦିନ ସନ୍ଧ୍ୟା ସାତଟା ସମୟରେ ଯେତେବେଳେ ମୁଁ, ଓଡ଼ିଆ ସମାଚାର ଦେଖେ , ସେତିକିବେଳେ ସୁଚନା ମିଳିଲା ଝଡ଼ ବାତ୍ୟା ସଂପର୍କରେ । ଝିଅକୁ ଶାଶୁଘରକୁ ପଠାଇ ଦେଇଥିବାରୁ, ଆମେ ସାରା ପରିବାର ବ୍ୟସ୍ତ ହୋଇ ପଡ଼ିଲୁ, ଯଦିଓ ଉପାୟ ନଥିଲା । ଶୁକ୍ରବାର ତା-୨୯-୧୦-୯୯ ରିଖ ଦିନ ପ୍ରବଳ ଝଡ଼ବାତ୍ୟା ଦେଖି, ଝିଅ ଚିନ୍ତାରେ ଆମେ ଭାଙ୍ଗି ପଡ଼ିଲୁ ।

ଦୁଇ ଦିନ ପରେ ବର୍ଷା ଛାଡ଼ିଗଲା । ଲୋକଙ୍କ ମୁହଁରୁ ଶୁଣିବାକୁ ପାଇଲୁ, ପାରାଦୀପ, କୁଜଙ୍ଗ, ଜଗତ୍‌ସିଂହପୁର, କଟକ, କେନ୍ଦ୍ରାପଡ଼ା, ପୁରୀ, ଭୁବନେଶ୍ୱର କଟକ, ଭଦ୍ରକ, ବାଲେଶ୍ୱର ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବିଶେଷ କରି ଟିର୍ତ୍ତୋଲ ପାଖ ଏରସମା, ଷଣ୍ଢକୁଦା, ଅଞ୍ଚଳରେ ସର୍ବାଧିକ କ୍ଷୟକ୍ଷତି ଘଟିଛି । ପ୍ରତ୍ୟେକ ଜିଲ୍ଲାର ଘରଦ୍ୱାର ଭାଙ୍ଗି, ଗୋରୁ, ଗାଈ, ମଣିଷ ସବୁ ଭାସି ଯାଇଛନ୍ତି । ଘରଦ୍ୱାର ଚିହ୍ନବର୍ଣ୍ଣ ନାହିଁ ଠାଏ ଠାଏ । ଯେଉଁମାନେ ରିଲିଫ୍ ସାମଗ୍ରି ନେଇ ସୋମବାର ଦିନ ବାତ୍ୟାଞ୍ଚଳକୁ ଯାଇଥିଲେ । ଯାହା ଦେଖି ଆସି ବର୍ଣ୍ଣନା କଲେ, ଶୁଣିବାକୁ ଆମର ଧର୍ଯ୍ୟ ନଥିଲା । ଆମେ ସାରା ପରିବାର ଅଧର୍ଯ୍ୟ ହୋଇ କାନ୍ଦି ଉଠିଲୁ । ଯାହା କି ଝିଅ ବାହାଘର ବେଳେ ଆମକୁ ଏତେ କଷ୍ଟ ହୋଇ ନଥିଲା । ଝଡ଼ ବାତ୍ୟାରେ ବିଦ୍ୟୁତ୍ୟ ଖୁଣ୍ଟି ଉପୁଡ଼ି ପଡ଼ିବା ଫଳରେ ଫୋନ୍ ଲାଇନ୍ କଟି ଯାଇଥିବାରୁ କିଛି ଖବର ବୁଝି ହେଉ ନଥାଏ । ସମାଚାରରେ ପ୍ରଳୟର ଭୟାବହତା ରୂପ ଦେଖି 'ଲୀନା' ବଞ୍ଚିଛି ବୋଲି ଆମର ବିଶ୍ୱାସ ହେଉ ନଥାଏ ।

ଫେବୃୟାରୀ - ତା-୨୩-୧୯୯୯ ରିଖ ଫଗୁଣ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ତା'ର ବିବାହ ହୋଇଥିଲା । ଟିର୍ତ୍ତୋଲ, ମରିଜଙ୍ଗା ଥାନାଗଡ଼ା ନିବାସି ଶରତ ନାୟକଙ୍କ ବଡ଼ପୁଅ ସରୋଜ ଙ୍କ ସହିତ । ବର୍ଷେ ଗୋଟାଏ ହୋଇନି, ଏଭଳି ଝଡ଼ବାତ୍ୟାର ସମ୍ମୁଖୀନ ହୋଇ ମୋ, ଝିଅ ନଥିବ ଭାବି, ମୁଁ, ଯେତିକି ଅଧର୍ଯ୍ୟ ହୋଇ ପଡୁଥିଲି । ତା'ର ବାପା ସେତିକି ପାଗଳ ପ୍ରାୟ ହୋଇ ଯାଉଥାନ୍ତି । ଭାଇ ଭଉଣୀ ତିନିଜଣ ଯାକ ଖିଆପିଆ ଭୁଲି କାନ୍ଦୁ ଥାଆନ୍ତି । ଘର, ରୋଷେଇ ଓ ଅନ୍ୟ ପିଲା ମାନଙ୍କ କଥା ଭୁଲି, ମୁଁ, କେବଳ ଠାକୁର ଘରେ ବସି ଆକୁଳ ଚିତ୍ତରେ ପ୍ରାର୍ଥନା କରୁଥାଏ ଦେବା ଦେବୀଙ୍କ ଉଦ୍ଦେଶ୍ୟରେ ।

ଦୁଇ ଦିନ ପରେ ରାସ୍ତାଘାଟରେ ଭାଙ୍ଗି ପଡ଼ିଥିବା କିଛି ଗଛ ଉଠିଗଲା ପରେ ଗାଡ଼ିଟିଏ ରିଜର୍ଭ କରି ମୋର ପୁତୁରା ମୁନ୍ନା, ତା'ର ସାଙ୍ଗ ସାଥି ସହିତ ମିଶି ଝିଅ ଘରକୁ ଗଲେ । ଚାରିଘଣ୍ଟାର ବାଟ, ତାଳଚେରରୁ ଟିର୍ତ୍ତୋଲ, ସେଠାରେ ପହଞ୍ଚିବା ସେମାନଙ୍କୁ ନଅ, ଘଣ୍ଟା ସମୟ ଲାଗିଲା, ତା, ପରଦିନ ସଂଧ୍ୟା ସାତଟା ସମୟକୁ ଆସି ଖବର ଦେଲା - 'ଲୀନା' ଶାଶୁଘର, ଆଉ କିଛି ଘର ବଞ୍ଚି ଯାଇଛନ୍ତି । ଝିଅ ସାଥିରେ ଭାର ଦେଇଥିବା ଲଡ୍ଡୁ, ଉଖୁଡ଼ା, କଦଳୀ ଗୋଟେ ଖଣ୍ଡେ ଖାଇ ରହିଛନ୍ତି । ତାଙ୍କର କୋଠାଘର ଥିବା ହେତୁ ପାଣି ଘେରରେ ଥିଲେ ମଧ ବିଶେଷ କିଛି କ୍ଷତି ହୋଇନାହିଁ । କେବଳ ଗୋଟିଏ ପେସ୍ତା ବାଦାମ ଗଛ ଭାଙ୍ଗି ପଡ଼ିବାରୁ ଘରର ଗୋଟିଏ ବଖରୀ ଛାତ ଫାଟି ଯାଇଛି ।

ସବୁ କଥା ଶୁଣି ଟିକେ ମନ ହାଲୁକା ହୋଇଗଲା । ଯାହା ହେଉ ମୋର ଝିଅ ସମେତ

ଶାଶୁଘର ପରିବାର ବଞ୍ଚି ଯାଇଛନ୍ତି । ଆଦିଶକ୍ତି ମାଆ, ଶାରଳା, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅଶେଷ ପ୍ରଣାମ ଜଣାଇଲି । ଆଠ ଦିନ ପରେ ଜାଣିବାକୁ ପାଇଲି, କଟକ ରୁ ପାରାଦୀପ ଗାଡ଼ି ମଟର ଚାଲିଲାଣି । ଝିଅକୁ ଦେଖିବାକୁ ମନ ଭାରି ବ୍ୟାକୁଳ ହେଉଥାଏ । କାର୍‌ଟିଏ ରିଜର୍ଭ କରି ଆମେ ଦୁଇଜଣ, 'ତିର୍ତ୍ତୋଲ', ଗଲୁ, ସେଠାରେ ଲାଇନ୍ ନଥିବାରୁ ସାଥିରେ କିଛି କିରୋସିନୀ, ଚୁଡ଼ା, ମିଠା, ପନିପରିବା ନେଇଗଲୁ । ବାଟରେ ଗଲବେଳେ ଯେଉଁ ଦୃଶ୍ୟ ସବୁ ଦେଖିଲୁ । ଭୟରେ ଛାତି ଥରି ଯାଉଥାଏ । ସବୁଜ ପତ୍ରଝଡ଼ା ଥୁଣ୍ଟା ଗଚ କେତୋଟି ରାସ୍ତା କଡ଼ରେ ଥୁଆ ହୋଇଛି । ଘରଦ୍ୱାର ଭାଙ୍ଗି ଛାରଖାର ହୋଇ ପଡ଼ିଛି । କଉଠି କାଉ କୋଇଲିଟିଏ ଆଖିରେ ପଡ଼ିଲେ ନାହିଁ, ଠାଏ ଠାଏ ପଚା ମଢ଼ର ଗନ୍ଧ ଭାସି ଆସୁଥାଏ । ଯେତେବେଳେ ଝିଅ ଶାଶୁଘରେ ପହଞ୍ଚିଲୁ, ସମସ୍ତଙ୍କୁ ଆଖି ଆଗରେ ଦେଖି କିଛି ସମୟ ପାଇଁ ସ୍ତବ୍ଧ ହୋଇଗଲୁ । ପାଟରୁ କଥା ବାହାରିଲା ନାହିଁ । ସେମାନେ ମଧ ଆମକୁ ଦେଖି କିଛି କହି ପାରୁ ନଥାନ୍ତି ଯଦିଓ ମନରେ ଖୁସି ଅନୁଭବ କଲାଭଳି ଜଣାପଡୁଥାନ୍ତି । ମୁଁ ମନେ ମନେ ଭଗବାନଙ୍କ ଉଦ୍ଦେଶ୍ୟରେ କୋଟି ପ୍ରଣାମ ଜଣାଇ କହିଲି । ପ୍ରଭୁ, ତୁମେ ମୋର ଆକୁଳ ପ୍ରାର୍ଥନା ଶୁଣିପାରିଛି । ତୁମ କରୁଣାରୁ ଆଜି ମୋ' ଝିଅ ଜ୍ୱାଇଁ, ସମୁଦି, ସମୁଦୁଣୀଙ୍କୁ ଦେଖିପାରିଲି ।

ସେଦିନ ଯାହାଯେମିତି ରୋଷେଇ କରିଥିଲେ ଅଳ୍ପ ଦି'ଟା ଖାଇ ଟିକିଏ ବସି ପଡ଼ିଲୁ । ସମୁଦି ସମୁଦୁଣୀ ଆମକୁ ସବୁ ଝଡ଼ବାତ୍ୟା ସଂପର୍କରେ କହୁଥାନ୍ତି । ଅତ୍ୟାଧିକ ଝଡ଼ ତୋଫାନ ଆସିବା ପୂର୍ବରୁ ସେମାନେ କବାଟ ଝରକା ବନ୍ଦ କରି ଗୋଟିଏ ଘରେ ଛ' ଜଣ ବସିଥାନ୍ତି । ସମୁଦି ସମୁଦୁଣୀ, ଦୁଇପୁଅ, ବୋହୂ, ସାନଭାଇ ଯେତେବେଳେ ଅଧିକରୁ ଅଧିକ ଝଡ଼ବର୍ଷା ହେଲା । ସ୍କାଇ ଲାଇଟ୍ ଦେଇ ଘରକୁ ପାଣି ପଶି ଆସିଲା । ସିଡ଼ିଘର ଆଜ୍‌ବେଷ୍ଟ ଉଡ଼ାଇ ନେଲା । ସେଇ ବାଟ ଦେଇ ପାଣି ପଶି ଆସିଲା । ସମୁଦ୍ରର ଘୁ, ଘୁ ଶବ୍ଦ ଶୁଭୁଥାଏ । ଘର ଭିତରେ ପାଣି ପଶିବା ହେତୁ ଖଟ ଉପରେ ଖଟ ପକେଇ ସମସ୍ତେ ଏକାଠି ବସିଛନ୍ତି । ହଠାତ୍ ପାଖ ବଖରା ଉପରେ ଗୋଟିଏ ବଡ଼ ପେସ୍ତା ବାଦାମ ଗଛ ଭାଙ୍ଗି ପଡ଼ି ଛାତ ଫଟେଇ ଦେଲା । ସମସ୍ତେ ଭାବିଲେ କି ଏଇଠି ସମସ୍ତେ ଶେଷ ହୋଇଯିବେ ।

ମାଆ ଶାରଳା, ପ୍ରଭୁ କାଳିଆ ଠାକୁରଙ୍କୁ ଆକୁଳ ପ୍ରାର୍ଥନା କରୁଥାନ୍ତି । ଭୋକ ହେଲେ ମୁଁ ପଠେଇଥିବା ଲଡୁ, କଦଳୀ ଉଖୁଡ଼ା ଗଣ୍ଡେ ଖଣ୍ଡେ, ଦୁଇଦିନ ପର୍ଯ୍ୟନ୍ତ ସେମିତି ବସି ରହିଥାନ୍ତି । ଦୁଇଦିନ ପରେ ବର୍ଷା ଛାଡ଼ିଗଲା ତା'ପରେ ସମସ୍ତେ ଟିକିଏ ଆଶ୍ୱସ୍ତି ଅନୁଭବ କଲେ ।

ସବୁକଥା ଶୁଣିଲି, ମୋର ଝିଅ 'ଲୀନା' ଅନ୍ତସ୍ୱତା ଥିବା ସତେ ଗୋଟିଏ ଖଟରେ ଦୁଇଦିନ ପର୍ଯ୍ୟନ୍ତ ସେମିତି ବସି ରହିଲା ଶୁଣି ଆହୁରି ଦୁଃଖ ଲାଗିଲା । ସମୁଦୁଣୀଙ୍କୁ କହିଲି ଝିଅକୁ ଆମ ସାଥିରେ ଛାଡ଼ିଦିଅ, ସେ ଆମ ସାଙ୍ଗରେ ତାଳଚେର ଯିବ । ପିଲା ଜନ୍ମ ହେବା ପରେ ଛ'ମାସ ରଖି ପୁଣି ଆଣି ଛାଡ଼ିଦେଇଯିବି । କାରଣ ଏଠିକାର ତା'ପାଇଁ ଅନୁକୂଳ ନୁହେଁ । ମୋ କଥା ଶୁଣି ସେମାନେ ରାଜି ହେଲେ । ଚାହୁଁଥିଲେ ତାଙ୍କ ବୋହୂ ପ୍ରଥମ ଥର ପାଇଁ ମାଆ ହେବାକୁ ଯାଉଛି କାଳେ କ'ଣ ଅସୁବିଧା ହେବ । ତେଣୁ ମୋ ସାଥିରେ ତାଳଚେର ଆସିବାକୁ ଆପତ୍ତି କରିନଥିଲେ ।

ହେଲେ ଝିଅ ମୋର ମନା କଲା । ଏଠିତ ସମସ୍ତେ ଅଛନ୍ତି । ଯାହା ହେବ ସମସ୍ତଙ୍କ ପାଇଁ ହେବ । ମୁଁ କେମିତି ଏକୁଟିଆ ଯିବି ? ଏବେ ପରା ଘରୁ ପ୍ରଥମ ଥର ଲେଉଟି ଆସିଛି । ତୋର ଗୁଡ଼ାଏ ପଇସା ପତ୍ର ଖର୍ଚ୍ଚ ହୋଇଛି । ପୁଣି କ'ଣ ଯିବି ? ମୁଁ କହିଲି ଆଗରୁତ ପୁଣି ମୋର ଘରେ ଥିଲୁ । ତୁ ଖର୍ଚ୍ଚକୁ କାହିଁକି ଡରୁଚୁ । ଭାବୁଚୁ ଶାଶୁଘରକୁ ଆସିଲୁ ବୋଲି ପର ବୋଲି ଭାବୁଛି । ନା' ଗଲେ ତୋତେ ଅନାଦର କରିବି । ତୁ ଆଜି ମୋ ସାଥିରେ ଯିବୁ ।

ସବୁ ଶୁଣିସାରି 'ଲୀନା' ନିରବ ହେଲା । ଉତ୍ତର ଦେଲା ନାହିଁ, ତା' ମୁହଁକୁ ଚାହିଁଲି । ଯେମିତି ତା'ର ନିରବତା ମୋର ପ୍ରଶ୍ନର ଉତ୍ତର ଦେଉଥିଲା – ବୋଉ ମୁଁ ତୋରି ଆଦର୍ଶରେ ଗଢ଼ା । ତୁ ଯେମିତି ତୋ ମାଆର ଆଦର୍ଶରେ ଗଢ଼ା ହୋଇ ଶାଶୁଘରକୁ ସ୍ୱର୍ଗବୋଲି ଭାବି ସବୁ ଦୁଃଖ ସୁଖକୁ ଏକାକାର ଭାବେ ଗ୍ରହଣ କରିଛୁ । ମୁଁ ତୋରି ଆଦର୍ଶରେ ଗଢ଼ା ହୋଇ କେମିତି ଅଲଗା ହେବି, ତୁ ତ ପୁଣି ମୋରି ଆଦର୍ଶ । ବୁଝି ପାରିଲି, ଝିଅ ମୋର ଶିକ୍ଷିତ, ବି.ଏ. ପାଠ ପଢ଼ିଛି । ଆଠ ମାସର ବୈବାହିକ ଜୀବନ ଭିତରେ ଶାଶୁଘରକୁ ଆଦରି ନେଇଛି । ନିଜର କର୍ମ କ୍ଷେତ୍ର ରୂପେ ଯାହାକି ବାପ ଘର ସୁଖକୁ ଦୂର କରି ସମସ୍ତଙ୍କ ଦୁଃଖ ସୁଖରେ ସାମିଲ୍ ହେବାକୁ ପ୍ରସ୍ତୁତ ହେଉଛି ।

ମନେ ମନେ ଆଶୀର୍ବାଦ ଦେଇ ସେଦିନ ଚାରିଟା ସମୟରେ ସମସ୍ତଙ୍କ ଠାରୁ ବିଦାୟ ନେଇ ତାଳଚେର ଫେରିଲାବେଳେ ବିଶ୍ୱସ୍ରଷ୍ଟାଙ୍କ ଉଦ୍ଦେଶ୍ୟରେ ଅସହାୟ ମଣିଷଙ୍କ ପାଇଁ ମଙ୍ଗଳ କାମନା କରୁଥିଲି । ପୁଣି କହୁଥିଲି । ପ୍ରଭୁ ଆଉ ଏମିତି ଝଡ଼ ଝଞ୍ଜାରେ ବନ୍ୟା ବାତ୍ୟାରେ ପାପିଙ୍କୁ ନାଶ କର ପଛେ ସୃଷ୍ଟିକୁ ତୁମର ଚିର ସୁନ୍ଦର କର ।

ବଉଳ ଛକ, ତାଳଚେର ଟାଉନ, ଅନୁଗୋଳ
ମୋ: ୭୦୭୭୯୭୬୯୯୬

# ଉତ୍କଳର ନିଆରା ପରଂପରା 'ପିଠା'

**ବାସନ୍ତୀଲତା ମହାପାତ୍ର**



ଭାରତରେ ଓଡ଼ିଶା କଳା, ସଂସ୍କୃତିରେ ପରିପୂର୍ଣ୍ଣ ଏକ ବିଭବଶାଳୀ ରାଜ୍ୟ। ଏହି ରାଜ୍ୟର ଐତିହ ସହିତ, ତା'ର ପରଂପରା ଖୁବ୍ ଉନ୍ନତ । ଓଡ଼ିଶାର ଅନ୍ୟ ଏକ ନାମ ଉତ୍କଳ। ଉତ୍କଳର ଅର୍ଥ କଳାରେ ଉତ୍କର୍ଷ। ପ୍ରକୃତରେ ଦେଖିବାକୁ ଗଲେ ନାଚ, ଗୀତ, କାରିଗରୀ, ଖାଦ୍ୟ ପେୟ, ପ୍ରତ୍ୟେକ କାର୍ଯ୍ୟରେ ଉତ୍କଳୀୟ ମାନଙ୍କର ସ୍ୱତନ୍ତ୍ରତା ପ୍ରତିପାଦିତ ହୋଇ ଆସୁଅଛି। ଆଞ୍ଚଳିକ ଭିତ୍ତିରେ କିଛି ପାର୍ଥକ୍ୟ ପରିଲକ୍ଷିତ ହେଲେହେଁ ଏହା ଉତ୍କଳୀୟ ମାନଙ୍କର ସଂପୂର୍ଣ୍ଣ ନିଜସ୍ୱ। ସମ୍ବଲପୁରୀ ବସ୍ତ୍ର, ବରହମ୍ପୁରୀ ପାଟ, ତିଗିରିଆର ତନ୍ତଶାଢ଼ୀ, କଟକର ତାରକଷୀ କାମ, ପାରଳାଖେମୁଣ୍ଡିର ସିଂହକାମ, ଢେଙ୍କାନାଳର କଂସା, ପିତଳ ବାସନ, ପିପିଲିର ଚାନ୍ଦୁଆ, ପୁରୀର ନଡ଼ିଆ କତାର ଶିଳ୍ପ, ମୟୁରଭଂଜର ସବାଇ ଘାସର ଶିଳ୍ପ ଓଡ଼ିଶାର ଶିଳ୍ପ ଚାତୁରୀ ଭାରତ ବ୍ୟତୀତ ବିଦେଶରେ ଆଦୃତ। ଠିକ୍ ସେହିପରି ଓଡ଼ିଶାରେ ବାରମାସରେ ତେରପର୍ବ ପାଳନ ହୁଏ। ଓଡ଼ିଶାର ପର୍ବପର୍ବାଣୀରେ ପର୍ବ ଭିତ୍ତିକ ପିଠା ପଣାରେ ତା'ର ଉତ୍କର୍ଷତା ପ୍ରତିପାଦନ କରିଛି, ଯାହା ଅନ୍ୟ ରାଜ୍ୟରେ ଦେଖାଯାଏନି।

ଓଡ଼ିଶା ଏକ କୃଷି ପ୍ରଧାନ ଦେଶ। ଏଠାକାର ମୁଖ୍ୟ ଫସଲ ଧାନ। ତେଣୁ ଚାଉଳ ରୁ ପ୍ରସ୍ତୁତ ଚୂନାରୁ ବିଭିନ୍ନ ପ୍ରକାରର ପିଠା ତିଆରି କରି ପର୍ବ ପର୍ବାଣୀରେ ଭୋଗ ଲଗାଇବା ସହ ପରସ୍ପର ମଧ୍ୟରେ ବାଣ୍ଟିବା ଏ ରାଜ୍ୟରେ ଏକ ନିଆରା ପରଂପରା। ଏହି ପିଠା ତିଆରିରେ ଋତୁ ଭିତ୍ତିକ ତାତ୍ପର୍ଯ୍ୟ ପରିଲକ୍ଷିତ ହୁଏ। ବାରମାସକୁ ଅନୁଧ୍ୟାନ କଲେ ପ୍ରତ୍ୟେକ ପର୍ବର ଭିନ୍ନ ପିଠା ତିଆରି ହୋଇ ଦେବ,ଦେବୀଙ୍କୁ ସମର୍ପଣ କରାଯାଏ। ଏହି ପିଠା ପରଂପରା ଓଡ଼ିଶା ଭିନ୍ନ ଅନ୍ୟ କେଉଁଠାରେ ମିଳେନାହିଁ। ଓଡ଼ିଶାର ଏହି ପର୍ବ ଭିତ୍ତିକ ପିଠା ବିଷୟରେ କେତୋଟି ଆଲୋଚନା କରୁଅଛି।

ପୋଡ଼ପିଠା:- ଏହା ଓଡ଼ିଶାର ଏକ ମୁଖ୍ୟ ପିଠା। ଏହା ପ୍ରାୟ ରଜ ସମୟରେ ତିଆରି ହୁଏ। ଏହା ସହଜରେ ବାସୀ ହୁଏ ନାହିଁ। ରଜ ସମୟରେ କାମ କରିବା ନିଷେଧ । ତେଣୁ ଏହାକୁ ପୋଡ଼ି ରଖିଦିଆଯାଏ ଏବଂ ରଜ ତିନିଦିନ ଖିଆଯାଏ। ପ୍ରଥମେ କରେଇରେ ଗୁଡ଼ ଓ ପାଣିଦେଇ ଚୁଲିରେ ବସାଯାଏ। ତା ମଧ୍ୟରେ ନଡ଼ିଆ ଖଣ୍ଡ ଅଦାଛେଚା, ଲୁଣ, ଗୁଜୁରାତି ଗୁଣ୍ଡ, ଓ ଗୋଲମରିଚ ଗୁଣ୍ଡ ଆଦି ପକାଯାଏ। ପାଣି ଫୁଟିଲା ପରେ ସେଥିରୁ ଟିକିଏ ଆଣି ଚୂନା ଗୋଳେଇ ଫୁଟୁଥିବା କରେଇରେ ଢଳାଯାଏ। ତାହା ଫୁଟିଲା ପରେ ସେଥିରେ ଚୂନା ପକାଇ ଧୀରେ ଧୀରେ ଘଣ୍ଟାଯାଏ। ଖଳି ବହଳିଆ ହୋଇ ସିଝିଗଲା ପରେ ଗ୍ୟାସ ବନ୍ଦ କରିଦିଆଯାଏ। ଆଉ ଏକ କରେଇରେ କଦଳୀପତ୍ର, କିମ୍ବା ଶାଳପତ୍ର ନେଇ ଖଳିକୁ ଢଳାଯାଏ। ପାଣି ହାତ ହୋଇ ଖଳିକୁ ଥାପି ଦିଆଯାଏ। ତଳେ ଜାଳ ଓ ଉପରେ ମଧ୍ୟ ପତ୍ର ଦିଆଯାଇ ଢଙ୍କେଇ ଦିଆଯାଏ। କିଛି ସମୟ ଗ୍ୟାସ୍ ଜଳିଲା ପରେ, ଗ୍ୟାସ୍ କମେଇ ଦିଆଯାଏ। କିଛି ସମୟ ପରେ ଜାଲିଚଟୁ ଦ୍ୱାରା ତାକୁ ଓଲଟାଇ ଦିଆଯାଏ। ପୂର୍ବରୁ କାଠଚୁଲିରେ, ଘଷି ନିଆଁରେ ଏହା ପ୍ରସ୍ତୁତ କରାଯାଉଥିଲା, ଯାହାକି ଗାଁ ଗହଳୀରେ ଏବେ ମଧ୍ୟ ପ୍ରଚଳିତ। କେହି, କେହି ଓଭନ୍‌ରେ ଏହା କରୁଥିଲେ ମଧ୍ୟ ଗ୍ୟାସ୍‌ରେ ଏହା ହୋଇପାରିବ।

ଏଣ୍ଡୁରି:- ଏହା ପ୍ରଥମାଷ୍ଟମୀର ମୁଖ୍ୟ ପିଠା। ବଟୁରା ବିରି, ଚାଉଳ ବାଟି ବହଳିଆ ଆଣ କରାଯାଏ। ହାଣ୍ଡିରେ ପାଣି ପୂରାଇ କନାବାନ୍ଧି ନିଆଁରେ ବସାଯାଏ। ହଳଦୀ ପତ୍ରକୁ ଛୋଟ, ଛୋଟ ଖଣ୍ଡକରି ଧୋଇ ତା' ଭିତରେ ଆଣରଖି ନଡ଼ିଆ ଓ ଗୁଡ଼ ମିଶ୍ରିତ ପୂର ଦେଇ ତାକୁ ଭାଙ୍ଗିଦେଇ କନାରେ ରଖି ଢାଙ୍କୁଣୀ ବନ୍ଦ କରି ସିଝାଯାଏ ।ହଳଦୀ ପତ୍ରର ବାସ୍ନାରେ ଏହା ଭାରି ସୁଆଦିଆ ଲାଗେ। ଏହା ଇଡ଼ଲୀ ହାଣ୍ଡିରେ ମଧ୍ୟ ତିଆରି ହୋଇ ପାରିବ।

ମଣ୍ଡା:- ମାଣବସା ଓ ଦଶହରାରେ ଏହି ପିଠା ପୁରପଲ୍ଲୀରେ ତିଆରି କରାଯାଇ ଲକ୍ଷ୍ମୀ ଓ ଦୁର୍ଗାଙ୍କ ପାଖରେ ଭୋଗ ଲଗାଯାଏ। ପ୍ରଥମେ ଚୂନାର ଖଳି କରି ଖଳିକୁ ଭଲଭାବେ ସିଝାଇ ରଖାଯାଏ। ଖଳିକୁ ହାତରେ ଚକଟି ଇଚ୍ଛାନୁସାରେ ଗୋଲ, ଗୋଲ କରାଯାଏ। ପୂର୍ବରୁ ପ୍ରସ୍ତୁତ ନଡ଼ିଆ, ଗୁଡ଼ ବା ଛେନାର ପୁର ସେହି ଗୋଲ ମଧ୍ୟରେ ରଖି ଚାରିପାଖରୁ ଚାପି, ଚାପି ବନ୍ଦ କରାଯାଏ। ହାଣ୍ଡିରେ କନାବାନ୍ଧି ବା ଇଡ଼ଲୀ ଛାଞ୍ଚରେ ପିଠାରଖି ବାମ୍ଫରେ ସିଝାଯାଏ। କେହି କେହି ଖଳି ସମୟରେ ଗୁଡ଼ ବା ଚିନି ଦେଇ ଏହାକୁ ଛାଣି ମଧ୍ୟ ଖାଇପାରନ୍ତି। ଯାହାକୁ ଛଣାମଣ୍ଡା କୁହାଯାଏ।

କାକରା:- ପାଣିରେ ରୁଚି ଅନୁସାରେ ଗୁଡ଼ ବା ଚିନି ଓ ଲୁଣ ଇତ୍ୟାଦି ଦେଇ ଖଳି ତିଆରି ହୁଏ। ତା'ପରେ ଗୋଲାକରି ହାତରେ ଚାପି, ଚାପି ପତଳା କରଯାଏ। ବେଲଣାରେ ପୀଢ଼ାରେ ମଧ୍ୟ ବେଲି ପତଳା କରାଯାଏ ଓ ଛଣାଯାଏ। ରୁଚି ଅନୁସାରେ ତା' ମଧ୍ୟରେ ପୁରଦେଇ ଛଣାଯାଇପାରେ।

ଆରିଷା:- ଏହା ଓଡ଼ିଆ ଘରର ସବୁଠାରୁ ସୁମଧୁର ପିଠା। ବାହାଘର, ବ୍ରତଘରରେ ଏହାର ଆବଶ୍ୟକତା ଅଧିକ। ଝିଅର ଭାର ସଙ୍ଗେ ନିଶ୍ଚୟ ଆରିଷା ପିଠା ଦିଆଯାଏ। ଏହା କେବଳ ସଜ ଚୂନାରେ ତିଆରି ହୁଏ। ପ୍ରଥମେ ଗୁଡ଼କୁ କରେଇରେ ରଖି ନିଆଁରେ ବସାଯାଏ। ଗୁଡ଼ ଫୁଟିଲା ପରେ ମଝିରେ ମଝିରେ ଆଣି ଥଣ୍ଡା ପାଣିରେ ପକାଯାଏ। ଯେତେବେଳେ ଗୁଡ଼ ପାଣିରେ ନମିଳେଇ ମୁଣ୍ଡା ହୋଇ ରହେ, ଓ ଚିପିଲେ ଟାଣ ଲାଗେ, ସେତେବେଳେ ଆବଶ୍ୟକ ଚୂନା ପକାଇ ଘଣ୍ଟାଯାଏ। ଏହା ବହଳିଆ ହେବାପରେ ନିଆଁରୁ ଓହ୍ଲାଯାଏ। ସେ ଖଳି ଥଣ୍ଡା ହେବା ପରେ ପତ୍ର ବା ଥାଳିରେ ଘିଅ ବା ତେଲ ମାରି ନିଜ ପସନ୍ଦ ଅନୁସାରେ ଚେପାକରି ଛଣାଯାଏ। ଏହା

ଚିନିରେ ମଧ ହୋଇପାରେ। ଗୁଡ଼ରେ ପାଣି ନ ନେବା ସ୍ଥଳେ ଚିନିରେ ପାଣି ଦିଆଯାଇ ଖଳି କରାଯାଏ ଖଳି ସମୟରେ ପାଣିରେ ଖସା, ଗୁଜୁରାତି, ଓ ପାନମହୁରୀ ଆଦି ସୁସ୍ୱାଦୁ ପାଇଁ ଦିଆଯାଇପାରେ। ଏହା କେଉଁଠାରେ ଆରିଷା, ଘିପିଠା, ବା ତେଲପିଠା ରୂପେ ଓଡ଼ିଶାରେ ପରିଚିତ। ପୂର୍ବ କାଳରେ ଏହା ମିଠାର ବିକଳ୍ପ ଭାବରେ ପରିଗଣିତ ହେଉଥିଲା।

ଚିତଉ:- ଚିତଉ ଅମାବାସ୍ୟାରେ ଏହି ପିଠା ଭୋଗ ରୂପେ ଜଳରେ ଗେଣ୍ଡା ମାନଙ୍କୁ ସମର୍ପଣ କରାଯାଏ। ପ୍ରଥମେ ଅରୁଆ ଚାଉଳ ବତୁରାଯାଇ ନଡ଼ିଆ ଖଣ୍ଡ ମିଶାଇ ବଟାଯାଏ ବା ଗ୍ରାଇଡ଼ିଙ୍ଗ୍ କରାଯାଏ। ତାକୁ ୩/୪ଘଣ୍ଟା ରଖାଯାଏ। ମାଟି ପଲମକୁ ନିଆଁରେ ବସାଇ ସେହି ଆଣକୁ ଢାଳାଯାଇ ଢାଙ୍କୁଣୀ ଦ୍ୱାରା ଘୋଡ଼ାଇ ଦିଆଯାଏ। ସେହି ଢାଙ୍କୁଣୀ ଚାରିପଟେ ସାମାନ୍ୟ ପାଣି ଦିଆଯାଏ। ଧୀର ଜାଳରେ ଏହି ପିଠା ସିଝି ଗଲାପରେ ଖୁସୁଣୀରେ ଉଠାଯାଏ। ଏହା ଓଲଟାଯାଏ ନାହିଁ।

ଗଇଁଠା:- ଏହାକୁ ଗାଁ ଗହଳରେ ଗଇଁଠାଗୋଡ଼ି ମଧ କୁହାଯାଏ। ଏହା ବଉଳ ଅମାବାସ୍ୟା ଓ ପଣ୍ଡୁ ପୂର୍ଣ୍ଣିମାରେ ତିଆରି ହୁଏ। ମଣ୍ଡା ପିଠା ପରି ଖଳି କରି ଥାଳିଭଳି ଛୋଟ, ଛୋଟ କରି ତିଆରି କରାଯାଏ। ତା ପରେ ପାଣି ଫୁଟିଲା ପରେ ତା' ଦେହରେ ପିଠାକୁ ଛାଡ଼ିଦିଆଯାଏ। ଆବଶ୍ୟକ ଅନୁସାରେ ଦୁଧ, ନଡ଼ିଆ ଓ ଚିନି ମିଶାଯାଏ। ଫୁଟିଲା ପରେ ପିଠା ପ୍ରସ୍ତୁତ ହୋଇଯାଏ।

ଦୁଧ ଏଣ୍ଡୁଳି:- ଗଇଁଠା ପିଠା ପରି ଖଳିକରି ଛୋଟ, ଛୋଟ ପିଠା ତିଆରି କରାଯାଇ ତା' ଭିତରେ ସାମାନ୍ୟ ପୁର ଦିଆଯାଏ। ଗଇଁଠା ଭଳି ଦୁଧ, ଚିନି, ଗୁଜୁରାତି ଓ ଅନ୍ନପୂର୍ଣ୍ଣା ପତ୍ର ପକାଇ ଫୁଟାଯାଏ।

ଛୁଞ୍ଚିପତର:- ଚାଉଳକୁ ବତୁରାଇ ବାଟି ପାଣିଆ ଆଣ କରାଯାଏ। ଏହି ଆଣକୁ କିଛି ସମୟ ରଖି ଦିଆଯାଏ। ତାଉଆ ଗରମ ହେବା ପରେ ଏକ ପରିଷ୍କାର କପଡ଼ା ଦ୍ୱାରା ପିଠଉରେ ବୁଡ଼ାଇ ତାଉଆ ଉପରେ ଛାଟି ଦିଆଯାଏ। ପିଠଉରେ ଆବଶ୍ୟକ ଅନୁସାରେ ଲୁଣ ମିଶାଇବା ଦରକାର। କିଛି ନଡ଼ିଆ ଓ ଚିନି ପୁରକୁ ତା ମଝିରେ ରଖି ଲବଙ୍ଗୀ ଆକାରରେ ଭାଙ୍ଗି ଦିଆଯାଏ।

ବିରି ଚକୁଳି, ପୋଡ଼ ଓ ମୁଆଁପିଠା:- ବିରି ଓ ଚାଉଳକୁ ବତୁରାଇ ବହଳିଆ ଆଣ କରାଯାଏ। ସେହି ଆଣକୁ ଫୁଲିବା ପାଇଁ ୪/୫ ଘଣ୍ଟା ରଖାଯାଏ। ତାଉଆରେ ତେଲ ଦେଇ ଆଣକୁ ପାଣିଆ କରି ଚକୁଳି କରାଯାଏ। ହାଣ୍ଡିରେ ପାଣି ଦେଇ କନାବାନ୍ଧି ବାମ୍ଫ ବାହାରିଲେ ଆଣକୁ କନାରେ ଢାଳି ଢାଙ୍କୁଣୀ ଦେଇ ବାମ୍ଫରେ ସିଝାଯାଇପାରେ। ରୁଚି ଅନୁସାରେ ଚିନି ବା ନଡ଼ିଆପୁର ଇତ୍ୟାଦି ଦିଆଯାଇ ସୁସ୍ୱାଦୁ କରାଯାଇପାରେ। କରେଇରେ ତେଲ ଗରମ କରି ଆଣକୁ ଢାଳି ଢାଙ୍କୁଣୀ ଦେଇ ଦିଆଯାଏ। କିଛି ସମୟ ପରେ ତାକୁ ଓଲଟାଇ ଦିଆଯାଏ।

ଉଷୁନା ଚକୁଳି:- ଉଷୁନା ଚାଉଳକୁ ରାତିସାରା ବତୁରାଇବା ପରେ ତାକୁ ବଟାଯାଏ ବା ଗ୍ରାଇଡିଙ୍ଗ୍ କରାଯାଏ। ପାଣିଆ ଆଣକୁ ଗରମ ତାଉଆରେ ସରୁ ଚକୁଳି ତିଆରି କରାଯାଏ। ବହଳିଆ ପିଠଉକୁ କଦଳୀ ପତ୍ରରେ ଦେଇ ଧାନ ସିଝାଲା ବେଳେ ତା ଭିତରେ ରଖିଦେଲେ ଏହା ନରମ ଓ ସୁସ୍ୱାଦୁ ପିଠାରେ ପରିଣତ ହୋଇଯାଏ। ଆଗରୁ ଏହି ଚାଉଳ ବଟା ପିଠାରେ ପୋଡ଼ ପିଠା କରି ଶିଶୁମାନଙ୍କୁ ଖାଇବାକୁ ଦେବାର ପ୍ରଥା ଏବେ ପ୍ରାୟ ଲୋପ ପାଇ ଗଲାଣି।

ତାଳପିଠା:- ତାଳ ବର୍ଷାଋତୁରେ ପାଚୁଥିବାରୁ ତାଳମଣ୍ଡରେ ସୁସ୍ୱାଦୁ ପିଠା ପ୍ରସ୍ତୁତ କରାଯାଏ। ଯଦିଓ ପୂର୍ବରୁ ପନିକିରେ ତାଳମଣ୍ଡ ବାହାର କରାଯାଉଥିଲେ ଏବେ ପିଆଜ କଟା ଉପକରଣ ସାହାଯ୍ୟରେ ପାରୁ ବିହିନ ତାଳମଣ୍ଡ ବାହାର କରାଯାଉଛି। ସେହି ମଣ୍ଡରେ ଚୂନା ଗୋଳାଇ କିଛି ସମୟ ରଖି ତେଲ ଗରମ ହେବାପରେ ଛୋଟ, ଛୋଟ ଗୋଲାକରି ଛଣାଯାଏ। ତାଳ ମଣ୍ଡକୁ ଗରମ କରି, ଥଣ୍ଡା କରି ପାଣିଆ ଆଣରେ ଚୂନା ମିଶାଇ ଚକୁଳି ହୋଇଥାଏ। ଚୂନାରେ ଖଳିକରି ମଣ୍ଡା, କାକରା ତିଆରି ହୁଏ। ଏଣ୍ଡୁରୀ, ପୋଡ଼ପିଠା ମଧ ଏଥିରୁ ପ୍ରସ୍ତୁତ କରାଯାଏ।

ପଣସପିଠା:- ପ୍ରଥମେ ପଣସକୁ ଚିପୁଣି, ମଣ୍ଡ ବାହାର କରି ସେଥିରେ ଚୂନା ଗୋଳାଇ ବରା ଛାଣିବା ବ୍ୟତୀତ ପୁର ଦେଇ ମଣ୍ଡା ମଧ କରାଯାଇପାରେ।

ମାଂସପିଠା:- ଅରୁଆ ଚାଉଳ ଚୂନାକୁ ଗରମ ପାଣିରେ ଗୋଳାଯିବ। ଖାସି ମାଂସକୁ ଛୋଟ, ଛୋଟ କରି କାଟି ମସଲା ଦେଇ କଷାଯାଏ। ସିଝିଗଲା ପରେ ତାହା ଚୂନାରେ ଗୋଳାଯାଇ ତାଉଆରେ ତେଲଦେଇ ଗରମ ହେବା ପରେ ଆଣକୁ ଢାଳି ମୋଟା ଚକୁଳି ତିଆରି କରାଯାଏ। ଗଡ଼ଜାତ ଅଞ୍ଚଳରେ ଏହା ରଜ ଓ ମକର ପର୍ବରେ ତିଆରି କରାଯାଏ।

ଛାଙ୍କଳପିଠା:- ନୂଆ ଚାଉଳ ଚୂନାରେ ଗରମ ଖୀର, ଗରମ ପାଣି, ଚିନି, ପାନମହୁରୀ ଆଦି ଗୋଳାଇ ଗରମ ତେଲରେ ଛଣାଯାଏ।

ଖୁଦପିଠା:- ଖୁଦକୁ ପାଣିରେ ବତୁରାଇ ବାଟି, ଖୁଦୁରକୁଣୀ ସମୟରେ ପିଠାକରି ଭୋଗ ଲାଗିବା ସହିତ ଖିଆଯାଏ।

କୁଣ୍ଡାପିଠା:- ଏହି ପିଠା ଲକ୍ଷ୍ମୀଙ୍କ ପାଖରେ ମାଣବସା ଗୁରୁବାରରେ ଭୋଗ ଲଗାଯାଏ। ଅରୁଆ ଚାଉଳରେ ପତଳା କୁଣ୍ଡାକୁ ନେଇ ସାମାନ୍ୟ ଚୂନା ମିଶାଇ ଛେନା, କଦଳୀ, ଗୁଡ଼, ନଡ଼ିଆ କୋରା, ଇତ୍ୟାଦି ଗୋଳାଯାଇ ଗୁଆ ଘିଅରେ ଏହା ପ୍ରସ୍ତୁତ କରାଯାଏ।

କେବଳ ପିଠା ନୁହେଁ, ପିଠାକୁ ଖାଇବାବେଳେ ସୁସ୍ୱାଦୁ କରିବା ପାଇଁ ତା' ସହ ଖୀରି, ଘାଣ୍ଟ ଓ ସୁସ୍ୱାଦୁ ମୁଖରୋଚକ ବ୍ୟଞ୍ଜନ ପ୍ରସ୍ତୁତ ହୁଏ। ଶାମ୍ବ ଦଶମୀରେ ଓଡ଼ିଶାରେ ମା,

ବାପାମାନେ ନିଜର ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ପିଠା, ପଣା ତିଆରି କରି ସୂର୍ଯ୍ୟ ଦେବତାଙ୍କୁ ଅର୍ପଣ କରିଥାନ୍ତି। ଓଡ଼ିଶାରେ ପିଠା ପଣାର ମହତ୍ୱ ଉନ୍ନତ ଓ ଆକର୍ଷଣୀୟ। ପ୍ରଭୁ ଜଗନ୍ନାଥଙ୍କଠାରେ ହେଉଥିବାରେ ବିଭିନ୍ନ ପ୍ରକାରର ପିଠା ମଧ ସମସ୍ତଙ୍କର ପ୍ରିୟ। ଲକ୍ଷ୍ମୀଙ୍କ ହାତ ତିଆରି ପୋଡ଼ପିଠା ଜଗନ୍ନାଥଙ୍କର ଅତି ପ୍ରିୟ ଥିଲା। ଓଡ଼ିଆମାନଙ୍କ ମଧରେ ପିଠା ନଖାଇ ଲୋକ ପ୍ରାୟ ନାହାନ୍ତି। ମଣ୍ଡା ପିଠା ଭିତରେ ପୁର ଦେଖି ଦିଲ୍ଲୀର ଜନୈକ ଭଦ୍ର ମହିଳା ଏହା ଭିତରେ ନଡ଼ିଆ, ଗୁଡ଼ କିପରି ପଶିଲା ବୋଲି ପ୍ରଶ୍ନ କରିଲେ। ତେଣୁ ସବୁକଳା ଭିତରେ ପିଠା ତିଆରି ଯେ ଏକ କଳା ଏଥିରେ ସନ୍ଦେହ ନାହିଁ।

ବର୍ତ୍ତମାନ ଆମ୍ଭମାନଙ୍କ ଭିତରେ ଆମର ପ୍ରିୟ ପିଠାପଣା ବଦଳରେ ଚାଉମିନ୍, କେକ୍, ପିଜା ଆଦି ଧସେଇ ପଶି ଆମ୍ଭମାନଙ୍କ ଖାଦ୍ୟରେ ସ୍ଥାନ ପାଇଛି। କିନ୍ତୁ ଉତ୍କଳୀୟମାନେ ଯେଉଁଠି ଥାନ୍ତୁ ନା କାହିଁକି ଆପଣା ଭାଷା, ସଂସ୍କୃତି ଭଳି ନିଜ ରାଜ୍ୟର ଖାଦ୍ୟ ଓ ପିଠାପଣାକୁ ଆଦରି ନେଇ ନିଜ ପରିବାର ଭିତରେ ସେ ଖାଦ୍ୟର ମହତ୍ୱ ବୁଝାଇ ତିଆରି କରି ଖାଇଲେ ଓ ଖୁଆଇଲେ ଏହା ଓଡ଼ିଶା ପ୍ରତି ପ୍ରିତୀ ଓ ସଂସ୍କୃତିକୁ ବଂଚାଇବାରେ ସାହାଯ୍ୟ କରିବ। ଓଡ଼ିଶାର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ବାହାରେ ରହୁଥିବା ଓଡ଼ିଆମାନଙ୍କୁ ମୋର ଏତିକି ଅନୁରୋଧ। ଲୋପ ପାଇଯାଉଥିବା ପିଠାପଣାକୁ ଉଦ୍ଧାର କରିବା ଓ ଓଡ଼ିଆ ପର୍ବପର୍ବାଣୀରେ ତିଆରି କରି ଖାଇବା ଓ ଖୁଆଇବାର ଆନନ୍ଦ ଭିତରେ ମଜ୍ଜିଯିବା, ଯାହା ଓଡ଼ିଆ ମାନଙ୍କର ଏକାନ୍ତ ନିଜସ୍ୱ। ଜୟ ମା ଉତ୍କଳ।

ହନୁମାନ ବିହାର, ବାରିପଦା
ରାଜ୍ୟ ପୁରସ୍କାର ପ୍ରାପ୍ତ ସେବା ନିବୃତ୍ତ ଶିକ୍ଷୟିତ୍ରୀ
ମୋ: ୯୪୩୭୪୪୪୦୬୬

*With best compliments from:*

# SANGUINE MARITIME SERVICES PVT. LTD.

# ପରିବେଶ ପ୍ରଦୂଷଣ, କାରଣ ଓ ପରିଣାମ

**ଚିତ୍ତରଞ୍ଜନ ବ୍ରହ୍ମା**



ମଣିଷ ହେଉଛି ଜୀବ ଜଗତର ସର୍ବଶ୍ରେଷ୍ଠ ପ୍ରାଣୀ । ସମାଜ ମଧ୍ୟରେ ସେ ବସବାସ କରିଥାଏ । କ୍ରମଶଃ ମଣିଷ ସମାଜର ବିକାଶ ଘଟିଚାଲିଛି । ପ୍ରାଚୀନ ମାନବ ଓ ଆଧୁନିକ ମାନବର ଜୀବନ ଯାପନ ଶୈଳୀ ମଧ୍ୟରେ ତୁଳନା କଲେ, ବିପୁଳ ପ୍ରଭେଦ ଲକ୍ଷ୍ୟ କରାଯାଏ । ଖାଦ୍ୟ, ବସ୍ତ୍ର, ବାସଗୃହ ଓ ଜୀବନର ଅନ୍ୟାନ୍ୟ ଆବଶ୍ୟକତା ଦୃଷ୍ଟିରୁ ମଣିଷ ଏବେ ଯଥେଷ୍ଟ ଭଲରେ ଅଛି । ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳରେ ଉନ୍ନତି ବିଭିନ୍ନ ଯନ୍ତ୍ରପାତି, ସାର ଓ ଔଷଧ ଆଦିର ଉଦ୍ଭାବନ ତଥା ପ୍ରୟୋଗ ଏବଂ ଶିଳ୍ପାୟନ ଫଳରେ ଏହା ସମ୍ଭବ ହେଇଛି ।

ମଣିଷ ନଦୀ ଉପରେ ଡେମ୍ ତିଆରି କଲା, ଗଛ କାଟିଲା, ଜଙ୍ଗଲ ଧ୍ୱଂସ କଲା ଫସଲ ଅମଳ କଲା, ଅଟ୍ଟାଳିକା ନିର୍ମାଣ କଲା, ସହର ଗଢ଼ିଲା, ରାସ୍ତା ଓ କେନାଲ, ନିର୍ମାଣ କଲା । ଏହା ଦ୍ୱାରା ମଣିଷ ଜୀବନ ଯେ ସହଜ ଓ ସରସ ହେଇପାରିଛି, ଏହା ନିଃସନ୍ଦେହ ।

କିନ୍ତୁ ଏସବୁ କରିବାକୁ ଯାଇ ମଣିଷ ଜାଣିଶୁଣି ବା ବେପରୱା ଭାବରେ ନିଜ ପରିବେଶର କେବଳ କ୍ଷତି କରିଚାଲିଲା । ପରିବେଶକୁ ଅନେକାଂଶରେ ବଦଳେଇ ଚାଲିଲା । ସଭ୍ୟତାର ବିକାଶ ଓ ପ୍ରଗତିରେ ପଲକିତ ମଣିଷର ନିଘା ରହିଲାନି ବଞ୍ଚିରହିବା ପାଇଁ ଆବଶ୍ୟକ ଅନ୍ୟ କେତେକେ ଦିଗକୁ, ଯଥା: ଶ୍ୱାସକ୍ରିୟା ନିମନ୍ତେ ମୁକ୍ତ ବାୟୁ, ପରିଷ୍କାର ପରିଚ୍ଛନତା ପାଇଁ ପର୍ଯ୍ୟାପ୍ତ ନିର୍ମଳ ଜଳ, ପାନୀୟ ଜଳ ଆବଶ୍ୟକ । ଚଳପ୍ରଚଳ ଓ କାମଦାମ ପାଇଁ ଯଥେଷ୍ଟ ଆଲୋକ ଆବଶ୍ୟକ । ଚାଷକାର୍ଯ୍ୟ ପାଇଁ ଉପଯୁକ୍ତ ମୃତ୍ତିକା, ଜଳ ସୂର୍ଯ୍ୟାଲୋକ ଆବଶ୍ୟକ । ସେହିପରି ନିର୍ଭରଶୀଳତା ଦୃଷ୍ଟିରୁ ଉଦ୍ଭିଦ ଜଗତ, ପଶୁଜଗତ ଓ ପକ୍ଷୀ ଜଗତ ମଧ୍ୟ, ସହଜ ସରସ ଭାବେ ବଞ୍ଚିରହିବା ଆବଶ୍ୟକ । ଚାଷଜମିକୁ ଉର୍ବର କରିବା କାର୍ଯ୍ୟରେ ଜିଆର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ତେଣୁ ଜିଆମାନେ ବି ବଞ୍ଚିରହିବା ଆବଶ୍ୟକ । ଭିନ୍ନ ଭିନ୍ନ ଫସଲ ପାଇଁ ଅଲଗା ଅଲଗା ପାଗ ଦରକାର ହୋଇଥାଏ । ସେ ଦୃଷ୍ଟିରୁ ଖରା, ବର୍ଷା, ଶୀତ ଓ କାକର ଅର୍ଥାତ୍ ଜଳବାୟୁରେ ନିୟମିତ ପରିବର୍ତ୍ତନ ଦରକାର । ଋତୁଚକ୍ର ଚାଲିଥିବା ଦରକାର । ଆମ ଉତ୍ତର ପିଢ଼ୀ ପାଇଁ ପରିବେଶ ସଂରକ୍ଷିତ ତଥା ସୁରକ୍ଷିତ ମଧ୍ୟ ରହିବା ଆବଶ୍ୟକ । ଉତ୍ତର ପିଢ଼ୀ ପାଇଁ ଏକ ସୁନ୍ଦର ମଧୁର ପରିବେଶ ଛାଡ଼ିଯିବା ଯେ ଆମର କର୍ତ୍ତବ୍ୟ ।

ଏବେ ଆଉ ଟିକିଏ ଆଗକୁ ଚିନ୍ତା କରାଯାଉ । ଆମର ଖରା ଦରକାର, କିନ୍ତୁ ଅଗ୍ନିବର୍ଷୀ ଖରା ନୁହେଁ । ସେହିପରି ଆମର ବର୍ଷା ଦରକାର, କିନ୍ତୁ କେବଳ ଛିଞ୍ଚିଲା ଭଳି ଝିପିଝିପି ବା ମୁଷଳଧାରାରେ ନୁହେଁ, ବାଦଲ ଫାଟିବା ତ ଆଦୌ ନୁହେଁ । ପୁଣି ଦିନ ଦିନ ଲଗାତାର ଦିନରାତି ପ୍ରବଳ ବର୍ଷା ମଧ ଆମେ ଚାହିଁବାନି । କୁହୁଡ଼ିର ବହୁଳତାରେ ଗମନାଗମନ ବ୍ୟାହତ ହୁଏ, ବ୍ୟାପକ ଫସଲ ନଷ୍ଟ ହୁଏ ଆମେ ଭାବୁ ଏମିତି ନ ହୁଅନ୍ତା କି !

ଆମେ ବହୁତ କିଛି ଚାହୁଁଛୁ । ଆମର ଅନେକ କିଛିର ଆବଶ୍ୟକତା ରହିଛି । ଏଇମିତି ତା ପଛକୁ ପଛ ଆହୁରି କେତେ କଣ ଆମର ଦରକାର । କିନ୍ତୁ ଆମେ କରୁଛୁ କ'ଣ ?

ଜନସଂଖ୍ୟା ବୃଦ୍ଧି ପାଉଛି । ଆବଶ୍ୟକତା ବୃଦ୍ଧି ପାଉଛି । କିନ୍ତୁ ସ୍ଥଳଭାଗ, ଜଳ ଓ ମୁକ୍ତବାୟୁ ବୃଦ୍ଧି ପାଉନାହିଁ । ବୃକ୍ଷଲତାର ଉପଯୁକ୍ତ ପରିମାଣରେ ବୃଦ୍ଧି ଘଟୁନାହିଁ । ବରଂ କଳକାରଖାନା ସ୍ଥାପନ, ଗୃହ ନିର୍ମାଣ, ବିଭିନ୍ନ ଉପକରଣର ପ୍ରସ୍ତୁତି, ଜାଳେଣୀ ଓ ପୋଡୁଚାଷ ପାଇଁ ମଣିଷ ବୃକ୍ଷ ଛେଦନ କରି କିଛି ଆବଶ୍ୟତା ପୂରଣ କରୁଛି । କଳକାରଖାନା ବଢୁଛି । ସେଥିରୁ ମଇଳା ଜଳ, ଧୂଳି, ଧୂଆଁ ଓ ଅଦରକାରୀ ପଦାର୍ଥ ନିର୍ଗତ ହୋଇ ମାଟି ପାଣି ଓ ବାୟୁରେ ମିଶୁଛି । ଆଉ କେତେକ ପଦାର୍ଥ (ପ୍ଲାଷ୍ଟିକ୍ ଭଳି) ଦୀର୍ଘକାଳ ମାଟିରେ ପଡ଼ିରହୁଛି । ଯାନବାହନ ବଢୁଛି ଓ ସେଥିରୁ ନିର୍ଗତ ଧୂଆଁ ବାୟୁରେ ମିଶୁଛି । ନାନା କ୍ଷେପଣାସ୍ତ୍ରର ପରୀକ୍ଷଣ ଓ ବ୍ୟବହାର ଫଳରେ ଉତ୍ପନ୍ନ ବିଷାକ୍ତ ବାଷ୍ପ ବାୟୁମଣ୍ଡଳରେ ମିଶୁଛି ।

ଆମେ ଜାଣୁ ଓ ସ୍ୱୀକାର ମଧ କରୁ ଯେ ବୃକ୍ଷ ଆମର ଉପକାରୀ ବନ୍ଧୁ । ଏହା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରି ଅତ୍ୟାବଶ୍ୟକ ଅମ୍ଳଜାନ ପ୍ରଦାନ କରିଥାଏ । ତଥାପି ଆମେ ଗଛକୁ କାଟିପକଉ, ଜଙ୍ଗଲକୁ ନଷ୍ଟ କରୁ । ବାହାରୁଥିବା ନାନା ଅଳିଆ ଆବର୍ଜନା, ବଳକା ଔଷଧ, ପୋଡ଼ା ତେଲ, ନାନା ରାସାୟନିକ ପଦାର୍ଥକୁ ଏଣେତେଣେ ଫିଙ୍ଗି ଦଉଛୁ । ପାନଫିକ, ଗୁଟ୍ଖାପିକ, ଛେପ, ଖଙ୍କାର ସିଂଘାଣି ଓ ମଳମୂତ୍ର ତଥା ପ୍ରାଣୀଙ୍କ ମରଶରୀର ଏଣେତେଣେ ପଡୁଛି । ଅନେକ ଖାଲ ସ୍ଥାନ, ନାଳ ଓ ଜଳାଶୟକୁ ପୋତି ଦିଆଯାଉଛି ଏବଂ ପାହାଡ଼କୁ ବିଦାରଣ କରି ସମତଳ କରାଯାଉଛି ନିଜ ସୁବିଧା ପାଇଁ ।

ଆମର ଏସବୁ କାମ ଓ ପ୍ରବୃତ୍ତି ଦ୍ୱାରା ଆମେ ପ୍ରକୃତିର ସନ୍ତୁଳନକୁ ବିଗାଡୁଛୁ । ବନ୍ୟା, ବାତ୍ୟା, ମରୁଡ଼ି, ହଉଛି । ହେଲେନ୍, ପାଇଲିନ୍, ଲେହେର, ମାଡ଼ି ଭଳି ଆତଙ୍କ ମାଡ଼ିଆସୁଛି । ଜଳ ସ୍ଥଳ ଓ ବାୟୁ ଦୂଷିତ ହଉଛି । ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଉଛି । ମେରୁ ଅଞ୍ଚଳର ବରଫ ତରଳିଯାଇ ପୃଥିବୀ ଜଳମଗ୍ନ ହବାର ଆଶଙ୍କା ପ୍ରକାଶ ପାଉଛି । ପରିବେଶର ହିତକାରୀ କାଉ ଓ ଶାଗୁଣାଙ୍କ ସଂଖ୍ୟା କମିକମି ଚାଲିଛି । ଏହା ସମଗ୍ର ବିଶ୍ୱ ପାଇଁ ଗଭୀର ଚିନ୍ତା ଓ ସମୀକ୍ଷାର ବିଷୟ ହେଇପଡ଼ିଛି ।

ଏବେ ଆସନ୍ତୁ ଜାଣିବା, ପରିବେଶ କହିଲେ କ'ଣ ବୁଝାଏ ମଣିଷ ଯେଉଁ ପାରିପାର୍ଶ୍ୱିକ ପ୍ରାକୃତିକ ଅବସ୍ଥା ଭିତରେ ଜନ୍ମ ନିଏ, ବଢ଼େ ଓ ବଞ୍ଚିରହେ, ତାହାକୁ ମଣିଷର

ପରିବେଶ ବୋଲି କୁହାଯାଇଥାଏ।

ଏବେ ବୁଝିବା ପ୍ରଦୂଷଣ କ'ଣ। ପରିବେଶରେ ଅର୍ଥାତ୍ ମୁଖ୍ୟତଃ ମାଟି ପାଣି ଓ ବାୟୁରେ ବିଭିନ୍ନ ପଦାର୍ଥ (କଠିନ, ତରଳ ଓ ଗେସୀୟ) ବା ଶକ୍ତି (ଆଣବିକ ବିକିରଣ, ତାପମାତ୍ରା ଓ ଶବ୍ଦ ଆଦି) ର ମାତ୍ରାଧିକ ବୃଦ୍ଧିକୁ ଆମେ ପ୍ରଦୂଷଣ ବୋଲି କହିଥାଉ। ବୃଦ୍ଧିର ହାର ଓ ମାତ୍ରା ଯଦି ଆମ ଜୀବନ ପାଇଁ କ୍ଷତିକର ହୁଏ, ତେବେ ସେହି ପରିମାଣର ବୃଦ୍ଧିକୁ ମାତ୍ରାଧିକ ବୃଦ୍ଧି କୁହାଯାଏ।

ଆମ ଜୀବନ ଯାପନ ମାନରେ ଉନ୍ନତି ସଙ୍ଗେ ସଙ୍ଗେ ପ୍ରଦୂଷଣ ର ବୃଦ୍ଧି ଫଳରେ ପରିବେଶଗତ ଅନେକ ଏଭଳି ସମସ୍ୟା ଦେଖାଦଉଛି ଯାହା ଆମ ଜୀବନ ପ୍ରତି ବିପଜ୍ଜନକ।

ଏଥର ଦୃଷ୍ଟି ଦିଆଯାଉ ପ୍ରଦୂଷଣର ମୁଖ୍ୟ କାରଣ ଗୁଡ଼ିକ ଉପରେ। ପ୍ରଦୂଷକ ଗୁଡ଼ିକ ସାଧାରଣତଃ ଦୁଇ ପ୍ରକାରର:

୧. ସ୍ଥାୟୀ ପ୍ରଦୂଷକ: ଯେଉଁ ପ୍ରଦୂଷକ ଗୁଡ଼ିକ ଦୀର୍ଘକାଳ ଧରି ଅପରିବର୍ତ୍ତିତ ରହିଥାଏ, ଯଥା: ଆଣବିକ ଆବର୍ଜନା, ପ୍ଲାଷ୍ଟିକ୍ ଓ କୀଟନାଶକ। ଏଭଳି ପ୍ରଦୂଷଣ ଗୁଡ଼ିକ ଖୁବ୍ ବିଷାକ୍ତ।

୨. ଅସ୍ଥାୟୀ ପ୍ରଦୂଷକ: ଯେଉଁ ପ୍ରଦୂଷକ ଗୁଡ଼ିକ ସ୍ୱଳ୍ପ ସମୟ ମଧ୍ୟରେ ବିଘଟିତ ହୋଇ ସାଧାରଣ ପଦାର୍ଥରେ ପରିଣତ ହୋଇଯାଏ ଯଥା: ପ୍ରାଣୀର ମଳମୂତ୍ର ଓ ଅଳିଆ, ଯାହା ଶୀଘ୍ର ପଚିସଢ଼ି ମାଟିରେ ମିଶିଯାଇଥାଏ।

ପ୍ରଦୂଷଣ ଫଳରେ ଆମ ପ୍ରକୃତିର ସନ୍ତୁଳନ ନାନା ଦିଗରୁ ଏଭଳି ଭାବେ ବିଗିଡ଼ିଗଲାଣି ଯେ, ତାହା ଏବେ ଆମ ଜୀବନ ପ୍ରତି ଅତ୍ୟନ୍ତ ବିପଜ୍ଜନକ ହୋଇପଡ଼ିଛି। ବିଭିନ୍ନ ଅଦରକାରୀ ପଦାର୍ଥ ଓ ମଇଳା ନିତି ମାଟି ପାଣି ଓ ବାୟୁରେ ପ୍ରବେଶ କରୁଛି। ଆଣବିକ ବିକିରଣ ଓ ଧ୍ୱନି ପ୍ରଦୂଷଣ ପରିବେଶକୁ ଯଥେଷ୍ଟ କ୍ଷତି ପହଞ୍ଚାଉଛି।

ଯେହେତୁ ପ୍ରଦୂଷଣ ଆମ ସ୍ୱାସ୍ଥ୍ୟ ପ୍ରତି ବିପଦ, ଆମେ ତାକୁ ବିଷ ବୋଲି କହିପାରୁ। ଏହା ଯୋଗୁ ଆମେ ଚଞ୍ଚଳ ମରିଯିବା ନାହିଁ ସତ, କାରଣ ଏହା ଏକ ଅନବରତ ମନ୍ଥର ପ୍ରକ୍ରିୟା। ତେଣୁ ଆମେ ପ୍ରଦୂଷଣ ଧୀରବିଷ ବା ମନ୍ଥର ଜହର ବୋଲି ଅଭିହିତ କରିପାରୁ।

ପ୍ରକାର ଭେଦରେ ପ୍ରଦୂଷଣ ଅନେକ ପ୍ରକାରର, ଯଥା:
୧) ବାୟୁ ପ୍ରଦୂଷଣ ୨) ଜଳ ପ୍ରଦୂଷଣ ୩) ମୃତ୍ତିକା ପ୍ରଦୂଷଣ ୪) ଧ୍ୱନି ପ୍ରଦୂଷଣ ଓ ୫) ବିକିରଣ ଜନିତ ପ୍ରଦୂଷଣ

୧. ବାୟୁ ପ୍ରଦୂଷଣ: ଏହା ପରିବେଶ ପାଇଁ ମନୁଷ୍ୟକୃତ ଏକ ବଡ଼ ସମସ୍ୟା। ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ଅଳିଆ ଆବର୍ଜନା ପରିବେଶକୁ ପ୍ରବେଶ କରୁଛି। ଗାଡ଼ିମଟର, କଳକାରଖାନା, ଘର ଉଡ଼ାଜାହାଜ, କ୍ଷେପଣାସ୍ତ୍ର ପରୀକ୍ଷଣ, ମହାକଶକୁ ରକେଟ୍ ଓ ଉପଗ୍ରହ ପ୍ରେରଣ, ଖରାପ ଟାୟାର୍ ଟ୍ୟୁବ୍‌ର ଦହନ, ମଣିଷ ଶରୀରର ଦହନ, ବିବାହ ଉତ୍ସବ ଦୀପାବଳି ଓ ସମାରୋହ ମାନଙ୍କରେ ରୋଷଣୀ ଓ ବାଣ ବିସ୍ଫୋରଣ ଆଦିର ନିର୍ଗତ ଧୂଆଁ ତଥା ପ୍ଲାଷ୍ଟିକ୍‌ର ଦହନରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରିଚାଲିଛି।

କୋଇଲା, କାଠ, ତେଲ, କିରାସିନ, ପେଟ୍ରୋଲ, ଡିଜେଲ୍ ଆଦିର ଦହନରୁ ମଧ୍ୟ ଅନେକ ପ୍ରଦୂଷଣ ନିର୍ଗତ ହୋଇଥାଏ, ଯଥା:
କ) କାର୍ବନ୍ ମନୋକ୍ସାଇଡ୍ ଗେସ୍
ଖ) ନାନା ପ୍ରକାରର ହାଇଡ୍ରୋକାର୍ବନ୍
ଗ) ନାନା ପ୍ରକାର ପଦାର୍ଥର କଣିକା
ଘ) ସଲ୍‌ଫର୍ ଡାଇ ଅକ୍ସାଇଡ୍
ଙ) ନାଇଟ୍ରୋଜେନ୍‌ର ନାନା ଅକ୍ସାଇଡ୍ ଇତ୍ୟାଦି।

• ଜାଳେଣୀ ଗୁଡ଼ିକର ଅତୃପ୍ତ ଦହନରୁ ନିର୍ଗତ କାର୍ବନ୍ ମନୋକ୍ସାଇଡ୍ ଗେସ୍ ଖୁବ୍ ଅସ୍ଥାୟୀ। ଅମ୍ଳଜାନ ସଂସ୍ପର୍ଶରେ ଆସିବାମାତ୍ରେ ଏହା ଅମ୍ଳଜାନକୁ ଜଡ଼େଇ ନେଇଥାଏ। ମଣିଷ ପ୍ରଶ୍ୱାସରେ କାର୍ବନ୍ ମନୋକ୍ସାଇଡ୍‌କୁ ଗ୍ରହଣ କଲେ ତାହା ହେମୋଗ୍ଲୋବିନ୍‌ରେ ମିଶି ସେଥିରୁ ଅମ୍ଳଜାନକୁ କାଢ଼ିନେବା ଫଳରେ ରକ୍ତର ଅମ୍ଳଜାନ ବହନ କ୍ଷମତା ହ୍ରାସ ପାଇଥାଏ। ଏହି କାରଣରୁ ମୁଣ୍ଡବ୍ୟଥା, ମୁଣ୍ଡ ବୁଲେଇବା, ନିଦୁଆ ଲାଗିବା ଆଖିକୁ ଝାପ୍‌ସା ଦେଖାଯିବା ଆଦି ସ୍ୱାସ୍ଥ୍ୟ ସମସ୍ୟା ଓ ତାହାର ମାତ୍ରାଧିକ୍ୟରେ ଆମେ ଚେତା ହରେଇ ପାରୁ, ଏପରିକି ଜୀବନ ବି ଯାଇପାରେ। କାର୍ବନ୍ ମନୋକ୍ସାଇଡ୍ ହୃଦୟରେ ସମସ୍ୟା ସୃଷ୍ଟି କରିବା, ରକ୍ତହୀନତା, ବ୍ରୋଙ୍କାଇଟିସ୍ ଓ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟାମାନ ସୃଷ୍ଟି କରିଥାଏ। ତେଣୁ କହିବା, କାର୍ବନ୍ ମୋନକ୍ସାଇଡ୍ ନିଶ୍ଚୟ ଏକ 'ନୀରବ ଘାତକ'।

• ଯାନବାହନ କଳକାରଖାନା ଓ ବିହିନ୍ନ ବିସ୍ଫୋରଣରୁ ବିଭିନ୍ନ ହାଇଡ୍ରୋଇକାର୍ବନ୍ ନିର୍ଗତ ହୋଇଥାଏ। ନାନା ପ୍ରକାରର ଜାଳେଣୀର ଅତୃପ୍ତ ଦହନ ବା ବାଷ୍ପୀକରଣ ଯୋଗୁ ମଧ୍ୟ ଏହା ହୋଇଥାଏ। ଏହା ବାୟୁମଣ୍ଡଳରେ ପ୍ରବେଶ କରେ ଓ ପରେ ବର୍ଷାଜଳ ଦ୍ୱାରା ଧୋଇହୋଇ ତଳକୁ ଖସିଆସି ଜଳସ୍ତର ଉପରେ ତୈଳାକ୍ତ ଆସ୍ତରଣ ସୃଷ୍ଟି କରିଥାଏ। ଫଳରେ ଆମ ଜଳଭାଗ ପ୍ରଦୂଷିତ ହୋଇଥାଏ।

• ଜୀବାଶ୍ମ ଦହନରୁ ଅନେକ ସୂକ୍ଷ୍ମ କାର୍ବନ୍ କଣିକା ଉପୁଜିଥାଏ। ତାହା ଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ ସମସ୍ୟା ଓ ଫୁସ୍‌ଫୁସ୍ କେନ୍‌ସର୍ ହବାର ଆଶଙ୍କାକୁ ଚଢ଼େଇ

ଦିଏ । ଏଜ୍‌ବେଷ୍ଟସ୍ ପଦାର୍ଥର ସଂସ୍ପର୍ଶରେ ଆସୁଥିବା ଲୋକଙ୍କ ଫୁସ୍‌ଫୁସ୍‌ରେ ଏହାର ଅଂଶ କ୍ରମଶଃ ଗଚ୍ଛିତ ହେବା ଫଳରେ ସେମାନଙ୍କ ଠାରେ ଏଜ୍‌ବେଷ୍ଟୋସିସ୍ ନାମକ କେନ୍‌ସର ଜାତୀୟ ରୋଗ ଦେଖା ଦେଇପାରେ । ସିମେଣ୍ଟ କାରଖାନା, ସୂତାକଳ ଗେଟିକ୍ରସର ଓ କାଗଜକଳ ମାନଙ୍କରେ କାମ କରୁଥିବା ଲୋକଙ୍କ ଠାରେ ମଧ୍ୟ ଏଭଳି ଘାତକ ରୋଗ ଦେଖାଦେଇଥାଏ ।

ବିଭିନ୍ନ ଖଣି, କୁମ୍ଭାରଶାଳ, କାଚ ତିଆରି ଉଦ୍ୟୋଗ, ଢଳେଇ କାରଖାନା ତଥା ପଥର ବା କାଚ କାଟିବା ଆଦି କାମରେ ନିୟୋଜିତ ଶ୍ରମିକଙ୍କ ଠାରେ ସିଲିକୋସିସ୍ ନାମକ କେନ୍‌ସର ଜାତୀୟ ଅନ୍ୟ ଏକ ରୋଗ ମଧ୍ୟ ଅନେକ ସମୟରେ ଦେଖା ଦେଇପାରେ । ଫୁସ୍‌ଫୁସ୍‌ରେ କ୍ରମଶଃ ସିଲିକା ଜମିବା କାରଣରୁ ଏଭଳି ଘାତକ ରୋଗ ହୋଇଥାଏ ।

• ସଲ୍‌ଫର୍ ଡାଇଅକ୍ସାଇଡ୍ କଣିକା ମଧ୍ୟ ଗାଡ଼ି ମଟର ଓ କାରଖାନାରୁ ନିର୍ଗତ ହୋଇଥାଏ । ଏହା ଏକ ବିଷାକ୍ତ ଗେସ୍ ଯାହାର କଡ଼ା ଗନ୍ଧ ଶ୍ୱାସକ୍ରିୟା ସମ୍ପର୍କୀୟ ସ୍ନାୟୁ ମାନଙ୍କୁ କୋପିତ କରେ । ଅମ୍ଳଜାନ, ଜଳ ଓ ବାୟୁରେ ଥିବା ଅନ୍ୟ ପଦାର୍ଥ ଗୁଡ଼ିକ ସହ ମଧ୍ୟ ଏହା କ୍ରିୟାଶୀଳ ହୋଇ ସଲ୍‌ଫର୍ ବା ଗନ୍ଧଯୁକ୍ତ ବିଭିନ୍ନ ଏସିଡ୍ ଉତ୍ପନ୍ନ କରିଥାଏ । ବାୟୁରେ ଉପସ୍ଥିତ ବିଭିନ୍ନ କଣିକା ସହ ଏହା ଜଡ଼ିତ ହୋଇପଡ଼େ । ପ୍ରଶ୍ୱାସରେ ସେହି ବାୟୁକୁ ଗ୍ରହଣ କଲେ ତାହା ଫୁସ୍‌ଫୁସ୍‌ର ସ୍ନାୟୁକୁ ପ୍ରବାହିତ କରି କ୍ଷତି ସାଧନ କରେ । ସଲ୍‌ଫର୍ ଡାଇଅକ୍ସାଇଡ୍ ଗଛଲତାର ବୃଦ୍ଧିର ବାଧା ସୃଷ୍ଟି ପୂର୍ବକ ଉଦ୍ଭିଦ ଜଗତର ମଧ୍ୟ କ୍ଷତି କରିଥାଏ ।

• ନାଇଟ୍ରୋଜେନ୍‌ର ଅକ୍ସାଇଡ୍ ଗୁଡ଼ିକ ମଧ୍ୟ ବାୟୁର ମୁଖ୍ୟ ପ୍ରଦୂଷକ ଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହା ମୁଖ୍ୟତଃ ଯାନବାହନର ଇଞ୍ଜିନ୍ ଓ କାରଖାନାର ନିର୍ଗମନଳୀରୁ ବାହାରିଥାଏ । ଏହା ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ସହ ମିଶି ଫଟୋ କେମିକାଲ୍‌ର ଅନ୍ଧାରୁଆ କୁହୁଡ଼ି ସୃଷ୍ଟିକରେ । ନାଇଟ୍ରୋଜେନ୍ ଅକ୍ସାଇଡ୍ ଚକ୍ଷୁ ଓ ଫୁସ୍‌ଫୁସ୍‌କୁ କୋପିତ କରେ, ଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ ରୋପଣର ପ୍ରତିରୋଧକ ଶକ୍ତି ହ୍ରାସ କରେ, ଇନ୍‌ଫ୍ଲୁଏଞ୍ଜା ଆଦି ରୋଗ ଉତ୍ପନ୍ନ କରେ ଏବଂ ଶ୍ୱାସରୋଗୀ ଓ ପିଲାଙ୍କ ମୃତ୍ୟୁର କାରଣ ହେଇପାରେ ।

ନାଇଟ୍ରୋଜେନ୍ ଅକ୍ସାଇଡ୍ ବର୍ଷାଜଳ, ବରଫ, କୁହୁଡ଼ି ଓ କାକର ସହ ମିଶି ନାଇଟ୍ରିକ୍ ଏସିଡ୍ ସୃଷ୍ଟି କରିବା ଫଳରେ ଏସିଡ୍ ବର୍ଷା ହେଇଥାଏ । ଏଭଳି ବର୍ଷା ପ୍ରକୃତିର ସନ୍ତୁଳନକୁ ବେଶ୍ ପ୍ରବାହିତ କରିଥାଏ । ଏହା ଗଛଲତାଙ୍କ ପତ୍ରର ବ୍ୟାପକ କ୍ଷତି କରିଥାଏ । ଏହି କାରଣରୁ କେତେକ ବୃକ୍ଷ ଓ ଜଙ୍ଗଲ ଶୁଖି ନଷ୍ଟ ହେଇଯାଇଥିବାର ଦୃଷ୍ଟାନ୍ତ ରହିଛି । ଏହି ଏସିଡ୍ କାରଣରୁ ଜଳରେ ଦ୍ରବୀଭୂତ ଏଲୁମିନିୟମ୍‌ର ମାତ୍ରା ବୃଦ୍ଧି ପାଏ ଯାହା ମାଛଙ୍କ ଗାଲିସିକୁ କ୍ଷତିଗ୍ରସ୍ତ କରିବା ଫଳରେ ମାଛମାନେ ଅଣନିଃଶ୍ୱାସୀ ହୋଇ ମରଣ ମୁଖରେ ପଡ଼ନ୍ତି । ଏଭଳି ପ୍ରଦୂଷିତ ଜଳର ଆଧାର (ପୋଖରୀ ବା ଜଳାଶୟ)ର ନିକଟରେ ବାସ କରୁଥିବା ପକ୍ଷୀ ମାନଙ୍କ ଠାରେ ମଧ୍ୟ ସେଇ ବିଷର ପ୍ରଭାବ ପଡ଼ିଥାଏ ।

• ଆଣବିକ ବିକିରଣ ହେତୁ 'କଳାବର୍ଷା' ଓ 'ଆଣବିକ ଶୀତ' ମଧ୍ୟ ହେଇପାରେ । ଫଳରେ ତୃଣ, ଫସଲ ଓ ଉଦ୍ଭିଦ ନଷ୍ଟ ହେଇପାରେ ଏବଂ ଅନାହାରରେ ପଶୁ ଓ ମଣିଷମାନେ ମୃତ୍ୟୁବରଣ କରନ୍ତି । ତେଣୁ ଆମେ ସ୍ୱୀକାର କରିବା ଯେ ଆଣବିକ ଯନ୍ତ୍ରପାତି ଓ ଅସ୍ତ୍ରଶସ୍ତ୍ର ସମଗ୍ର ଜଗତ ପାଇଁ ସମ୍ପୂର୍ଣ୍ଣ ବିପଜ୍ଜନକ । ସୂର୍ଯ୍ୟର ପ୍ରଖର ଅଲଟ୍ରା ଭାୟୋଲେଟ୍ ରଶ୍ମିରୁ ପୃଥିବୀକୁ ରକ୍ଷା କରିବା ପାଇଁ ଏହାକୁ ଘେରି ଓଜୋନ୍‌ର ସ୍ତର ରହିଛି । କ୍ଲୋରୋଫ୍ଲୋରୋକାର୍ବନ୍ ଗୁଡ଼ିକର ବହୁଳ ବ୍ୟବହାର ଫଳରେ ପୃଥିବୀର ଏହି ଓଜୋନ୍ ଆସ୍ତରଣରେ ଅନେକ ଛିଦ୍ର ସୃଷ୍ଟି ହବାରେ ଲାଗିଛି । ଏହାଦ୍ୱାରା ବିଭିନ୍ନ ପ୍ରକାର ଚର୍ମରୋଗ, ଯକ୍ଷ୍ମା ଓ କୁଷ୍ଠ ଆଦି ରୋଗ ବୃଦ୍ଧି ସାଙ୍ଗକୁ ରୋଗ ପ୍ରତିରୋଧକ ଶକ୍ତିରେ ହ୍ରାସର ଆଶଙ୍କା ବୃଦ୍ଧି ପାଉଛି ।

୨. ଜଳ ପ୍ରଦୂଷଣ: ଆମ ଜୀବନ ଧାରଣ ପାଇଁ ଜଳର ସର୍ବାଧିକ ପାଣି, ଅଳିଆ ଆବର୍ଜନା, ଏସିଡ୍ ବର୍ଷା, ଖଣିରୁ ଉଛୁଳି ବହିଆସୁଥିବା ଅମ୍ଳଯୁକ୍ତ ଜଳ, ଫସଲରେ କୀଟନାଶକର ପ୍ରୟୋଗ, ଜମିରେ ପ୍ରୟୋଗ ହୋଇଥିବା ରାସାୟନିକ ସାରର ଉଦ୍‌ବୃତ୍ତ ଭାଗ, ତେଲ ବହିଯିବା, କାଗଜକଳ ଓ ଚିନିକଳର ମଇଳା ପାଣି, ତୈଳ ପରିଶୋଧନ କାରଖାନାରୁ ନିର୍ଗତ ଆବର୍ଜନା, ନାଳନର୍ଦ୍ଦମାର ମଳ ଓ ଆବର୍ଜନା , ପେଟ୍ରୋଲିୟମ୍ ଉତ୍ତୋଳନ ଓ ତଜ୍ଜନିତ ଦୁର୍ଘଟଣା କାରଣରୁ ଢାଳି ହୋଇଯିବା ବା ଲିକ୍ ହେଇ ବହିଯିବା ଇତ୍ୟାଦି କାରଣରୁ ଜଳ ଦୂଷିତ ହୋଇଥାଏ । ତେଲ ବହିଯାଇ ଜଳରେ ପଡ଼ିଲେ ଜଳର ଉପରିଭାଗରେ ଏକ ଆସ୍ତରଣ ସୃଷ୍ଟି ହୁଏ ଯାହା ଫଳରେ ଜଳରେ ଅମ୍ଳଜାନର ମାତ୍ରା ହ୍ରାସ ପାଏ ଓ ଜଳଚର ପ୍ରାଣୀଙ୍କ ପ୍ରତି ସମସ୍ୟା ସୃଷ୍ଟି ହୁଏ ।

ଜଳସେଚନ, ପରିବା ପତ୍ର ଧୁଆଧୋଇ, ଖାଦ୍ୟ ପ୍ରସ୍ତୁତ ଆଦିରେ ଦୂଷିତ ଜଳର ବ୍ୟବହାର ଯୋଗୁ ପ୍ରାଣୀ ରୋଗଗ୍ରସ୍ତ ହୁଏ । ମୃତ୍ୟୁ ମୁଖରେ ମଧ୍ୟ ପଡ଼େ । ଔଦ୍ୟୋଗିକ ମଳରୁ ବାହାରୁଥିବା ଶିଶା ଓ ପାରଦ ଦ୍ୱାରା ମଧ୍ୟ ଜଳ ଦୂଷିତ ହେଇଥାଏ । ଏଭଳି ଜଳରେ ବଢ଼ିଥିବା ମାଛକୁ ଖାଇବା ଆମ ପାଇଁ ନିଶ୍ଚୟ ନିରାପଦ ନୁହେଁ ।

ବିଭିନ୍ନ କାରଣରୁ ସମୁଦ୍ରରେ ତୈଳ ଢାଳି ହେଇଯିବା ବା ଲିକ୍ ହବା ଦ୍ୱାରା ବହୁ ଜଳଚର ପ୍ରାଣୀଙ୍କ ମୃତ୍ୟୁ ହେଇଥାଏ । ହୁଏତ ଏହିଭଳି କିଛି କାରଣବଶତଃ ଏବେ ହଜାର ହଜାର ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ସମୁଦ୍ର ବାଲିରେ ମରି ପଡ଼ୁଥିବା ଦେଖିବାକୁ ମିଳୁଛି । କଳକାରଖାନାର ମଇଳା ପାଣି ବହିଯାଇ ନଦୀ ଜଳରେ ମିଶିବା ଯୋଗୁ ନଦୀଜଳ ପ୍ରଦୂଷିତ ହଉଛି ଓ ବହୁଳ ପରିମାଣରେ ମାଛ ଆଦି ଜଳଚର ମରି ଭାସୁଥିବାର ଦେଖିବାକୁ ମିଳୁଛି ।

୩. ମୃତ୍ତିକା ପ୍ରଦୂଷଣ: ମଣିଷର ଘରୁ ଓ କଳକାରଖାନାରୁ ବାହାରୁଥିବା

କଠିନ ବର୍ଗର ପ୍ରଦୂଷକକୁ ଏଣେତେଣେ ପକେଇବା ଫଳରେ ଗାଁ ସହର ଓ ଔଦ୍ୟୋଗିକ ଅଞ୍ଚଳରେ ମୃତ୍ତିକା ପ୍ରଦୂଷଣର ଦ୍ରୁତ ବୃଦ୍ଧି ଘଟିଚାଲିଛି।
ମୃତ୍ତିକା ପ୍ରଦୂଷଣର ମୁଖ୍ୟ କାରଣ ହେଲା ପ୍ରାଣୀଙ୍କ ମଳମୂତ୍ର, ପ୍ଲାଷ୍ଟିକ୍ ଅମ୍ଳର ବୃଦ୍ଧି, କୀଟନାଶକ ଦ୍ରବ୍ୟର ଅବଶିଷ୍ଟାଂଶ, ଏଣେତେଣେ ଫିଙ୍ଗା ଯାଉଥିବା ଅନାବଶ୍ୟକ ଧାତବ ପଦାର୍ଥ ଓ ବଳକା ସ୍ଥାୟୀ ବିନାଶ କରେ, ତା ନୁହେଁ, ତା ସହିତ ଅନେକ ହିତକାରୀ ଜିଆ ଓ ପତଙ୍ଗଙ୍କୁ ମଧ ମାରିପକାଏ।

୪. ଧ୍ୱନୀ ପ୍ରଦୂଷଣ: ଉଚ୍ଚ ସ୍ୱରର ଧ୍ୱନି ଆମ ଶ୍ରବଣ ଶକ୍ତିକୁ ନଷ୍ଟ କରିଦେଇପାରେ। ଆମେ ଲିପ୍ତ ଥିବା କାର୍ଯ୍ୟରେ ଆମର ଏକାଗ୍ରତାକୁ ବାଧା ଦେଇପାରେ। ଅତ୍ୟଧିକ ଶବ୍ଦ ଫଳରେ ଜଣେ ମାନସିକ ସନ୍ତୁଳନ ହରେଇ ପାଗଳ ହେଇଯାଇପାରେ କିମ୍ବା କାହାର ହୃଦ୍‌ଘାତ ମଧ ଘଟିପାରେ।

ସାଇରନ୍‌ର ଶବ୍ଦ ଭଳି ତୀକ୍ଷ୍ଣ ଶବ୍ଦ, ବୋମା ବିସ୍ଫୋରଣ ହେଲାଭଳି ପ୍ରଚଣ୍ଡ ଶବ୍ଦ, କଳକାରଖାନାର ନିର୍ଗତ କର୍କଶ ଶବ୍ଦ, ଘଡ଼ଘଡ଼ିର ଶବ୍ଦ ଭଳି ଗମ୍ଭୀର ଶବ୍ଦ, ବଜ୍ରପାତର ଶବ୍ଦ ଭଳି ତୀବ୍ର ଶବ୍ଦକୁ ପ୍ରଦୂଷକ ଧ୍ୱନି କୁହାଯାଇପାରେ। ଶ୍ରୁତିକଟୁ ଶବ୍ଦ ମଧ ଆମ ପାଇଁ ପ୍ରଦୂଷକ ହେଇପାରେ। ଧ୍ୱନି ପ୍ରଦୂଷଣ ମଣିଷକୁ ଉଶୃଙ୍ଖଳ, ହିଂସ୍ର, କଠୋର, ବିରକ୍ତ ଓ ଅଶାନ୍ତ କରିଦେଇପାରେ। ତେଣୁ ନିଷ୍ଚୟ ଧ୍ୱନି ପ୍ରଦୂଷଣ ମଧ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ।

୫. ବିକିରଣ ଜନିତ ପ୍ରଦୂଷଣ: ଆଣବିକ ବିକିରଣର ଭୟାବହତା ଅତ୍ୟନ୍ତ ଗମ୍ଭୀର ସମସ୍ୟା। ଏ ପ୍ରକାରର ପ୍ରଦୂଷଣ ପ୍ରାଣୀର ପ୍ରଜନନ ବ୍ୟବସ୍ଥା ଓ କ୍ଷମତାକୁ ଗଣ୍ଡଗୋଳିଆ କରିଦେଇପାରେ। ଅନେକ ଆଣବିକ ଶକ୍ତି କାରଖାନା ସ୍ଥାପନ ଫଳରେ ଆଣବିକ ବିକିରଣ ଜନିତ ପରିବେଶ ପ୍ରଦୂଷଣ ଦ୍ରୁତ ବୃଦ୍ଧି ପାଇଚାଲିଛି। ଏଭଳି କାରଖାନା ମାନଙ୍କରେ ବିପୁଳ ଆଣବିକ ମଳ ଉତ୍ପନ୍ନ ହୋଇଥାଏ, ଯାହାକି ଦୀର୍ଘକାଳ ତେଜସ୍କ୍ରିୟ ରହି ଜୀବର କ୍ଷତି କରିଚାଲେ। ଅବଶେଷରେ ଏସବୁ ତେଜସ୍କ୍ରିୟ ପଦାର୍ଥ ମାଟିରେ ହିଁ ପଡ଼ିରହେ ଓ ଦୀର୍ଘକାଳ ପରେ ମାଟିରେ ମିଶେ। ମାଟିରୁ ତାକୁ ଗ୍ରହଣ କରନ୍ତି ଗଛଲତା। ସେହି ଗଛଲତାଙ୍କୁ ମଣିଷ ବା ପଶୁ ଖାଇଲେ, ତାଙ୍କ ହାଡ଼ ମାଂସ ଓ କ୍ଷୀରରେ ସେଇ ତେଜସ୍କ୍ରିୟ ପଦାର୍ଥର ଅଂଶ କ୍ରମେ ଗଚ୍ଛିତ ହୁଏ। ଏହାର ଆଧିକ୍ୟରେ ମଣିଷର ସ୍ୱାସ୍ଥ୍ୟ ନଷ୍ଟ ହେଇପାରେ ଓ ମଣିଷ ବିକଳାଙ୍ଗ ହେଇଯାଇପାରେ। ଏ ପ୍ରକ୍ରିୟା ଆମ ପିଢ଼ୀ ପର ପିଢ଼ୀକୁ ଓ ତା' ପର ପିଢ଼ୀକୁ ଏଇପରି ଜାରିରହେ।
ଏସବୁ କାରଣ ଓ ବାସ୍ତବତାକୁ ଅନୁଧାନ କରି ଏଭିତରେ ଆମର ଦୃଢ଼ ଧାରଣା ହେଇସାରିଲାଣି ଯେ ପ୍ରଦୂଷଣ ଆମ ଜୀବନ ପାଇଁ ଅତ୍ୟନ୍ତ ବିପଜ୍ଜନକ ଏବଂ ଆମେ ତାକୁ ଆଦୌ ଚାହୁଁନା।

ଅବଶ୍ୟ ଆଜିକାଲି ପରିବେଶ ସୁରକ୍ଷା ସଚେତନତା କିଛି ମାତ୍ରାରେ ବଢ଼ିଲାଣି। ଏଦିଗରେ ମଣିଷ ଅଧିକ ସତର୍କ ହେଲାଣି ବର୍ଯ୍ୟବସ୍ତୁ ପରିଚାଳନାରେ ମନ ଦେଲାଣି, କୃତ୍ରିମ ଜଙ୍ଗଲ ସୃଷ୍ଟି କଲାଣି ଅର୍ଥାତ୍ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାକୁ ଅନେକ ପଦକ୍ଷେପ ନେଲାଣି। ଏହା ନିରାଟ ସତ ଯେ ପରିବେଶକୁ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ କରାଯିବା, ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଯାନବାହନ ଓ କଳକାରଖାନା ଯୋଗୁଁ, ସମ୍ଭବ ନୁହେଁ।

କିନ୍ତୁ ସବୁ ଦିଗରେ ପ୍ରଦୂଷଣର ମାତ୍ରାକୁ କମ୍ କରାଯାଇ ପାରିବ। ସେଥିପାଇଁ ବ୍ୟାପକ ଜନସଚେତନତା ଓ ସତର୍କତା ଆବଶ୍ୟକ ଏବଂ ସମ୍ମିଳିତ ପ୍ରୟାସ ସର୍ବାଦୌ ଆମ ସଭିଙ୍କ କର୍ତ୍ତବ୍ୟ।

ବି/୧୫୦, ସେକ୍ଟର-୭
ରାଉରକେଲା-୭୬୯୦୦୩
ମୋ:୮୮୯୫୫୫୦୪୪୩
E-mail: chittabrahma@gmail.com

*With best compliments from:*

**YOGESH OVERSEAS PVT. LTD.**

# ଶାନ୍ତିନିକେତନରୁ ଦାର୍ଜିଲିଂ

ଡ. ବୀଣାପାଣି ଦେବତା



୨୨ ଫେବୃଆରୀ ୯୬ । ଦାର୍ଜିଲିଂ ଏକ୍ସକରସନ ପାଇଁ ପ୍ରସ୍ତୁତ ହେଲି । ଆମେ ତିନିଜଣ ଯାଇ ଲାଇବ୍ରେରୀରେ ବସିଲୁ, ଧୀରେ ଧୀରେ ସମସ୍ତେ ଜମାହେଲେ । ରିକ୍ସାରେ କମ୍ପିଟିସନ କରି ଗଲେ । ଷ୍ଟେସନରେ କି ତୀବ୍ରଗନ୍ଧ, ବାନ୍ତି ହୋଇଯିବ । ଯାଇ ୱେଟିଂ ରୁମରେ ବସିଲୁ । ମାନସ ବିନୟଙ୍କୁ ଚିଡ଼ାଉଥାଏ, ସେ ରାଗିଯାଉଥାଏ । କୃପାସିନ୍ଧୁ ଯାଉନାହିଁ କିନ୍ତୁ ସବୁ କାମ ସେ କରିଛି । ସାଢ଼େ ଦଶରେ ଟ୍ରେନ୍ ଆସିଲା । ଏସ ଫାଇଭରେ ଟିଟିଆଇ ଭିତରକୁ ଛାଡ଼ିଲା ନାହିଁ, ବୋଲପୁର କୋଟା ପଛରେ । ଆମେ ପୂରା ଟ୍ରେନଟା ଦୌଡ଼ି ପଛକୁ ଗଲୁ, ନା ଏସ୍ ଫାଇଭ ଆଗରେ । ଦୌଡ଼, ଟ୍ରେନ ଛାଡ଼ିଦେବ । ଏସ ଫାଇଭର ଟିଟିଆଇ କିନ୍ତୁ ଛାଡ଼ୁନଥାଏ । ପିଲାମାନେ ରାଗିଯାଇଥାନ୍ତି, ଟିକେଟ ତା ଆଖି ଆଗରେ ହଲାଇଲେ । ପବ୍ଲିକ ମଧ୍ୟ ରାଗିଗଲେ, ଓହ୍ଲାଇ ମାଡ଼ଦିଅ । ବୁଢ଼ାଟିଏ ଆସି ସିଟ୍ କରିଦେଲା । ସମସ୍ତଙ୍କ ପାଟିତୁଣ୍ଡରେ ଶୋଇଥିବା ଲୋକ ଉଠିପଡ଼ିଲେ ଓ ବିରକ୍ତ ହେଲେ । କଥା ହେଲା ପଇସା ନେଇ ଅନ୍ୟ ଲୋକଙ୍କୁ ଆମ ସ୍ଲିପର କୋଚ ଦେଇ ଦେଇଛି । ମାନସ କହିଲା ଆପଣ କଣ୍ଠସ୍ୱର ମହାଶୟ ଏତେ ଭଲ ଯେ ଗଳାରେ ଗେଣ୍ଡୁଫୁଲ ମାଳ ପିନ୍ଧାଇବା ଉଚିତ । ସୁପ୍ରଭା ସ୍ୱପ୍ନ ଦେଖିଥିଲା ଆମେ ଟ୍ରେନ ଫେଲ ହେଇଛୁ । ସେ ଯା ହେଉ ଆମେ ଗଲୁ, ସବା ଉପର ବର୍ଥରେ ମୁଁ ଶୋଇଥାଏ ।

୨୩ ଫେବୃଆରୀ ୯୬ । ସାତଟାରେ ଉଠି ତଳ ବର୍ଥରେ ବସିଲି । ଗୋଟେ ପରିବାର ଖାଇଖାଇ ଯାଉଛନ୍ତି ବ୍ରେଡ୍ ଅଣ୍ଡା, ମିଠା, କଫି । ମାନସ କହିଲା ବୁଢ଼ା ବେଳରେ ଏମିତି, ଟୋକା ବେଳରେ କଣ ଥିବେ, ବିଳାସ କରୁଛନ୍ତି । ଗୁର୍ଜରୀ ଡ୍ରେସ ପିନ୍ଧିଥିବା ମହିଳା କୋରାନ ପଢ଼ିଲେ, ବାଃ କି ଧର୍ମପ୍ରାଣ । ମତେ ପଚାରିଲେ, ରାତିରେ ଭୀଷଣ ପାଟିତୁଣ୍ଡ କରୁଥିଲ ? ମୁଁ କହିଲି ହଁ । ଆମେ ଓହ୍ଲାଇଲା ବେଳେ ସେ ଅନ୍ୟମାନଙ୍କୁ କହିଲେ ଏ ଦଳଟା ଚାଉଚାଉ ମାଉମାଉ ଆମକୁ ରାତିରେ ଶୁଆଇ ଦେଲେ ନାହିଁ । ଆମ ଦଳର ଅଭିଯୋଗ ଥିଲା ବିଭିନ୍ନ ନାଦର ଘୁଙ୍ଗୁଡ଼ି ଶୁଣାଇ ଆମକୁ ଶୁଆଇ ଦେଲେନି, କିଏ ଟ୍ରକ, କିଏ ବସ୍, ଟ୍ରେନ । ଆମ ବାଟରେ ପଡ଼ିଥିବା ଷ୍ଟେସନମାନ ହେଲେ ସୂର୍ଯ୍ୟକମଳ, କଙ୍କି, ହାଟୋୟାର, ପାଞ୍ଜିପାଡ଼ା, କିଶନଗଞ୍ଜ, ଗୁଞ୍ଜିରିଆ, ଆଲୁୟାବାଡ଼ି, ଧୁଲାବାରି, ମାଗୁରଦାନ, ଧୁମଡାଙ୍ଗୀ, ତିନମାଇଲହା, ରାଂଗାପାନି । ବାଉଁଶତାଟିର ଘର ସବୁ, ଯେପରି ଶିଶୁଟିଏ ଖୁବ କଷ୍ଟ କରି ଉତ୍ସାହରେ ତା ସ୍ୱପ୍ନର ଘର ତିଆରିଛି । ବଡ଼ ବାଛୁରୀଟିଏ ପାଳ ଖାଇଯାଉଛି, ତା ଉପରେ ବସ୍ତାଟିଏ ଘୋଡ଼ାହେଇଛି, ପାଖରେ ଶୀର୍ଣ୍ଣକାୟ ନାରୀ ବସିଛି । ଓଡ଼ିଶାର ନିମ୍ନତମା ଗୃହବାସିନୀ ଭଳି ଦିଶୁଛି । ଫୁଲଭର୍ତ୍ତି ଶାଲ୍ମଳୀ ଗଛ, ଗୋଟେ ବି ପତ୍ର ନାହିଁ । ନାରୀ ଶିଶୁ କାଖରେ ଧରି ଦଉଡ଼ିରେ ଛେଳିଟିଏ ବାନ୍ଧି ଯାଉଛି ଚରେଇବାକୁ । ବାଉଁଶପାତିର କାନ୍ଥ ଦେହରେ କଳାରଂଗ ବୋଲି ସୁନ୍ଦର କଳା ଧଳା ନକ୍ସା କରା ହେଇଛି । ଖ୍ରୀଷ୍ଟୟାନଙ୍କ କବର ଅନନ୍ତଶୟନ ପରି । ପ୍ରାନ୍ତର ଭିତରେ ଦୂର ମସଜିଦ । ମୁସଲିମ ସ୍ମାର୍ଟ ଭଦ୍ରଲୋକ କହିଲେ ଏହା ବିହାର ବଂଗଳା ବୋର୍ଡ଼ର ଏରିୟା । ତେଣୁ ବୋଲି ଏପରି ହେଇଛି ।

ମାନସ ଜୋକସ କରୁଥାଏ ମନୋରଂଜନ ସାର ବିନୟର କବିତା ପଢ଼ି ଶୁଣେଇଲେ, ସେଇ ଯେ ଗୋଆଲପଡ଼ା ପିକନିକ ଯାଇଥିଲୁ । କବିତା ଏପରି ହୋଇଗଲାଣି । ବିନୟ ଘରକୁ ଚିଠି ଦେଇଥିଲା, ଆମ ପାଠପଢ଼ା ଦେଖେଇବ ଟିଭିରେ, ଦେଖିବ । ମିହିର ସାହୁ ଭିଡ଼ିଓ ଆଣିଥିଲେ । ନୀଳାଦ୍ରି ସାର ସାରଳା ସାହିତ୍ୟ ଉପରେ କ୍ଲାସ ନେଲେ, ଛାତି ପିଟି, ଛାତି, ହାତ ଛାଟି, ମୁଣ୍ଡ ହଲେଇ କହିଲେ ସାରଳା ଓଡ଼ିଶାର ପ୍ରଥମ କବି । ତାଙ୍କ ଉପରେ ତିନଥର ଲାଇଟ ପଡ଼ିଲା । ମନୋଜ ଠିଆ ହେଇ ପ୍ରଶ୍ନ କଲା, ସାର ସାରଳା ଦାସଙ୍କୁ ଆଧୁନିକ କବି ବୋଲି କାହିଁକି କହିବା, ତା ଉପରେ ତିନିଥର ଲାଇଟ ପଡ଼ିଲା । ଆରତୀ କଣ ସବୁ ଲେଖି ପାକଉଛି ଝାଡ଼ୁ ଖଡ଼ିକାରେ, ତା ଉପରେ ତିନିଥର ଲାଇଟ ପଡ଼ିଲା । ବିଭୂତି କଣ ପ୍ରଶ୍ନ କରିବାକୁ ଉଠୁଛି, ମନୋଜ ତାକୁ ବସେଇ ଦେଇ ପୁଣି ପ୍ରଶ୍ନ କଲା । ତିନିଥର ଲାଇଟ ପଡ଼ିଲା । ସ୍ନିଗ୍ଧା ମନଦୁଃଖ କଲେ ତାଙ୍କ ଉପରେ ଲାଇଟ ପଡ଼ିଲା ନାହିଁ । ଏବେ ସ୍ନିଗ୍ଧା କହିଲା ମାନସଭାଇ ପ୍ରଶ୍ନ କଲେ ସାରଳା ଦାସଙ୍କୁ ସବୁଜ କବି ବୋଲି କାହିଁକି ନ କହିବା, କିନ୍ତୁ ଦୁଃଖର କଥା ତାଙ୍କ ଉପରେ ଲାଇଟ ପଡ଼ିଲା ନାହିଁ । ଲିପି ବଡ଼ପାଟିରେ କହିଲା, ଶାନ୍ତିନିକେତନ ଏଥିପାଇଁ ଆସିଛୁ ଯେ ଏଠାରେ କଥାସାହିତ୍ୟର ଲକ୍ଷଲକ୍ଷ ବହି ଅଛି । ଓଡ଼ିଶାର ଅନ୍ୟ କୌଣସି ୟୁନିଭର୍ସିଟିରେ ଏତେ ବହି ନାହିଁ । ଜଣେ କହିଲା, ଆଉ ଖଗେଶ୍ୱର ମହାପାତ୍ର ଫେନେଟିକ୍ସ ବୋଲି ଯେ ଚମତ୍କାର ଜିନିଷଟିଏ ବାହାର କରିଛନ୍ତି, ଖାଲି ଏଇଠି ଅଛି ।

ପହଞ୍ଚିଲୁ ସିଲିଗୁଡ଼ିରେ, ଖୁବ୍ ପରିଷ୍କାର, ପରିଚ୍ଛନ୍ନ । ତଳେ ପାଞ୍ଚଜଣ ତିନୋଟି ପ୍ଲାକାର୍ଡ଼ ଦେଖାଇ ଠିଆ ହୋଇଥାନ୍ତି ୱେଲକମ ଟୁ ମିଷ୍ଟର ଏଣ୍ଡ ମିସେସ ଘୋଷ । ଶେଷରେ ସେମାନେ ଆସିଲେ, କରମର୍ଦ୍ଦନ କଲେ ଓ ଗଲେ । ଗୋଟେ ହୋଟେଲରେ ଆମ ଜଳଖିଆ ବନ୍ଦୋବସ୍ତ କରାଗଲା । ପୁରି ୪ଟାକୁ ପାଞ୍ଚଟଙ୍କା କହୁଥିଲା, ଏତେ ଜଣ ବୋଲି ଚାରିଟଙ୍କାରେ ଦେଲା ଟା ବି ଖୁବ୍ ସୁନ୍ଦର । ଟୟଟ୍ରେନରେ ଗଲେ ସନ୍ଧ୍ୟା ହେଇଯିବ, ବସ ଠିକ କରାଗଲା ହଜାରେ ଟଙ୍କାରେ । ନୀଳାଦ୍ରି ସାରଙ୍କ ପାଇଁ ଅଢ଼େଇଶହ ଲସ୍ ହେଉଛି ଶୁଣି ମାଡ଼ାମ ଗଲେ । ବସ ଆସିଲା, ଅଧା ଟଙ୍କା ଡିମାଣ୍ଡ କଲା । ପ୍ରଥମେ ୩୨ ତଳକୁ ଦେଖିବା ମାତ୍ରେ ଭୀଷଣ ଗର୍ତ୍ତ, ବସ ଟିକିଏ ଏପଟ ସେପଟ ହେଲେ ତଳେ ପଡ଼ି ଚୁନା । ବାଁ ପଟରେ ପାହାଡ଼, ରାସ୍ତା ଖୁବ ଭିଡ଼, ଶରତ ମୁଖାର୍ଜୀ ତେଣୁ ବୋଧହୁଏ କବିତାରେ ଲେଖିଥିଲେ, ଡ୍ରାଇଭର ସାବଧାନ, ଏତେ ଗୁଡ଼ିଏ ପ୍ରାଣ । ମେଘ ଭାସିବୁଲୁଛନ୍ତି । ନିହାତି ଗଦ୍ୟଧର୍ମୀ ହିମାଂଶୁ ମଧ୍ୟ

କହିପକାଇଲା ଲାଗୁଛି ଯେମିତି ସ୍ୱପ୍ନ ଦେଖୁଛୁ । ମୁଁ ବାନ୍ତି କଲି ପାଞ୍ଚଥର, ଏଭୋମିନ ଖାଇଲି, ଲେମ୍ବୁ ଚୁଷିଲି । ରୋଶନାରା ଅମୃତାଞ୍ଜନ ଲଗେଇଦେଲା, ବାରମ୍ବାର ପାଣି ଆଣି ଦେଉଥାନ୍ତି । ମାନସ, ରୋଶନାରା ତତ୍ପର ହେଇଯାଇଥାନ୍ତି ସେବା କରିବାକୁ । ଆଃ ମୁଁ ଯଦି ଏକା ଥାଆନ୍ତି, ନିଃସଂଗତା କି ଭୟଙ୍କର ସେତେବେଳେ ।

କିଛିଦୂର ପରେ ଘାଟିରାସ୍ତା ଆରମ୍ଭ ହେଲା, ଉଚ୍ଚଉଚ୍ଚ ପାହାଡ଼ କାଟି ତିଆରି ହେଇଛି ରାସ୍ତା । ପ୍ରତି ତିନି ହାତ ପରେ ଆକସ୍ମିକ ମୋଡ଼ । ଉପରୁ ମେଘମାନେ ଆମ ସାଥିରେ ତଳକୁ ତଳ ଭାସିଯାଉଥାନ୍ତି । ମଫଲର ଶାଲ କାଢ଼ି ଘୋଡ଼ାଇ ହେଲୁ । ମେଘ ଯେ ଏଠି ଛୁଇଁବାର ଜିନିଷ । ପିଲା ବସ୍ ଭିତରେ ବି ଆନନ୍ଦର ଖୋରାକ ଖୋଜିନେଇଥାନ୍ତି । ବିଶ୍ୱଜିତ ଟିକେଟ କାଟୁଥାଏ । ପିଲାମାନେ ଦେବୁନୁ, ଆମେ ବିଶ୍ୱଭାରତୀ ଷ୍ଟୁଡେଣ୍ଟ, ଆଇଡେଣ୍ଟିଟି କାର୍ଡ଼ ଅଛି ବୋଲି ଚିତ୍କାର କରୁଥାନ୍ତି । କ୍ୟାସେଟ କାଳରେ ଆରତୀ, ବିନୟ, ଲିପି, ରୋଶନାରା ନୃତ୍ୟ କରିବାକୁ ଲାଗିଲେ । ଛେଳି ଚରୁଛି । ଛେଳି କଣ ? ଗୋଟ । ଓ ଗୋଟ । ବାପା ମାଆ ଏତେ ପଇସା ଖର୍ଚ୍ଚ କରି ଶାନ୍ତିନିକେତନ ପଠେଇଛନ୍ତି । ଆଉ ତୁମେ କଣ ନା ଗୋଟକୁ କହୁଛ ଛେଳି । ଏପଟେ ଟେପରେକର୍ଡ଼ରର ବୀଭତ୍ସ ଚିତ୍କାର । ମୋର ମୁଣ୍ଡ ବୁଲେଇବାକୁ ଆରମ୍ଭ କଲା ।

ଷ୍ଟେସନରେ ଓହ୍ଲେଇଲୁ ଭୟଙ୍କର ଶୀତ, ଠିଆ ହେଇ ପାରୁନଥାଉ । ଦଲାଲମାନେ ଆମକୁ ଘେରିଗଲେ । ୟୁଥ ହଷ୍ଟେଲରେ ୯୫୦ ଦେଇ ରୁମ ବୁକ୍ କରା ହେଇଥିଲା । ଦଲାଲମାନେ କହିଲେ ପାହାଡ଼ ଉପରକୁ ଚାରି କିଲୋମିଟର ଉଠିବାକୁ ପଡ଼ିବ । ଆମ ହୋଟେଲ ତ ପାଖରେ । ମୁଣ୍ଡ ପିଛା ୬୦ ଟଙ୍କାରେ ରହିବା ଖାଇବା ସବୁ । ଗରମ ପାଣି ଦେବୁ । ୟୁଥ୍ ହଷ୍ଟେଲରେ ଗରମ ପାଣି ବ୍ୟବସ୍ଥା ନାହିଁ । ସାର ବି ବଚାର କରିବାକୁ ଆରମ୍ଭ କଲେ, ଖାଇବାକୁ ଏତେ ତଳକୁ ଆସିବାକୁ ପଡ଼ିବ । ସରକାରୀ ବ୍ୟବସ୍ଥାରେ କେହି ଦେଖାଶୁଣା କରିବେ ନାହିଁ । ହୋଟେଲରେ ଆଟେଣ୍ଡାଣ୍ଟ ଥିବେ । ତଥାପି ଦୁଇଜଣ ଗୋଟେ ଲୋକ ସାଂଗରେ ୟୁଥ ହଷ୍ଟେଲ ଦେଖିବାକୁ ଗଲେ, ଫେରିଆସି କହିଲେ ସେଇଟା ଭୂତକୋଠି । ଲୋକ କେହି ନାହାନ୍ତି, ଶେଯରୁ ତୂଳା ସବୁ ବାହାରି ପଡ଼ିଛି । ବାଥରୁମ ବାଜେ, ମଗ୍... । ଥାଉ... ମାଡାମ୍ କହିଉଠିଲେ । ସେଇ ହୋଟେଲକୁ ଗଲୁ, ଭୟ କରୁଥିଲେ, କାଳେ ପଛରେ ଏମାନେ ବଦମାସି କରିବେ । ମନୋରଞ୍ଜନ ସାର ଗତଥର ଆସିଥିଲେ, ଗଲାବେଳେ ଡବଲ ପଇସା ଗଣିକି ଗଲେ । ଝିଅ ଦୁଇଟା ରୁମ୍ । ପୁଅ ଦୁଇଟା ରୁମ୍ । ଆମ ହୋଟେଲର ଚଟାଣ, ଛାତି ପଟାର, ସିମେଣ୍ଟ ପ୍ଲାଷ୍ଟର କରାହୋଇଛି । ସଙ୍ଗେସଙ୍ଗେ ମୁ ଶୋଇପଡ଼ିଲି, ଚା ବିସ୍କୁଟ ଆଣିଦେଲେ । ଘଣ୍ଟାଏ ପରେ ବ୍ରେଡ୍ ଥଣ୍ଡାପାଣି ଦେଲେ । ଲିପି କହିଲା ମୁଁ ଦେଖୁଛି ବିଜିନେସ ପାଇଁ କେତେ ଧୈର୍ଯ୍ୟ ଦରକାର । ଆମେ ପାଣି ପାଣି ଚିତ୍କାର କରୁଛୁ, ଲୋକଟି କିନ୍ତୁ ମିଜାଜରେ ବାଲ୍‌ଟିଟିଏ ଧରି ଯାଉଛି ।

୨୪ ଫେବୃଆରୀ ୯୬ । ପାଦରେ ଚାଲିଚାଲି ବୁଲି ବାହାରିଲୁ । ସେଭେନ ପଏଣ୍ଟ, ବଟାନିକାଲ ଗାର୍ଡ଼େନ, ଚା ତିଆରି କାରଖାନା, ଜୁ, ଗୋର୍ଖା ରଂଗମଞ୍ଚ, ସେଣ୍ଟ କଲେଜ, ତେଜନିଂ ରକ, ବମ୍ପୋ ରକ ଇତ୍ୟାଦି ଦେଖିଲୁ । ବଟାନିକାଲ ଗାର୍ଡ଼େନ ଦେଖିବାକୁ ତଳକୁ ତଳକୁ ଓହ୍ଲାଇ ଗଲୁ । ପାଇନ ଗଛ ଧାଡ଼ିଧାଡ଼ି । ଲୋକେ ଅବଲୀଳା କ୍ରମେ ଚଢ଼ି ଓହ୍ଲାଇ ପାରୁଛନ୍ତି । ଶୁଖିଲା ଡାଳ ଜାଳେଣି ପାଇଁ ଗୋଟାଇ ନେଉଛନ୍ତି । ମୁଁ ପଛରେ ପଡ଼ି ଯାଉଥାଏ । ନୂଆ ଜୋତା ଖୁବ୍ କଷ୍ଟ ଦେଉଥାଏ । ଦୁଇଟି ମୋଜା ପିନ୍ଧିଥାଏ । କେବଳ ଉଦୟ ହିଁ ମୋ ଦୁଃଖ ବୁଝି ମୋ ସାଥିରେ ରହୁଥାଏ । କାଚଘର ଭିତରେ ବିଭିନ୍ନ, କୁଣ୍ଡ ଭିତରେ ଉଦ୍ଭିଦ ସବୁ ଲଗା ହୋଇଥାଏ, ସିଜନରେ ଫୁଲ ଫୁଟିବ । କୁଣ୍ଡରେ ହରେକରକମର ଲାଲ ନୀଳ ଛୋଟଛୋଟ ମାଛ ପହଁରୁଥାନ୍ତି । ଆଲୁଅ ସପ୍ତବର୍ଣ୍ଣ ହୋଇ ସେଠି ପଡୁଥାଏ । ଫଟୋ ଉଠାଇଲୁ । ମାଡ଼ାମ ଖସିଗଲେ ଶିଶିରରେ, ତାଙ୍କ ସମ୍ବଲପୁରୀ ବାପ୍ତା ଶାଢ଼ୀରେ କାଦୁଅ ଲାଗିଗଲା । ଆଉ ଗୋଟେ ଭଲ ଦୃଶ୍ୟ ଯେଉଁଠି ପଛପଟେ ଟାଉନ ଆସିବ, ଫଟୋ ନେଉଛୁ, ମଦୁଆଟିଏ ଟଳିଟଳି ଆସିଲା । ମୁଁ ଫଟୋ ନେବି କହି ବିନୟକୁ ଧରି ବସିପଡ଼ିଲା । ବିନୟ ତାକୁ ଠେଲିଦେଲା । ଅନ୍ୟମାନେ କହିଲେ, ଥାଉ । ବିନୟ ବିକଳ ହେଇ କହିଲା, ମଦ ପିଇଛି ଯେ ଗନ୍ଧ ହେଉଛି । ଫଟୋ ପରେ ସମସ୍ତେ ଯିବାକୁ ବାହାରିଲେ, ମା, ମା କହି ସେ ମାଡ଼ାମଙ୍କ ଦିଗକୁ ଯିବାକୁ ଲାଗିଲା । ପିଲାମାନେ ଭୟରେ କହିଲେ ଚାଲିଆସ ଓ ହାତଧରି ଟାଣିନେଲେ । ପରେ ପୁଅମାନେ କହିଲେ ତାର ତ ମରମର ଅବସ୍ଥା, ଗୋଡ଼ ଉଠେଇ ପାରୁନାହିଁ କରିବ କଣ । ଏତେ ପିଲା ଅଛୁ ଧରି ଶୁଆଇ ଦେବୁନାହିଁ ।

ବୁଲାଣି ସବୁ ରାସ୍ତା ପଡ଼ିଲା, ସମସ୍ତେ ଯିବାକୁ ଡରୁଥିଲେ । ବୋଝ ନେଇ ମଣିଷମାନେ, ଛୋଟ ଶିଶୁମାନେ ଯାଉଥିବା ଦେଖି ସାହସ ହେଲା । ଦୁଇଜଣ ଲୋକ ପତଳା ଛିଣ୍ଡା ରସି ଦେଖାଇ ପରିହାସ କଲେ ୟାକୁ ଧରି ଯାଅ । ସକାଳେ ମାନସ ଓ ଅରୁନ୍ଧତୀ ଫୋନ କରିବାକୁ ବାହାରି ଗାଙ୍ଗଟକର ଗୋଟେ ଭିକାରୀକୁ ଦେଖିଥିଲେ ଯେ ତାର ଆସନ୍ନପ୍ରସବା ସ୍ତ୍ରୀକୁ ଡାକ୍ତରଖାନା ନେବାକୁ ଚାହୁଁଥିଲା । ସତରେ ତାର ପେଟ ସହ ଆଖି ମୁହଁ ହାତଗୋଡ଼ ମଧ ଫୁଲି ଯାଇଥିଲା । ଚା ବଗିଚା ଦେଖିବା ପାଇଁ ତଳକୁ ତଳ ଗଲୁ । ରାସ୍ତା ଭୁଲିଯାଇ ଚାରି ପାଞ୍ଚ ଥର ଉପରତଳ ହେଲୁ । ଲୋକମାନେ ବାଟ ବତେଇ ଦେଲେ । ଛୋଟ ଶିଶୁମାନେ ଆମକୁ ଦେଖି ତାଳି ମାରି ଚାଲୋ ଚାଲୋ କହୁଥାନ୍ତି । ରାସ୍ତା ଖୁବ ଅପରିଷ୍କାର ଥିଲା । ରାଜପଥରେ ଗାଡ଼ିରେ ଯାଇଥିଲେ ଏହା ଦେଖିନଥାନ୍ତୁ । ସବୁ ଘର ଛବିବହି ପରି ସୁନ୍ଦର, କାଠପଟା ସାଇଜ କରି ନୀଳ, ଗୋଲାପି ରଂଗ ଦେଇ କରାହେଇଛି । ଜ୍ୟାମିତି ମାପ ପରି । ଝରକା ମଧ ଚାରିକୋଣିଆ, ସାରା ଘରର ନକ୍ସା ଆୟତ କ୍ଷେତ୍ର ପରି । ଖୁବ୍ କମ୍ ଜାଗାରେ ତିଆରି ଘର । ଛୋଟକୁଣ୍ଡରେ ଉଦ୍ଭିଦ, ବଣଫୁଲ, ଘାସଫୁଲ ଛାତରୁ ଝୁଲାଯାଇଛି ।

ଦଉଡ଼ିରେ ଧାଡ଼ିଧାଡ଼ି କରି । ଝରକାର କାଚରେ ଉଲବୁଣା ପର୍ଦ୍ଦା ଲାଗିଛି । ଜାଲିଜାଲି ହେଇଛି ନକ୍ସା ସୂର୍ଯ୍ୟ କିରଣ ଆସିବା ଲାଗି । ସବୁଘର ଏକାପରି । ଖାଲି ଧନୀ ଦରିଦ୍ର ଭେଦରେ ଘର ଆୟତନ ଛୋଟ ବା ବଡ଼ । ମଧବିତ୍ତ ଘରର ଭିତିକୁ ଇଟା, ସିମେଣ୍ଟରେ, ଉଚ୍ଚବିତ୍ତ କାଛ ଛାତକୁ ଇଟାରେ କରୁଛନ୍ତି । ରାସ୍ତାରୁ ସାରା ପିଲାମାନେ

ରାସ୍ତା ଉପରେ ଫୁଟବଲ, କ୍ରିକେଟ୍ ଖେଳୁଛନ୍ତି ଏଭଳି ପାଗରେ ମଧ୍ୟ । ଟା ବଗିଚା ଯିବା ବାଟରେ ଦେଖିଲୁ ଗଛସବୁ ଥୁଣ୍ଟା କରି ପତ୍ର କାଟି ନେଉଛନ୍ତି ସ୍ତ୍ରୀ ପୁରୁଷର ଦଳ । ଆମ ଦଳ ଅଟକିଲେ । ମାଡ଼ାମ କହିଲେ ପଚାର ତ କାହିଁକି ସେଗୁଡ଼ା କାଟୁଛନ୍ତି । ସେ ଦଳଟି କିନ୍ତୁ ହାଁ କରି ଚାହିଁଲେ ଓ ହସିଲେ । ସାର କହିଲେ କି ମୂର୍ଖ, ଏମିତି କଣ ପଚାରନ୍ତି ? ସେମାନେ ଭାବିବେ ଯେ ଏମାନେ ଗ୍ରୀନ ରିଭଲ୍ୟୁସନ ଦଳରୁ ଆସିଛନ୍ତି ତେଣୁ ପତ୍ର କାଟିବାକୁ ମନା କରୁଛନ୍ତି । କିଛି ଦୂର ଗଲାପରେ ହିଡ଼ କଡ଼ରେ ଆଉ ଦଳେ ଟା କଟାଳୀ ଦା ହାତରେ ଧରି ବସିଥିଲେ । ଟୋକେଇ ଭିତରେ ଲୁଗାରେ ଶିଶୁଟିଏ ଶୋଇଥିଲା । ପିଲାମାନେ ବେବି କହି ତାକୁ ଘେରିଗଲେ, ନାଲି ଚିବୁକରେ ଆଙ୍ଗୁଳିରେ ଛୁଆଁଇଲେ । ପୁଅ ନା ଝିଅ ପଚାରିଲେ ଯେ ମାଆ ସମାନ ଭାବେ ମୁଣ୍ଡ ଟୁଙ୍ଗାରିଲା । ପୁଅ କହି ସମସ୍ତେ ନୀରବ ହେବା ବେଳକୁ ସେ କହିଲା ଡଟର । ସେମାନଙ୍କୁ ମାଡ଼ାମ୍ ପୁଣି ପଚାରିଲେ କାହିଁକି ଟା ପତ୍ର କାଟୁଛ ? ଉତ୍ତର ଦେଲେ ଖୁସମିଜାଜ ପ୍ରୌଢ଼, ପୁଣି ନୂଆ ପତ୍ର କଅଁଳିବ, ୟଙ୍ଗ ହେବ । ଆପଣଙ୍କ ବୟସ କେତେ ? ପଚାଶ । ଆପଣଙ୍କୁ ଛଅ ଇଞ୍ଚ କାଟିଦେଲେ ପୁଣି ୟଙ୍ଗ ହେଇଯିବ । ଟା ବଗିଚାରେ ଆମେ ଫଟୋ ଉଠାଇଲୁ, ତେଣୁ ଉପରୁ ପାଟିକଲେ ଟା ନଷ୍ଟ ହେବ ବୋଲି । ମାଡ଼ାମ ଏକା ଗୋଟେ ଫଟୋ ନେଲେ । ରୋଶନାରା ଆକୁଳ ହେଇ କହିଲା, ମୁଁ ଆପଣଙ୍କ ପାଖରେ ମା । ନା ସେ କହିଲେ ଟା ଫେକ୍ଟ୍ରିକୁ ଯିବାକୁ ଦୁଇପଟୁ ଲୋକ ଡାକିଲେ, ଟା ଜଗୁଆଳି ସର୍ଟକର୍ଟ ରାସ୍ତା ବତେଇଥିଲା କିନ୍ତୁ ଅଭିଜାତ ଦିଶୁଥିବା ଲୋକ ସାଙ୍ଗରେ ବୁଲାଣି ରାସ୍ତାରେ ଗଲେ । ସେଠି ଖାଲି ମେସିନଗୁଡ଼ା ପଡ଼ିଥାଏ । ଜଣକୁ ଦୁଇଟଙ୍କା କରି ପଡ଼ିବ ଭିତରକୁ ଗଲେ । ଏହା ଟା ତିଆରି ସିଜନ ନୁହେଁ ତେଣୁ ମୂକ ମେସିନ ଗୁଡ଼ିକ ଦେଖି ଫେରିଲେ ୪ ୦ ଟଙ୍କା ବ୍ୟର୍ଥ ହେବ । ଦୁଇ ଆମେରିକାନ ମହିଳା ମଧ୍ୟ ଫେରିଗଲେ ।

ବାଟରେ ରୋପୱେ ପଡ଼ିଲା । ସେଇଟା ଶନିବାର ଯୋଗୁଁ ବନ୍ଦ ରହିଛି । ବମ୍ବୋ ରକ ଗଲୁ । ସିଧା ବିରାଟ ରାକ୍ଷସ ପରି ତୀଖ ପଥର ଠିଆ ହୋଇଛି । ଲୋକେ ତଳେ ଓ ଉପରେ ଥାଇ ଦଉଡ଼ି ଧରି ଟାଣୁଛନ୍ତି, ପାଞ୍ଚଟଙ୍କା ଦେଇ ଚଢୁଛନ୍ତି । ରୋଶନାରା ମାଡ଼ାମଙ୍କ କାନରେ କହିଲା ମୁଁ ଯିବି । ମାଡ଼ାମ ଫୁସଫୁସ କରି କହିଲେ ହଁ ଯାଅ । ସାର ରାଗିଗଲେ, କଣ ତୁମେ ଉସ୍କାଉଛ । ମାଡ଼ାମ କହିଲେ ଆଉ କଣ ବୁଢ଼ା ବୟସରେ ଏସବୁ କରିବେ ତାଙ୍କର ଗୋଟିଏ ଅବଶୋଷ ରହିଯିବ । ତୁମ ଭଳି କଣ ସମସ୍ତେ ଡରୁଆ । ରୋଶନାରା ଚଢ଼ିଲା, ଫଟୋ ନେବା ପରେ ଓହ୍ଲାଇ ଆସିଲା ।

ଆଗରେ ତେନଜିଂ ରକ, ଏହା ଏତେ ଉଚ୍ଚ ନୁହେଁ । ପ୍ରାୟ ଛୁଆ ପିଲା ସମସ୍ତ ଚଢ଼ି ଯାଉଛନ୍ତି । ବିନୟ, ମାନସ ବି ଚଢ଼ିଗଲେ । ଦକ୍ଷିଣ ଭାରତୀୟ ଲୋକେ ଖୁବ୍ ଭିଡ଼ କରିଥିଲେ । ଟା ମୁଢ଼ିଆଳୁ ଦୋକାନ ଅନେକ ଅଛି । ଓହ୍ଲାଇଲା ବେଳକୁ ବିନୟର ମୁହଁ ଶୁଖିଗଲାଣି । ଗଲା ବେଳେ ବି ତାକୁ ଶୀର୍ଷରେ ମନୋଜ ଆଦି ଟାଣିଥିଲେ । ଆସିଲା ବେଳେ ଅଧବାଟରେ ସାହସ ପାଇଲାନି ବୋଲି ମଝି ଲୋକଟି ତା ଅଣ୍ଟାରେ ସେଫଟି ବେଲ୍ଟ ବାନ୍ଧି ଧରିଧରି ତଳକୁ ଆଣିଲା । ଅଧିକ ପାଞ୍ଚଟଙ୍କା ନେଲା । ବିନୟ ତଳକୁ ଆସି ରାଗିଯାଇ ତା ଗମ୍ଭୀର ଶୈଳୀରେ କହିଲା, ସମସ୍ତେ ଉପରକୁ ଚଢ଼ିବେ, ଆଉ ମୁଁ ଶୋଧା ଖାଇବି । ଟଙ୍ଗଟଙ୍ଗ ଗୋଡ଼ ପକାଇ ଆଗକୁ ଚାଲିଗଲା । ଫେରିଲା ବାଟରେ ସେଣ୍ଟ ଜୋସେଫ କଲେଜକୁ ଗଲୁ । ଚମତ୍କାର କଲେଜ, ଫାଟକ ରାସ୍ତାରେ ପାଇନ ଗଛର ସମାହାର । ବିରାଟ ପଡ଼ିଆ, ଚର୍ଚ୍ଚ ଭଳି ହୋଇଛି କଲେଜ । ଟୁରିଷ୍ଟ ସ୍ପଟ ଭଳି ଆମେ ଭିତରକୁ ପଶିଗଲୁ । କ୍ଲାସ ହେଉଛି । ସାରମାନେ ଖୋଲା ପଡ଼ିଆ ମଝିରେ କି ସେମିନାର କରୁଛନ୍ତି । ବାହାରେ ପ୍ରଚଣ୍ଡ କୁହୁଡ଼ି ନା ମେଘ ମାଡ଼ିଆସିଲା । ଆମେ ପରସ୍ପରକୁ ଦେଖି ପାରିଲୁ ନାହିଁ । ଚାରିଜଣ ଖେଳୁଆଡ଼ ସେ କୁହୁଡ଼ି ମେଘ ଭିତରେ ଦୌଡ଼ି ସେ ଖୁମ୍ବ ବା ଗଛକୁ ଛୁଇଁ ଆସିଲେ । ଆମେ ଫଟୋ ଉଠେଇଲୁ ଲାଲ ଫୁଲଗଛ ପାଖରେ ଠିଆ ହୋଇ । ସାଉଁଲିଦି ପରେ ସେ ଫୁଲ କଥା ପଚାରିଥିଲେ ଓ କହିଲେ ଏହା ପୃଥିବୀର ସର୍ବବୃହତ୍ ଫୁଲ । ଗେଟ୍ ପାଖରେ ଫଟୋ ଉଠାଇଲୁ । ସାର କହିଲେ ମୁଁ ଏ କଲେଜରେ ପଢୁଥିଲା ବେଳେ ଏ ଗଛ ସବୁ ଲଗାଇଥିଲି । ରୋଶନାରା କହିଲା, ହଁ ସାର, ମୁଁ ପାଣି ଦେଇଥିଲି । ମାଡ଼ାମ କହିଲେ ମୁ ଗାତ ଖୋଳିଥିଲି ।

ଗୋର୍ଖା ରଂଗମଞ୍ଚ ଦେଖି ବସିଲୁ । ସୁନ୍ଦର ପାର୍କ ହେଇଛି, ଫଟୋ ଉଠାଇଲୁ । ଜୁ ରେ ଲାଲ ପାଣ୍ଡା, ହଣ୍ଡାଳୁଥିବା ବାଘ, ଟୀନା କଣ୍ଢେଇ ପରି ପକ୍ଷୀ, ନେଉଳ ମୂଷା ଦେଖିଲୁ, କି ବିରାଟ ବାଘ ସବୁ । ମାଡ଼ାମ ଓ କିଏ ଜଣେ ମିଶି ବାଘକୁ ଚିଡ଼େଇଲେ, ସେ ଆମପଟକୁ ଯେମିତି ଦେଖିବ । ଲୋକେ ରାଗିଲେ । ମାଡ଼ାମ ପୂର୍ବର ପ୍ଲାନ ପରି କହିଲେ ସରି । ସିମେଣ୍ଟ ଇଟା କାମ କରୁଥିଲେ ଯୁବକ ଯୁବତୀମାନେ । ଝିଅଟିଏ ଗୀତ ଗାଇଲା ଯବ ଭି କୋଇ ଲଡ଼୍କା ଦେଖୁଁ ମେରା ଦିଲ ଦ୍ୱିୱାନା ବୋଲେ ଓଲେ ଓଲେ । ସାର ଆପଣଙ୍କୁ ଦେଖି ଗାଇଲା, ମାନସ କହିଲା । ସାର କହିଲେ, ହଁ ମତେ ଦେଖି ହିଁ ଗାଇଥିବ, ଆମ ଦଳରେ ଆଉ ଲଡ଼୍କା କିଏ ଅଛି, ମୁଁ ଏକା ତ । ରୋଶନାରା କହିଲା ମା ଆପଣ ସାରଙ୍କ ସହ ବୁଲନ୍ତୁ । ସାର କହିଲେ ଅଧ୍ୟାପକଙ୍କ ସ୍ତ୍ରୀଙ୍କୁ ଜଣେ କହିଛନ୍ତି ଆପଣଙ୍କ ସ୍ୱାମୀଙ୍କୁ ଚାଳିଶ ବର୍ଷ ହେଲା, ଏବେ ଜଗନ୍ତୁ । ପାଖ ଦୋକାନରେ କିଛି ଅଣ୍ଡର ଓୟେର, ଛୁରୀ, ଅଳେଇଚ ଆଦି କିଣିଲେ । ଟା ବ୍ରେଡ୍ ଆଦି ଖାଇଲେ । ଭୀଷଣ ଉଚ୍ଚ ରାସ୍ତା । ଫେରିବାର ବାଟ ପଚରାଗଲା ଜଣେ ଦୋକାନୀର ସ୍ତ୍ରୀଙ୍କୁ । ସେ କହିଲା ଦଶ ମିନିଟର ଚଲା ରାସ୍ତା, ନହେଲେ ଗାଡ଼ିଭଡ଼ା ଜଣ ପିଛା ଚାରିଟଙ୍କା । ରାସ୍ତାଟା ଉପରକୁ ଯାଇଥିଲା ତେଣୁ ସାର ପଚାରିଲେ ଚଢ଼ିବାକୁ ପଡ଼ିବକି ? ନାରୀଟି ଚତୁରୀ ନାରୀ ଇଙ୍ଗିତରେ ହାତ ଓ ଆଖିକୁ ସର୍ପମୁଦ୍ରାରେ ଦେଖେଇ କହିଲା ନା, ଏମିତି ସୋଜା ରାସ୍ତା । ହଁ ଏହା ତ ଆମ ପାଇଁ ଚଢ଼ାଣି, ସାର ବିକଳ କଣ୍ଠରେ କହିଲେ । ରମଣୀଟି ଉଠିବାମାନେ କୌଣସି ପାହାଡ଼କୁ ବୁଝୁଥିଲା । ମୁଁ ରହିଯାଇଥିଲି ଏକୁଟିଆ, ମୋ ପାଦ ଘୋଷାରି ହୋଇ ଯାଉଥିଲା । ସ୍ନିଗ୍ଧା ସହ ଜୋତା ବଦଳ କରିଥିଲି । ମୋର ଚାରିପଟେ ନିର୍ଜନତାର ବାହୁଡୋର ।

ପିଲାମାନେ ବାଳକର କିରୋସିନ ଭର୍ତ୍ତି ଠେଲାଟିକୁ ଠେଲେଇ ଅନେକ ଦୂର

ନେଇଗଲେ । ବେବିକୁ ବି ଠେଲିନେଲେ । ଫେରି ଲଞ୍ଚ ଖାଇଲୁ ଚାରିଟାରେ । ଗୋଟେ ପଲଙ୍କରେ ଦଶଜଣ ମିଶି ଅନ୍ତାକ୍ଷରୀ କରୁଛୁ, କଟକଟ କଡ଼ାଚ ହୋଇ ଭାଂଗିଗଲା । ଆମେ ସମସ୍ତେ ଦୌଡ଼ି ପଳାଇ ଆସିଲୁ ନିଜ ବେଡକୁ । ଲିପି ଯାଇ ଲୋକଙ୍କ ଉପରେ ଭାଉ ଦେଖାଇଲା, ଦେଖିବେ ଆସନ୍ତୁ । କଣ ହେଇଛି ? ଦେଖିବେ ଆସନ୍ତୁ, ଏମିତି ଖଟ ଦେଇଛନ୍ତି, ଜଣେ ଶୋଇଛି, ଅନ୍ୟ ଜଣେ ତା ମୁଣ୍ଡରେ ଅମୃତାଞ୍ଜନ ଘଷୁଛି, ଖଟ ଭାଙ୍ଗିଗଲା । ହଉ ହଉ, ସେମାନେ ଦୁଃଖିତ କଣ୍ଠରେ କହିଲେ, ଆଜି ମିସ୍ତ୍ରୀ ଚାଲିଗଲାଣି, କାଲି ଆସି ଠିକ୍ କରିଦେବ । କାହାକୁ ଚୋଟ୍ ଲାଗିନାହିଁତ ? ଆସି ଭଙ୍ଗା ବାଡ଼ଟି ନେଇଗଲା । ଆମ ଭିତରୁ କହିଲେ ଏହା ଫିଲ୍ମ ସୁଟିଂ ପାଇଁ ତିଆରି କି ? ଗୋରା ପିଲାଟି କହିଲା ଏହା ଉପରେ ଫିଲ୍ମ ସୁଟିଂ କରୁଥିଲ କି ? କିଏ ଖାଇବା ପାଇଁ ଡାକିବାକୁ ଆସିଲେ ଆମେ ଦୌଡ଼ି ଆମ କୋଠରୀକୁ ଚାଲି ଆସୁଥିଲୁ । କାଳେ ଭାବିବେ ଏତେ ଜଣ ଖଟରେ ବସିଥିଲୁ, ଏକ୍ସଟ୍ରା ଚାର୍ଜ ଦାବୀ କରିବେ । ଓଡ଼ିଶାରେ ହେଲେ ତ ନିଶ୍ଚୟ କରନ୍ତେ ।

ସାର ଅର୍ଥଜନିତ ମିଟିଂରେ ଆମ ସମସ୍ତଙ୍କୁ ଡକେଇଲେ । ମାଡ଼ାମ କହିଲେ ନା ଯିବେନି ଶୀତ ଲାଗୁଛି ଲିପିର ମୁଣ୍ଡ ବୁଲାଉଛି, ରୋଶନାରା ତାର ସେବା କରୁଛି, ସେମାନେ ଆସନ୍ତୁ । ଲିପି ର-ରେ ଆରମ୍ଭ କଲା । ପରେ ସାର୍ ଆସିଲେ, ଟଙ୍କା ସରି ଆସୁଛି ତେଣୁ ପ୍ରତ୍ୟେକେ ଆଉ ଦୁଇଶହ ଟଙ୍କା ଲେଖା ଜମା ଦେବେ । ନା ନା ପିଲାଏ ଦେବେନି ମାଡ଼ାମ୍ କହିଲେ । ଏତେ ଗୁଡ଼ିଏ ଦେବେ । ତେବେ ସବୁ ଦେଖିବା କେନସେଲ କରିବାକୁ ପଡ଼ିବ । ସାର୍ କହିଲେ ଆଉ ନେପାଳରେ କଣ ମିଳୁଛି । ହୁଁ ତୁମେ ଦଶଟଙ୍କାରେ କେମେରା କିଣିନଥିଲ, ଛତା କିଣିନଥିଲ ମାଡ଼ାମ କହିଲେ । ଆରେ ଲୋକେ ହସିବେ ତୁମ କଥା ଶୁଣି, ସାର କହିଲେ, ଦଶଟଙ୍କାରେ କ୍ୟାମେରା, ସେଟା ଖେଳନା କ୍ୟାମେରା । ହୁଁ ଟଙ୍କା ପାଇଁ ଆଉ ଗୋଟେ ବାଟ ଅଛି କିନ୍ତୁ ଖରାପ ଲାଗିବ । ଅରୁଣ ହୋତା ପାଖକୁ ଗଲେ ହେବ । ଆମେ ସମସ୍ୱରରେ ମନା କଲୁ । ନା, ଆମେ ମାର୍କେଟିଂ କରିବୁନି, ବୁଲିବୁ । ଦୁଇଶହ ଟଙ୍କା ଲେଖା ପୁଣି ଦେବାକୁ ପଡ଼ିଲା । ମେନେଜର ଆସି କହିଲା କାଲି ଚାରିଟାରେ ପ୍ରସ୍ତୁତ ହେବ, ଟାଇଗର ହିଲ ଯିବାକୁ । ପ୍ରଥମେ ପାଇଁଚାଳିଶ କହୁଥିଲା, ପରେ ପଇଁତିରିଶରେ ସ୍ଥିର ହେଲା ।

ଆମ ଦଳ ଆସି ସ୍ୱରାଜ ମାଜଦାରେ ବସିଗଲେ । ପୁଅଙ୍କ ଦଳ ଆସିନାହିଁ । ଅମେ ତାଙ୍କ ପାଇଁ ସୂର୍ଯ୍ୟୋଦୟ ଦେଖି ପାରିବୁ ନାହିଁ । କଣ ଲାଭ, ପହଞ୍ଚିବାରେ ବିଳମ୍ବ ହେଲେ । ସବୁ ମୋଡ଼ରେ ଉଠାଣି, ଆଲୋକମାଳାରେ ଦାର୍ଜିଲିଂ ସହର ତଳକୁ ତଳ ସଜେଇ ହେଇଥାଏ । ତୁମ ଚାରିପଟେ ତଳକୁ ତଳ ଘର ଚଢ଼ିଦେଇଛନ୍ତି । ଈଶ୍ୱର ଆଲୁଅ ଜଳେଇ ଦେଇଛି ଶିଶୁ । ଅନ୍ଧାର ପାହାଡ଼ର ଢାଲୁ ଚ ବଗିଚା, ଅନ୍ଧାରର ଅସ୍ତିତ୍ୱ ରଖିଛନ୍ତି ତେଣୁ ସୌନ୍ଦର୍ଯ୍ୟ ଅଛି । ଘଞ୍ଚ ପାଇନ୍ ବଣ ଗାଡ଼ି ଝରକା ପଟୁ ନୀଳ ଦେଖାଯାଉଛି । ଦେଖ ଦେଖ, ସୁପ୍ରଭା କହିଲେ ସବୁ ନୀଳ ଦେଖାଯାଉନି କି । ପ୍ରତିଭା ଡୋର ଖୋଲି ବାନ୍ତି କଲା, ପଡ଼ିଯିବାର ଭୟ ମଧ ରହିଥାଏ । ସୂର୍ଯ୍ୟ ଉଠିଯିବକି ?

ଆକାଶ ଫର୍ଚ୍ଚା ଦେଖି କିଛି ଭୟ କଲେ ଓ ଗୀତ ଗାଇଲେ, ରୁକ ରୁକ, ଏ ସୂର୍ଯ୍ୟ ରୁକ । ବିରାଟ ଟୀଖକୁ ଗାଡ଼ି ଉଠିଲା, ମୋଡ଼ ବୁଲିଲା, ସେ ସ୍ଥାନରେ ପହଞ୍ଚିଲା । ବାଟରେ କାଳୀମାଆଙ୍କ ମନ୍ଦିର, ଏସସି ୧୬୫୫ ଡ୍ରାଇଭର କହିଲା । ଆମକୁ ଘେରିଗଲେ ସୁବେଶା ସହାସ୍ୟ ରମଣୀମାନେ । କାଖରେ କଳସୀ ପରି ଥର୍ମୋଫ୍ଲାକ୍ସ, କଫି ଲିଜିଏ ଦିଦି କଫି ଲିଜିଏ ନା । ଆଃ ଏ ତ ସ୍ୱପ୍ନପୁରୀ, ଆମେ ଭାବିଲୁ । ଡୋର ଖୋଲି ଦେଲା ବେଳେ ହାବୁକା ହାବୁକା ଶୀତ । ପଛ ଗାଡ଼ିରେ ଆମ ଲୋକ ଆସୁଛନ୍ତି, ଆସିଲେ ପିଇବୁ । ଡ୍ରାଇଭର ମଧ ବୁଝାଇଦେଲା ।      ବାଟରେ ଦଳଦଳ ମୋହିନୀଙ୍କୁ ଦେଖିଲୁ ଖୁବ ଅଭିଜାତ ଦେଖିବାକୁ । ଅନେକ ନାରୀ ଦେଖିଲୁ ମୁଣ୍ଡରେ ଫିତାରେ ଟୋକେଇ ବାନ୍ଧି କ୍ୟୁରେ ଚାଲିଛନ୍ତି କାଠ ଆଣିବାକୁ ଚା ବଗିଚାକୁ । ମାଡ଼ାମ୍ କହିଲେ ଠିକ୍ ସୂର୍ଯ୍ୟୋଦୟ ବେଳକୁ ସେ ଯିବେ ।

ଆମେ ଓହ୍ଲେଇଲୁ ବାବାରେ କି ଶୀତ ! ଡବଲ ମୋଜା, ସ୍ୱେଟର, ମଫଲର, ଦୁଇଟି ଶାଲ ଘୋଡ଼େଇ ହୋଇଥାଏ, ତଥାପି ଶୀତରେ ମୁଁ ଚାଲିପାରୁନଥାଏ । ସମସ୍ତେ ଗଲେଣି, ମୁଁ ଏକା ପଡ଼ିଯାଇଛି । ମୋର ଭୟ ହେଲାଣି ଭାଗ୍ୟ ବୋଲି ଯାହାକୁ ଧରି ଲୋକେ ଜନ୍ମିଥାନ୍ତି, ମୁଁ ନିର୍ଜନତାକୁ ଧରି ଜନ୍ମିଛି, ନୋହିଲେ ସେ କିଆଁ ମତେ ଆଗରୁ ପଛରୁ, ବାହୁମୂଳରୁ, ପାପୁଲିରୁ, ଅଂଗୁଳିର ଅଗ୍ରରୁ ଏମିତି ଆଙ୍କୁଡ଼ି ଧରିଥାଏ । ଉପରକୁ ଉଠିଲି, ଶହଶହ ଲୋକ ତଳେ ଉପରେ ଧାଡ଼ିଧାଡ଼ି ଭେଳା ହୋଇ ଆକାଶ ଆଡ଼କୁ ଅନାଇଥାନ୍ତି, ପ୍ରାୟ କମ୍ବଳ ଆଣିଥାନ୍ତି । କାହିଁ ସୂର୍ଯ୍ୟ ୬ଟା ପନ୍ଦରରେ ହେବ ବୋଲି କହିଥାନ୍ତି । ଘନ ବାଦଲ ଆକାଶରେ । ଗଛ ସବୁ ପ୍ରଚଣ୍ଡ ପବନରେ ଦୋହଲୁଛନ୍ତି । ସୂର୍ଯ୍ୟୋଦୟ ହେବା ସ୍ଥାନ ଯାହା ନାଲିଆ ଫର୍ଚ୍ଚା ଦିଶୁଛି, କଳା ବାଦଲ ତା ପାଖରେ ଧୀରେ ଧୀରେ ମାଡ଼ି ଆସୁଛି, ସେ ତ ଖାଇଯିବ, ସୂର୍ଯ୍ୟୋଦୟ ହେବନି । ମେଘ ଉପରେ ମେଘ ଭାସିଯାଉଛନ୍ତି । ବାଁପଟରେ କାଞ୍ଚନଜଂଘା ବରଫାବୃତ । ଧୀରେଧୀରେ ନାଲିଆ ଦିଶୁଛି ତାର ଦୃଶ୍ୟ, ତଳେ ସବୁ କଳା ଦିଶୁଛି । ଆହୁରି ବାଁପଟରେ ପୁଣି ଉଚ୍ଚ ପାହାଡ଼ ଚା ଚାଷ କିଛି ମୁଣ୍ଡିଆ ତଳେ ସହର ମାଚିସ ଖୋଳ, ଅଂଗୁଳିରେ ଅଙ୍କାବଙ୍କା ରାସ୍ତା । ଆମେ ଠିଆ ହୋଇପାରୁନଥାଉ । ଫଟୋ ଉଠାଉଥାନ୍ତି । ଜଣେ ସ୍ୱେଟର ଫେଟର ଓହ୍ଲାଇ ସାର୍ଟପେଣ୍ଟରେ ହିଁ ଫଟୋ ନେଲେ । ଶତ୍ରୁଘ୍ନ କମ୍ବଳ ଆଣି ଆମ ତିନିଜଣଙ୍କୁ ଘୋଡ଼ାଇ ଦେଲା । ହେଇ ସେଠି ଲୋକଟି ଚାଲିଛି, ଦୂର ପାହାଡ଼ର କଳାମେଘକୁ ଦେଖାଇ ଅରୁନ୍ଧତୀ କହିଲା । ହଁ ଶାଲ ଘୋଡ଼ି ବାଡ଼ି ଧରିଛି, ଛୁଆର ହାତ ଧରିଛି ଶତ୍ରୁଘ୍ନ ଯୋଡ଼ିଲା । କାହିଁ କେଉଁଠି, ସୁପ୍ରଭା ବ୍ୟସ୍ତ ହେଲା । ହେଇ ପରା, ଏ ଲୋକଟି ଯେ ଭାଲୁ ପାଲଟିଗଲା । ଓ ସେ ପୁଣି ବାଘ ପାଲିଟିଗଲା ସୁପ୍ରଭା କହିଲା । ମୁଁ ଆଉ ରହିପାରିଲିନି । ଥରିଥରି ଗାଡ଼ି ଭିତରକୁ ଆସି ବସିଲି । ଏବେ ସୂର୍ଯ୍ୟୋଦୟ ହେଲା, ପୁଣି ଗଲି । ଆଃ କେତେ ପାଖରେ ସୂର୍ଯ୍ୟ, ନିରୀହ ଶିଶୁ ପରି ସୂର୍ଯ୍ୟ ଉଠିଛନ୍ତି । କାଞ୍ଚନଜଂଘା କି ସ୍ୱର୍ଣ୍ଣାଭ, କଟାକଟା ଢେଉଢେଉ ବରଫ ଦେହରେ ସୋନାଲୀ ଔଜ୍ଜ୍ୱଲ୍ୟ । । ଉଜ୍ଜ୍ୱଳ ଧରିତ୍ରୀ ଓ ମଣିଷମାନେ । କୋଟପିନ୍ଧା ନବବିହିତା ସ୍ମାର୍ଟ ସ୍ତ୍ରୀ ସୂର୍ଯ୍ୟ ଗୋଟେ ହାତ ସମାନ୍ତରାଳ ଭାବେ

ବଢ଼େଇଛି, କି କଳାଚାତୁରୀ ସେ ଢଂଗ । ନର୍ତ୍ତକୀର ମୁଦ୍ରା ପରି, ଫଟୋ ଉଠାଇଛି ସ୍ୱାମୀ । ଆମେ ବି ଫଟୋ ଉଠାଇଲୁ । ରୋଶନାରାର ଚାଲେଞ୍ଜରେ ବିଶ୍ୱଜିତ ସବୁ ଓଟାରି ହେଲା, ପ୍ରାୟ ସମସ୍ତେ ଆସି ତାର ଫଟୋ ଉଠାଇନେଲେ । ଚାହୁଁ ଚାହୁଁ ଦେହ ତାର ଶେଥା ପଡ଼ିଗଲା । ଶତ୍ରୁଘ୍ନର ଟୋପି ଉଡ଼ି ତଳେ ପଡ଼ିଗଲା । ଗୋଟେ ପାହାଡ଼ ତଳେ । ଛୋଟ ପିଲାଟିଏ ଯେ କଫି ବିକୁଥିଲା । ଦୌଡ଼ି ଓହ୍ଲାଇ ଯାଇ ଆଣିଦେଲା, ଦଶଟଙ୍କା ଯାଚିଲେ ସେ ମୋଟେ ନେଲାନାହିଁ, ଦୌଡ଼ି ପଳାଇଲା । ତା ପାଖରୁ କଫି ପିଇଲେ । ବାଏ ବାଏ ଟାଇଗର ହିଲ । ପ୍ରଚଣ୍ଡ ଶୀତର ଦୁର୍ଦ୍ଧାନ୍ତ ଆଲେଖ୍ୟ । ଅନେକ ଗ୍ରୀଷ୍ମଋତୁ । ଅନେକ ଗ୍ରୀଷ୍ମଋତୁ ମୁଁ ବିତାଇପାରିବି ଏ ଶୀତର ଗର୍ଭବତୀ ସ୍ମୃତି ନେଇ । ଏତେ ଉପରୁ ଚମତ୍କାର ଦିଶୁଥାଏ ତଳର ସହର । ଆହା, କଣ ହେଲା ଯଦି ଏ ଭିତରୁ କେହି କବିତା ଲେଖିପାରୁନଥିଲେ, ତାଙ୍କ ଆଖିମାନ ଯାହା ଚାହିଁ ରହିଛି ସୂର୍ଯ୍ୟର ଦିଗକୁ ଓ ସୂର୍ଯ୍ୟ ପୂର୍ବ ଆକାଶକୁ, ଏ ଶୀତ ଯେଉଁଠି ଶିହରି ଉଠୁଛନ୍ତି ଗଛଲତା ଓ ମଣିଷମାନେ ଏଠୁ ସୁନ୍ଦର କେଉଁ ଛନ୍ଦରେ ଲେଖାଯାଇଛି କବିତା । ଅନେକ ଫଟୋ ଉଠାଗଲା । ଟାଇଗର ହିଲ, ଉଦିତ ସୂର୍ଯ୍ୟ ଓ କାଞ୍ଚନଜଂଘାର । ଆଛା ସୂର୍ଯ୍ୟୋଦୟ ଯଦି ଦେଖିନଥାନ୍ତୁ କୌଣସି କ୍ଷତି ହେଇଥାନ୍ତା, ଦୃଶ୍ୟମାଳ କଣ ଯଥେଷ୍ଟ ନୁହେଁ । ସୂର୍ଯ୍ୟ ଖାଲି ପ୍ରଚଣ୍ଡ ଉଜ୍ଜ୍ୱଳ ଦିଶୁଥିଲେ କିମ୍ବଦନ୍ତୀ ସୌନ୍ଦର୍ଯ୍ୟ ପରି ।

ବାଟରେ ବଜାର, ବୁଦ୍ଧମନ୍ଦିର, ବତାସିଆ ଲୁପ ଦେଖିଲୁ । ବୁଦ୍ଧମନ୍ଦିରରେ ଚିତ୍ରମାଳା ଖୁବ ସୁନ୍ଦର । ସୋଫା ମଖମଲି ଗଦି ପଡ଼ିଛି । ଗୋଟିଏ ପାଖରେ ବୟସ୍କ ଲାମା ଓ ଅନ୍ୟପଟେ ସୁକୁମାର ଦଶବର୍ଷମାନେ କଣ ସବୁ ମନ୍ତ୍ର ପଢୁଛନ୍ତି । କିଏ ଜଣେ କ୍ୟାମେରାରେ ଫଟୋ ନେଲା । ତାକୁ ଦେଖି ନିଜ ଭିତରେ କଣ ସବୁ କଥା ହେଉଛି । ସବୁ କାନ୍ଥରେ ରଂଗଭରା ଚିତ୍ରରେ ଜାତକ କାହାଣୀ । ପଛ କାନ୍ଥରେ ବିଶିଷ୍ଟ ବୌଦ୍ଧଗୁରୁଙ୍କ ଚାରି ପାଞ୍ଚଟି ଛବି ଅଙ୍କା ହେଇଛି । ମଝିରେ ବୁଦ୍ଧଙ୍କର ବିରାଟ ପ୍ରତିମୂର୍ତ୍ତି, ପରିକ୍ରମା କଲୁ । ପୁରି ଭଳି ଭୋଗ ସବୁ ସୁନ୍ଦର ଧାଡ଼ି ହେଇ ସଜ୍ଜିତ ହେଇଛି । ଶାଲ ସ୍ୱେଟର ଦୋକାନରେ ଖୁବ ବାର୍ଗେନିଙ୍ଗ ହେଉଛି । ବତାସିଆ ଲୁପରେ ତିନିଟଙ୍କା ଦେଇ ବାଇସ୍କୋପ ଦେଖିଲୁ, ରାଜମହଲ, ନେପାଳ, କାଞ୍ଚନଜଂଘା ଦେଖାଇଲା । ମୁଁ କିନ୍ତୁ କିଛି ଠିକ୍ କରି ଦେଖିପାରୁନଥାଏ । ଏଠି ଅନେକ ଗୋର୍ଖା ସ୍ୱାଧୀନତା ସଂଗ୍ରାମରେ ଶହୀଦ ହୋଇଥିଲେ । ଫେରି ବ୍ରେକଫାଷ୍ଟ କରି ମହାକାଳ ମନ୍ଦିର ଦେଖିବାକୁ ଗଲୁ । ଖାଇସାରି ଟୟଟ୍ରେନରେ ବୁଲିଲୁ । ମୋ ଆଗରେ ଜର୍ମାନ ଦମ୍ପତ୍ତି ବସିଥାନ୍ତି, ଲୋକଟିଏ ତାଙ୍କୁ ଟିକେଟ ଆଣିଦେଲା । ବାଏ ବାଏ କଲା, ମୁଁ ଏକା ପଡ଼ିଯାଇଥାଏ, କି ଆଶ୍ଚର୍ଯ୍ୟ ଯାଦୁକରୀ, କାହାର ବାହୁ ମତେ ଛିଟକାଇ ଦିଏ ଲୋକ ଗହଳିରୁ । ପରେ ନୀହାରିକା ଆସି ମୋ ପାଖରେ ବସିଲା । ଦୁଇଟି ଛୋଟପିଲା, ଜିନ୍ସ ପ୍ୟାଣ୍ଟସାର୍ଟ ପିନ୍ଧା ନିର୍ଭୀକ ଚେହେରା, ଟ୍ରେନରୁ ଓହ୍ଲାଇ ପୁଣି ଉଠିଯାଉଛନ୍ତି । ଟୟଟ୍ରେନରେ ବସିବାକୁ ଆରାମ, କିନ୍ତୁ କୋଇଲା ଗୁଣ୍ଡ ଉଡୁଛି । ଟୟଟ୍ରେନରୁ ଫେରି ପାହାଚ ଓହ୍ଲାଉଛୁ, ସୁନ୍ଦରୀ ଦଶବର୍ଷର ଝିଅଟିଏ ପୁଅ ପୋଷାକ ପିନ୍ଧି ଟୁଲରେ ବସିଛି, ସ୍ମାର୍ଟଲି ହିମାଂଶୁକୁ କହିଲା ନେହିଁ ପହଚାନତୋ ହୋ କ୍ୟା । ହିମାଂଶୁ ତା ନାଟକୀୟ ଭଂଗୀରେ କହିଲା, ତୁମ ଶାମ କି ଓ୍ୱହି ଲଡ଼କି ହୋ ନା, ତୁମହେ କୈସେ ଭୁଲ ଜାଉଁ ମେ, ତୁମ ତୋ ହରବକ୍ତ ରହୋଗେ ମେରେ ୟାଦ ମେ । ମୁଁ ହସିହସି ତାକୁ ଚାହିଁ ଓହ୍ଲାଇଲା ବେଳେ ପଚାରିଲି, ତୁମ କାମ କଣ ? ସେ ସାମ୍ନାରେ ଚୂଳକୁ ସିନେମା ଷ୍ଟାଇଲରେ ଘୁରାଇ କହିଲା, ଶାହରୁଖ ଖାଁ ।

୨୬ ଫେବୃୟାରୀ ୯୬ । ସାନ୍ଦାକାଫୁ । ପାଇନ ଗଛର ବିସ୍ତୃତ ଜଂଗଲ । ଦୁଇକଡ଼ରେ ଚମରୀ ଛେଳି, ଜର୍ସି ଗାଈ, କୁହୁଡ଼ି ଓ ଖରା । ଭୟଙ୍କର ଗଡ଼ାଣି ରାସ୍ତା । ଜିପରେ ଲାଗିଥାଏ ଫ୍ରି ତିବ୍ବତର ସିମ୍ବଲ ଓ ଲେଖା । ମିରିକ କି ଚମତ୍କାର, କୃତ୍ରିମ ହ୍ରଦ, କିଛି ଦୋକାନ, ଚାରିପଟେ ପାହାଡ଼, ପାଇନ ଗଛର ଜଂଗଲ । ପାହାଡ଼ ମୁଣ୍ଡିଆରେ ଆମେ ଚାରିଣଜ ଯାଇ ବସିଲୁ । ଅରୁନ୍ଧତୀ, ଶତ୍ରୁଘ୍ନ ଓହ୍ଲାଇଯାଇ ପୁଣି ଚଢ଼ିଲେ ଓ ଆମକୁ ବ୍ୟଙ୍ଗ କଲେ । କୁହୁଡ଼ି ପଦ୍ମଗନ୍ଧା ଉପାଖ୍ୟାନଟି ସେଠି ଅନୁଭବ କଲି ।

ପଶୁପତି ଗେଟ ପାଖରେ ପ୍ୟାକେଟ ଲଞ୍ଚ କଲୁ, ବ୍ରେଡ଼, ମିଠାଇ, କଦଳୀ, ଅଣ୍ଡା । ବାଜେ ଦେଇଛି କହିଲେ । ଶତ୍ରୁଘ୍ନ କହିଲା ପୁରୀରେ ଯେମିତି ଠକନ୍ତି ଏଠି ତ କମ ଠକୁଛନ୍ତି । ତାହାହିଁ ଆଶ୍ୱାସନା । ନେପାଳର ପଶୁପତି ମାର୍କେଟ ଗଲୁ, ରତନପଲ୍ଲୀ ଏଡ଼ିକି ହେବ । ଇଲେକ୍ଟ୍ରନିକ୍ସ ଜିନିଷ ଟିକିଏ ଶସ୍ତା, ବାକି ସବୁ ଆକାଶଛୁଆଁ ଦର । ଆମ ଇଣ୍ଡିଆରେ ତ ୟାଠୁ ଭଲ । ଦୋକାନୀ ରାଗିଯାଇ ଆଉ ଜିନିଷ ଦେଖାଇଲା ନାହିଁ । ଗୋଟେ ଦୋକାନରେ ଅଳ୍ପ ବୟସ୍କ ଥିଲା । ସେ ଜିନିଷର ଦାମ କହୁଥିଲା । କଣ୍ଢେଇଟିଏ ଥିଲା ଯେ ତା ପଛପଟେ ବ୍ୟାଟେରୀ ଅଛି, ସୁଇଚ ମାରିଲେ ହସିବ, କାନ୍ଦିବ । ଇଲେକ୍ଟ୍ରନିକ୍ସ ହେଇଥିବାରୁ ଅରୁନ୍ଧତୀ ନେଲେ ନାହିଁ, ଦୋକାନୀ ଅଯତ୍ନରେ ଆଲମାରୀ ଭିତରକୁ ଫିଙ୍ଗିଦେଲା । ହିମାଂଶୁ ଶେଷରେ ଥକିଯାଇ କହିଲା ଆଛା ଦଶଟଙ୍କା ଭିତରେ କି ଜିନିଷ ଅଛି । ଦୋକାନୀ କହିଲା କିଛିନାହିଁ । ଅରୁନ୍ଧତୀ କହିଲେ, ଏ ହେଙ୍ଗର ହୋଇପାରେ । ନା ସେଇଟା ପନ୍ଦର ଟଙ୍କା । ମେଟାଲର ହାର ଆରତୀ କିଣିଲା ପଚିଶ ଟଙ୍କାରେ । ଗୋଟେ ଛୋଟ ଦୋକାନୀରେ ନେପାଳୀ କୟେନ ନେଲୁ, ଟଙ୍କାରେ ଟଙ୍କେ ଷାଠିଏ ନୁହେଁ, ଟଙ୍କାଏ ଦେଲେ । ନେପାଳରେ ଫୁଲଗଛଟିଏ ଖୁବ ଧଳାଫୁଲରେ ଭର୍ତ୍ତି ବଡ଼ଗଛଟିଏ । ମିରିକରେ ଘୋଡ଼ା ସବାରି ହେଇ ଫଟୋ ଉଠାଇଲେ । କଷ୍ଟମରେ ଚେକ କଲେ ନାହିଁ ।

୨୭ ଫେବୃୟାରୀ ୯୬ । ପରଦିନ ସାର ଶହେ ଟଙ୍କା ଲେଖା ଆମକୁ ଫେରେଇ ଦେଲେ କିନ୍ତୁ କିଣିବାର ସମୟ ନଥିଲା । ସକାଳେ ସିଂଦେବୀ ଯାଇ ମନ୍ଦିର ଦେଖିଲୁ, ପୂଜାପଦ୍ଧତି ଭଲ, ବାଦ୍ୟନାଦ, ନାଗରା, ଶଙ୍ଖ କରତାଳିରେ କରାଯାଏ । ଚାଉଳ, ପାଣି, ଧୂପଝୁଣା ସବୁ ଥିଲା । ନମସ୍କାର କରି ହାତ ତିନିଥର ଭୂଇଁରେ ପିଟାଯାଏ । ମୁଁ ମ୍ୟୁଜିୟମ ଦଳରେ ଗଲି, ଆଜି ଖୁସି ଲଗୁଥିଲା । ସ୍ନୋ ଲିଓପାର୍ଡ଼ ମୁହଁରେ ହିଂସ୍ରତା, କାଚଆଖିବାଲା ହରିଣର ମୋଟା ଡାଳ ପରି ଶିଙ୍ଘ, କାନଭାସରେ ନୀଳ ରଙ୍ଗରେ ଅଙ୍କା ଏକୁଟିଆ ପାକ୍ଷୀ । ତଳକୁ ଗଲୁ । ନୀଡ଼ରେ ଥଷ୍ଟ ମାରୁଛି ବିଚିତ୍ରବର୍ଣ୍ଣ ପକ୍ଷୀ, ହାତୀ ବଣୁଆ ଭାଲୁର ଦାନ୍ତ ଓ ଆଖି ହିଂସ୍ର, ଯୁଗଳ ହଂସ, ବଗ କଳାଧଳା । ତିନିଥାକରେ

ସମସ୍ତେ ଯୁଗଳ। ଧୂସର ଚିତ୍ରରେ ଆକାଶ ଓ ଜଂଗଲ, ତୃତୀୟରେ ବି ବଗ, ସ୍ନେକବାର୍ଡ଼, ଚାରୋଟି ଆଲମିରାରେ ପକ୍ଷୀବସା, କୁଟାକାଠି ଓ ବାଉଁଶରେ ଗଢ଼ା ପକ୍ଷୀ, ହିଲଷ୍ଟ୍ରିମ, ପଥର ଉପରେ ବସା, ପାହାଡ଼ ଉପରେ ଘାସବସା ଉପରେ ପକ୍ଷୀ ଯୁଗଳପକ୍ଷୀ ଶାବକ, ଅଣ୍ଡା, ଭଦଭଦଳିଆ, ନୀଳପକ୍ଷୀ, କିଙ୍ଗଫିସର ଅଫ ପ୍ଲେନ।

ଉପରକୁ ଗଲୁ, ପ୍ରଜାପତି, କଙ୍କି ମହୁମାଛି କଣ୍ଟା ବାଡ଼େଇ ରଖାହେଇଛି ତିରିଶଟି ଆଲମିରାରେ। ଗଛରେ ପକ୍ଷୀ ହର୍ନବିଲ, ପେଚା, ବିଭିନ୍ନ ପ୍ରକାର ଅଣ୍ଡା, ମୟୂର, ବସା ଭିତରେ ପକ୍ଷୀ, ଦୃଶ୍ୟପଟରେ ଜଂଗଲ, ଫୁଲ, ପାହାଡ଼। ଶାଗୁଣାମାନେ କାଠଗଣ୍ଡିରେ, ପଥରମୁଣ୍ଡିଆରେ ବସିଛନ୍ତି। ସମ୍ବର, ହରିଣ ଆଖିରୁ ଲୁହ ଗଡ଼ି ଘନକଳା ଦେଖାଯାଉଛି। କାଠଗଣ୍ଡି ଉପରେ ବିରାଟ ବାଘ, ତାର ଲାଲ ଜିଭ, ବାଘବାଘୁଣୀ ଯୁଗଳ ଅଛନ୍ତି। ବନ୍ୟବିଡ଼ାଳ, ଗଣ୍ଡାର, ଧୂର୍ତ୍ତ କୋକିଶିଆଳି, ବାର୍କିଂ ଡିୟର ଶିକାର କରୁଛି। ହିମାଳୟର ହରିଣ, ଗଣ୍ଡାର, ବିରାଟ କୁମ୍ଭୀରର ରଂଗ ଜିଭ, ପାଖରେ ଛୋଟ ପାକ୍ଷୀଟିଏ ତାକୁ ଚାହୁଁଛି। ବଜାରରେ ଦାର୍ଜିଲିଂର ଚିତ୍ର ପାଇଁ ବହୁତ ପଚାରିଲେ ବି ମିଳିଲାନି। ହୋଟେଲରେ ପହଞ୍ଚିଲି, ମ୍ୟାନେଜର କୁଆଡ଼େ ବାହାରୁଥିଲେ, ମୋ ସହ ଯାଇ ଷ୍ଟେସନରୁ କିଣାଇଦେଲେ।

ହୋଟେଲର ୱେଟର ସମସ୍ତେ ଭଲଥିଲେ। ଶିକ୍ଷିତ ଦେଖାଯାଉଥିଲେ ମଧ ଲେଟ୍ରିନରେ ଫିନାଇଲ ଢାଳିବା ପାଣିଦେବା ଆଦି କାର୍ଯ୍ୟ କରୁଥିଲେ। ଡ୍ୟୁଟି ଭାବେ ନ କରି ଖୁସିରେ କାମ କରିବା ଭଳି ଜଣାପଡୁଥିଲେ। ଷାଠିଏ ଟଙ୍କାରେ ରହିବା ଖାଇବା ସବୁ କରୁଥିବାରୁ କ୍ରମଶଃ ଅପରାଧୀ ମନେ କରୁଥିଲୁ ନିଜକୁ। ତିନିହଜାର କିଲୋଲିଟର ପାଣି କିଣିଲେ। ମ୍ୟାନେଜର ପାଞ୍ଚଟି ଭାଷା ଜାଣେ, ଖୁବ ଟ୍ୟାଲେଣ୍ଟେଡ ମନେହୁଏ ଓଡ଼ିଆ ଜାଣେ। ଯିବା ସମୟରେ ସୁନ୍ଦର ପିଲାଟି ବାଏ ବାଏ କହିଲା । ବସରେ ରୋଶନାରା ବହୁତ ଗୀତ ଗାଇଲା। ସିଲିଗୁଡ଼ିରେ ପୁଣି ଖରା ସୁନ୍ଦର ପାଗ, ଗୁଡ୍ ବାଏ, ଭିଜିଟ ଏଗେନ। ମୋ ଭିତରେ କେଉଁଠି କିଛି ଭିଜିଗଲା। ବାଟରେ ପଡ଼ିଲା ରଙ୍ଗଟଙ୍ଗ, ଶୁକିଆ। ଲିପି କହିଲା ଯାହାକୁ ପାଗଳା କୁକୁର କାମୁଡ଼ିଥିବ ସେ ଆଉ ଦାର୍ଜିଲିଂ ଆସିବ। ମୁଁ କିନ୍ତୁ ବାରମ୍ବାର ଆସିବି ଦାର୍ଜିଲିଂ।

୧, ସତ୍ୟ ଡକ୍ଟର ରୋଡ୍, କୋଲକାତା, ୭୦୦୦୨୩

*With best compliments from:*

**OM NAMAH SHIVAY SERVICES**

# ଛୁଟି

**ମୂଳ କଶ୍ମିରୀ - ଆଫାକ୍ ଅଜିଜ୍**
**ଅନୁବାଦ - ସଚ୍ଚିଦାନନ୍ଦ ଶତପଥୀ**



ବହୁତ ଡେରି ହେଇଗଲାଣି .. ଘଣ୍ଟାରେ ସାଢ଼େ ଦଶଟା ବାଜି ସାରିଲାଣି । ଜଣାନାହିଁ କାହିଁକି ସେ ଏପର୍ଯ୍ୟନ୍ତ ବି ଆସିଲାନି । ଏମିତିରେ ତା'ର ଡେରିରେ ଆସିବାର ଅଭ୍ୟାସଟା ଅଛି । ତଥାପି ବି ସେ ଏତେ ଡେରି କେବେ କରେନି । ନିଶ୍ଚୟ କିଛି ନା କିଛି ଘଟିଛି । ଏମିତି ବି ହେଇପାରେ ଯେ ସେ ଆସିଛି, ମୁଁ ତାକୁ ଦେଖିପାରିନି, ଆଉ ସେ ଚାଲିଯାଇଛି ।

ନା, ନା, ସେମିତି ହେଇପାରିବନି । ପ୍ରଶ୍ନ ହି ଉଠୁନି । ଯଦିଓ ଅନ୍ୟ ଦିନମାନଙ୍କ ଅପେକ୍ଷା ଆଜି ସେପଟରୁ ବହୁତ କମ୍ ବସ୍ ଆସୁଥିଲା । ତଥାପି ଆସୁଥିବା ସବୁ ବସ୍ ଆଡକୁ ମୁଁ ଦେଖି ଚାଲିଥିଲି । ପୁଣି ଭାବିଲି, ଭଲ ହେବ ବସ୍ ଷ୍ଟାଣ୍ଡ୍ ଯାଇ ସେହି ରୁଟ୍‌ରୁ ଆଜି କିଛି ବସ୍ ଆସିଛି କି ନାହିଁ ବୁଝି ଦେବାଟା !

ବସ୍ ଷ୍ଟାଣ୍ଡ୍ ପ୍ରାୟ ଖାଲି ଥିଲା । କେବଳ କେତୋଟି ମାତ୍ର ବସ୍ ଠିଆ ହେଇଥିଲା । ଷ୍ଟାଣ୍ଡ୍‌ର ମୁଖିଆକୁ ଯାଇ ମୁଁ ପଚାରିଲି, "ଆଜ୍ଞା, ଆଜି ସବୁ ରୁଟ୍‌ରେ ବସ୍ ଚାଲୁଛି ତ ?"

ସେ ଅସ୍ତିବାଚକରେ ଉତ୍ତର ଦେଲା। କିନ୍ତୁ ତା' ସହିତ ଗୋଟିଏ ସର୍ତ୍ତ ବି କହିଲା, "କେବଳ ସେଇ ରୁଟ୍‌ରେ ବସ୍ ଚାଲୁନାହିଁ, ଯାହା ବିଷୟରେ ତୁମେ ଜାଣିବାକୁ ଚାହୁଁଛ !"

ମୋତେ ଆଶ୍ଚର୍ଯ୍ୟ ଲାଗିଲା ଯେ ସେ କେମିତି ଜାଣିଲା, ମୁଁ କୋଉ ରୁଟ୍ ବିଷୟରେ ଜାଣିବାକୁ ଚାହୁଁଛି । ଭାବିଲି ତାକୁ ପଚାରିଦେବି । ପୁଣି ଭାବିଲି ଏ ସମୟରେ ଏପରି କିଛି ଯୁକ୍ତିତର୍କ କରିବା ଠିକ୍ ହେବନି । ପୁଣି ଅନୁମାନ କଲି ଏମିତି ବି ହେଇପାରେ, ସେ ସବୁଦିନ ବସ୍‌ରୁ ଓହ୍ଲାଇବା ବା ଚଢ଼ିବା ସମୟରେ ମୋତେ ଦେଖିଥିବ ଏବଂ ସେଥିପାଇଁ ସେ କେବଳ ମତେ ଚିହ୍ନିଛି ବୋଲି ନୁହେଁ, ମୋର ରୁଟ୍ ବି ଜାଣିଥିବ ! ତଥାପି ବସ୍ ନ ଚାଲିବାର କାରଣ ମୁଁ ପଚାରିଲି । ତା'ର ଉତ୍ତର ଥିଲା, "ସେ ପଟର ପରସ୍ଥିତି ଖରାପ ହେଇଯାଇଛି।"

"କି ପରିସ୍ଥିତି ?" ମୁଁ ପଚାରିଲି ।

"ପଥରବାଜି ହେଉଛି । ଦୋକାନ ବଜାର ବନ୍ଦ ଅଛି ଆଉ ଟ୍ରାଫିକ୍ ବି ।" ଏକଥା ଶୁଣି ମୁଁ ବ୍ୟାକୁଳ ହେଇଗଲି । ମୋ ଆଖି ବିବ୍ରତ ହୋଇ ସାଙ୍ଗର ଆସିବା ବାଟକୁ ଚାହିଁ ରହିଲା । ଏଣେ ଖରା ମତେ ବ୍ୟସ୍ତ କଲାଣି । କିନ୍ତୁ ମୋର ସବୁଠାରୁ ବଡ ଚିନ୍ତା ଥିଲା ଯେ ସେ କାହିଁକି ଆସୁନାହିଁ ।

ସେ ମୋର ପିଲାଦିନର ଏକମାତ୍ର ସାଙ୍ଗ ଥିଲା । କେବଳ ରାତିର କିଛି ଘଣ୍ଟାକୁ ଛାଡିଦେଲେ, ଆମେ କେବେ ବି ଅଲଗା ହେଉନଥିଲୁ । ପ୍ରଥମ ଶ୍ରେଣୀରୁ ହି ଏକାଠି ବସିବାର ଅଭ୍ୟାସ ଆମର ପଡି ଯାଇଥିଲା । ଖେଳ ଛୁଟିରେ ଆମେ ୟମ୍ବରଲାଲ୍ କ୍ୟାଣ୍ଟିନ୍‌ରେ ବସି କିଛି ଜଳଖିଆ ଖାଉଥିଲୁ ଆଉ ଇଆଡୁ ସିଆଡୁ ଗପ କରି ଫେରି ଆସୁଥିଲୁ ।

ତା'ର ମେଳାପୀ ଗୁଣ, ସଚ୍ଚୋଟତା ଆଉ ମଣିଷ ପଣିଆ ମୋ ମନରେ ଘୂରି ବୁଲୁଥିଲା । ମୁଁ ଆଉ ରହି ପାରିଲିନି । ପୁଣି ଯାଇ ବସ୍ ଷ୍ଟାଣ୍ଡ୍‌ର ମୁଖିଆକୁ ପଚାରିଲି, "ଯେତେବେଳେ ସେପଟର ଅବସ୍ଥା ଖରାପ ହେଲା, ସେତେବେଳେ ସମୟ କେତେ ହେଇଥିଲା ?"

"ଦଶଟା ବାଜିଥିଲା ।"

ଶୁଣିକି ଆହୁରି ଭୟ ଲାଗିଲା । ମନ ଉଦାସ ହେଇଗଲା । ଅଜବ ଅଜବ ଅଶୁଭ ବିଚାର ସବୁ ମନକୁ ଆସିବାକୁ ଲାଗିଲା । ନିରାଶରେ ବୁଡିଗଲି । ଏବେ ତା'ର ଆସିବାର ଆଉ କୌଣସି ସମ୍ଭାବନା ନଥିଲା । ଆଜି ପର୍ଯ୍ୟନ୍ତ ସେ କେବେ ଅଧଘଣ୍ଟାରୁ ଅଧିକ ଡେରି କରିନଥିଲା । କିନ୍ତୁ ଏଥରକ ସେ ସବୁ ସୀମା ପାର୍ କରିସାରିଥିଲା ।

ଆମେ ଦୁଇଜଣ ସବୁଦିନ ଦଶଟା ପଞ୍ଚାବନରେ ଏହି ବସ୍ ଷ୍ଟାଣ୍ଡ୍‌ରୁ ବସ୍ ଧରୁଥିଲୁ । ଏପର୍ଯ୍ୟନ୍ତ ତ ସେ ଆସିଯିବାର ହି ଥିଲା । କିନ୍ତୁ ... ଏମିତି ବି ହେଇପାରେ ଯେ, ପରିସ୍ଥିତି ଖରାପ ହେବା ଯୋଗୁଁ ସେ ଘରୁ ହି ବାହାରି ନଥିବ । ହଁ, ଯଦି ସକାଳ ଜଳଖିଆ ଖାଇବା ସମୟରେ ହି ପରିସ୍ଥିତି ଖରାପ ହେଇଯାଇଥିବ, ତେବେ ସେପରି ସ୍ଥିତିରେ ସେ କୌଣସି ପ୍ରକାରରେ ଘରୁ ବାହାରିବା ପିଲା ବି ନୁହେଁ ।

.. ନା, ନା, ଏଇଟା ବି ଅସମ୍ଭବ ! ମୋ ପାଖରେ ପହଞ୍ଚିବାକୁ କମ୍ ସେ କମ୍ କିଛି ନା କିଛି ବ୍ୟବସ୍ଥା ସେ ନିଶ୍ଚୟ କରିଥାଆନ୍ତା । ଖୁଦା ହି ଜାଣିଥିବେ ଘଟଣାଟା କ'ଣ ! ଅପେକ୍ଷା କରି କରି ମୋର ଗୋଡହାତ ଥକିଗଲାଣି । ଏବେ ତ ପ୍ରଥମ ପିରିଅଡ୍ ବି ସରିଯିବଣି । ଭାବିଲି ଏବେ ଫେରିକି ଚାଲିଯିବା ହି ଠିକ୍ ରହିବ । କିନ୍ତୁ ମନ କ'ଣ ମାନୁଥିଲା ? ସେ ନିଶ୍ଚୟ ଆସିବ ।

କିନ୍ତୁ, ମତେ କ'ଣ ଦିନଯାକ ତାକୁ ଏଇଠି ଅପେକ୍ଷା କରିବାକୁ ହେବ ?

ହଁ, ମତେ ଅପେକ୍ଷା କରିବାକୁ ହିଁ ହେବ । ହେଇପାରେ ଯେ ମୁଁ ଯାଉ ଯାଉ ସେ ଆସିଯିବ । ସେତେବେଳେ କ'ଣ ସେ ମୋରି ପରି ବ୍ୟସ୍ତ ହୋଇଯିବ ନାହିଁ ? ମୁଁ

ବସିଗଲି, ଆଉ ଯେଉଁ ଦିଗରୁ ସେ ଆସେ, ସେଇ ଆଡକୁ ଧ୍ୟାନ କେନ୍ଦ୍ରିତ କଲି ।

ସେହି ଦିଗରୁ ଆସୁଥିବା ବସ୍ ଗୁଡିକର ଲାଇନ୍ ଲାଗିଥିଲା । ବହୁତ ଖୁସି ଲାଗିଲା ମତେ । ଏବେ ବୋଧହୁଏ ଅବସ୍ଥା ସୁଧୁରିଗଲା । ସେ ଏବେ ଆସୁ ହି ଥିବ । ମୁଁ ସେପଟୁ ଆସୁଥିବା ଗୋଟିଏ ବସ୍‌ବାଲାକୁ ସେପଟର ପରିସ୍ଥିତି ବିଷୟରେ ପଚାରିଲି । ସେ କହିଲା, "ଅବସ୍ଥା ତ ପୂରାପୂରି ନର୍ମାଲ ଅଛି । କୋଉଠି କିଛି ଝଗଡା ଝାଣ୍ଟି ହେଇନାହିଁ । ଦୋକାନ ବଜାର ବି ଖୋଲା ଅଛି ।"
ତେବେ ସେ ରୁଟ୍‌ରେ ଏପର୍ଯ୍ୟନ୍ତ କାହିଁକି ଗାଡି ଚାଲୁ ନଥିଲା ବୋଲି ତାକୁ ପଚାରିଲାରୁ ସେ କହିଲା, "ଖୁବ୍ ଅଧିକ ଭିଡ ଯୋଗୁଁ ଏକ୍‌ଜିବିସନ୍ ମୋଡ ନିକଟରେ ପଇଁଚାଳିଶ ମିନିଟ୍ ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ହେଇଥିଲା ।"

ମୁଁ ପୁଣି ପଚାରିଲି, "ପ୍ରାୟ ଦୁଇ ଘଣ୍ଟା ଧରି ଟ୍ରାଫିକ୍ କାହିଁକି ବନ୍ଦ ଥିଲା ?"

ସେ କହିଲା, "ପୁଲିସ୍ ସବୁ ବସ୍ ଆଉ ଗାଡିର ଡ୍ରାଇଭର୍‌ଙ୍କ ଠାରୁ ଗାଡି କାଗଜପତ୍ରକୁ ନେଇଗଲା । ଡ୍ରାଇଭର୍‌ର ଭୁଲ୍ ଥାଉ ବା ନଥାଉ, ସେମାନଙ୍କୁ ତ ଚା ପାଣି ଦରକାର ହି ଦରକାର ।"

ବସ୍‌ବାଲା ସହିତ ମୁଁ ସିନା କଥାବାର୍ତ୍ତା କରୁଥାଏ, କିନ୍ତୁ ଆଖିମୋର ସାଙ୍ଗକୁ ଖୋଜି ଚାଲିଥିଲା। ଲଗାତାର ବସ୍ ସବୁ ଆସିବାରେ ଲାଗିଥିଲା। କିନ୍ତୁ ସେ ହି ଆସୁନଥିଲା ଜମା।

ଏବେ ମତେ ମୋର ଏହି ଅପେକ୍ଷା କରିବାଟା ହି ବଡ ଅଜବ ଲାଗିବାକୁ ଲାଗିଲା । ପୂରା ଦୁଇ ଘଣ୍ଟା ମୋର ତାକୁ ଅପେକ୍ଷା କରିବାରେ ବିତି ଯାଇଥିଲା । ଦ୍ୱିତୀୟ ପିରିଅଡ୍ ବି ଶେଷ ହେଇଯାଇଥିବ । କିନ୍ତୁ ସେ ... ? ସେ ମୋର ପ୍ରତିଦିନର ସହଯାତ୍ରୀ ଥିଲା ଆଉ ମୁଁ ତା'ର । ଏବେ ମୁଁ ତାରି ଚିନ୍ତାରେ ବ୍ୟାକୁଳ ହେଇଯାଉଥିଲି ।

ଏତିକିବେଳେ ଗୋଟିଏ ସ୍ୱର ଶୁଭିଲା କାନକୁ –

"କାଲି ସୋମବାର, ଦିନ ଦୁଇଟା ବେଳେ ସୁଲେମାନ୍ ଟ୍ୟାଙ୍କ୍ ତଳେ କାଶ୍ମିରୀ ଭାଷାର ଉନ୍ନତି କଳ୍ପେ, ଏକ ବିଶେଷ ସଭା ହେବ, ଯେଉଁଥିରେ ମାଦରୀ ଭାଷାର ବିଶେଷତା, ଜାତିର ପରିଚୟ ଓ କାଶ୍ମିରୀ ଭାଷାକୁ ସ୍କୁଲ୍‌ରେ ପଢ଼ାଯିବା ଉପରେ ଆଲୋଚନା କରାଯିବ ।"

ଏକଥା ଶୁଣି ମୁଁ ହତବମ୍ବ ହୋଇଗଲି .. ସ୍ତବ୍ଧ ରହିଗଲି ! ଆଜି ତା'ମାନେ କ'ଣ ରବିବାର .. ମାନେ ଛୁଟି ?

E-mail : satchidananda.satpathy@gmail.com

*With best compliments from:*

**Lotus Trans Travel Pvt. Ltd.**

# ପ୍ରତାରଣା ଦେଇ ଚାଲିଗଲା ସିଏ...

**କିଶୋର ଆକାଶ**

**ଫାଇଲିନ୍‌ର ତାଣ୍ଡବ ଲୀଳା**



ପ୍ରଫୁଲ୍ଲ କଳ୍ପନାରେ ସୁଦ୍ଧା ଭାବି ନ ଥିବ – ତା' ସରଳ ଜୀବନରେ ଏମିତି ଅଘଟଣ ଘଟିଯିବ । କିଏ କାହିଁକି ଆଶା କରିବ କହୁନ ? ତା' ପାଦରୁ ଲିଭି ନ ଥିବ ଅଳତା-ଆଖିରୁ ସୁର୍ମା । ସାତ ଜନ୍ମର ବଂଧନ - ଡୋର କ'ଣ ଏମିତି ଛିଣ୍ଡିଯାଏ ଗୋଟିଏ ସେକେଣ୍ଡରେ ? ? ଜାଣି ଜାଣି ନିଜ ପତ୍ନୀ / ପ୍ରିୟତମା ବିଶ୍ୱାସର ବୋତଲରେ ବିଷ ମିଶାଇ ବଢ଼ାଇ ଦେଇଥିବ ବିନା ଦ୍ୱିଧାରେ / ବିନା ସଂକୋଚରେ । ସିଏ ଏବେ ବି ବିଶ୍ୱାସ କରିପାରୁ ନ ଥିବ ।

ଅନ୍ୟମନସ୍କ ହୋଇଯାଉଥିବ ପ୍ରଫୁଲ୍ଲ । ପାରା ଗୁହ ସଫା କରୁଥିବ ମେଟ୍ରୋ ଷ୍ଟେସନରେ ଉପର ମହଲା ପ୍ଲାଟଫର୍ମରେ । ଢେର କାନ୍ଦୁଥିବ । ତା'ଭଳି ଏତେ ସରଳ ମଣିଷ କଣ ଏ ଜଟିଳ ଦୁନିଆରେ ଚଳିପାରିବ ? ତା'ର ସରଳ / ନିରୀହ ନିଷ୍କପଟ ନିଜସ୍ୱ ନିଳୟରେ ଗରଳ/କୁଟୀଳ/କପଟରେ ଜୀବନନାଶୀ ବୋମାଟିଏ କିଏ ରଖିଦେଇଥିବ । କିଏ ? ହାୟ ଯାହାର ହାତ ଧରି ସାତଫେରା ନେଇ ବାହା ହୋଇଥିବ । ତା'ର ପତ୍ନୀ ପ୍ରମିଳା । ଯାହାକୁ ପାଇ ଭାଙ୍ଗିଥିଲା ସେ ଏକା ଧାରରେ ଜାୟା । ଭଗ୍ନୀ / ଜନନୀର ତ୍ରିଧାରା ସଂଗମର ଦେବୀ । କିନ୍ତୁ ସେ ଦେବୀ ନ ଥିଲା । ଥିଲା ଦାନବୀ । ଯିଏ ଜିଉ ଲହଲହ କରି ରକ୍ତ ଶୋଷୁଥିବ ଚଂଚଂ କରି ତା' ଛାତି ଉପରେ ବସି । ରକ୍ଷା ହୋଇଛି ସେ ଆପେ ଆପେ ଦୂରେଇ ଯାଇଛି ହୋ ! ନଚେତ୍ ଆଜି ସେ ବଂଚିଥାନ୍ତା କି ନା ସଂଦେହ । ହୁଏ ତ ପ୍ରେମିକ ପ୍ରେମିକା (ପ୍ରଣୟ ଆଉ ପ୍ରମିଳା) ମିଶି ତା' ତଣ୍ଟି ଚିପି ମାରି ଦେଇ ଘରର ଫ୍ୟାନରେ ଲଟକାଇ ଦେଇଥାନ୍ତେ । ଆଉ ଲୋକ ଲଜ୍ଜା ସହି ନ ପାରି ପ୍ରଫୁଲ୍ଲ ଆତ୍ମହତ୍ୟା କରିଛି ବୋଲି ସମସ୍ତଙ୍କୁ କହିଥାନ୍ତେ । ପୋଲିସକୁ ଘୁଷ୍ ଦେଇ ସବୁ ଅସମ୍ଭବକୁ ସମ୍ଭବ କରିଦେଇଥାନ୍ତେ ।

ଛାଡ଼ ! ଛାଡ଼ ! ସେ ହୁଏତ ମରୁ ମରୁ ବଞ୍ଚିଗଲା । ଏବେ ସମୟ ସକାଳ ଦଶଟା । ଦୁଇ ମିନିଟ୍ ଫ୍ରିକ୍ୱେନ୍‌ସି ରେ ମେଟ୍ରୋ ଚାଲିଥିବ ପିକ୍ ଆୱାର୍‌ରେ । ତା'ର ଡ୍ୟୁଟି ସକାଳ ଦଶରୁ ସଂଧ୍ୟା ଛଅ । ଆଠ ଘଣ୍ଟା ।

ଚୁପ୍‌ଚାପ୍ ଲୁହଭରା ଆଖି / କୋହଭରା ଛାତି ନେଇ ଏକା ଏକା ବସି ମେଟ୍ରୋ ପ୍ଲାଟ୍‌ଫର୍ମର ବିପରୀତ ଦିଗକୁ ଚାହିଁବ ପ୍ରଫୁଲ୍ଲ । ଛାତ ଉପରେ ଗୁଡ଼ିଟିଏ ଉଡ଼ାଉଥିବ ପିଲାଟି ମହାଆନନ୍ଦରେ ଗୁଡ଼ି ଉଡ଼ି ଉଡ଼ି ଯାଉଥିବ ନୀଳ ଆକାଶ ତଳେ । ସେ ଗୋଟାଏ ଗୁଡ଼ିରେ ରୂପାନ୍ତରିତ ହୋଇ ଏମିତି ଖୋଲା ଦିଲ୍‌ରେ ଖୋଲା ଆସମାନ୍‌ରେ ଉଡ଼ିପାରନ୍ତାନ୍ତି ? ଭାରି ମଜା ହୁଅନ୍ତା ମ । ଖୁବ୍ ଖୁସି ଲାଗନ୍ତା । ଆର ଛାତରେ ଦୁଇଟି ତରୁଣ – ତରୁଣୀ ମୁହଁକୁ ମୁହଁ ଯୋଡ଼ି ଲଗାଲଗି ହୋଇ ବସିଥିବେ ଦୁଇଟି ପ୍ରେମାପ୍ଳୁତ ବଣି ଯୋଡ଼ି ଭଳି । ଗପୁଥିବେ । ହସି ହସି ଗଡ଼ିଯାଉଥିବ ଝିଅଟି । ପୁଅଟିର କୋଳରେ ଶୋଇ ପଡୁଥିବ ଝିଅଟି । ପୁଅଟି ପ୍ରେମରେ ପ୍ରେମରେ ଚୁମା ଛାଇ ଦେଉଥିବ ଝିଅଟି ସାରା ଦେହରେ । ଅଜଣା ରୋମାନସ୍‌ରେ ମାତି ଉଠୁଥିବେ ଦୁଇ ପ୍ରେମୀଯୁଗଳ ପରସ୍ପରକୁ ନିବିଡ଼ ଆଶ୍ଳେଷରେ ଜଡ଼ାଇ ଧରି । ବୋଧେ ସେମାନେ ଭୁଲି ଯାଇଥିବେ ସେଇଟା ଖୋଲା ଛାତ । କାଳେ କିଏ ଦେଖୁଥିବ ସେପଟରୁ ମୁହଁ ଫେରାଇ ଆଣିବ ପ୍ରଫୁଲ୍ଲ ।

**ମନ ମୁକୁରରେ ସ୍ମୃତିର ପ୍ରତିବିମ୍ବ:**

ନିଜର ବିତିଯିବା ଦିନର ଅଭୁଲା / ଅଲିଭା ସ୍ମୃତିକୁ ରୋମନ୍ଥନ କରୁଥିବ ନିଜେ ପ୍ରଫୁଲ୍ଲ ।

ତା' ବାପା ମା ଉଭୟେ ଥିବେ ମ୍ୟୁନିସ୍‌ପାଲିଟି ମେହେନ୍ତର । ବର୍ତ୍ତମାନ ଯାହାକୁ ସଫେଇ କର୍ମଚାରୀ ନାମିତ କରାଯାଇଥିବା ଲୋକମାନଙ୍କର ଉଠା ପାଇଖାନା, ଯାହା ସେତେବେଳେ ବହୁଳ ଭାବେ ପ୍ରଚଳିତ ଥିବ । ସେଇ ପାଇଖାନାର ମଳ ସଫା କରିବା କାମରେ ଉଭୟେ ନିୟୋଜିତ ଥିବେ । ପ୍ରଫୁଲ୍ଲ ତାଙ୍କରି ଏକମାତ୍ର ସନ୍ତାନ । ଦିନେ ଦିନେ ବାପା-ମା ଉଭୟେ ଅସୁସ୍ଥ ହୋଇପଡ଼ିଲେ, ତାକୁ ପଠାଉଥିବେ ସେଇ ଘୃଣ୍ୟ କାମ ନିର୍ବାହ କରିବା ପାଇଁ । ସେ ଜାଣିଶୁଣି କେବେ ବି କାମକୁ ଯାଉ ନ ଥିବ । ଷ୍ଟେସନ ଯାଇ ପ୍ଲାଟ୍‌ଫର୍ମ ବେଂଚରେ ଶୋଇ ଶୋଇ ଦେହ ହାତ ପଥରରେ ଛେଚି / କଣ୍ଟାରେ ଫୋଡ଼ି ରକ୍ତାକ୍ତ କରି ଦେଇ, ବାପା-ମାଙ୍କୁ ଆସି କହୁଥିବ ସେ ଏକ୍ସିଡେଣ୍ଟର ଶିକାର ହୋଇଯାଇଥିଲା । ତେଣୁ କାମକୁ ଯାଇ ପାରିନାହିଁ । ଅତି ସରଳ / ଅଶିକ୍ଷିତ ତାର ବାପା-ମା ତା'ର ଏଇ ମନଗଢ଼ା କଥାକୁ ସଂପୂର୍ଣ୍ଣ ବିଶ୍ୱାସ କରିଯାଉଥିବେ ।

ପ୍ରଫୁଲ୍ଲ ବଡ଼ କଷ୍ଟରେ ମ୍ୟାଟ୍ରିକ୍‌ଯାଏ ପଢ଼ିଥିବ । ତା' ଦେଇ ପାଠ ହେଉ ନ ଥିବ । ଶାଠରେ ବେଶୀ ଓସ୍ତାଦ ଥିବ ସିଏ କାହା ବାଡ଼ିରୁ ପିଜୁଳି, ଆମ୍ବ, ଆତ, ସପେଟା, ପଣସ, ସପୁରୀ, ଲିଚୁ, ବରକୋଳି, କଡ଼ାଁ, କରମଙ୍ଗା ଭଳି ସୁସ୍ୱାଦୁ ଫଳ ଚୋରାଇ ସାଙ୍ଗ ମାନଙ୍କ ସହ ମଉଜରେ ଖାଇବ । କି କୁକୁଡ଼ା ଚୋରାଇ ଚିକେନ୍ ପୋଡ଼ା ଖାଇବା ହୋଇଥିବ ତା'ର ଦୈନିକ କାମ । କିନ୍ତୁ ପ୍ରଫୁଲ୍ଲର ସରଳିଆ / ନିରୀହ ପଣ / ବୋକାଗୁଣ ଯୋଗୁଁ ସବୁଥର ଧରା ପଡି ନିର୍ଘଣ୍ଟ ମାଡ଼ ଖାଉଥିବ । ତା'ର ଚାଲାଖ୍ ସାଙ୍ଗ ମାନେ ଆରାମରେ ଖସି ଯାଉଥିବେ । ପ୍ରଫୁଲ୍ଲର ବାପା-ମା ପ୍ରଫୁଲ୍ଲକୁ ହିଁ ସମର୍ଥନ କରୁଥିବେ । ଅନ୍ୟମାନଙ୍କୁ ଗାଳି କରି ଅଭିସଂପାତ ବର୍ଷୁଥିବେ ।

ପ୍ରଫୁଲ୍ଲର ଏଇ ମେହେନ୍ତର କାମ ପ୍ରତି ଥିବ ପ୍ରବଳ ଘୃଣା ଆଉ ହୀନମନ୍ୟତା । ସେ ଅନ୍ୟଆଡ଼େ ଚେଷ୍ଟା କରୁଥିବ ନୌକରୀ ପାଇଁ । କିଛି ନ ହେଲେ ଇଟା ଭାଟିରେ କାମ କରିବାକୁ ଆନ୍ଧ୍ର ଚାଲିଯିବ ସିନା ଏ ଘୃଣ୍ୟ କାମ ସେ କଦାପି କରିପାରିବନି ବୋଲି

ନିଜ ବାପା-ମାଙ୍କୁ ରୋକ୍‌ଠୋକ୍ ଜଣାଇ ଦେଇଥିବ। ସେ ଏଇ ହୀନମାନିଆ ମେହେନ୍ତରର ଗୁହ ଉଠାଇବା କାମ କଦାପି କରିପାରିବନି।

ପ୍ରଫୁଲ୍ଲର ବାପା-ମା ଉଭୟେ ଥିବେ ରୋଗୀଣା/ ଦୁର୍ବଳା ଫାଇଲେରିଆରେ ମାଆର ଗୋଟିଏ ଗୋଡ଼ ଗୋଦର। ବାପାର ପେଟ ବେମାରି। ଯାହା ଦୁହେଁ ରୋଜଗାର କରୁଥିବେ ତିନିଜଣଙ୍କର ସଂସାର ତ କଷ୍ଟେ ମଷ୍ଟେ ଚଳିଯାଉଥିବ କିନ୍ତୁ ଯଥେଷ୍ଟ ହେଉ ନ ଥିବ। ଅଭାବ ଅନାଟନର ଜଳ ଭଉଁରୀ ଭିତରେ ଅଣନିଶ୍ୱାସୀ ହୋଇ ଯାଉଥିବ ପ୍ରଫୁଲ୍ଲ। ଭାବୁଥିବ କେମିତି ଭଲ ଚାକିରୀ ଖଣ୍ଡେ ମିଳିଯାଆନ୍ତି କି ? ମିଲିଟାରୀରେ ଜଏନ୍ ହେବା ପାଇଁ ସିଲେକ୍‌ଟ ହୋଇଯାଇଥିବ। ହେଲେ ବାପା-ମା କାନ୍ଦି କାନ୍ଦି ତା'କୁ ଅଥୟ କରିଦେବେ ଏମିତି ଯେ - ଯିବା ନୋହିବ । ଅନ୍ୟ ଚାକିରୀରେ ତ ପ୍ରାର୍ଥୀ ବେଶୀ, ପୋଷ୍ଟ ବହୁତ କମ୍। ପୁଣି ଲାଞ୍ଚ/ପ୍ରଭାବ/ରାଜନୀତିର ଖୁଲମ୍‌ଖୁଲା କରାସାଦି। ଏ ଭିତରୁ କୌଣସି ଗୋଟିଏ ବି ଯୋଗ୍ୟତା ତା'ର ନ ଥିବ। ସେ କେମିତି ପାଇବ ଚାକିରୀ । ଇଣ୍ଟରଭ୍ୟୁ ଦେବା/ଅପ୍ଲାଇ କରିବାରେ ଅବହେଳା କରୁ ନ ଥିବ। ହେଲେ ମିଳୁ ନ ଥିବ ଇପ୍‌ସିତ ଚାକିରୀ !

**ସୁନାର ସକାଳ ସମାଗତ:**

ମେଟ୍ରୋ ରେଳ କର୍ପୋରେସନ୍‌ରେ ଚାକିରୀଟିଏ ପାଇଯିବ। ତା'ର ସୌଭାଗ୍ୟର ସୂର୍ଯ୍ୟୋଦୟ ହେଲା ବୋଧେ। ସଫେଇ କର୍ମଚାରୀ ଚାକିରୀ। ଦରମା ମାସକୁ ଦଶ ହଜାର। ଡ୍ରେସ୍ ବୁଟ୍ ଆଉ ଟୋପି ମାଗଣା ମିଳିବ। ଦିନ ଦଶରୁ ସନ୍ଧ୍ୟା ଛଅ। ଆଠ ଘଣ୍ଟା ଡ୍ୟୁଟି। ପୁଣି ନିଜ ଝୁପୁଡ଼ି ବସ୍ତିଠାରୁ ମାତ୍ର ଗୋଟିଏ କିଲୋମିଟର ଦୂରରେ ତା'ର ପୋଷ୍ଟିଂ ଢେର ଖୁସି ହେବେ। ସେତେବେଳକୁ ପ୍ରଫୁଲ୍ଲକୁ ହେଲାଣି ବାଇଶି ବର୍ଷ। ବାପା-ମା ଉଭୟେ ଏକ ସମୟରେ ଏକ ସମୟରେ ଶଯ୍ୟାଶାୟୀ ହୋଇ ପଡ଼ିବେ। ପ୍ରଫୁଲ୍ଲକୁ ରାନ୍ଧିକି ଗଣ୍ଡେ କିଏ ଦେବ ସକାଳ ନଅଟାରେ। ସେ କେମିତି ଯିବ ଡ୍ୟୁଟିକୁ ପ୍ରତିଦିନ।

ପ୍ରଫୁଲ୍ଲ କିହବ – ସେ ବାହା ହୋଇପଡ଼ିବ। ବୋହୁ ଆସିଲେ ରନ୍ଧାବଢ଼ା କରିବ। ଅସୁସ୍ଥ ବାପା – ମା'ଙ୍କ ସେବା ବି କରିବ। ବାପା – ମାଙ୍କର ଖୁସି ଦ୍ୱିଗୁଣିତ ହୋଇଯିବ। ଦୁହେଁ ଆନନ୍ଦରେ ଆତ୍ମହରା ହୋଇଯିବେ। ନିଜେ ପ୍ରଫୁଲ୍ଲ ହିଁ କନ୍ୟା ଖୋଜିବ ଅବଶ୍ୟ ମେଟ୍ରୋରେ ଥିବ ତା'ର ବନ୍ଧୁ ଅନାମ ଚରଣ- ଯାହାକୁ ସମସ୍ତେ ବଡ଼ଭାଇ ବୋଲି ସଂବୋଧନ କରୁଥିବେ। ସିଏ ହିଁ ପ୍ରଫୁଲ୍ଲ ପାଇଁ ଉତ୍ତମ କନ୍ୟାଟିଏ ଠିକ୍ କରିଦେବେ। ମ୍ୟାଟ୍ରିକ୍ ପଢ଼ିଥିବ ଝିଅଟି। ଦେଖିବାକୁ ଶ୍ୟାମଳ ବର୍ଣ୍ଣ ହେଲେ କ'ଣ ହେଲା ଗଠନ ପରିପାଟୀ ବେଶ୍ ଆକର୍ଷଣୀୟ। ବିନା ଯୌତୁକରେ ପ୍ରଫୁଲ୍ଲ ସେଇଠି ବାହା ହେବା ପାଇଁ ସମ୍ମତି ପ୍ରଦାନ କରିଦେବ।

ଅନାମ ଚରଣ ହିଁ ବାହାଘର ପାଇଁ ଦିନ ଧାର୍ଯ୍ୟ କରିଦେବେ। ଚୁପ୍‌ଚାପ୍ ଆର୍ଯ୍ୟସମାଜ ମନ୍ଦିରରେ ବାହାଘର ସାରିଦେବା ପାଇଁ ଦେବେ ଗୋପନ ପରାମର୍ଶ। ଠିକ୍ ସେମିତି ହିଁ ସବୁ ଆୟୋଜନ ସରିଥିବ। ହଠାତ୍ ବାପା-ମା ଉଭୟଙ୍କୁ ହେବ ଡେଙ୍ଗୁ ଜ୍ୱର। ଦଶଦିନ ହସ୍‌ପିଟାଲରେ ରହି ଚିକିତ୍ସିତ ହୋଇ ବି, ସୁସ୍ଥ ହେବା ବଦଳରେ ଦୁହେଁ ମରଣ ମୁହଁକୁ ଟାଣି ହୋଇଯିବେ। ଏକା ସଙ୍ଗେ ଦୁଇଜଣଯାକ ଶେଷ ନିଃଶ୍ୱାସ ତ୍ୟାଗ କରିବେ।

ବାପ-ମା'ଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକଯାଏଁ ପ୍ରଫୁଲ୍ଲର ବାହାଘର ଅଟକିଯିବ ଏକବର୍ଷ। ଏତେବଡ଼ ଦୁନିଆରେ ପ୍ରଫୁଲ୍ଲ ହୋଇଯିବ ଏକା। ନିହାତି ଏକା। ଏକା ଏକା ଦୁଃଖର ଦାନବକୁ ସାମ୍ନା କରିବାର ଟାଣପଣ ନ ଥିବ ପ୍ରଫୁଲ୍ଲର। ହୋଟେଲ୍‌ରେ ଖାଉଥିବ। କାନ୍ଦୁଥିବ ଅସହାୟ ହୋଇ ଏକ୍‌ଲା।

ଚାହୁଁ ଚାହୁଁ ବର୍ଷେ ବିତିଯିବ। ବନ୍ଧୁ/ବଡ଼ଭାଇ ଅନାମଚରଣ ସହାୟତାରେ ଯଥାରୀତି ସେଇ କନ୍ୟାରତ୍ନକୁ ହିଁ ବୋହୁ କରି ଆଣିବ ପ୍ରଫୁଲ୍ଲ, ନିରାଡମ୍ବର ଭାବେ ବାହାଘର ସରିଯିବ।

ସାରା ଘରର କାମ ସୁରୁଖୁରୁରେ ସାରି ଖୁସି କରାଇ ଦେଉଥିବ ପ୍ରମିଳା। ପ୍ରଫୁଲ୍ଲର ସ୍ତ୍ରୀ ପ୍ରମିଳା। ରାନ୍ଧିବାଢ଼ି ପରସି ଦେଉଥିବ ହସି ହସି। ପ୍ରେମ / ପ୍ରୀତି / ପୁଲକ / ଚରାମାଂଚ ଦେବାରେ ଜମା କାପଣ୍ୟ କରୁ ନଥିବ ପ୍ରମିଳା। ତା' ବାପ ଘର ଦେଇଥିବେ ଆଧୁନିକ ଆସବାବପତ୍ର। ପଲଙ୍କ, ଶୋଫ, ଫ୍ରିଜ୍, ଟି.ଭି. ବାଇକ୍ ଏମିତି ହରେକ ଚିଜ ନେଇ ଆସିଥିବ ପ୍ରମିଳା। ଭଲ ଲୋକାଲିଟିରେ ବେଶୀ ଭଡ଼ା ଦେଇ ସୁନ୍ଦର ଘରଟିଏ ଭଡ଼ା ନେଇଥିବ ପ୍ରଫୁଲ୍ଲ। ଦାମୀ କପଡ଼ାର ଡ୍ରେସ୍ ନିଜେ ପିନ୍ଧୁଥିବ। ପ୍ରମିଳା ପାଇଁ ଭଲ ଶାଢ଼ୀ କିଣି ଆଣୁଥିବ।

ପ୍ରତିଦିନ ସନ୍ଧ୍ୟାରେ ବାଇକ୍‌ରେ ବୁଲି ବାହାରୁଥିବେ ସହର-ବଜାର-ପାର୍କ-ମଲ୍। ଗୁପ୍‌ଚୁପ୍ / ଚାଟ୍ / ଆଇସ୍‌କ୍ରିମ୍ / ବରା / ପକୁଡ଼ି / ମିଠା ସରବତ୍ / ଲସି / ଚା / କଫି / ନୁଡୁଲସ୍ / ମୋମୋସ୍ / ରୋଲ୍ ଖାଇ ଖାଇ ସିନେମା ଦେଖି, ରେଷ୍ଟୁରେଣ୍ଟରେ ଡିନ୍‌ର ଖାଇ ମନ ଖୁସିରେ ଫେରୁ ଥିବେ ନବ ବିବାହିତ ଯୋଡ଼ି।

ସମସ୍ତେ ତ ଇର୍ଷା କରୁଥିବେ। କହୁଥିବେ ଭଲ ଯୋଡ଼ି। ଉତ୍ତମ ତାଳ-ମେଳ ପଡ଼ିଥିବ ଦୁହିଁଙ୍କର। ବଗଲା-ବଗୁଲୀ ଭଳି ସୁଖୀ ଦାମ୍ପତ୍ୟ ଜୀବନ ବିତାଉଥିବେ ଦୁହେଁ। ଉଭୟେ ଯେ ହରିଜନ / ଦଳିତ ଆଉ ପ୍ରଫୁଲ୍ଲର ବାପା ମୁଣ୍ଡରେ ମଣିଷ ମଳର ବୋଝଟିଏ। ଦିନେ ବୋହୁଥିଲା କି ପ୍ରମିଳାର ବାପା ହାତଟଣା ଟ୍ରଲିରେ ମଇଳା, ଡଷ୍ଟବିନ୍‌ରେ ଢାଳୁଥିଲା ଏକଥା ସେମାନେ ଭୁଲିଗଲେଣି। ସଭ୍ୟସମାଜ ଆଗରେ ପ୍ରଫୁଲ୍ଲ ଏବେ ଆଗ ଧାଡ଼ିରେ ମଣିଷ।

**ଅଭିଶପ୍ତ ମୁହୂର୍ତ୍ତର ଅୟମାରମ୍ଭ**

କପୋତ କପୋତୀ ଭଳି ପ୍ରତି ସନ୍ଧ୍ୟାରେ ଦୁହେଁ ଘୁରି ବୁଲୁଥିଲେ ସାରା ସହର ତ ରାତିରେ ହୋଟେଲ୍‌ରେ ଖାଇ ଫେରି ପ୍ରତିଦିନ ମନାଉଥିବେ ସୁହାଗ୍‌ରାତ। ଲାଗିଯିବ କାହାର ଦୃଷ୍ଟି। ଅଶୁଭ ଦୃଷ୍ଟି ସୈତାନର। ବାହାଘର ହେବାର ତିରିଶିଦିନ

ଯାଏଁ ତ ସବୁ ଠିକ୍ ଚାଲିଥିବ। ସେଦିନ ପ୍ରଫୁଲ୍ଲ ଡ୍ୟୁଟିରେ ଥିବାବେଳେ ହିଁ କେମିତି ଜ୍ୱର ଜ୍ୱର ଅନୁଭବ କରିବ। ମୁଣ୍ଡ ବିନ୍ଧୁଥିବ। ହାତଗୋଡ଼ର ବାକୁଲା ଉଠୁଥିବ । ବାଧ୍ୟ ହୋଇ ଦିନ ଦୁଇଟାରେ ଛୁଟି ଆପ୍ଲାଇ କରି ଘରକୁ ଫେରିଆସିବ ପ୍ରଫୁଲ୍ଲର ଅବେଳରେ।

ସେ ଏ କଣ ଦେଖୁଛି – ବିଶ୍ୱାସ କରିପାରୁନି। ଘରର ବଡ଼ ଝରକା ପଟେ ଯାହା ଦେଖିବ ଓ ଶୁଣିବ, ତା'ମୁଣ୍ଡ ଘୁରାଇଦେବ। ନିଜକୁ ଯଥାସମ୍ଭବ ସଂଯତ କରି କାନେଇବ ପ୍ରଫୁଲ୍ଲ ଲୁଚିଛପି।

ଯୁବକ ପ୍ରଣୟ ସହ ତୃପ୍ତ ରମଣରେ ମସ୍‌ଗୁଲଥିବ ପ୍ରମିଳା / ପ୍ରଣୟ ପଡ଼ିଶା ଘରେ ଭଡ଼ାରେ ରହୁଥିବ। ପିଜି ପଢୁଥିବ ସିଏ। ସେମାନେ ଏତେ ପ୍ରଣୟ ବିଭୋର / ରତିକ୍ରୀଡ଼ାରେ ମଗ୍ନ ଯେ ଝରକା ବନ୍ଦ କରିବାକୁ ଭୁଲିଯାଇଥିବେ।
ଶୁଭୁଥିବ ଦୁହିଁଙ୍କର ଦିଲ୍‌ଖୋଲା ସମ୍ମିଳିତ ହସ।

ପ୍ରମିଳା କହୁଥିବ ହସି ହସି - ପ୍ରଣୟ ! ଏ ବୋକା / ସରଳିଆ / ମଫଚୂଡ଼ା ପ୍ରଫୁଲ୍ଲଙ୍କୁ କେମିତି ପାନେ ଦେବା କହିବ ତ! ସେ ଜମା ଜାଣିପାରୁନି ମୋରି ଛଳନା / ଅଭିନୟ। ମତେ ଏତେ ବିଶ୍ୱାସ କରିଯାଇଛି ଯେ ଜହର ଦେଲେ ବି ଆଖିବୁଜି ପିଇଯିବ। ତୁମ ସହ ଏକ ବର୍ଷର ଦିଲ୍‌ଖୁସ ରୋମାନ୍‌ସ ପରେ ଏ ବେରସିକିଆ କଳ ଓଧ ପ୍ରଫୁଲ୍ଲକୁ ବାହା ହୋଇ ଜୀବନଟା ବେକାର ହୋଇଗଲା।

ପ୍ରଣୟ କହୁଥିବ ଆହୁରି ଜୋରରେ ହସି ହସି ଏବେ ତ ମାସେ ହେଲା, ପ୍ରଫୁଲ୍ଲ ଡ୍ୟୁଟିକୁ ଗଲା ପରେ ଆମର ମଧୁ ମିଳନ ଠିକ୍ ଚାଲିଛି ନା ! ବୋକା ବେରସିକିଆ ପ୍ରଫୁଲ୍ଲ ତ ଏହାର ଟେର ବି ପାଉନି। ଜମା ଜାଣିପାରୁନି। ଚାଲୁ ଏମିତି ଏ ପ୍ରେମର ପର୍ବ – ଦେହ ସୁଖର ଦାନ ପ୍ରତିଦାନ। କ୍ଷତି କଣ କହିଲ।
- ନାଇଁ ମ ! ମତେ ଜମା ଭଲ ଲାଗୁନି । ଚାଲ ଆମେ ଦୁହେଁ ଘର ଛାଡ଼ି ଆଜି ରାତିରେ କେଉଁ ବହୁ ଦୂର ସହରକୁ ପଳେଇବା। ମୋ ପାଖରେ ପ୍ରଚୁର ଗହଣା ତ ଅଛି। ତୁମେ ବି କିଛି ନଗଦ ଟାଙ୍କ ଯୋଗାଡ଼ କର...

ନା - ନା - ନା - ଆଉ ଧୈର୍ଯ୍ୟ ନ ଥିବ ପ୍ରଫୁଲ୍ଲର ଆଉ ଆଗକୁ ଶୁଣିବା ପାଇଁ। ପାଟିରେ ରୁମାଲ୍ ବାନ୍ଧି ଚୁପ୍‌ଚାପ୍ ଟଳି ଟଳି ପୁଣି ମେଟ୍ରୋ ଷ୍ଟେସନ ଚାଲିଯିବ। ଅଚାନକ ଡେଇଁ ପଡ଼ିବ ମେଟ୍ରୋ ଟ୍ରେନ୍ ଆଗକୁ ବନ୍ଧୁ / ବଡ଼ଭାଇ ଅନାମଚରଣ ହିଁ ରକ୍ଷା କରିଦେବ ହାତକୁ ଟାଣି ଦେଇ ଠିକ୍ ସମୟରେ କିନ୍ତୁ ଗୋଟିଏ ଗୋଡ଼ କଟିଯିବ। ମେଟ୍ରୋ ରେଳ କର୍‌ପୋରେସନ୍ କର୍ତ୍ତୃପକ୍ଷ ଅପରେସନ୍ କରାଇ କୃତ୍ରିମ ଗୋଡ଼ଟିଏ ଖଞ୍ଜି ଦେବେ।

ଏକ ମାସର ସଫଳ ଚିକିତ୍ସା ପରେ ହସ୍‌ପିଟାଲ୍‌ରୁ ଘରକୁ ଫେରି ପ୍ରଫୁଲ୍ଲ ଦେଖିବ ତା' ଘରେ କଳା କନା ବୁଲିଯାଇଛି ଘରେ ନ ଥିବ କୌଣସି ଆସବାବ୍‌ପତ୍ର। ପ୍ରମିଳା, ପ୍ରଣୟ ସହ ଫେରାର୍ ହୋଇଯାଇଥିବ ସବୁଦିନ ପାଇଁ ।

ପ୍ରଫୁଲ୍ଲକୁ ବୁଝେଇବ ବଡ଼ଭାଇ ଅନାମଚରଣ ତା'ଠୁ ସବୁ କିଛି ଶୁଣି ସାରିବା ପରେ। ଏ ମଣିଷ ଜୀବନ ବଡ଼ ଦୁର୍ଲଭରେ ପ୍ରଫୁଲ୍ଲ ! ଦେଖ ତୋ ବାପା ମୁଣ୍ଡରେ ମଣିଷ ମଳ ଉଠାଉଥିଲା। ତୁ ଏବେ ପାରା ଗୁହ ଉଠାଉଛୁ। ହୁଏତ ତୋ ପୁଅ ଆହୁରି ବଡ଼ ଲୋକ ହୋଇ ଡାକ୍ତର କି ଇଞ୍ଜିନିୟର ବନିଯିବ। ନିଜକୁ କେବେ ବି ଅସହାୟ ମଣନାରେ ପ୍ରଫୁଲ୍ଲ ! ସବୁକିଛି ଠିକ୍ ହୋଇଯିବ। ମୁଁ ତୋ' ପାଇଁ କିଛି ଗୋଟାଏ ବିକଳ୍ପ ବ୍ୟବସ୍ଥା କରିବି। ତୁ ଏବେ ହୋଟେଲରେ ଖାଇପିଇ ଆରାମରେ ଚାକିରୀ କରି ରହ। ଯିଏ ଗଲା ଶନି ଦଶା ଗଲା ବୋଲି ଭାବିନେ। ସେ ଛତରଖାଇ ଓଲେଇଗାଇ ତୋ ଜୀବନରେ ଅଦିନ ଧୂମକେତୁ ସାଜି ଆସିଥିଲା। ଚାଲିଗଲା ଗ୍ରହ ଗଲା। ଭଲ ହେଲା।

ଆଛା ଅନାମ ଭାଇ ! ମୋ'ଠି ଏମିତି କଣ କମି ଦେଖିଲା ଯେ ପ୍ରମିଳା, ପ୍ରଣୟଠାରୁ ! ମୁଁ ଜମା ବୁଝିପାରୁନି...........

ଆରେ ବୋକା ! ଯାହାକୁ ଯିଏ ରସିଲା କିଆଫୁଲ ପରି ବାସିଲା। ମୁଁ ଏ ଭିତରେ ବହୁତ ଖବର ସଂଗ୍ରହ କରିଛି। ତୋ ବାପା-ମା'ଙ୍କର ମୃତ୍ୟୁ ବାର୍ଷିକୀ ଯାଏଁ, ଯେଉଁ ବର୍ଷେ ପ୍ରମିଳା ତା' ବାପା ଘରେ ରହିଲା ନା ! ପଡ଼ିଶା ଘର କଲେଜ ପଢୁଆ ଜୁଆନ୍ ଟୋକା ପ୍ରଣୟଠାରୁ ଆରାମରେ ଦେହ-ସୁଖ ଆଦାୟ କଲା ପ୍ରତିଦିନ। ଏ ଗୋପନ ପ୍ରୀତି କେବଳ ଜଣେ ଜାଣିଥିଲା ପ୍ରଣୀତା। ସେ ପ୍ରଣୟର ବିଧବା ଭଉଣୀ ଯାହାକୁ । ପ୍ରଣୟ ଧମକ ଦେଇଥିଲା, ଯଦି ସିଏ ଏକଥା କାହାକୁ ଜଣେଇବ, ତ'କୁ ଜୀବନରୁ ଶେଷ କରିଦେବ। ପ୍ରଣୀତା ଡରିମରି ସବୁକିଛି ଜାଣି ମଧ ଅଜଣାର ଅଭିନୟ କରୁଥିଲା। ଛାଡ଼ ! ତୁ ଗୋଟାଏ କାମ କର। ପ୍ରଣୀତା ଖୁବ୍ ଭଲ ଝିଅଟିଏ। ବାହାଘର ଖୁବ୍ ଅଳ୍ପଦିନରେ, ତା'ର ଇଞ୍ଜିନିୟର ସ୍ୱାମୀ କାର୍ ଏକ୍ସିଡେଣ୍ଟରେ ମରିଯାଇଛି। ତୁ ତା'କୁ ବାହା ହୋଇଯା।

- ବିଧବାଟାକୁ ବାହା ହେବି ?
- ବିଧବା ହେଲା କଣ ହେଲା। ଏବେ ତୁ ଦିବ୍ୟାଂଗ ପୁରୁଷ। ହୁଏତ କୌଣସି ଝିଅ ତୋତେ ବାହା ହେବାକୁ ରାଜି ନ ହୋଇ ପାରନ୍ତି। ମୁଁ ତା'କୁ ଆସିବାକୁ ଏଇଠିକି କହିଛି। ତା' ବାପଘର ଆଉ ପ୍ରଣୀତା ରାଜି। ତୁ ତୋର ଡ୍ୟୁଟି କରୁଥିବୁ। ହଁ, ତୋର ମେଟ୍ରୋ ଷ୍ଟେସନ ଓ ଘର ପରିବର୍ତ୍ତନ କରିଦେ। ବେଶୀ ଦୂରକୁ ଚାଲିଯା। ତୋର ଡେର ସେବା / ଯତ୍ନ କରିବ ପ୍ରଣୀତା। ତୁ ସୁଖୀ ହେବୁ ମୁଁ ଗ୍ୟାରେଣ୍ଟି ଦେଉଛି।

- ହେଲେ ପ୍ରଣୀତା ପୁଣି ପ୍ରମିଳା ଭଳି ପ୍ରତାରଣା............
- ଆରେ ବୋକା ! ସବୁ ଫଳ କଣ କଲାରା / କଯ଼ାଁ/ କରମଂଗା ହେବେ କିରେ ! ଆମ୍ବ/ ପିଜୁଳି/ସପୁରୀ ବି ଅଛନ୍ତି ନା ! ଏଇ ତ ପ୍ରଣୀତା ଆସିଲାଣି। ମୁଁ ତାକୁ ଏଇଠିକୁ ଆସିବାକୁ ଠିକଣା ଦେଇଥିଲି। ଆଉ ଚିନ୍ତା କରନା। ଯାହା ହେବ ଭଲ ହେବ। ମୁଁ

ଚାଲିଲି। ତୁମ ଦୁହିଁଙ୍କର ସୁଖର ସଂସାର କାମନା କରୁଛି।

ପ୍ରଣୀତା ଯେମିତି ବହୁତ ଦିନରୁ ଜାଣିଛି ପ୍ରଫୁଲ୍ଲକୁ। ପ୍ରଫୁଲ୍ଲ ବି ଭଲଭାବେ ଚିହ୍ନିଛି ପ୍ରଣୀତାକୁ । ଦୁହେଁ ପ୍ରଥମ ଦେଖାରେ ହିଁ ପରସ୍ପରକୁ ଭଲପାଇ ବସିବେ। ଢେର ସେବା ଶୁଶ୍ରୁଷା କରୁଥିବ ପ୍ରଣୀତା, ପ୍ରଫୁଲ୍ଲର। ପ୍ରଫୁଲ୍ଲର ସ୍ୱପ୍ନର ଦେବୀ ଯାହା ଜାୟା – ଭଗ୍ନୀ ଜନନୀର ତ୍ରୀଧାରା ସଂଗମ। ସେ ତାହା ପାଇଯିବ। ପ୍ରଣୀତାର ସମର୍ପିତ ନିରୋଳା / ନିଷ୍କପଟ ପ୍ରେମରେ ପାଗଳ ହେବ ପ୍ରଫୁଲ୍ଲ। ଅକ୍ଳାନ୍ତ ସେବାରେ ସଂପୂର୍ଣ୍ଣ ସୁସ୍ଥ ହୋଇପାରିବ ସିଏ କିଛି ଦିନ ପରେ।

ଏଥର ପ୍ରଫୁଲ୍ଲ ହସିବ ମନଖୋଲା ହସ। ପ୍ରାୟ ଏକ ବର୍ଷ ପରେ ପୁତ୍ର ସନ୍ତାନଟିଏ ଜନ୍ମି ହେବ। ଦୁହେଁ କୁନି ପୁଅକୁ ନେଇ ବେଶ ଖୁସିରେ ଦିନ କାଟୁଥିବେ ସିନା ପ୍ରଫୁଲ୍ଲ ଭୁଲିପାରୁ ନ ଥିବ ପ୍ରମିଳା ପରମ ପ୍ରତାରଣା / ଠୋକର / ଧୋକ୍‌କା ର ଶକ୍ତି - ଧକ୍‌କା। ଭୁଲିପାରୁ ନ ଥିବ ଶତଚେଷ୍ଟା ସତ୍ତ୍ୱେ।

ଅଚାନକ ଦିନେ ମେଟ୍ରୋ ଟ୍ରେନ ଆଗକୁ ଡେଇଁ ମହିଳାଟିଏ ଆତ୍ମହତ୍ୟା କରିଦେଇଥିବ। ଯାହାର ଶବ ପ୍ଲାଟ୍‌ଫର୍ମରେ ରଖାଯାଇଥିବ ପୋଷ୍ଟମର୍ଟମ ପାଇଁ। ପ୍ରଫୁଲ୍ଲ କୌତୁହଳ ବଶତଃ ଯାଇ ଦେଖିବ ମୃତ ମହିଳା ଜଣକ ଆଉ କେହି ନୁହେଁ ପ୍ରମିଳା। ତା'ର ପୂର୍ବତନ ପତ୍ନୀ ପ୍ରମିଳା। ପ୍ରଫୁଲ୍ଲକୁ ପରମ ପ୍ରତାରଣା ଦେଇଥିବା ପ୍ରମିଳା ବି ବୋଧେ ପ୍ରଣୟର ପ୍ରତାରଣାର ଶିକାର ପାଲଟିଯାଇଥିବ। ସବୁ ମଧୁ ଶୋଷି ନେଇ ଲଂପଟ / କାମୁକ ପୁରୁଷ ପ୍ରଣୟ ଶେଥା କରି ଫିଙ୍ଗି ଦେଇଥିବ ବାସୀ ଫୁଲ ପରି ପ୍ରମିଳାକୁ ନିଃସହାୟ କରି। ଜୀବନ ପଥରେ ଏକା ଏକା ଚାଲିବାର ସୁସାମର୍ଥ୍ୟ ହରାଇ ବସିଥିବା ପ୍ରମିଳା, ହୁଏତ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟାର ରାସ୍ତା ବାଛି ନେଇଥିବ।

ପ୍ରଫୁଲ୍ଲ ଶୁଣିପାରୁଥିବ କେଉଁଠୁ କେଜାଣି ଗଜଲ ଭଳି ମର୍ମନ୍ତୁଦ ସ୍ୱରରେ

ପ୍ରତାରଣା ଦେଇ ଚାଲିଗଲା ସିଏ....
ପ୍ରତିଦାନେ ନେଲା ମରଣ ବରି
ପୁଣି ନିଜେ ହେଲା ପ୍ରତାରଣାର ଶିକାର
କଳଂକର କାଳି ମୁହେଁ ବୋଳି ଦେଇ।।

ସିଏସ୍ -୫/୨୦୧, ସୁପର୍ ଟେକ୍ କେପ୍ ଟାଉନ୍, ସେକ୍ଟର-୭୪,
ନୋଏଡା-୨୦୧୩୦୧(ୟୁ.ପି)
ମୋ: ୦୯୮୧୦୭୬୨୯୭୬,
E-mail: kishoreakash@gmail.com

*With best compliments from:*

SIMRAN HOLIDAYS

# ଆମ ଗାଁ...ଆମ ମା

**ପ୍ରଶାନ୍ତ ଭୂୟାଁ**



ମୋ ଓଡ଼ିଶା; ଗାଁରେ ରହେ, ସହରରେ ବୁଲେ, ନଗରରେ ଧାଏଁ। ସବୁଠି ସେ ଓଡ଼ିଆଙ୍କୁ ଖୋଜେ; ଡାକରା ଦିଏ, ନିଦରୁ ଉଠାଏ। ପ୍ରତି କୋଣ ପ୍ରତିକୋଣରେ ପ୍ରାଣ ସଞ୍ଚାର କରେ। ତେବେ ଯାଇ ଆମର ପିଣ୍ଡରେ ଜୀବନ ପଶେ। ଏଇ ଆମ ମା; ଓଡ଼ିଶା। ଶାନ୍ତ - ଶୁଦ୍ଧ - ସୁନ୍ଦର।

ମୋ ଗାଁ; ଗଞ୍ଜାମ ଜିଲ୍ଲାର ଛୋଟିଆ ଗାଁଟିଏ; ଜଗନ୍ନାଥ ପ୍ରସାଦ। ସବୁ ଗାଁଟିଏ। ଏଇଠି ବିଲ ବଣ ପାହାଡ଼ରେ ସେଇ ଅଛି ଯାହା ଭିତରେ ଆମେ ସବୁ ବଢ଼ି ଆସିଛେ।

**ସୁଧି ପାଠକେ...**

ଭାଇ-ବନ୍ଧୁ-କୁଟୁମ୍ବଙ୍କ କଥା ଆଉ ଏଡ଼ାଇ ହେଲାନି। ସଭିଏଁ କହିଲେ: ପ୍ରଭୁ ଏବେତ ଭିଟାମାଟି ଛୁଇଁ ଆସିଲ। ଛବି କାହିଁ; କଥା କାହିଁ। ସେଇଥି ପାଇଁ ଲେଖି ବସିଛି ଆମ ଗାଁ କଥା; ଆମ ମା କଥା। ଲେଖି ଚାଲିଥିବି ତା ସହ ମାଟିରେ ମିଶିବା ପରିଯନ୍ତେ। ଏଣୁତ ଥରେ ମନକଥାକୁ ଉତାରି ନେଇଥିଲି କାଗଜ ଉପରେ;

ଜନ୍ମରୁ ମିଳିଛି ସେଇତ ଇନାମ
ଜଗନ୍ନାଥ ପ୍ରସାଦ
ମୃତ୍ୟୁରେ ରହିବ ସେଇ ଭିଟାମାଟି
ଜଗନ୍ନାଥ ପ୍ରସାଦ;
ମାଟି ଧୂଳି ନଈ ବିଲ ବଣ ତୋଟା
ଜଗନ୍ନାଥ ପ୍ରସାଦ
ଏନ୍ତୁଡ଼ିଶାଳରୁ ନିର୍ବାଣ ପର୍ଯ୍ୟନ୍ତେ
ଜଗନ୍ନାଥ ପ୍ରସାଦ;
ନରହିବି ପଛେ ସଦାକାଳେ ରହୁ
ଜଗନ୍ନାଥ ପ୍ରସାଦ
ଆନନ୍ଦେ ରୁହନ୍ତୁ ସମସ୍ତଙ୍କୁ ମିଳୁ
ଜଗନ୍ନାଥ ପ୍ରସାଦ।

ସେଇ ଗାଁର ବିଲ ବଣ ବୁଲି ଏଇ ସବୁ ସୁନ୍ଦରତାକୁ ଆପଣଙ୍କ ଆଗରେ ବାଢ଼ି ବସିଛି। ସେଇ ଓଡ଼ିଶାର କିଛି ଛବି ପ୍ରତିଛବି ମୋ ଚିତ୍ରୋତ୍ତଳନକାରୀ ଯନ୍ତ୍ରରେ ଧରି ରଖିଛି ଆପଣଙ୍କ ପାଇଁ। ଏଇ ଛବି ସବୁ ମୋର ଏଇଥର ଗସ୍ତର ଛବି ସବୁ। ମୁଖ୍ୟତଃ ଓଡ଼ିଶାର; ମୁଖ୍ୟତଃ କାହିଁକି ଶତକଡ଼ା ଅନେଶତ କହିଲେ ଓପ୍ରାଧ ହେବନି। ଏଇ ଛବି ସବୁରେ ସେଇ ମୁହୂର୍ତ୍ତ ସବୁ ସାଉଁଟି ଆଣିଛି ଯାହା ଏଇ ଦଶଦେଶରେ ମିଳିବନି। ହିଁ; ସବୁଜ ଘାସର ଗାଲିଚା ସବୁଆଡ଼େ ମିଳିବ। ଦାମିକା ଗାଡ଼ି, ନଭଶ୍ଚୁମ୍ବୀ ଅଟ୍ଟାଳିକା, ଆଧୁନିକ ଯନ୍ତ୍ରପାତିର ସହର ସବୁ ଥାଇପାରେ ହେଲେ ଏଇ ଛବି ସବୁରେ ଯେଉଁ ନିରୀହପଣ ଆଉ ସରାଗ ଆଉଟୁପାଉଟୁ ହେଉଥିବ ତାହା ସବୁ ମିଳିନପାରେ। ଏଇ ଛବି ସବୁ ମୋ ଦେଶର; ମୋ ମାଟିର। କେଉଁଠୁଁ ଉତାରି ଆଣିନି କି ନକଲ କରିନି। ଖୋଦ ନିଜ ଆଖିରେ ଦେଖିଥିବା ଏଇ ଅପରୂପ ଜୀବନ ସବୁକୁ ମୋ ଆଲୋକଚିତ୍ର ଉତ୍ତୋଳନ ଯନ୍ତ୍ରରେ ଉଠେଇ ନେଇଛି। ଏଥିରେ କିଛି ଓସ୍ତାଦି ନାହିଁ। ମନ କହିଲେ ଉଠା; ବାସ୍ ଉଠେଇ ନେଇଛି ଏ ସବୁକୁ। ଆପଣଙ୍କ ନିମନ୍ତେ ଏଇସବୁ...।

ଯାଇଥିଲି ବୁଲି ରାଇଜେ ମୋହର
ଦେଖିଲି ବୁଲିଲି ଯେତେ;
ମନ ହୁରୁଦରେ ତୋକିନେଲି ସ୍ମୃତି
ଝୁରି ହେଉଥିଲି ଏତେ।

ସବୁ ଘଡ଼ି ଏବେ ସାଇତି ନେଇଛି
ଯତନରେ ଦେଖୁଥିବି;
ସାତ ସମୁଦର ତେର ନଈପାରେ
ଏଇମିତି ଝୁରୁଥିବି।

ଏଇ ସବୁକୁ ସାଉଁଟି ଆଣିଥିଲି; ପିଲାଦିନର ସବୁ କଥା ମନେ ପକାଇ ବୁଲିବାରେ ଲାଗିଥିଲି ସେଇ ସବୁ ନଦୀ, ନାଳ, ବନ୍ଧ, ବାଡ଼, ବିଲ, କିଆରୀ, ତୋଟାମାଳ, ହିଡ଼ ଆଉ କଡ଼। ସତେଜ ହୋଇ ଯାଇଥିଲେ ସେଇ ସବୁ ଅନୁଭୂତି ଆଉ ଅନୁଭବ ଏକାକାର ହୋଇ। ସ୍ମୃତିର ହାଟରୁ ବାହାରି ଆଖିକୋଣରେ ଜକେଇ ଆସିଥିଲେ। ଏଇ ସବୁ ମୋର ଅଣୁ ପରମାଣୁ ସଞ୍ଚରୀ ଯାଇଛନ୍ତି। ରୋମମୂଳ ସବୁ ଟାଙ୍କୁରି ଉଠୁଥିଲା। ବୟସର ଆଶ୍ୱାସନାରେ ଏଇ ରକ୍ତ-ଅସ୍ଥି-ଚର୍ମ ସବୁ ଆଣ୍ଠେଇ ଯାଇଛନ୍ତି ହେଲେ ମୁଁ ରହି ଯାଇଅଛି ଏଇ ଚପଳାମୀର ଚଉହଦିରେ। ଏଇଠୁ ମୋର ମୁକ୍ତି ଦରକାର ନାହିଁ। ଇଏ ହିଁ ମୁକ୍ତି, ମୋକ୍ଷ ଆଉ ସରଗ ମୋର। ମୋ ଭଳି ଆହୁରି ଜାତି ପ୍ରଜାତିର ପ୍ରାଣୀ ସବୁଙ୍କୁ ଦେଖିଲି ଆଗଭଳି। ସମସ୍ତଙ୍କ ଆଖିରେ ଆଖିଏ କଥା, ଅନ୍ତରରେ ଅବ୍ୟକ୍ତ ବ୍ୟଥା। ପରିବେଶ ବଦଳିଛି, ପରିସ୍ଥିତି ବଦଳିଛି ଆଉ ସେ ଭିତରେ ବଦଳି ଯାଇଛି ଜୀବନର ସରଳତା। ସେଇ ସଂଗ୍ରାମର ସବୁ ପ୍ରାଣର ଛବି ଆପଣଙ୍କ ପାଇଁ। ଆଶା, ଏଇ ଛବି ସବୁ ଆପଣଙ୍କୁ କିଛି ମନେ ପକାଇବେ। ସ୍ମୃତିକୁ ଉଜ୍ଜୀବିତ କରିଦେବ। ଏଇତ ଆମ ଗାଁ...ଆମ ଓଡ଼ିଶା... ଆମ ଭିଟାମାଟି।

**ଆମ୍ବଆମ୍ବୁଆ**

ମୋ ଗାଁର ପ୍ରକୃତିପ୍ରଦତ୍ତ ସବୁଜ ତୋରଣ। ଖରା ବର୍ଷା ଶୀତରେ ଆଁଠିଭଳି ଠିଆ ହୋଇଥାନ୍ତି। କେତେଯେ ତାହିକି ମାଙ୍କୁଡ଼ି, ଲୁଚୁଲୁଚାଣୀ ଖେଳିଛି ଏଇ ତୋଟାରେ। କେତେ ବହି ଏହାର ଶାଖାପ୍ରଶାଖାରେ ବସି ପଢ଼ିଛି କେତେଯେ କାବ୍ୟକବିତା। କେତେ



ଆମ୍ବ ଗୋଟେଇ ଖାଇଛି ଆଉ କେତେ ଝଡ଼େଇ ଖାଇଛି । କେବେ ଟୋଟାଳିଆ ଗୋଡ଼େଇଚି ତ କେତେ ବାପାଙ୍କ ନିକଟରେ କେତେ ଫେରାଦ ହୋଇଛି ମୋ ନାଁରେ । ଆଜି ପୁଣିଥରେ ସହକାର ଡାକିଲା; ଖେଳିବାକୁ ସାନବାବୁ; ଆସ । ସେଇ ଡାଳ ସେଇ କୋଳ; ଡେଇଁପଡ଼ । କହି ଫେରିଲି ତାକୁ; ଫେରିବି ତୋ ମୂଳକୁ ନିଶ୍ଚୟ !

**ନୀଳଚକ୍ରେ ହୋ ଦେଖ ଉଡୁଛି ବାନା**

ଗାଁ ଦାଣ୍ଡରେ ସକାଳ ହୁଏ; ତା ସହ ଜାଗ୍ରତ ହୁଏ ଗ୍ରାମବାସୀଙ୍କର ବିଶ୍ୱାସ ଆଉ ଆସ୍ଥା



ଐଶ୍ୱରୀୟ ସତ୍ତା ଉପରେ । କାର୍ତ୍ତିକ ମାସର ସକାଳ ଆହୁରି ନିଆରା । ସତେ ଯେପରି ସାରା ବର୍ଷର ପୁଣ୍ୟ ଏହି ଗୋଟିଏ ମାସର ପୁଞ୍ଜି ଉପରେ ଠିଆ । ନୀଳଚକ୍ର ଆହୁରି ସ୍ୱଷ୍ଟ ଦିଶେ ଗ୍ରାମବାସୀଙ୍କୁ । ହାତ ଉଠିଯାଏ ଉପରକୁ ପ୍ରାର୍ଥନାର ଆଉ ସେଇ ବିଶ୍ୱାସରେ ତଳକୁ ଢାଳି ହୋଇ ଆସେ ଆଶୀର୍ବାଦ । ସେଇ ଆସ୍ଥା ଆଉ ଭରସାରେ ସଭିଙ୍କ ଜୀବନ ଆରମ୍ଭ ହୁଏ । ସେଇ ସରଳ ନିରୀହ ଗ୍ରାମବାସୀଙ୍କ ନିମନ୍ତେ ମୋର ପ୍ରାର୍ଥନା; କେଉଁଠୁ ଆଶୀଷ ବରଷୁ ନବରଷୁ ହେଲେ ଏମାନଙ୍କ ଜୀବନ ସେନେହ ସରାଗରେ ଭରିଯାଉ ।

**ରାତି ପାହିଲାଣି ରାବଇ କାଉ**

କାଉ କୁକୁଡ଼ା ବିନା ସତେ ଯେପରି ଗାଁ ଉଠେ ନାହିଁ । ପ୍ରତିଦିନ ସକାଳୁ କାଉର କା କା'ରେ ହିଁ ଗାଁ ସକ୍ରିୟ ହୋଇଉଠେ । ତା ସହ



ଅନଳସ ଜୀବନ ସବୁ ନିତିଦିନିଆ ଘରସଂସାରରେ ମାତି ଉଠନ୍ତି । ଗାଁ ଚଳଚଞ୍ଚଳ ହୁଏ । ଅନ୍ନକଣାଟିଏ ପାଇଁ କାଉ ମଧ ଏ ଚାଳ ସେ ଅଗଣା ଉଡ଼ି ବୁଲେ । କେବେ ମୁନାର ଗୁଣ୍ଡାରୁ ତ କେତେବେଳେ ଜେଜେର ଜାଉ ପଖାଳରୁ ପାଏ କିଛି ।

**ଫୁଲତୋଳା**

ପାତ୍ରଘର ମାଇଁ; ଅଣ୍ଟା ନୁଇଁ ଗଲାଣି, ହେଲେ ମନ ଆଉ ହୃଦୟ ନୁଇଁ ପାରିନି ।



ଭଗବାନ ତାଙ୍କୁ କଣ ଦେଇଛନ୍ତି । ଜାଣିନି କି କେବେ ପଚାରିନି; ହେଲେ ନିଇତି ଫୁଲ ଚାଙ୍ଗୁଡ଼ି ଧରି ବାହାରି ପଡ଼ନ୍ତି । ସକାଳେ । ଧନ୍ୟ ସେ ପ୍ରଭୁ ଧନ୍ୟ ତାଙ୍କ ଲୀଳା । ସେଇ ଲୀଳାମୟଙ୍କ ଇଚ୍ଛାରେ ତାଙ୍କ ମୁହଁର ସେଇ ହସ ମୁଠାଏ ବିଂଛି ଚାଲିଥାନ୍ତି ସେ ।

**ନିଆଁ ପୁଆଁ**



ଶୀତୁଆ ସକାଳେ କାଠିକୁଟା ଏକାଠି କରି ନିଆଁ ଜଳାଯାଏ ଆଉ ସେଇଠି ଆରମ୍ଭ ହୁଏ ସକାଳର ସମାଗମ । ନିଆଁ ପୁଇଁବା ସଉକ ନୁହଁ ଏକ ମଜା ସବୁ ଗାଁର । ଏଇଠି ସରଗରମ ହୁଏ ନାନା ଆଲୋଚନା ଏହାର ଚାରିପଟେ ଘେରି ରହିଥିବା ସଦସ୍ୟଙ୍କୁ ନେଇ ।

**ପିମ୍ପୁଡ଼ି ଘର**

ସକାଳେ ଏଇ ଘରର ସମସ୍ତ ସଭ୍ୟ ସକ୍ରିୟ ହୋଇ ଯାଆନ୍ତି ଆଉ ଧାଡ଼ି ହୋଇ



ଆଗେଇ ଯାଆନ୍ତି ଖାଦ୍ୟ-ପଦାର୍ଥ ଅନ୍ୱେଷଣରେ । ମନେ ପଡ଼େ ସେଇ ଗଳ୍ପ... ଅଳସୁଆ ଦୁଃଖ ପାଏ... ! ଆଉ ମନେ ପକାଇ ଦିଅନ୍ତି ଗ୍ରାମବାସୀଙ୍କୁ ଆଗେଇ ଯିବାକୁ ଜୀବନଯାତ୍ରାର ଚଲାପଥରେ । ଗାଁ ଆଗେଇ ଚାଲେ ଦିନ, ମାସ ଓ ବର୍ଷ ସହ ତାଳ ଦେଇ ।

**ମଝି ଦାଣ୍ଡ**



ଗାଁରେ ସବୁ ବଦଳିବାରେ ଲାଗିଛି । ଧିରେ ଧିରେ ଚାଳଘର ସବୁ ହଜିବାରେ ଲାଗିଲାଣି ଆଉ ତାସହ ସେଥିରେ ରହୁଥିବା ସରଳ ନିଷ୍ପାପ ହୃଦୟ ଗୁଡ଼ିକ ମଧ । କିଏ କାମକୁ ବାହାରିଲାଣିତ କିଏ ଗୁହାଳ ସଫାରେ ଲାଗିଛି । କିଏ ଗୋବର ଗୋଟାଇବାରେ ତ କିଏ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତ । ଏଇ ଗାଁ ସକାଳ ହେଲେ ଜୀବନ୍ତ ହୋଇଉଠେ । ହେଲେ ନାଡ଼ି ତା'ର କ୍ଷୀଣତର ହେବାରେ ଲାଗିଛି ।

**ଅଣ୍ଡିରା ତୁଠ**

ଏଇଠି ସକାଳେ ସବୁ ଗଣ୍ଠି ଖୋଲା ହୁଏ କଥା ଆଉ ନଥାର । ସଭିଏଁ ଏଇଠି ଜ୍ଞାନୀ



ହୋଇଯାଆନ୍ତି ସାହାଡ଼ା ଆଉ ମୁତୁରୀ କାଠିରେ ଦାନ୍ତ ଘଷିଲା ବେଳେ । କାନରେ ପଇତା ଲଗାଇ ପାତ୍ର ପୁଅ ଆକବର ଖାଁଙ୍କ କଡ଼ା ଗୁଡ଼ାଖୁ ଘଷିଘଷି ବନ୍ଧ ହୁଡ଼ାରେ ଚାଲିଯାଉଥିବ । ସେପଟୁ ବ୍ରାହ୍ମଣ ଶାସନରୁ ତ୍ରିପାଠୀ ପୁରୋହିତ ଚାଲି ସାଇକେଲରେ ମାଡ଼ି ଆସୁଥିବେ । ଗାଁ ବନ୍ଧ ଏଇ ସବୁର ନିତି ସାକ୍ଷୀ ।

### ଏ ଘର ସେଣିକି ଲୋ

ଗାଁ ପଦୁଅଁ ପୋଖରୀରେ କଇଁଫୁଲ ତୋଳା ଚାଲିଛି । ମା ମଙ୍ଗଳାର ପୀଠକୁ ଯିବ । ଏଇ କଇଁଫୁଲରେ ମା'ର ବଡ଼ ଆଶ । ମା'ର



ତୋରଣ, ଖୁମ୍ବ, ସେଣି, ପ୍ରଭୃତି ସବୁରେ ଏଇ କଇଁ ଫୁଲ ଶୋଭାପାଏ । ମାର ବେଣୀ ମଧ ଏଇ କଇଁଫୁଲରେ ହୁଏ । ଝୁଣା ଧୂପଦୀପ । ଭୋଗରାଗର ସେଇ ସଞ୍ଜବେଳାରେ କାଳେସୀ ଝୁମି ଗାଇ ଉଠେ;

"ଏ ଘର ସେଣିକି ଲୋ
ମୋର ସେ ଘର ସେଣିକି ଲୋ
ମୋର କଇଁଫୁଲ ବେଣୀକି"
ମୋ ମା ମଙ୍ଗଳା... !!

ଭକତ ସବୁ ଉଛୁଳି ଉଠନ୍ତି । କେହି କେହି ନିଜ ମନରେ ମାନସିକ କରି ପକାନ୍ତି ବଳି ନିମନ୍ତେ । ବଳି ଦିଆ ହୁଏ ମା ନାଁରେ । ହେଲେ ମା କଣ ସତରେ ବଳି ମାଗେ... ! ଏଇ ପ୍ରଶ୍ନ ମତେ ଆନ୍ଦୋଳିତ କରେ; ବ୍ୟକ୍ତିସ୍ୱାର୍ଥ ନିମନ୍ତେ ଏଇ ଦେବଦେବୀଙ୍କୁ ମାଧମ କରା ହୁଏ । ବଳି ଏକ ବାହାନା ...ନିଜ ମନର ହିଂସ୍ରତାକୁ ବାସ୍ତବତାର ରୂପ ଦେବା ନିମନ୍ତେ... !

ମା କଇଁଫୁଲରେ ଖୁସୀ... ମୂଢ଼ମତି ସବୁ ହିଂସ୍ରତାରେ... !!

### ବାହାନପୂଜା

ଦଶେରା ଦିନ ନାଇଁତ ଅରଖ ନୂଆଁ ଦିନ ଗାଡ଼ି ଧରି ବାବୁଭାଇମାନେ ଧାଆଁନ୍ତି । କିଏ ଠାକୁରାଣୀ ପାଖକୁ ତ କିଏ ଭୂୟାଁଣୀ ପାଖକୁ । କିଏ ପଞ୍ଚମା ତ କିଏ ସିଦ୍ଧ ଭୈରବୀ । ଗାଡ଼ିମୋଟୋର ପୂଜା ହୁଏ । ଦର କଷାକଷୀ ହୁଏ ପୂଜାରୀ ଆଉ ଗାଡ଼ିମାଲିକ



ଭିତରେ । ଫଟଫଟିଆକୁ ଏତିକି ଆଉ ଚାରିଚକିଆକୁ ଏଇୟା । ସାନଗାଡ଼ିରେ ଏତେଟା ନେମ୍ବୁ ଆଉ ବଡ଼ ଗାଡ଼ିରେ ଏତେଟା । ଏଇଥିରେ ମଣ୍ଡାମାଳ ସେଇଥିରେ ମନ୍ଦାର ମାଳ । ଏମିତି କେତେ କଣ । ସତେ ଯେପରି ବାହାନ ପୂଜା ପୁରାଣ ପୋଥିରେ ଏସବୁ ନେଖା ହୋଇଚି । ଏଇ ପୂଜା ପଦ୍ଧତି କଥା ସହସ୍ର ବରଷ ତଳର ଭଳିଆ । ରାସ୍ତା ଉପରେ ନଡ଼ିଆ ଭଙ୍ଗା ହୁଏ; ବିଚରା ଶ୍ରୀଫଳ ଅନାଥ ଭଳି ରାସ୍ତାରେ ଚିତ୍‌ଚାତ୍ ହୋଇ ଭାଙ୍ଗିପଡ଼େ । ଖଣ୍ଡେ ଛେପଖଙ୍କାରରେ ତ ଆଉ ଖଣ୍ଡେ ଗୁଅମୁତ ଉପରେ । ଆଉ ଫାଳେକୁ ସନେଇର ପୁଅ ଧାଇଁ ଯାଇ ଉଠାଇ ଧରି ଧାଏଁ । ଏଇ ପୂଜା ପେଇଁ ଧୁଆଧୁଇ ଆଉ ପୂଜା ନୈବେଦ୍ୟ । ତାପରେ ସେଇ ଗାଡ଼ିରେ ମଦମାଂସ, ନ୍ୟାଇଅନ୍ୟାଇ, ଗନ୍ଧବାସେନା, ହାଲହୁକୁମ୍, ଅଗେରା ହୁଏ । କିଏ ନିଘା ରଖୁଛି !! ବାହାନ ପୂଜା ତ ସରିଛି... !!!

### ବାରବୁଲୀ ପତର ଗୋଟେଇ

ଏଇ ନାଁରେ ସଭିଏଁ ଡାକନ୍ତି ଏଇ ମାନଙ୍କୁ । ହେଲେ ସେଥିପାଇଁ ସେମାନଙ୍କ କୌଣସି



ଫେରାଦ ନାହିଁ । ବର୍ଦ୍ଧିଲା ଗଛ ଭଳି ଜୀବନଟାକୁ ତ ବକଟେ ପାଣି ଦେବାକୁ ହେବ । ତେଣୁ ଏଇ ଅଭିଯାନ । ଏମାନଙ୍କ ପାଇଁ ଗ୍ରୀଷ୍ମ, ବର୍ଷା, ଶୀତ ଓ ବସନ୍ତ ସବୁ ଏକାକାର । ଜୀବନ ସଂଗ୍ରାମରେ ସଂଘର୍ଷରତ ସୈନିକ ଏମାନେ । ବେଳେବେଳେ ଜୀବନ ଥକିଯାଏ ହେଲେ ଏମାନେ ନୁହଁ ।

### ମୂଳୁ ମାଇଲେ ଯିବ ସରି

ହେଲେ... ଏଇଟା ହେଲା ମୂଳା ବେପାର; ସକାଳ ପହରର ଦୁରୁଶ । ସକ ମୂଳା; ଶାଗ ଆଉ ବାଟହାଟର ବେପାର ବଣିଜ କଥା । ଏଇଠି ବାଟୁଆ, ହାଟୁଆ, ନାଟୁଆ... ସଭିଏଁ



ମିଶନ୍ତି । ପଦେ ଦିପଦ କଥା, ଦି ଚାରିପଦ ହାଲହୁକୁମ୍, ଛଅଆଠ ପଦ ଦୁଃଖସୁଖ ପରେ ଯେ ଯା ବାଟରେ... । ଏପଟେ... କେଉଁଠୁ ରେଡ଼ିଓରେ ସାଇଁ ପେରା ବାଜିଲାଣି... । ଦୁନିଆଁ କା ମେଲା... ।

### ପେଟ ପାଟଣା

ମଣିଷ ବୁହା ଚାଲିଛି; କେବେ ଛେଳି ମେଣ୍ଢା, କେବେ ଶାଗମୂଳା ପ୍ରାୟେକ । ସହର ଠିଆ ହେଉଛି; ହେଲେ ଗରୀବ ଠିଆ ହୋଇ ପାରୁନି । ହଜାର ହଜାର ପୋଲ ହେଉଛି ସହରକୁ ସହର ଯୋଡ଼ିବା ପାଇଁ ହେଲା ମଣିଷର ମନ ଯୋଡ଼ି ହୋଇ ପାରୁନାହିଁ । ଏଇ ଚାଖଣ୍ଡକ ପେଟର ଦାଉରେ ସବୁ ମଞ୍ଜୁର ଏଇ ନୀରିହ ପ୍ରାଣୀଙ୍କ ପାଇଁ ।





### ଅଣସୁଦିଆ

ମୃଷା ଅଜାଟା ଆରପାରିକୁ ଚାଲିଗଲା । ବଞ୍ଚିଥିଲା ବେଳେ ଯେତେବେଳେ ବି ଟା ଘଣା ନିକଟ ଦେଇ ଯାଏ; ହସି ହସି ପଚାରନ୍ତି ସେ... ଭୂୟାଁ ପିଲା, କେବେ



ଆସିଲ । ସବୁ ଭଲ'ତ... ! ପଢ଼ାପଢ଼ି ଚାଲିଛିତ... ! ଏଇ ସରାଗ ଧିରେ ଧିରେ ହଜୁଛି ଗାଁରୁ; ଏଇ ମାମୁଁ ଅଜା ମଉସା ସବୁ ହଜିବା ସହ ।

**ଗାଁ ମନ୍ଦିର**



ବେଳକୁ ବେଳ ଶ୍ରୀହୀନ ଦିଶୁଛି ମନ୍ଦିର ହତା । ରକ୍ଷଣାବେକ୍ଷଣ ନିମନ୍ତେ ଅର୍ଥାଭାବ ହେତୁ ଅନେକ ଦିନ ହେଲା ମନ୍ଦିରରେ ଚୂନଲେପ ଟିକେ ମଧ ଲାଗିନି । ଅନେକ କାରୁକାର୍ଯ୍ୟ ଏହି ଭଳି ଲୋପ ପାଇଯିବ । କଥାରେ ଅଛି... ରଖେ ହରି ମାରେ କିଏ; ମାରେ ହରି ରଖେ କିଏ । ହେଲେ ଏବେ ହରିଘର କଥା; ଦେଖାଯାଉ ବୁଝୁଛି କିଏ ?

**ସକଳ ତୀର୍ଥ ତୋ ଚରଣେ**

ଏଇ ବିଶ୍ୱାସରେ ଚାଲିଛି ମଉସା ଓ ମଉସାଙ୍କ ଭଳି କେତେ ସରଳ ଜୀବନ; ଜୀବନର



ଜଟିଳତାର ମାୟାରେ କେବଳ ଈଶ୍ୱରଙ୍କ ଭରସା ବୋଲି ନିଜକୁ ଟେକି ଦିଅନ୍ତି । ଜୀବନର ମନ୍ଦରେ ନିଜକୁ ହିଁ ଅପାରଗ ଆଉ ଭଲକୁ ଈଶ୍ୱରଙ୍କ ଦାନ ଭାବି ବଞ୍ଚି ନିଅନ୍ତି । ଏଇ ମଉସାମାନେ ଶାନ୍ତିରେ ରୁହନ୍ତୁ । ଅସ୍ତୁ ।

**ପଞ୍ଚୁକ**

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେ ରାମ ହରେ ରାମ ରାମ ରାମ ହରେ ହରେ ।।



ଝାଞ୍ଜ ଖୋଳ କରତାଳ ସହ ପ୍ରଥମ ପ୍ରହରରେ ଏଇ ନାମ ସଂକୀର୍ତ୍ତନ ଝଙ୍କୃତ ହୁଏ । ତାପରେ କାଉ କା କହେ, ଗଞ୍ଜା କ କହେ ଆଉ ଗାଁ ଆଖି ଖୋଲି ଉଠେ... ଧିରେ ଧିରେ ସଂସ୍କାରର ଏରୁଣ୍ଡି ବନ୍ଧ ଡେଇଁ ଆଧୁନିକତା ଏଇ ସଂକୀର୍ତ୍ତନ ଭିତରେ ପଶି ଆସିଲାଣି । ନାମ ସଂକୀର୍ତ୍ତନରେ କେଉଁଠି କେଉଁଠି ହିନ୍ଦୀ ଗୀତର ସୁର ମଧ ଶୁଣିବାକୁ ମିଳିଲାଣି । ଜିନ୍ ପ୍ୟାଣ୍ଟ୍ ଆଉ ଟି ସାର୍ଟର ଅବାଧ ପ୍ରବେଶ ହେଲାଣି । ହେଲେ ମଧ ଏଇ ହଟଚମଟ ଭିତରେ ସେଇ କମଳା କଷ ଆଉ ହଳଦିଆ ଗେରୁଆ ଲୁଗା ନିଜର ସ୍ୱାଭିମାନ ବଜାୟ ରଖିଛନ୍ତି । ଏହି ପଞ୍ଚୁକ ଆଜିବି ଅନେକ ଗାଁର କାର୍ତ୍ତିକ ବିଶ୍ୱାସର ପ୍ରତୀକ । ଛାଡ଼ଖାଇର ନିଶ୍ଚିନ୍ତ ପ୍ରତୀକ୍ଷାରେ ଏଇ କାର୍ତ୍ତିକ ସରିଯାଏ । କିଏ ପୁଣ୍ୟ ଅରଜେ ଆଉ କିଏ ପାପ ଧୁଏ । ଏଇତ ବିଶ୍ୱାସ; ଏଇତ ଜୀବନଯାତ୍ରା...!!!

**ଫୁଲ ସୁନ୍ଦରୀ**

ଏଇ ସବୁ ରଙ୍ଗବିରଙ୍ଗର ସବୁ ଫୁଲ ଆମ ଗାଁର । କୌଣସି ଗୁଣରେ କମ୍ ନୁହନ୍ତିଟି । କେହି ଦେଖିବାକୁ ସୁନ୍ଦର ତ କେହି ଛୁଇଁବାକୁ କୋମଳ; କେହି ଶୁଂଘିବାକୁ ସୁବାସିତ ତ କେହି ଔଷଧୀୟ ଗୁଣରେ ଭରପୂର । ଏଇ ସୌନ୍ଦର୍ଯ୍ୟମୟ ସବୁଜ ପରିବେଶରେ ବଡ଼ ହୋଇଥିବାରୁ ପ୍ରକୃତି ସହ ମନ ଲାଗି ଯାଇଛି । ଆମ ଗାଁର ସୁନ୍ଦରତାକୁ ଏଇ ଫୁଲମାନେ ହିଁ ଆହୁରି ଦ୍ୱିଗୁଣିତ କରିଥାନ୍ତି । ନଦୀ, ନାଳ, ବନ୍ଧ, ବାଡ଼, ବିଲ, କିଆରୀ, ତୋଟାମାଳ, ହିଡ଼ ଆଉ କଡ଼ ସବୁଠି ଏଇମାନଙ୍କ ପସରା ।

ପ୍ରତି ଫୁଲଙ୍କ ସହ ମୋର କିଛି କଥା ଆଉ ଅନୁଭୂତି ଜଡ଼ିତ । କହି ବସିବି ଏଇମାନଙ୍କର କଥା । ଆମ ଗାଁ ଗହଳକୁ ସପନ ରାଇଜ କରୁଥିବା ଏଇ ଛୋଟ ଫୁଲଙ୍କ କଥା । ଫୁଲ ଛୋଟ, ହେଲେ ଏମାନଙ୍କ ସୁନ୍ଦରତା ମନକୁ ଛୁଏଁ । ଅଳପ ସମୟରେ ଏମାନେ କହିଯାନ୍ତି ଅନେକ କଥା; କେବେ ଶୁଣନ୍ତୁନା... ।






ଆମ ଗାଁର...
ସବୁ ସୁନ୍ଦରୀ ଫୁଲ ପାଇଁ ଅର୍ପଣ... !
ଜାଇଯୁଇ କନ୍ଦ ନୀଳିକା ଅଶୋକ
କିଆ ପଳାଶ ଚାକୁଣ୍ଡା ।
ସଦାବିହାରୀ ତ୍ରିପୁରା କେତକୀ କାଙ୍କୋଳା
ଗୁଲ ସ୍ଥଳପଦ୍ମ ଗେଣ୍ଡୁ ।।

ଖଟଣୀ ସୁନ୍ଦରୀ ଜବାସା ଧାତକୀ
ମହୁଲ ମନାସଚମ୍ପା ।
କୃଷ୍ଣଚୂଡ଼ା ରଙ୍ଗମଲ୍ଲୀ କାଠଚମ୍ପା
ନିଆଳି ଅପରାଜିତା ।।
ବଣମଲ୍ଲୀ ଚନ୍ଦ୍ରବିମ୍ବା ଗନ୍ଧରାଜ
ଛୁରୀଅନା ଛଣପଟ ।
ଗୁଲୁଚି ଶାମ୍ବାଙ୍ଗ ନାଗେଶ୍ୱର ଜଟା
ମଣ୍ଡା ସେବତୀ ଜକୁଟ ।।

ଝୁମୁକା କଣ୍ଟେଇ ଦୁଦୁରା ମାଳତୀ
ଅରକ ଘିକୁଆଁରୀ ।
ଟରାଟ କଇଁଆ ତାଳଜଟ ତିଳ
ବ୍ୟାଘ୍ରନଖ ଓ ଡିମିରି ।।

କୁନ୍ଦ ଦଧିପୁଷ୍ପ ଅଗସ୍ତି ଧାତୁକୀ
ନାକଚଣା କରବୀର ।
ଦେବକାଞ୍ଚନ କେଳିକଦମ୍ବ ନବୀନା
ପାରିଜାତ ବାଣଫୁଲ ।।

ସୂର୍ଯ୍ୟମୁଖୀ ନଗାମଲ୍ଲୀ ନିଳୋତ୍ପଳ
ନିଗନ୍ଧ ନିମ୍ବ ପଣସ ।
ନାଗକେଶର ପାଟଳି ପାର୍ବତୀ ମନ୍ଦର
ଗୋଡ଼ିବାଣ ଓ ଗୟସ ।।

ମଲ୍ଲୀ ଓ ଟଗର କଇଁ ଓ ପଦୁଆଁ
ଜହ୍ନିଫୁଲ ଠୋ ଠା ।
ଚମ୍ପା କନିଅର କଦମ୍ବ ବଉଳ
ଗଙ୍ଗଶିଉଳୀର ଗାଁ ।।






**ପେଟ ପାଇଁ ନାଟ**

ବୁଢ଼ୀଆଣିଟିଏ ଜାଲ ମେଲି ଦେଇଛି ଧାନ ବିଲ ମଝିରେ । ବିବର୍ତ୍ତନର ଆଉ ଏକ ଅଧ୍ୟାୟ, ଯୁଝୁଛି, ବଞ୍ଚିବା ପାଇଁ । ବାର୍ତ୍ତା ମାନବ ସାମଜ ପାଇଁ । ବଞ୍ଚିବାକୁ ହେବ; ସ୍ଥାନ-କାଳ-ପାତ୍ର ସର୍ବଦା ପରିବର୍ତ୍ତନଶୀଳ । ଏଇତ ଜୀବନ ।



**ପୋଡ଼ ମାହାରିଆ**



ପାଠ ନପଢ଼ିଲେ ପୋଡ଼ମାହାରିଆ ହେବୁ; ମା ବାପା ସବୁ ଆକଟ କରନ୍ତି ଗାଁ ଗହଳିରେ । ଆଉ ଗାଁ ମୁଣ୍ଡରେ ଅବା କେଉଁ ଅପନ୍ତରା ବିଲବାଡ଼ିରେ ଏଇ ସବୁ ଦେଖିବାକୁ ମିଳେ । ଭାଗ୍ୟରେ ଥିଲେ ବଇଁଶୀ ସୁର ମଧ ଶୁଣିବାକୁ ହୁଏ । ଗାଁର ଭୌଗଳିକ ପରିବର୍ତ୍ତନର ସାକ୍ଷୀ ଏଇ ପୋଡ଼ମାହାରିଆ ସବୁ । ଅନେକ ଘଟଣା ଓ ଦୁର୍ଘଟଣାର ପ୍ରତ୍ୟକ୍ଷଦର୍ଶୀ ।

**ସ୍ଥାନାନ୍ତର**

ବନ୍ଧ ଆଉ ନଦୀ ନାଳରେ ମାଛ ସବୁ କମିବାରେ ଲାଗିଲେଣି; ଏଣୁ ଏବେ ଅପେକ୍ଷା ଏଇଠି ଝାଇନ ବା କେରାଣ୍ଡିଟିଏ ପାଇଁ, ସନ୍ତସନ୍ତିଆ ବିଲ ମଝିରେ । ପରିବେଶ ସନ୍ତୁଳନ ଏବେ ସମସ୍ୟାରେ; ଆଉ ତା'ସହ ଏଇ ପ୍ରଜାତି । ଉଦାସ ଜୀବନ ସହ ।



**ଜୀବନ ସଂଗ୍ରାମ**

ଏଇଠି ମାଂସ ଖଣ୍ଡିଏ ପାଇଁ କାଉ ବି ଚିଲକୁ ଆକ୍ରମଣ କରିପାରେ । ବଞ୍ଚିବା ପାଇଁ ଘାତପ୍ରତିଘାତ ତ ସହିବାକୁ ହୁଏ । ହେଲେ ତା ସହ ଆକ୍ରମଣକୁ ମଧ ବଳବତ୍ତର ରଖିବାକୁ ହୁଏ । ଏଇ ଯୁଦ୍ଧରେ କେବେ ଶିକାରୀ ହୁଏ ଆଉ କେବେ ଶିକାର ହୁଏ । ସଂଗ୍ରାମ ଏଇତ ଜୀବନର ।



**କେଉଟ**

ଏମାନେ ମାଛ ଧରନ୍ତି । କେବେ ନାଠି ବା ବନିଶୀ ପକାଇ; କେଞ୍ଚୁଆ ଲଗେଇ । କେବେ ପୋହଳା କେବେ ବେନ୍ଦା ପକାଇ । ହେଲେ ଧିରେ ଧିରେ ମାଛ ସବୁ କମିବାରେ ଲାଗିଲେଣି । ଏବେ ଏଇ ମଣିଷେ ପାଣିରେ ଜାଲ ପକାଇ ଏମାନେ ଜୀବିକା ନିର୍ବାହ କରନ୍ତି । ରବର ଟ୍ୟୁବ୍‌ରେ ବସି ଘେରା ଠିକ୍ କରନ୍ତି । ରାତି ସାରା ପ୍ରତୀକ୍ଷା କରନ୍ତି ମାଛକୁ ଜାଲରେ ଫସିବା ପାଇଁ । ଆଉ ସକାଳେ ସେସବୁକୁ ଧରି ବିକିବାକୁ ପଡ଼େ ।



ଗାଁ, ଘର ଓ ପିଲା ମାଇକିନାଙ୍କୁ ଛାଡ଼ି ଏଇ ବଣଜଙ୍ଗଲ ଘେରା ବିପଦସଙ୍କୁଳ ଜଳଭଣ୍ଡାର ନିକଟରେ ଶୁଅନ୍ତି ମଧ ରାତିରାତି । ସବୁ ପେଟର ନାଟ । ମୁଠାଏ ଭାତର କଥା... ! ଜୀବନ ପ୍ରଣାଳୀ ଏପରି ମଧ ଥାଏ... !!!

### ଅତ୍ୟାରୁଢ଼



ବୟସ ଏଇ ଅଣ୍ଟା ନୁଆଁଇନି; ସମୟ ଏଇ କେଶକୁ ଧଳା କରିନି; ସଂସାର ଏଇ ଶିରାପ୍ରଶିରାକୁ ଚର୍ମ ଆଡ଼କୁ ଉଠାଇ ଆଣିନି। ହେଲେ ଜୀବନ ସହ ସଂଗ୍ରାମ କରିକରି ଏଇ ମନ ଶୀଥିଳ ହୋଇ ଯାଇଛି। ଜୀବନର ଏଇ ଚିରାଚରିତ ଚଳଣିକୁ ଆଦରି ନେଇଛି ଏଇ ମଣିଷ। ଲୁହ ଲହୁର ସଂସାରରେ ସବୁ ସ୍ୱେଦ ବନ୍ଧକ ପଡ଼ିସାରିଛି। କେବେ ଜମି ବିକା ହୋଇଛି ଝିଅର ବିବାହ ନିମନ୍ତେ ତ କେବେ ପୁଅର ପାଠପଢ଼ା ନିମନ୍ତେ ସହଧର୍ମିଣୀର ଖାସୁଲୁମାଳ ବନ୍ଧକ ରଖା ହୋଇଛି। ହେଲେବି ଜୀବନ ସଂଗ୍ରାମ ସରିନି। ବିକିବାକୁ ଆଉ କିଛି ନାହିଁ; ବନ୍ଧକ ନିମନ୍ତେ ଆଉ କିଛି ନାହିଁ। ହଁ; ଅଛି ଏଇ ହାଡ଼ମାଂସର କସରା ଦେହଟା। ଏମିତି ପଞ୍ଚଭୂତରେ ମିଳାଇ ଯିବ; ରାମ ନାମ ସତ୍ୟ ଡାକରାରେ। କିଛି ନଥିଲା; କିଛି ନେବନି ହେଲେ ଦେଇଯିବ ଜୀବନ ଯାକର ଦିହଘଷା ନିତିଦିନିଆ ଯୁଦ୍ଧ ଦେହିଁ ଡାକରା ପାଇଁ ଜାଗତିଆର ଥିବା ପାର୍ଥିବ ଶରୀର ଟାକୁ... ଏମିତି... ଏମିତି...।

### ଧାନକିଆରି

ଅକ୍ଷିମୁଠି ଦିନଠୁଁ ହିଁ ଚଷାପୁଅର ଆଖିରେ ଏଇ ଛବି ନାଚି ଉଠିଥାଏ। ତାର ରକ୍ତ-



ସ୍ୱେଦ-ବାରିର ସମ୍ପଦ ଇଏ। ଦୋଓଡ଼ ଚାଷ କରି ମୁଠାମୁଠା କରି ଏଇତ ସୁନା ବିଂଛି ଦେଇଥାଏ। ସେଇ ସୁନାର ଗାଲିଚା ଇଏ! ଆଖି ପୁରେଇ ଦେଖି ନେଇଥିଲି ଟରୋଣ୍ଟୋ ଫେରି ଆସିବା ପୂର୍ବରୁ। ଦଇବର ନଜର ନଲାଗୁ ଏଇ ସୁବର୍ଣ୍ଣ ଫରୁଆରେ ମୋ ଗାଁ'ର।

### ଧାନକଟା

ଚଷାପୁଅ ଶୁକରବାରେ ବିଡ଼ା ସାଇତି ରଖେ; ମା ଲକ୍ଷ୍ମୀଙ୍କୁ ଦେବା ପାଇଁ। ସେଇଥିରେ ହିଁ ତାର ବିଶ୍ୱାସ; ତାକୁ କେବେ ଭୋକରେ



ରହିବାକୁ ପଡ଼ିବନି। ଏଣେ ରାଆଁଳି ମାନେ ଭିଡ଼ି ଯାନ୍ତି ବିଲ ମଝିରେ ଧାନକେଣ୍ଡା ଖୁଣ୍ଟିବାକୁ। ଆଉ କିଏ ବିଲହୁଡ଼ା ତଳେ ଗଡ଼ିଶ ଚେଙ୍ଗାମାଛ ଧରିବାରେ ମଜିଯାନ୍ତି। ଯୁବା ଗଡ଼ିଶ ମାଛର ରଙ୍ଗରଙ୍ଗୀଳା ଛିଲକା ହେଉ ବା ଡେଣା ପଙ୍କୁଆ ପାଣିରେ ଚବକୋଉ ଥାଏ। ତେଣେ ଆର ହୁଡ଼ାରେ ବଗଟିଏ, ନଡ଼ିଆ ଗଛରେ ଗେଣ୍ଡାଳିଆ, ଜମି କଡିରେ ପୋଢ଼ ମାହାରିଆ ଏଇ ସବୁ ଦେଖୁଥାନ୍ତି। ଏଇମିତି କେତେ କଣ ଦୃଶ୍ୟ ଦେଖିବାକୁ ମିଳେ ଏଇ ସବୁଜ ସୁବର୍ଣ୍ଣ କ୍ଷେତବାଡ଼ିରେ। କେବେ ଗାଁକୁ ଆସନ୍ତୁ।

### ନିଚାୟ



ବିଲ ଭିତରେ ଧାନଗଦା; ସବୁ ଗାଁର ଏକ ସାଧାରଣ ଦୃଶ୍ୟ। ପ୍ରଥମେ ଅମଳ, ତାପରେ ଏଇଠି ଗଦା ହୁଏ। ହଳ ଶଗଡ଼ ଆସେ ତାପରେ ସବୁ ବୁହା ହୁଏ ଖଳାକୁ ଖେଳେଇବା ପାଇଁ ସେଇଠୁ ଧାନ ବସ୍ତାରେ ବନ୍ଧା ହୋଇ ଅଟେଇକୁ ଯାଏ। ତାପରେ ଢିଙ୍କି ହେଉ ଅବା ମିଲ୍ ହେଉ; ସେଇଠି କୁଟାହୁଏ ଆଉ ଚାଉଳ ସଂଗ୍ରହ ହୁଏ।

### ଇଣ୍ଡା-ଡେକ୍‌ଚି-ଓଧାଣି

ଏଇ ସବୁ ଚୂଲୀ ବାଟରେ ଘାଟରେ ଦେଖିବାକୁ ମିଳେ; ମୂଳିଆ ମଜଦୂର୍ ଆଉ ଗରୀବ



ଗୁରୁବା ଲୋକଙ୍କ ଚୂଲୀ। ଏଇଠି ରନ୍ଧା ହୋଇଥିବା ଅନ୍ନବ୍ୟଞ୍ଜନ କେବେ ଚାଖିଛନ୍ତି କି ଭାଇ ଓ ଭଉଣୀ! ମୁଁ ଚାଖିଛି। ଆହାର କେଡ଼େ ସୁଆଦ। ଚକିରେ ଲାଗି ଯାଇଥିଲେ ବି ସୁଆଦ; ଲୁଣଲଙ୍କା ଏପାଖ ସେପାଖ ହେଲେ ବି ସୁଆଦ। ନିଆଁପାଉଁଶରେ ଗୋଳାଇ ହୋଇ ରହିଥିବା ବେଲା ଚଟୁରେ ଘଷ୍ଟା ଏଇ ଅନ୍ନବ୍ୟଞ୍ଜନ ହିଁ ଭୋକର ମହତ ବୁଝେ। ଶୁଖିଲା ତୁଣ୍ଡକୁ ଅମୃତ ପ୍ରାୟେକ ଲାଗେ। ହଁ ଏଥିରେ ବାଦ୍‌ଶାହ ମସାଲା, ଏଭେରେଷ୍ଟ ଅବା ଇଷ୍ଟର୍ଣ୍ଣ ମସାଲା ପଡ଼େନି; ପଡ଼ିପାରେନି। କେବେ ଜୀରା ସୋରିଷ ଧନିଆ ମଧ ଅମିଳକ ଏଇ ଅନ୍ନବ୍ୟଞ୍ଜନରେ। ହେଲେ ମୁଁ ଖାଇଛି ବାଟରେ ଘାଟରେ; ଚାଷୀମୂଲିଆଙ୍କୁ ମାଗିଯାଚି। ଏଇ ସୁଆଦ ହିଁ ଭୋକ ମାରେ ଆଉ ପେଟକୁ ଥଣ୍ଡା ରଖେ। କେବେ ଖାଇ ଦେଖନ୍ତୁ ତ...!!!

### ଲଙ୍କାଗଡ଼ ଘାଇ

ପିଲାଦିନୁ ଏଇ ବଣ ପାହାଡ଼ ଘେରା ଘାଇକୁ ଦେଖେ। କେବେବି ସହର ଆଡୁ ଗାଁ କୁ ମୁହାଁଇଲେ ଏଇ ଜଳଭଣ୍ଡାର ନିକଟକୁ



ଆସେ। ନିକଟରେ ରାମେଶ୍ୱର ମନ୍ଦିର ଆଉ ଗୋଟିଏ ସରକାରୀ ବଙ୍ଗଳା। କେଉଁଠୁଁ ଭାଙ୍ଗିରୁଜି ଉଇଘରା ହେଲାଣି। ହେଲେ ସେଇ ହତାରେ ଭେଟିବାକୁ ଯାଏ ମନସଚମ୍ପା ଗଛକୁ। ସୁବିସିତ ଫୁଲ ଗୋଟିଏ ଦୁଇଟି ଥାଏ। ଆଉ ମାଇଲିଟାଏ ମୋତେ କେବେକେବେ ଦେଖେ ହତାଶିଆ ହୋଇ।

ସଭିଏଁ କହୁଥିଲେ ବାଂଛାଟାଏ ଏଇ ଘାଇ। ବାଆଁ କୁମ୍ଭ ଭର୍ତ୍ତି ଅଛି ବୋଲି ଏଇଠି ମାଛଧରା ହୋଇ ପାରେନାହିଁ। ହେଲେ ଏବେ ସେସବୁ କୁମ୍ଭ ବାହାର ହୋଇ ଯାଇଛି। ଏଣୁ ଏବେ ମାଛଧରା ଚାଲିଛି। ଶୁଣି ଖୁସି ଲାଗିଲା। ମାଛଧରା ସହ ମୋର କିଛି

ସମ୍ବନ୍ଧ ନଥିଲା; ମୋର ଆଖି କେବଳ ଏଇ କୁହୁଡ଼ିଆ ସୂର୍ଯ୍ୟାସ୍ତ ବେଳର ଦୃଶ୍ୟ ଉପରେ ଥିଲା । ଧରି ନେଇଥିଲି ଏଇ ମୁହୂର୍ତ୍ତକୁ ।

**ଗେଣ୍ଡାଳିଆ**

ଉଡ଼ିଗଲେ ଗେଣ୍ଡାଳିଆ ଝାଡ଼ିଦେଇ ପର...! ଏଇ ଗୀତକୁ ମନେ ପକେଇ ଦିଅନ୍ତି



ଏଇ ବିହଙ୍ଗ ଯୁଗଳ । ଧିରେ ଧିରେ ଏମାନଙ୍କ ପ୍ରଜାତି ହଜୁଛନ୍ତି । କେବଳ ରହିଯିବ ଗୀତ କେତେ ଧାଡ଼ି । କେବେ କିଏ ଶୁଣିବକି ନାହିଁ; ତା'ର ମଧ କିଛି ଗତି ଅନ୍ତ ନାହିଁ ।

**ନଦୀ ଫେରେ ସାଗରକୁ**

ଗୋଧନବାହୁଡ଼ା ବେଳ ଇଏ । ସକାଳେ ଘର ଛାଡ଼ି ଯାଇଥିବା ସଭିଏଁ ଫେରନ୍ତି । ପକ୍ଷୀ ଫେରେ, ମଣିଷ ଫେରେ ଆଉ ଫେରେ ଆଜିର ଦିନ । ସବା ପରେ ଫେରେ ସୁରୁଜ ଦିଗ୍‌ବଳୟରେ ସେପାରକୁ । ହେଲେ ଫେରେନି ସମୟ; ହାତରେ ସେଇ ଦିନକୁ ଧରି ବୁଜିନିଏ ତା ମୁଠାକୁ । ସଭିଙ୍କୁ ଫେରିବାକୁ ପଡ଼େ ।

ସାରାଦିନର କ୍ଲାନ୍ତଶ୍ରାନ୍ତ ଶରୀରଟାକୁ ଠେଲିପେଲି ଫେରିବାକୁ ପଡ଼େ ପୁଣି କାଲି ପାଇଁ ଜାଗତିଆର ହେବାକୁ । ଏଇତ ଜୀବନ; କେତେ ଆଜି, ଗତକାଲି ଆଉ ଆସନ୍ତାକାଲି ଭିତରେ ମିଳେଇ ଯାଇଛନ୍ତି । ଏଇତ ଦୁନିଆଁ; ଆଜିକୁ ଇତିହାସ ପୃଷ୍ଠାରେ ସାଇତି ରଖିଛି ଗତକାଲି କରି । ଏମିତି ଫେରିବାକୁ ହୁଏ



ଆଜିକୁ ଗତକାଲିର କାଉଁରୀ ପେଡ଼ିରେ ସାଇତିବାକୁ; ଏମିତି ବାହାରିବାକୁ ହୁଏ ଆଜିର ଦୁଆରରୁ ଆସନ୍ତାକାଲିର ଅଗଣାକୁ । ଏଇତ ଜୀବନ; ଅଢ଼େଇ ଦିନିଆ । ଚାଲନ୍ତୁ ବାହରିବା ଆଜି ପୁଣି ଫେରିବା ପାଇଁ...!

**କୁହାର**

ଶୃଙ୍ଖଳା ପାଇଁ ହେଉ ଅବା ଗୋଠର ନିରାପତ୍ତା ପାଇଁ ହେଉ; ଏଇ କୁହାରରେ ସବୁ ଗାଇ ରହନ୍ତି । ଏଇମାନଙ୍କ ପାଇଁ ବିଚରା ଗରୀବର ଛାତ କାହିଁ । ନିଜ ଛାତରେ



ସୂର୍ଯ୍ୟଚନ୍ଦ୍ରଙ୍କୁ ଧରି ବୁଲୁଛି ଦିନ-ମାସ-ବର୍ଷ ଧରି । ଏମାନଙ୍କ ପାଇଁ ଆଉ ତା'ର ବଳ ନାହିଁ । ଏଇଠି ରୁହନ୍ତୁ ଏଇ ଗୋଠ । ପ୍ରକୃତିର ସବୁଜ ଘରେ ।

**ବଡ଼ଦାଣ୍ଡ**

ଏଇ ସାଇର ମଝିରେ ମୋ ଘର । ଦାଣ୍ଡଟା ଏଇମିତି ଖୋଲା ପଡ଼ିଛି । ଶାସନ, ଆଜ୍ଞାପ୍ରସାଦ ଆଡୁ ସକାଳେ ସଭିଏଁ ଏଇ ଦାଣ୍ଡ ଦେଇ ଯାଆନ୍ତି । ଜଗା ଏଇ ସାହିରେ



ରଥଯାତ୍ରା କରେ; ସେଇଥିପାଇଁତ ଯାର ବଡ଼ଦାଣ୍ଡ...! ରାମନବମୀରେ ଛାମୁଣ୍ଡିଆ, ଦୋଳପୁନେଇଁରେ ରଙ୍ଗଖେଳ ସବୁ ଏଇ ଛାତି ଉପରେ ହୁଏ । କିଏ କୁଆଡ଼େ ଗଲେଣି ହେଲେ ସିଏ ପଡ଼ି ରହିଛି ।

**ମଠକୂଅ**

ମୋର ମନେ ଅଛି; ଯେତେବେଳେ ଏଇ କୂଅ ଖୋଳା ହୋଇଥିଲା ସାରା ଗାଁରେ



ଖୁସିର ଲହର ଖେଳି ଯାଇଥିଲା । ଏଇଥି ପାଇଁ ନୁହଁ ଯେ ଗାଁରେ କୂଅଟିଏ ନଥିଲା ବୋଲି; ଏଇଥିପାଇଁ ଯେ ଏଇ କୂଅର ପାଣି ଖାରି ନଥିଲା । ପାତ୍ର ମା କହେ ଏଇ ପାଣି କୁଆଡ଼େ ପଇଡ଼ ପାଣି ପରି ମଧୁର । ହେଲେ ଏବେ ଘର ଘରକୁ ଆଉ ଦାଣ୍ଡରେ ନଳର ପାଣି ବ୍ୟବସ୍ଥା ହେଲା ପରେ ଯାର କଥା କିଏ ପଚାରେ । ହେଲେ ନିଜ ବୁକୁରେ ଖଜୁରି, ବେରୁହାଁ ଆଉ ଚିକ୍କଣ ପଟିକୁ ଶୁଖାଏ । ସାଇକେଲ ଆଉ ମଟରସାଇକେଲ ପାଇଁ ପଲ ଜାଗାଟିଏ । ଏଇତ ବିବର୍ତ୍ତନ...!!!

**କାଠଭାଡ଼ି**

ଅତି ସୁନ୍ଦର ଭାବରେ ସଜେଇ ରଖିଛି ସଦେଇ ଏଇ କାଠ ସବୁ । ଏହା କୌଣସି



ସାଜସଜ୍ଜା ନୁହଁ ବରଂ ଅଳ୍ପ ଜାଗାରେ ବେଶୀ କାଠ ରଖିବାର ଏକ ସୁନ୍ଦର ଉପାୟ । ଏଇ ପ୍ରକାର କାଠ ମଧ ଅତି ଶୀଘ୍ର ଶୁଖେ । ଭୋଜିଭାତ ନିମନ୍ତେ ଏଇ ପ୍ରକାର ସଜା କାଠକୁ ଅଳ୍ପ ସମୟ ଭିତରେ ଶୁଖେଇବାରେ ସାହାଯ୍ୟ କରେ । ଗାଁ ଗହଳରେ ହିଁ ଦେଖିବାକୁ ମିଳେ ଏଇ ସବୁ ।

**ଗେଲବସରର ଦିନ ସରିଗଲା**

ସଡ଼କଟିଏ ଭଲରେ ନାହିଁ; ହେଲେ ଯୋଜନଯୋଜନ ବ୍ୟାପୀ ଯୋଜନାରେ ଦେଶ



ଫାଟି ପଡୁଛି । ଏମାନଙ୍କ ପାଦରେ ଜୋତା ଖଣ୍ଡେ ନାହିଁ । ଗୁଣ୍ଡାଏ ପେଟରେ ଦାନା ପଡ଼ିଛି କି ନାହିଁ ଅଜଣା । ହେଲେ ହସ କୋଟିଏ ଟଙ୍କାର ଧରି ବୁଲି ଖେଳୁଛନ୍ତି ଆମ ଦେଶର ଭବିଷ୍ୟନିଧି ସବୁ । ଏଇମାନଙ୍କୁ ଦିବ୍ୟ ଆଶୀଷ ମିଳୁ । ଏଇ ସଡ଼କ ସୁବର୍ଣ୍ଣମୟ କରି ଗଢ଼ି ତୋଳନ୍ତୁ ଏଇମାନେ ।

### ମାଛ ଧରା

ଏଇତ ବଢ଼ିଆ ଉପାୟ ମାଛ ଧରିବାର। ମୁଁ ବି ଏଇମିତି ଧରିଛି। କେରାଣ୍ଡି ଆଉ ଝାଇନ ପୁଞ୍ଜେ। ସେଥିରେ ପେଟ ପୁରିବନି କି ଥାଳି ଭର୍ତ୍ତି ହୁଏନି। ହେଲେ ମନ ପୁରେ। ତାପରେ ଚାଦରରେ ପଙ୍କର କଷ ଦେଖି ବାପାଙ୍କଠୁ ତାଗିଦ୍ ମିଳେ। ଚପଳାମୀର ମଜା ଆଉ ନାହିଁ ଏବେ। ହେଲେବି ଗାଁରୁ ଫେରିଲା ବେଳେ ୨/୩ଟି ଚାଦର ଆଣିଛି କାରଣ ଶୁଣିଛି ଏଇଠି ମାଛ ଭଲ ମିଳନ୍ତି। ହେଲେ ଏବେବି ସେଇ ନିଷ୍ପାପ ଆଉ ସରଳ ସାଥି ଖୋଜା ଚାଲିଛି।




### ବେନ୍ଦା

ସଦାବେଳେ ଚାଦର ଆଉ ଜାଲ ହିଁ ସବୁକିଛି ଦରକାର ହୁଏନା। କାରଣ ମାଛ ଧରିବାକୁ ଅପେକ୍ଷା ବି କରିବାକୁ ପଡ଼େ। କେଉଁ ଚତୁର ବ୍ୟକ୍ତି ଏଇ ବେନ୍ଦାର ଉଦ୍ଭାବନ କରିଛି ତାକୁ ଶର ପ୍ରଣାମ। ତୁମେ ଘରେ ବସ ଆଉ ମାଛ ଏଥିରେ ଫସିବ। ଆରେ ବାଃ...ହ୍ୱାଟ୍ ଏନ୍ ଆଇଡ଼ିଆ ସାର୍‌ଜୀ...!!!

### ଶୁକ୍ଳ ଘର

ଗାଁର ନିଜର ଲକ୍ଷ୍ମୀ କେଉଁ ଆବହମାନ କାଳର। ଗାଁରେ ଏବେବି ବିଶ୍ୱାସ ଏଇଠି ନଧୋଇଲା ଯାଏଁ ସବୁ ଅଶୁଦ୍ଧ। କେତେ ଜଣ ଏମାନଙ୍କୁ ଛୁଇଁବାକୁ ଏବେବି ଭାବନ୍ତି ହେଲେ ଏମାନଙ୍କ ଦ୍ୱାରା ନଧୋଇଲା ଯାଏଁ ସବୁ ଅଶୁଦ୍ଧ ବୋଲି ମନେ କରନ୍ତି। ଏଇ ସମୀକରଣ ମୁଁ ଏବେବି ବୁଝିପାରିନି। ଏ ସବୁ କହିବାକୁ ଗଲେ... ବକ୍‌ୱାସ୍। କାମକୁ ଇଜତ ଦିଅ ଆଉ କାମ କରୁଥିବା ଲୋକର ମହତ କର, ଏହା ହିଁ ହେଉ।



### ପରିବାବାଲା

ସଜ ଆଉ ସବୁଜ। ଆପଣଙ୍କ ଦାଣ୍ଡ କଣ ସିଧା ପିଣ୍ଡାରେ ହାଜର ହେବ ସତେଜ ପରିବା। ଗାଁର ନିଜର ବିଗ୍‌ବଜାର। ପଇସା କମ୍... ଆଉ ହାତ ପାହାନ୍ତାରେ। ହଁ... ବେଳେବେଳେ ଏଇ କାଣ୍ଟା ନିମନ୍ତେ ସାହୁ ଆଇ ପରୀକ୍ଷା ନିରିକ୍ଷା କରନ୍ତି। କେତେବେଳେ ପରିବାବାଲା ଗାଳି ଶୁଣେ ଆଉ କେତେବେଳେ ଆଇ ନିରାଶ ହୁଅନ୍ତି। ସେ ଯାହାହେଉ ଦୁଇଟି ଭେଜିବାଇଗଣ ଲାଭରେ ନେଇ ଆସନ୍ତି ସେ।



### ମିଟୁ

ସାରା ଦାଣ୍ଡକୁ ହୁରି ପକାଉଥିବ ଏଇ ମିଟୁ। ସମସ୍ତଙ୍କୁ ଡାକୁଥିବ ଏ ପୁଅ। ଆଉ ରାଗିଗଲେ କହୁଥିବ କୁଆଡ଼େ ରେ...! ହେଲେବି ସମସ୍ତଙ୍କ ନଜରରେ ଆଉ ଆଦରରେ...!!



### ଗାଁ ଗହଳି

ଭଣ୍ଡାରି ଝିଅ ଘରେ ସାପଟିଏ ସାରା ରାତି ଫୁଁ...ଫୁଁ... ହେଉଛି। ତା ଦାଣ୍ଡରେ ଗହଳି। ସାପୁଆ ଯାଇଛି ଘର ଭିତରକୁ ଧରି ଆଣିବ ସାପ ଆଉ ଦାଣ୍ଡରେ ଖେଳେଇବ। ଭଣ୍ଡାରି ଝିଅ ପଚାରୁଛି... ଇଏମା... ଆକୁ ମୋର ହିଁ ଘର୍ ମିଳିଲା ପଶିବାକୁ...!!!ୟ



### ବାଲିଚଲା

ଏବେବି ଗାଁ ଗହଳିରେ ଏଇ ଯନ୍ତ୍ର ବ୍ୟବହାର ହୁଏ ବାଲି ଚଲେଇବା ପାଇଁ ଏଇମନ୍ତେ ଘର ତିଆରି ହୁଏ ଗାଁରେ। ଗାଁର ରୂପ ବଦଳୁଛି ଧିରେ ଧିରେ।



### ବାମ୍ପିସ୍କୁଲ

ଏଇମିତି ନଥିଲା ମୋ ସ୍କୁଲ। ବାମ୍ପି ବନ୍ଧ ପଡ଼ିଶାରେ ଥିବାରୁ ଯାକୁ ସମସ୍ତେ ଡାକନ୍ତି ବାମ୍ପିସ୍କୁଲ ବୋଲି। ଏହାର ପୁରାନାମ ହେଲା ପୂର୍ବତନ ଜିଲ୍ଲାବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଚାଳଘର ଥିଲା ସୁନ୍ଦର ଥିଲା। ଏଇ ଗଢ଼ଣ ମୋତେ ଭଲ ଲାଗିଲାନି। ସ୍କୁଲ ଭିତରକୁ ଗଲି ସବୁ ପିଲାଙ୍କୁ ନେଇ ସଭାଟିଏ କଲି। ଦୁଇପଦ କହିଲି, ବୁଝାଇଲି। ସମସ୍ତଙ୍କୁ ଉପଦେଶ ଦେଇ ବାହାରି ଆସିଲି। ବାହାରକୁ ଆସି ପୁଣି ଖୋଜିଲି ମୋ ବାମ୍ପିସ୍କୁଲକୁ।



**ଆହ୍ୱାନ**

**ସର୍ବଶିକ୍ଷା ଅଭିଯାନ...!**

### ସ୍ୱଚ୍ଛ ଭାରତ

ବଞ୍ଚିବାର ମୁଖ୍ୟ ଉପାଦାନ ପାଣି ପବନର ସ୍ୱଚ୍ଛତାର ଅଭାବ ଏଇଠି। କେତେ କଣ୍ଟ୍ରାକ୍ଟରର ଠକାମୀ ହେଉ କେବେ ଆମ ଲୋକଙ୍କର ଶରୀର ଆଉ ସାସ୍ଥ୍ୟରକ୍ଷା ଜ୍ଞାନର



ଅଭାବ ଏଇ ସ୍ଥାନଟିକୁ ଏଇଭଳି କରି ରଖିଛି । ସ୍ୱାସ୍ଥ୍ୟ ହିଁ ସମ୍ପଦ କେବଳ ବହିରେ ସୁନ୍ଦର ଦିଶୁଛି... ଆଉ ଅସଲରେ ସାରା ଭାରତର ଗାଁ ଗହଳରେ ନଳଗୁଡ଼ିକର ଏଇ ଦଶା...!!!

**ରାସ୍ତା**

ଏଇ ରାସ୍ତା ପଡ଼ିଛି ସେଇମତେ; ବେଳଅବେଳରେ ରାଜନୀତି ଘୋଡ଼ାବେପାରରେ କେବେକେବେ କାଙ୍କରା ମାଟି, ଗୁଡ଼ି ଢେଙ୍କାଳ ଘୋଡ଼ି ହୁଏ ମୁଠି ଫିଙ୍ଗା ବାଲି ସହ । ଅଧା ନଙ୍ଗଳା ରହେ ଅଧାଦିନ । ସିପେଇ ସର୍ଦ୍ଦାର ଭଳିଆ ଏଇ ବାଉଁଶ ନାଳୀ ସବୁ ଭିତରେ ଲୁଚେଇ ଧରନ୍ତି ସାନ ଗଛ ଡାଳ ସବୁ । କିଏ କେବେ ଭାଗ୍ୟ କରିଥିଲି ବଞ୍ଚିଯାନ୍ତି ଆଉ କେତେ ଜଣ ଖରାତରା ତାପରେ ତରିଯାନ୍ତି ।



ସବୁ ଗାଁ ରାସ୍ତାର ଏଇ ଦଶା । କେବେକେବେ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନାର ବିଜ୍ଞାପନ ଦେଖିଲେ ଏଇ ରାସ୍ତା ଆଖିରେ ନାଚି ଉଠେ । ଏଇୟା କଣ ସତରେ ରାମରାଜ୍ୟର ସପନ; ଆମ ରାଜ୍ୟର ସପନ! ଏଇତକ ପାଇବା ପାଇଁ ଫିରିଙ୍ଗି ସହ ଧରାମରା!! ଦେଲେ କଣ; ପାଇଲେ କଣ!!

**ଦାରୁବ୍ରହ୍ମ**

ଗାଁରୁ ଏଇ ବାଟେ ଫେରୁଥିଲି; ଯାନର ଚାଳକ ଭାଇ କହିଲା, ଏଇତ ଦାରୁ ଗଛ । ଯାଙ୍କୁ ଚିହ୍ନଟ କରିଥିଲେ ନବକଳେବର ସମୟରେ ହେଲେ କଣ ହେଲା କେଜାଣି ଆଙ୍କୁ ଆଉ ନେଲେନି । ପଚାରିଲି; କଣ ହେଲା କି!



ସେ ତା ପାନଖିଆ ପାଟିରେ ଗୋଟିଏ ଖିଆଲି ହସ ଆଉ ହାତକୁ ଶୂନ୍ୟରେ ହଲାଇ ମୁଣ୍ଡଟାକୁ ନାଡ଼ି କହିଲା; ଏଇ ଦେଖୁନ କେମିତି କଲେ ନାଭିଟାକୁ! ଏଇ ଦାରୁ କେତେ!

ଏବେ ଓଡ଼ିଶାରେ ସବୁଠି ରାଜନୀତି । ମୁଁ ତାକୁ ବୁଝାଇ ପାରିଲିନି ଯେ ରାଜନୀତି କଣ । କେମିତି ବୁଝାଇବି ଯେଉଁଠି ଗଦୀ ମାଡ଼ିମକୁଛି ବସିଥିବା ନେତା ମାନେ ଏ ପର୍ଯ୍ୟନ୍ତ ରାଜନୀତି କଣ ବୁଝି ପାରିନାହାନ୍ତି । ତା ଭଳି ଆମ ଦେଶର ପ୍ରାୟତଃ ସର୍ବସାଧାରଣ ବୁଝନ୍ତି ରାଜନୀତି କହିଲେ ଟ୍ରକବୁହା ରାଜଧାନୀର ସଭା ଆଉ ବିଧାନସଭାରେ ଚଉକି ମାଇକି ଭାଙ୍ଗି ହଲ୍ଲାବୋଲ କରୁଥିବା ନେତାଙ୍କ କାଣ୍ଡ କାରଖାନା ।
ହରିବୋଲ...!!!

**ପରିବର୍ତ୍ତନ**

ଆବର୍ତ୍ତନ-ବିବର୍ତ୍ତନ-ପରିବର୍ତ୍ତନରେ ଚାଲିଛି ଏଇ ଦୁନିଆଁ । ମୋ ଗାଁ ମଧ୍ୟ । ହଜି ଯାଇଛି ସବୁ ଚାଳଘର ଆଉ ଏବେ ସବୁ ଠିଆ ହୋଇଛନ୍ତି ରଙ୍ଗ ବିରଙ୍ଗ କୋଠାସବୁ । କିଏ କହିଲା...ଦେଶର କିଛି ବଦଳିନି ବୋଲି...!!!



**ଘରବାହୁଡ଼ା**

ଗାଁରୁ ଫେରିଥିଲି ଭାରୀ ମନ ନେଇ । ପାଞ୍ଚ ବର୍ଷ ପରେ ଯାଇଥିଲି ଭଙ୍ଗାମନ ନେଇ ଆଉ ଫେରିଲି ବି ସେଇ ମନ ନେଇ । ସାଉଁଟି ଆଣିଲି କେତେ କଥା ଆଉ ବ୍ୟଥା । ଗାଁରେ କେତେ ସବୁ କଣ ବଦଳି ଯାଇଛି । ସେ ସବୁକୁ ଅଡ଼େଇ ଅତୀତକୁ ଖୋଜୁଥିଲି । କେତେ ମିଳିଲା ଆଉ ଜାଣିଲି ଅନେକ କିଛି ହଜି ଯାଇଛି । ଗାଁର ଆଦର, ସୁଆଗ, ସେନେହ ସବୁ ମିଳେଇ ଗଲାଣି ସେଇ ବୁଢ଼ାଅଜା ଆଉ ମାମୁଁଙ୍କ ହଜିବା ସହ । ଏଇଥର ପାତ୍ରଘର ଆଈ ଙ୍କ ମୁହଁରୁ "ଗରାଖ" ପଦ ଶୁଣି ପାରିଲିନି । ଇଙ୍ଗିଲି ଆଈର ହଇରେ ନାତିଆ ପଦ ବି ସପନ ଥିଲା । ଶୁଖୁଆ ଭଜା ଖାଇବା ପାଇଁ ତେଲି ଘର ଅଥବା କଙ୍କଡ଼ା ପୋଡ଼ା ଖାଇବା ପାଇଁ ଭଣ୍ଡାରୀ ଘର ଆଉ ନାହିଁ । ଜୀବନରେ ଯେତେ ଆଗକୁ ଧାଉଁଛି ପଛରେ ଏଇ ଗାଁ ଆହୁରି ଦୂରକୁ ଚାଲି ଯାଉଛି । ଫେରିବି ନିଶ୍ଚୟ ସେଇ ଗାଁକୁ ହେଲେ କେତେ ହାତ କେତେ ବୁକୁ ହଜିଯାଇଥିବ ତାର କଳନା ନାହିଁ । କରତ ଝିକିଲେ କାଟୁଛି ଆଉ ପେଲିଲେ ବି...!



ଏଣେ ମାଇଲେ ଗୋହତ୍ୟା...ତେଣେ ମାଇଲେ ବ୍ରହ୍ମହତ୍ୟା...! ଜାଣେନା... ମୋ ଭଳି କେତେ ତ୍ରିଶଙ୍କୁ କେତେ ସଂଶୟରେ ଆଗେଇ ଚାଲିଛନ୍ତି ଏଇ ଗାଁ ପାଇଁ ସପନ ସାଉଁଟିବା ପାଇଁ । ସେଇ ପସନ ସତ ହେଉ... ସମସ୍ତଙ୍କର । ଏଇ ପ୍ରାର୍ଥନା ଗ୍ରାମଦେବତୀ ଆଉ ଜଗନ୍ନାଥଙ୍କ ନିକଟରେ...!

ବାଟରେ ଘାଟରେ ଯାନିଯାତରାରେ
ଓଡ଼ିଆ ଜୀବନ ଧାର ।
ସେରକ ପୁରିଲେ ମାଣକ ପୁରଇ
ଘଡ଼ି ଏ ପାଣିର ଗାର ।।
ପ୍ରତି ମୁହୂର୍ତ୍ତରେ ପ୍ରତିଟି ସ୍ପନ୍ଦନେ
ଏଇ ମୋ ଓଡ଼ିଶା ପ୍ରାଣ ।
ଭୁଲି ଯାଅ ନାହିଁ ଭାଇ ଓ ଭଉଣୀ
ଏଇ ମାଟି ହିଁ ଜୀବନ ।।

ପ୍ରଭୁ



# 27th Ganesh Mahotsav 2017







































Oriya Cultural & Welfare Association TM
OCWA

# Blood Donation Camp 2017







BLOOD MOBILE




























Shot on vivo V5s
20MP Front Camera

# My Visit to Ice Continent Antarctica

**Dr Arun K Rath IAS ( Retd)**
**Former Union Secretary HRD**

The proposal of a visit to Antarctica evokes different reactions in different people. Many consider Antarctica as a harsh, inhospitable and remote land . For some, it is an unexplored land full of potential for research andscientific discoveries. Others look at the ice continent as a place for adventure and tourism. All such feelings and reactions are justified in their own way. Antarctica inspires the spirit of adventure and the quest for scientific knowledge at the same time. Indian scientists and engineers live and work in Antarctica with a sense of dedication and commitment to the cause of science and technology.Looking back, I consider it a golden opportunity to be a part of the Indian delegation to Antarctica. The four days' stay in the ice continent during 2- 5 February ,2005 was a life time experience for me.



Antarctica is a strange continent. It holds over ninety per cent of pure water reserves of the earth, yet it is one of the driest places on earth. Water is stored here as frozen ice. Antarctica receives only five inches of rainfall per year which is lower than the annual rainfall in the deserts of Sahara. The air cannot hold moisture due to extremely low temperatures. Rain falls like snowflakes and deposits into heaps and mounds .Mountains of snow have deposited over ground for thousands of years. This makes Antarctica the coldest continent on earth. In winter the temperature falls to as low as minus sixty degree centigrade in the polar region. Even in the peak of summer, the temperature remains below freezing point.

Antarctica is also the highest of the seven continents. The ice covered surface stands as high as seven thousand feet above the mean sea level .More than ninety eight percent of the continent is covered by ice which is hard like rock. Vast mass of ice constitute the solid ice cap of Antarctica. It is estimated that if all the ice in Antarctica melts due to global warming , the sea level all over the planet would go up by one hundred feet. It would be like the deluge on doom's day.

Antarctica has only two seasons. They are the polar summer and polar winter each lasting for about six months .The peak of summer season lasts for nearly two months between December and January. It coincides with the peak of winter in India. The peak of winter spreads over June to August .The sun never sets in Antarctica during peak summer and is never visible in peak winter.

Antarctica is an ideal laboratory for study of global warming, ozone depletion, climatic change and formation of continents on earth. Climatic conditions on the ice continent affects the meteorological and climatic factors of the planet. Antarctica is the least polluted part of the earth. It provides an ideal environment for experiments. Many geomagnetic and polar studies can be carried out only in Antarctica.

It is a matter of pride for every Indian to see the national flag flying high at the Indian Research Station Maitri in Antarctica. The Indian base camp is like a mini India away from India. The Indian presence in Antarctica is significant and assumes importance in view of the fact that there is no formal Government in the ice continent. After the first Indian station DakshinGangotriwas buried in ice , the second research station Maitri was set up in 1991.This station is presently working at full capacity. Indian scientists have earned pride of place for our country due to their devotion, missionary zeal and commitment to

the cause of science in the last thirty years . They have achieved laurels in spite of heavy odds and risks involved.

The flight to Antarctica took off in the late night of 1st February, 2005 from Cape Town. Cape town is a beautiful harbour town of South Africa with pleasant climate .It offers a base for authorized visitors to prepare for their journey to the ice continent. Extra heavy warm clothes and undergarments, snow boots, double head covers, ultra violet sunglasses and heavy gloves had to be procured in Cape town . This is necessary so that full protection is taken against extreme cold conditions waiting ahead. The temperature in summer ( December-February) in Antarctica hovers around -5° C to -10°c , but due to gusty and howling winds the effective temperature goes down to -15° c to - 25°c. Sometime the temperature may fall even lower in case of snow storms.

The landing on ice was breathtaking. We could see the landing on the screen inside the plane. It was bright daylight outside. The temperature outside was - 5° C but effectively - 10° C due to very strong winds . During the flight we experienced high temperature inside the aircraft of more than 40° C , due to lack of air conditioning in the transport aircraft ! We never thought that the conditions ahead in the ice continent would be harsh at very low temperatures .But we soon realized our folly and had to cover ourselves fully before getting down from the aircraft. The winds were throwing snowflakes on the face as we got down.

The sun was glaring with bursts of bright sunlight . It was so strong that the affect was almost blinding. Ultraviolet rays are very powerful in Antarctica. One cannot look at the sun directly even with red protection glasses. The air was absolutely clean. The sun rays pierced through the pollution free atmosphere straight into the eyes .With no obstruction ,visibility was very high . With such visibility a distant object appeared very close. The landscape was white with dazzling ice all over. The surface was flat with no landmark in any direction. Without a magnetic compass and guidance you are sure to lose your way into the whiteness of ice. The make shift airstrip had only drums to mark the landing place; otherwise there is no other land mark there. The weather is most unpredictable . Even few hours before our landing it was not sure if the plane would land. If a blizzard takes place suddenly all calculations are upset. It happened for our flight, but the rough weather cleared before our landing.

Maitri is like a home away from home. It is a semi-rectangular two storey structure built on steel frame . There are 20 living rooms, 20 research/ office rooms, one dining hall, lobby, kitchen, bathrooms, generator room, a play room for table tennis ,a small prayer hall and a gym. There are special toilets with incinerators. There is also a special deep freeze room to store food for one year. The building can accommodate up to 25 persons .They include scientists, engineers, mechanics, doctors and personnel from army, navy and coast guard. They all go there voluntarily as per their option. Two kinds of teams are formed in Maitri ,namely the summer team and the winter team .The summer team stays for one season of three months (December- March) .The winter team remains for two summers and one winter for a total period of 16 months. Life for the team in winter becomes extremely difficult, when it is dark and unbearably cold. For nine months the team gets physically cut off from the outside world. Neither planes nor ships can enter or come out of Antarctica in winter.

Some of the scientists have to stay in Maitri and continue their research in the station round the year.

They have to collect vital data even in the cold and dark environment of Antarctic winter .The polar night is long and continuous, when the sun does not appear . Only the stars shine in the sky ,visible round the clock. In the peak of winter, when there is no sun ,the distant light of the stars guides the inmates of Maitri ,not only in the nights ,but also in the darkness of daytime. .

Antarctica is a desert. A desert of ice, not sand! There is hardly any water, and hardly any life. Life is primitive in the form of algae, moss and lichens, and a few micro-organisms .These primitive life forms have shown remarkable capacity of surviving in the extreme cold and dry conditions. Ice has piled upon Antarctica for millions of years. Heaps of snow have deposited on the surface of original, primordial rock. Depth of ice could be as high as thousands of feet. Rocky surfaces and rocks lie hidden under the ice cover. There are no rivers or streams of water to break the rocks to form soil. As such Antarctica has no soil. All around there is ice and ice. Huge sheets of snow white ice cover the entire ground and the hillocks rising here and there.

Water is rare in Antarctica. Searching for source of water is an onerous task. Lakes are too few and far between in Antarctica. They are like oasis in the desert of ice. It is ironical that the continent contains ninety per cent of the total fresh water reserve of the earth ,yet water is scarce . Water is stored in the form of ice on its surface. Antarctica receives just about five inches of rainfall per year. Lower than the driest part of Sahara desert .The water drops fall in the form of snow due to extremely low temperature.

Power is a critical factor in the ice continent. Besides driving other machines, power is used to provide heating of the premises in sub zerotemperatures . The generators are the only source of power. Fortunately, there was no shortage of power due to the generators. Life can exist there till the generators run .The station has been provided with ten generators .Two generators run continuously; eight remain on standby mode . The generators are aptly named such as Surya, Aditya and Bhaskar. When the sun disappears for most parts in winter in the continent, these generators provide all the energy round the clock . If generators fail, life would come to a grinding halt in winter. When temperature falls to -40° C or -60° C in winter, rooms must be heated in the extreme cold of Antarctica. Then the line between life and death could become very thin. Therefore, the Antarctica Expedition Teams are provided with adequate number of generators. More than half of the generators remain always ready for emergency.

Air in Antarctica is pure. The air is free of carbon dioxide, sulphur dioxide, benzene, smoke, dust particles or pollen grains. The air is rich in oxygen due to absence of impurities. Breathing is pleasant. No fatigue even after a hard day's outing. Breathing disorders disappear in Antarctica. However, the air is dry and devoid of moisture. We had to apply moisturizer and lotions on face whenever we went out. Otherwise the skin would crack. Air in Antarctica is also sterile. No germs, no virus, no bacteria. Hence there is hardly any infection. Diseases are rare, and one would rarely get a stomach upset.

The water of the Southern Ocean is dark, almost like blue ink. There are white icebergs floating in sea all around. Sight of innumerable icebergs floating on abright sunny day and the sparkling reflections of the sun on the ink blue waves of the Southern Ocean is a rare and unbelievable sight.

These Icebergs float aimlessly after getting cut off from the main continental shelf in summer due to rise in temperature. Icebergs of all sizes and shapes get

cut off and float aimlessly. Wind gives them speed. Most of the icebergs continue to exist for long period, but some break into smaller icebergs or melt away when they become too small.

Our helicopter pilots Craig and Bruce landed the helicopter on an iceberg about two by two kilometers in size. It was one of the most memorable experiences to land on an iceberg and see spotless white icebergs all around floating on deep blue waters. Such sights are indeed breathtaking.

Penguins live on the periphery of Antarctica close to the ocean. They are not found deep inside the South Pole where water and food are rare to get .They reside on the continental shelf of ice, attracted by the rich marine life close to Antarctica coastline .At one point during our visit we came across a small group of penguins. They were not the king penguins, but the adelie variety who are small in size. When we saw them, everybody took out cameras and started shooting .The penguins were not disturbed and kept standing by our side . The poor penguins showed courtesy for sometime due to their good nature, but our demands on their proximity in photo frame became so much that they perhaps got scared. They started moving out. May be we could not match them in courtesy and appropriate manners!

The inmates of Maitri organized a cultural evening in our honour. None of the inmates was an experienced artist. But they opened out their hearts and tried to entertain us to the best of their ability. They felt very sentimental to see so many high profile Indians in the ice desert. Such a group of visitors had never come to the station earlier. Our stay was short, but most memorable. We had become a part of the Maitri family .It was like visiting a home away from home.

*With best compliments from:*

**NATIONAL COURIER & CARGO**

# Shree Jagannatha – The Symbol of Conjugal Bliss

**Gopinath Mohanty**



Standing tall on the shores of Puri for centuries, the Shree Jagannatha Temple attracts people of all faiths. The shrine is indeed a wonder. So the deities- Shree Jagannatha, Shree Balabhadra& Devi Subhadra. They typify the human cycle. Like any human being, the Lord sleeps, wakes up and brushes his teeth in the morning. After bath he takes breakfast, lunch, goes for afternoon siesta, dinner at night. He watches dance and listens to music before retiring to bed. He indulges in pleasure, changes dress, suffers from illness, goes for rest or convalescence, hankers for relations, undertakes travel, goes for seasonal food and social festivals. All the fairs, festivals, bhogsystems, dress habits and other associated things have been so arranged to find human character in Lord Jagannatha who is the Lord of the Universe. At the same time he behaves as a friend, a philosopher or a guide for the devotes.

His schedule of activities starts from early morning to late night. As Rajadhiraj(king of kings) he meets people, listens to their grievances and at the same time he takes care of his spouse as an ideal husband. On the ratnavedihe sits with his elder brother Balabhadra and sister Subhadra. Sudarsan, his weapon sits in his left in the form of pillar. Below that row his spouses Sridevi and Bhudevi are seated on his either side.

